RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-91 • WEDNESDAY • 24 SEPTEMBER 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୯୧ • ବୁଧବାର • ୨୪ ସେପ୍ଟେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦




‘ଫୌଜି’ରେ ଅଭିଷେକ

▶ପୃଷ୍ଠା ୧୧ ଦେଖନ୍ତୁ...

## ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା/

# ଗୃହରେ ବିରୋଧ, ବାହାରେ ବିକ୍ଷୋଭ

## ବିଧାନସଭା ଅଚଳ

■ **ଭୁବନେଶ୍ୱର, ୨୩।୯ (ସମିସ):** କ୍ରମାଗତ ଚତୁର୍ଥ ଦିନ ପାଇଁ ଅଚଳ ହୋଇଛି ବିଧାନସଭା। ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇଥିବାରୁ ଏହାର ପ୍ରତିବାଦରେ ବିଜେଡି ସଦସ୍ୟ ମଙ୍ଗଳବାର ପ୍ରବଳ ହଟ୍ଟଗୋଳ କରିଛନ୍ତି। ପ୍ଲାକାର୍ଡ ଓ ପୋଷ୍ଟର ପ୍ରଦର୍ଶନ ସହ ରାଜ୍ୟ ସରକାର ରାଜ୍ୟର ପଞ୍ଚାୟତିରାଜ ବ୍ୟବସ୍ଥାର ତଣ୍ଟି ଚିପିଥିବା ସ୍ଲୋଗାନ ଦେଇ ଗୃହ କମ୍ପାଇଛନ୍ତି। ସେହିପରି କଂଗ୍ରେସ ବିଧାୟକମାନେ ମଧ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରତିବାଦ କରିଛନ୍ତି। ପ୍ରଥମାର୍ଦ୍ଧ ମାତ୍ର ୨୦ ମିନିଟ ଚାଲିଥିବା ବେଳେ ଅପରାହ୍ନରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଦିନତମାମ ଉଭୟ ବିରୋଧୀ ଗୃହକାର୍ଯ୍ୟରେ ଭାଗ ନେଇ ନ ଥିବା ବେଳେ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକ ବିନା ଆଲୋଚନାରେ ଗୃହୀତ ହୋଇଛି ।



### ବିନା ବିରୋଧୀରେ ବିଶ୍ୱବିଦ୍ୟାଳୟ ବିଧେୟକ ଗୃହୀତ

ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡିର ବିଧାୟକମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟ ସରକାର ହତ୍ୟା କରୁଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାକୁ କୁଠାରଘାତ ଚଳିବ ନାହିଁ, ବିଜେପି ସରକାର ହାଏ ହାଏ ନାରାରେ ଗୃହ କମ୍ପାଇଥିଲେ ବିଜେଡି ସଦସ୍ୟ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ଗୃହ ଅଚଳାବସ୍ଥା ପାଇଁ ବିଜେଡି-ବିଜେପିକୁ ଦାୟୀ କରିଥିଲେ। ବିରୋଧୀଙ୍କ ପ୍ରବଳ ହୋ ହଲ୍ଲା ମଧ୍ୟରେ ତିନୋଟି ତାରକା ପ୍ରଶ୍ନର ଆଲୋଚନା ମଧ୍ୟ ହୋଇଥିଲା। ପ୍ରଶ୍ନକାଳରେ ଗୃହ ମାତ୍ର ୨୦ ମିନିଟ ଚାଲିବା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ସମାନ ପ୍ରସଙ୍ଗକୁ ନେଇ ବିଧାନସଭାରେ ନାରାବାଜି କରିଥିଲା। ଅପରପକ୍ଷେ ▶ପୃଷ୍ଠା-୧୦

## ସରକାରଙ୍କ ବିରୋଧରେ ପୁଣି ଅନାସ୍ଥା

### ଖାରଜ କଲେ ବାଚସ୍ପତି, କଂଗ୍ରେସର ତୀବ୍ର ପ୍ରତିବାଦ

■ **ଭୁବନେଶ୍ୱର, ୨୩।୯ (ସମିସ):** ସୋମବାର କଂଗ୍ରେସର ଅନାସ୍ଥା ନୋଟିସ୍ ବାଚସ୍ପତି ଅଗ୍ରାହ୍ୟ ହେବା ପରେ ମଙ୍ଗଳବାର ପୁଣି ସରକାରଙ୍କ ବିରୋଧରେ ଅନାସ୍ଥା ଆଣିଛି କଂଗ୍ରେସ। ଦଳ ପକ୍ଷରୁ ଏହି ନୋଟିସ ବାଚସ୍ପତିଙ୍କୁ ପ୍ରଦାନ କରାଯାଇଛି। ମାତ୍ର ୬ ମାସ ମଧ୍ୟ ଗୋଟିଏ ରାଜନୈତିକ ଦଳ ଦୁଇଥର ଅନାସ୍ଥା ଆଣିପାରିବ ନାହିଁ ବୋଲି ଦର୍ଶାଇ ବାଚସ୍ପତି ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଏହାର ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗରେ ହୋ ହାଲ୍ଲା କରିବା ସହ କକ୍ଷତ୍ୟାଗ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ତରଫରୁ ବିଧାନସଭା ସଚିବଙ୍କ ଜରିଆରେ ସରକାରଙ୍କ ବିରୋଧରେ ଅନାସ୍ଥା ନୋଟିସ୍ ସେ ପାଇଥିବା ଅପରାହ୍ନ ଅଧିବେଶନରେ ବାଚସ୍ପତି ଗୃହରେ ସୂଚନା ଦେଇଥିଲେ। ଗତ ୧୮ ତାରିଖରେ କଂଗ୍ରେସ ଦଳ ଅନାସ୍ଥା ନୋଟିସ୍ ଆଣିଥିଲା ଓ ଏହା ଅଗ୍ରାହ୍ୟ ହୋଇଥିଲା। ତେଣୁ ଆସନ୍ତା ୬ ମାସ ମଧ୍ୟରେ ଦଳ ପକ୍ଷରୁ ଆଉ ଅନାସ୍ଥା ଆଗତ ହୋଇ ପାରିବ ନାହିଁ ବୋଲି ବାଚସ୍ପତି ଉଲ୍ଲେଖ କରି ଏହି ନୋଟିସକୁ ଅଗ୍ରାହ୍ୟ କରି ଦେଇଥିଲେ।

ଅନ୍ୟପଟେ କଂଗ୍ରେସ ସଦସ୍ୟମାନେ ଗୃହରେ ନାରୀ ସୁରକ୍ଷା, ସାର, ମହିଳା ହିଂସା ଓ ଛାତ୍ର ସଂସଦ ଆଦି ବିଷୟରେ ବିସ୍ତୃତ ଆଲୋଚନା ପାଇଁ ଦାବି କରିଥିଲେ। ଏହି ଦାବିରେ ▶ପୃଷ୍ଠା-୧୦



## ଗାନ୍ଧୀମାର୍ଗରେ ଗର୍ଜିଲା ବିଜେଡି

### ବିଧାନସଭା ଘେରିଲେ ହଜାର ହଜାର କର୍ମୀ

■ **ଭୁବନେଶ୍ୱର, ୨୩।୯ (ସମିସ):** ସମ୍ବିଧାନରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କର ସର୍ବାଧିକ କ୍ଷମତା ରହିଛି। ମାତ୍ର ରାଜ୍ୟରେ ବିଜେପି ସରକାର ଗଣତନ୍ତ୍ରର ତଣ୍ଟି ଚିପି ହତ୍ୟା କରିଛି। ଉଦ୍ଦେଶ୍ୟମୂଳକ ଭାବେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇ ବାବୁମାନଙ୍କୁ ବଳିୟାନ କରାଯାଇଛି। ଏହାର ପ୍ରତିବାଦରେ ଲୋୟର ପିଏମ୍‌ଜିରେ ବିଜେଡି ଦେଇଛି ରଣହୁଙ୍କାର। ହଜାର ହଜାର ଦଳୀୟ କର୍ମୀ ବିଧାନସଭା ଘେରାଉ କରି ସରକାରଙ୍କ ବିରୋଧରେ ଗର୍ଜନ କରିଛନ୍ତି। ରାଜ୍ୟ ସରକାରଙ୍କ ଏପରି ଗଣତାନ୍ତ୍ରିକ ନିଷ୍ପତ୍ତି କୌଣସି ମତେ ଗ୍ରହଣୀୟ ନୁହେଁ ଓ ଏହା ବିରୋଧରେ ବିଜେଡି ନିଜର ପ୍ରତିବାଦ ଜାରି ରଖିବ ବୋଲି ବିଜେଡି ନେତାମାନେ ଘୋଷଣା କରିଛନ୍ତି। ଦଳ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭାରେ ଦଳର ବରିଷ୍ଠ ନେତାମାନେ ୧୫ ମାସରେ ରାଜ୍ୟ ବିଜେପି ସରକାରର ବିଫଳତାକୁ ଗୋଟିଗୋଟି ଲୋକଙ୍କ ସାମ୍ନାରେ ▶ପୃଷ୍ଠା-୧୦





| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗ୍‌ସ 22 ସେପ୍ଟେମ୍ବର 2025 ଠାରୁ ପ୍ରଯୁଜ୍ୟ । ବତାଯାଇଥିବା ମୋଟ ସଞ୍ଚୟରେ ଅଛି 100% GST ବେନିଫିଟ୍ (ଏକ୍ସ-ଶୋରୁମ୍ ମୂଲ୍ୟ ଓ ତଦ୍‌ଜନିତ ଯଥାପ୍ରଯୁଜ୍ୟ RTO କରରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଆଉ 1 ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍‌ସ (OD) । ଅଞ୍ଚଳ ଅନୁସାରେ ଶୂନ୍ୟ PF ଆଉ OD ରେ ସଞ୍ଚୟ, ଫାଇନାନ୍‌ସର୍/ଇନ୍‌ସ୍ୟୋରର୍ ଙ୍କ ଉପରେ ନିର୍ଭର କରି ବଦଳିପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।





# ପୀଠରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା


କଟକ ଚଣ୍ଡୀଙ୍କ ମାତାଙ୍ଗୀ ବେଶ


ଗଡ଼ଚଣ୍ଡୀଙ୍କ ବଗଳାମୁଖୀ ବେଶ


ଝାଞ୍ଜିରୀମଙ୍ଗଳାଙ୍କ ଚାମୁଣ୍ଡା ବେଶ


ବାସନ୍ତୀ ଦୁର୍ଗାଙ୍କ ସ୍କନ୍ଦମାତା ବେଶ


ଧାଳୁଲେଇଙ୍କ ବଗଳାମୁଖୀ ବେଶ

### ଟ୍ରେନ୍‌ରେ ନିଶାଦ୍ରବ୍ୟ ଚାଲାଣ ଉଦ୍ୟମ

## ୩ ମାଫିଆ ଗିରଫ; ୩୦ କେଜି ଗଞ୍ଜେଇ ଜବତ

କଟକ,୨୩।୯ (ସମିସ): ଟ୍ରେନରେ ନିଶାଦ୍ରବ୍ୟ ଚାଲାଣ ଉଦ୍ୟମ ବେଳେ ତିନି ଜଣ ନିଶା ମାଫିଆଙ୍କୁ କଟକ ଆରପିଏଫ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଏସକେ. ଅବଦୁଲ(୫୦), ଏସକେ. ପିନାରୁଲ(୩୫) ଓ ପିକଲୁ ବିଶ୍ୱାସ(୩୦)। ସମସ୍ତଙ୍କ ଘର ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲାର ସାଗରପଡା ଅଞ୍ଚଳରେ। ଅଭିଯୁକ୍ତଙ୍କ ପାଖରୁ ୩୦ କିଲୋ ଓଜନର ଗଞ୍ଜେଇ ଜବତ ହୋଇଛି।

ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢେ ୩ଟା ସମୟରେ କଟକ ରେଳ ଷ୍ଟେସନରେ ଆରପିଏଫ କର୍ମଚାରୀମାନେ ପାଟ୍ରୋଲିଂ କରୁଥିଲେ। ଦୁଇଟି ଟିମ ୪ ଓ ୫ ନଂ ପ୍ଲାଟଫର୍ମରେ ପଇଁତରା ମାରୁଥିଲେ। ଏତିକିବେଳେ ପ୍ଲାଟଫର୍ମର ଶେଷ ଆଡକୁ ତିନି ଜଣ ଯାତ୍ରୀ ଭାବେ ଆଗପଛ ହୋଇ ଟ୍ରେନ ଅପେକ୍ଷାରେ ଛିଡା ହୋଇଥିଲେ। ସେମାନେ କାନ୍ଧରେ ଗୋଟିଏ ଲେଖାଏଁ ବ୍ୟାଗ ପକାଇବା ସହିତ ହାତରେ ଜରି ବସ୍ତା ଧରିଥିଲେ। ଏହା ଦେଖି ପାଟ୍ରୋଲିଂ ଟିମର ସନ୍ଦେହ ହୋଇଥିଲା। ତେଣୁ ଉକ୍ତ ତିନି ଜଣଙ୍କ ବ୍ୟାଗ ଓ ବସ୍ତା ଯାଞ୍ଚ କରାଯିବାରୁ ସେଥିରେ ପୁଳା ପୁଳା ଗଞ୍ଜେଇ ପ୍ୟାକେଟ ଥିବା ଜଣାପଡିଲା। ମୋଟ ୩୦ କିଲୋ ୩ଶହ ଗ୍ରାମର ଗଞ୍ଜେଇ ଜବତ ହୋଇଛି; ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ। ଆରପିଏଫ ଟିମ ଅଭିଯୁକ୍ତ ଅବଦୁଲ, ପିନାରୁଲ ଓ ପିକଲୁକୁ ଧରିଆଣି ପଚରାଉଚରା କରିବାରୁ ସମସ୍ତେ ଆନ୍ତଃରାଜ୍ୟ ନିଶା ଚାଲାଣକାରୀ ହୋଇଥିବା ଜଣାପଡିଛି। ସେମାନେ ଓଡିଶାରୁ ଗଞ୍ଜେଇ ନେଇ ବିଭିନ୍ନ ରାଜ୍ୟକୁ ଚାଲାଣ କରୁଥିଲେ। ଏହା ବାବଦକୁ ସେମାନଙ୍କୁ ମୋଟା ଅଙ୍କର କମିଶନ ମିଳୁଥିଲା। ମଙ୍ଗଳବାର ସେମାନେ ଓଡିଶାରୁ ଗଞ୍ଜେଇ ନେଇ ଟ୍ରେନ ଯୋଗେ କେରଳ ଯିବାକୁ ଯୋଜନା କରିଥିଲେ ବୋଲି ଅଭିଯୁକ୍ତମାନେ ଜେରା ବେଳେ ସ୍ୱୀକାର କରିଛନ୍ତି। ଜବତ ନିଶାଦ୍ରବ୍ୟ ସହିତ ଅଭିଯୁକ୍ତମାନଙ୍କୁ କଟକ ଜିଆରପି ଜିମା ଦିଆଯାଇଛି। ଏନେଇ ଜିଆରପି ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଅଭିଯୁକ୍ତମାନେ କେଉଁଠାରୁ ଓ କିଭଳି ଟ୍ରେନରେ ଏତେ ପରିମାଣର ଗଞ୍ଜେଇ ଆଣିଥିଲେ ସେନେଇ ତଦନ୍ତ ଜାରି ରହିଥିବା ଆରପିଏଫ ଅଧିକାରୀ ରାଜସିଂହ ମଲ୍ଲିକ ସୂଚନା ଦେଇଛନ୍ତି।

ଆଶ୍ୱିନ ଉଚ୍ଛବ



ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକାଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ....

## ପୁରୀ ଘଣ୍ଟ ସହ ବ୍ରହ୍ମପୁର ବ୍ୟାଣ୍ଡରେ ଦୁଲୁକିବ ଭସାଣି

କଟକ, ୨୩।୯ (ସମିସ): ଆଉ ମାତ୍ର ୫ଦିନ ପରେ ମହାମାୟୀଙ୍କ ଷଷ୍ଠୀ ପୂଜା। ମା' ଦୁର୍ଗାଙ୍କ ସମେତ ହରପାର୍ବତୀ ଓ ପ୍ରଭୁ ମହାଦେବଙ୍କର ଧରାପୃଷ୍ଠକୁ ଆଗମନ ହେବ। ସମସ୍ତ ପୂଜା କମିଟି ନିଜ ନିଜ ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି। ଏହି ପୂଜାରେ ସାମିଲ ହୋଇଛି ଷ୍ଟେସନ ବଜାର ପୂଜା କମିଟି। ଚଳିତବର୍ଷ ପୂଜା ପାଇଁ କମିଟି ପକ୍ଷରୁ ୫ ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି। ୧୯୨୮ ମସିହାରେ ପ୍ରଥମେ ହରପାର୍ବତୀଙ୍କ ପୂଜା କରାଯାଉଥିଲା। ପରେ ୧୯୯୯ ମସିହାରୁ ମହାଦେବଙ୍କ ପୂଜା କରାଯାଇ ଆସୁଛି। ପୌରାଣିକ ବିଷୟବସ୍ତୁ ନେଇ ଏଠାରେ ପୂଜା କରାଯାଏ। ଚଳିତବର୍ଷ ହରପାର୍ବତୀ ବିବାହ ଉତ୍ସବ ଆଧାରରେ ପ୍ରତିମା ପୂଜା ପାଇବେ। ୧୨ ଫୁଟ୍ ଉଚ୍ଚତା ବିଶିଷ୍ଟ ମହାଦେବଙ୍କ ମୂର୍ତ୍ତି କରାଯାଉଛି। ଏହାସହ ୧୮ ଫୁଟ୍ ଉଚ୍ଚତା ବିଶିଷ୍ଟ ବୁଲେନ ଧଳା ଜରି ମେଢ଼ ନିର୍ମାଣ କରାଯାଉଛି। ରେଳଷ୍ଟେସନର ନବୀକରଣ କାର୍ଯ୍ୟ ଜାରି ରହିଥିବାବେଳେ କମିଟି ପକ୍ଷରୁ କୌଣସି ତୋରଣ କିମ୍ବା ଲାଇଟ ଗେଟ କରାଯିବ ନାହିଁ ବରଂ ସମସ୍ତ ଅଞ୍ଚଳକୁ ଆଲୋକମାଳାରେ ସଜାଯିବ। ମହାଷଷ୍ଠୀରେ ଅଧିବାସ ପୂଜା କରାଯିବ ଏବଂ ମହାସପ୍ତମୀ ପୂଜା ପରେ ମହାଅଷ୍ଟମୀରେ ୬ କୁଇଣ୍ଟାଲ ଲଡୁ ଭୋଗ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଏକାଦଶୀରେ ମେଲାଣି ଦିଆଯିବ। ଭସାଣି ଯାତ୍ରାରେ ପୁରୀ ଘଣ୍ଟ, ବ୍ରହ୍ମପୁର ବ୍ୟାଣ୍ଡ ପାର୍ଟି ଓ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।


ଷ୍ଟେସନ ବଜାର ପୂଜା କମିଟି



ଏଠାରେ ପାରମ୍ପରିକ ବାଦ୍ୟ ଆକର୍ଷିତ କରିବ। ପୂଜା କମିଟି ପକ୍ଷରୁ ଡିଜେ ଓ ନିଶା ମୁକ୍ତ ପୂଜା ସମେତ ପଲିଥିନ ମୁକ୍ତ କରିବା ପାଇଁ ନିଷ୍ପତି ନିଆଯାଇଛି। ଯେପରି ଭସାଣିରେ ଡିଜେ ଓ ନିଶା ମୁକ୍ତ କରିବା ନେଇ ବିଶେଷ ଗୁରୁତ୍ୱ ଦିଆଯିବା ସହ ପାରମ୍ପରିକ ବାଦ୍ୟକୁ ପ୍ରାଧାନ୍ୟ ଅଧିକ ଦିଆଯାଉଛି।

- ପୁଣ୍ୟଶ୍ଳୋକ ଦାସ, ସଭାପତି



ଏଠାରେ ପୌରାଣିକ ବିଷୟ ବସ୍ତୁକୁ ଗୁରୁତ୍ୱ ପୌରାଣିକ ବିଷୟ ବସ୍ତୁକୁ ନେଇ ପ୍ରତ୍ୟେକବର୍ଷ ମଣ୍ଡପରେ ପୂଜାର୍ଚ୍ଚନା କରାଯାଏ। ଚଳିତବର୍ଷ ହରପାର୍ବତୀଙ୍କୁ ବିବାହ ଉତ୍ସବ ମୁଖ୍ୟ ଆକର୍ଷଣ ପାଲଟିବ। ଏହାସହ ମଣ୍ଡପ ପକ୍ଷରୁ ବିଶେଷ ଭାବେ ପୂଜାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ।

- ଶୁଭାଶିଷ ପଟ୍ଟନାୟକ, ସମ୍ପାଦକ

## ଓଡ଼ିଆ ସାହିତ୍ୟର ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ ବ୍ରଜମୋହନ




କଟକ,୨୩।୯ (ସମିସ): କଟକ ବଙ୍ଗାଳି ସାହି ସ୍ଥିତ ସାରଳା ସଦନ ଠାରେ ବିଶିଷ୍ଟ ସାରସ୍ୱତ ସାଧକ, ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି, ଉତ୍କଳ ପାଠକ ସଂସଦର ପ୍ରତିଷ୍ଠାତା ଡ. ବ୍ରଜ ମୋହନ ମହାନ୍ତିଙ୍କ ୨୪ତମ ସ୍ମୃତି ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ଅନୁଷ୍ଠାନ ବନ୍ଦେ ଉତ୍କଳ ପକ୍ଷରୁ ଆୟୋଜିତ ଏହି ସଭାରେ ସଭାପତିତ୍ୱ କରିଥଲେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ସୁନାମଣି ରାଉତ, ଉଦଘାଟକ ଭାବରେ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ତରୁଣ ସାହୁ, ମୁଖ୍ୟଅତିଥି ଭାବରେ ପ୍ରାଚୀନ ସାହିତ୍ୟର ଗବେଷକ ଡ. ନିରଞ୍ଜନ ସାହୁ ଏବଂ ମୁଖ୍ୟବକ୍ତା ଭାବରେ ସାହିତ୍ୟିକ କାଞ୍ଚି ନାରାୟଣ ମହାନ୍ତି, ବକ୍ତା ଭାବରେ ସାହିତ୍ୟିକ ହିମାଂଶୁ ପରିଡ଼ା ଯୋଗଦେଇଥିଲେ। ସଭାପତି ଡ. ରାଉତ ବ୍ରଜ ମୋହନଙ୍କ ଉପନ୍ୟାସ ବିଷୟରେ ଚର୍ଚ୍ଚା କରି କହିଲେ ଏଇ ବର୍ଷ କେନ୍ଦ୍ର ସାହିତ୍ୟଏକାଡେମୀର ଅନୁବାଦ ପୁରସ୍କାର ପାଇଥିବା ସଂସ୍କୃତରେ ଅନୁବାଦିତ ଓଡ଼ିଆରେ ରଚିତ ବ୍ରଜମୋହନଙ୍କ ଉପନ୍ୟାସ ଲଳିତ ଲବଙ୍ଗ ଲତା, ସାପୁଆ କେଳାଙ୍କ ଜୀବନୀ ଉପରେ ରଚିତ ଉପନ୍ୟାସ ସାପୁଆ, କଳିଙ୍ଗ ଯୁଦ୍ଧର ନାୟିକା କାରୁବାକି ଉପରେ ଆଧାରିତ ଉପନ୍ୟାସ କାରୁବାକୀ ଇତ୍ୟାଦି ବ୍ରଜମୋହନଙ୍କର ଗୋଟିଏ ଗୋଟିଏ ଅମୃତସୃଷ୍ଟି। ବ୍ରଜମୋହନ ୧୭ଟି ଉପନ୍ୟାସ ରଚନା କରିଥିବା ବେଳେ ଦୁଇଟି ଉପନ୍ୟାସ ଏବେ ଦୁଷ୍ପ୍ରାପ୍ୟ। ଗବେଷକ ହିମାଂଶୁ ପରିଡ଼ା, ଅଧାପିକା ବୈଜୟନ୍ତୀ ମାଳା ଶତପଥୀ, କବି ସୁରେଶ ନାୟକ, ବ୍ରହ୍ମାନନ୍ଦ ବିଶ୍ୱାଳ, ଜୀବନାନନ୍ଦ ଅଧିକାରୀ, ମନୋରଞ୍ଜନ ମହାପାତ୍ର, କିଶୋର ଦାସ, ମୁରଲୀ ଶତପଥୀ, ଶକ୍ତି ପ୍ରସାଦ ଦାସ, ମାନସ ପ୍ରଧାନ, ଅନ୍ନଦା ମହାନ୍ତି ପ୍ରମୁଖ ଯୋଗଦେଇ ବ୍ରଜ ମୋହନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଆଡଭୋକେଟ ଦେବସ୍ମାନ ଦାସଙ୍କ ପ୍ରତିଷ୍ଠିତ ବନ୍ଦେ ଉତ୍କଳର ଏହି ପୂଜ୍ୟ ପୂଜା ପରମ୍ପରାକୁ ଭୂୟସୀ ପ୍ରଶଂସା କରିଥିଲେ। ବନ୍ଦେ ଉତ୍କଳ ପକ୍ଷରୁ ସ୍ୱାଗତ ଭାଷଣ ଭୁବନାନନ୍ଦ ମହାନ୍ତି ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥଲେ କଟକ ବାର ଆସୋସିଏସନର ପ୍ରାକ୍ତନ ସମ୍ପାଦକ ଜ୍ୟୋତିନ୍ଦ୍ରିୟ ମହାନ୍ତି।


**OFFICE OF THE UTKAL BALASHRAM, KHARIAR, DIST-NUAPADA**

**(GOVT. RUN CHILD CARE INSTITUTION)**

Advertisement No: 30/UB/KRAR/NPD    Date: 22.09.25

**ADVERTISEMENT**

Applications are invited from the prospective candidates for the different posts through the proforma application form which will be made available on the district website (https://nuapada.odisha.gov.in). The online submission of application shall be available on (E-Mail: utkalbalashramkhariar@gmail.com) from **24.09.2025 (10.00 AM) to 30.09.2025 (5.00 PM).**

The recruitment of different posts of Child Care Institution & Specialized Adoption Agency (SAA) Utkal Balashram, Dist.-Nuapada is being done as per the Mission Vatsalya implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of Women & Child Development Department, Govt. of Odisha.

After submission of online application, the candidates are to submit hard copy of the same along with all required documents and testimonials through Speed post/Registered post only addressed to **Office of the Secretary, Utkal Balashram, At/Po-Khariar, Ps-Khariar, Dist.-Nuapada-766107, latest by 5.00 PM on Dt. 05.10.2025.** Any application received after the due date/time shall be rejected.

The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit the district website **(https://nuapada.odisha.gov.in).**

**CDPO Khariar-Cum-Secretary**
**Utkal Balashram Khariar**


### ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲ

## ଶିଶୁ ରୋଗୀଙ୍କ ପାଇଁ ମନୋରଞ୍ଜନ ପରିବେଶ

### ଚିକିତ୍ସା ପ୍ରକୋଷ୍ଠରେ ଗପବହି, ଖେଳଣା ଉପକରଣ

କଟକ,୨୩।୯ (ସମିସ): କର୍କଟାକ୍ରାନ୍ତ ଶିଶୁର ମାନସିକ ଅବସ୍ଥାକୁ ରୁଗ୍‌ଣ ନକରି ଦେବା ପାଇଁ ଅଭିନବ ପ୍ରୟାସ କରିଛନ୍ତି ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ (ଏଏଚ୍‌ପିଜିଆଇସି) କର୍ତ୍ତୃପକ୍ଷ। ଚିକିତ୍ସା ପ୍ରକୋଷ୍ଠରେ ଦେଖିବାକୁ ମିଳିବନି କର୍କଟ ସେବାର ଆନୁସଙ୍ଗିକ ଉପକରଣ। ବଦଳରେ ଚିକିତ୍ସା ପ୍ରକୋଷ୍ଠକୁ ମନୋରଞ୍ଜନ ପରିବେଶରେ ପରିବର୍ତ୍ତନ କରାଯାଇଛି। ଏଠାରେ ବିଭିନ୍ନ ପ୍ରକାରର ଖେଳଣା ରଖାଯାଇଛି। କାନ୍ଥରେ କାର୍ଟୁନ ଚିତ୍ରଣ କରାଯିବା ସହ ଗପବହି ଯୋଗାଇ ଦିଆଯାଇଛି। କ୍ୟାରମ, ଚେସ୍ ଆଦି ଖେଳ ଉପକରଣ ମଧ୍ୟ ଏହି ପ୍ରକୋଷ୍ଠରେ ଦେଖିବାକୁ ମିଳୁଛି। ତେବେ ସ୍ୱାସ୍ଥ୍ୟ ସଚିବ ଏସ୍ ଅଶ୍ୱଥିଙ୍କ ନିର୍ଦ୍ଦେଶକ୍ରମେ ଏଏଚ୍‌ପିଜିଆଇସିରେ ଏଭଳି ନବୀକରଣ କାର୍ଯ୍ୟ ହୋଇଥିବା ଜଣାପଡ଼ିଛି।



ଏତଦବ୍ୟତୀତ ପୂର୍ବରୁ ଏଠାରେ ୧୪ଟି ଶଯ୍ୟା ଥିଲା। ଶଯ୍ୟା ସଂଖ୍ୟା ଆଉ ୭ଟି ବୃଦ୍ଧି କରାଯାଇଛି। ଖେଳ ଉପକରଣ ଗୁଡିକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି।

## ଆୟୁର୍ବେଦ ଦୈନନ୍ଦିନ ଜୀବନର ସ୍ରୋତ

କଟକ,୨୩।୯ (ସମିସ): ଆୟୁର୍ବେଦ ହେଉଛି ଜାତୀୟ ଜୀବନର ଏକ ସ୍ରୋତ। ଆମ ଦୈନନ୍ଦିନ ଜୀବନ ସହ ଏହା ଅଙ୍ଗାଙ୍ଗୀ ଭାବରେ ଜଡିତ। ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ଚିକିତ୍ସାଳୟ ପକ୍ଷରୁ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପରିସରରେ ଦଶମ "ଆୟୁର୍ବେଦ ଦିବସ-୨୦୨୫' ପାଳନ ଅବସରରେ ଏକଥା କହିଛନ୍ତି ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ। ଏଥିରେ କଟକ ଇନରହୁଇଲ୍ କ୍ଲବ୍ ସଭାନେତ୍ରୀ ଡ. ସୁସ୍ମିତା ମହାନ୍ତି ମୁଖ୍ୟଅତିଥି ଓ ସ୍ୱାମୀ ସତ୍ୟଚୈତନ୍ୟ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଏଥିସହିତ ଏକାଡେମିକ୍ ଓ ରିସର୍ଚ୍ଚ ବିଭାଗ ଡିନ ଡ. କେଶରୀ ସିଂହ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ଡ. ମହାନ୍ତି ଆୟୁର୍ବେଦର ପ୍ରଚାର ପ୍ରସାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ। ଆୟୁର୍ବେଦ ଫାକଲ୍ଟି ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ନିଜ ସ୍ୱାଗତ ଭାଷଣରେ ଆୟୁର୍ବେଦର ଭୂୟସୀ ପ୍ରଶଂସା କରିଥିଲେ। ଚଳିତ ବର୍ଷ ଆୟୁର୍ବେଦ ଦିବସର ଥିମ୍ ଥିଲା, "ଜନସାଧାରଣ ଓ ପୃଥିବୀ ପାଇଁ ଆୟୁର୍ବେଦ' ଏହାକୁ ନେଇ ହୋଇଥିବା ଆଲୋଚନାରେ ଆୟୁର୍ବେଦ ସଚେତନତା, ଉଦ୍ଭିଦ ଜୀବନ ପାଇଁ ଆୟୁର୍ବେଦ, ମେଦବହୁଳତା ନିୟନ୍ତ୍ରଣ, ଆୟୁର୍ବେଦର ଡିଜିଟାଲ ରୂପାନ୍ତରଣ ଇତ୍ୟାଦି ବିଷୟ ସ୍ଥାନ ପାଇଥିଲା, ଯେଉଁଥିରେ ପ୍ରଫେସର ଆର୍.ଏନ୍. ଶତପଥୀ, ପ୍ରଫେସର ଦୁର୍ଗାପ୍ରସାଦ ଦାଶ, ଡ. କ୍ଷୀରାବ୍ଦୀ ତନୟା ରାଉତରାୟ, ଡ. ଶିବପ୍ରସାଦ ମହାନ୍ତି, ଡ. ଶିବକାନ୍ତ ଶର୍ମା, ଡ. ସନ୍ଧ୍ୟାରାଣୀ ଖୁଣ୍ଟିଆ, ଡ.ଦେବାଶିଷ ଶତପଥୀ, ଡ. ଲକ୍ଷ୍ମୀପ୍ରିୟା ଦେଇ, ଡ. ରମାକାନ୍ତ ରାଉତ, ଡ. ପଦ୍ମଲୋଚନ ଶଙ୍ଖୁଆ, ଡ.ନଗେନ୍ଦ୍ର ପ୍ରସାଦ, ଡ.ସଞ୍ଜୀବ ଦାସ, ପ୍ରଫେସର ଟି.କେ. ରାଉତରାୟ ପ୍ରମୁଖ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୁର୍ବେଦ ଦିବସ




## ଅସହାୟ ମୃତକଙ୍କ ପାଇଁ ସମୂହ ପିଣ୍ଡଦାନ



କଟକ,୨୩।୯ (ସମିସ): ଅନେକ ଅପରିଚିତ ଅସହାୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟେ। ଯେଉଁମାନଙ୍କ ଶବ ସତ୍କାର ପାଇଁ ଆଗେଇ ଆସନ୍ତି କଟକର କିଛି ଜଣାଶୁଣା ସାମାଜିକକର୍ମୀ। ତେବେ ଏଭଳି ମୃତବ୍ୟକ୍ତିଙ୍କ ଆତ୍ମାର ସଦଗତି ନିମନ୍ତେ ପଞ୍ଚମୁଖୀ ହନୁମାନ ମନ୍ଦିର ପାଶ୍ୱର୍ରେ ସମୂହ ପିଣ୍ଡଦାନ ସହ ବେଦପାଠ, ଗୀତାପାଠ, ନାମ ସଂକୀର୍ତ୍ତନ, ହୋମଯଜ୍ଞ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବରିଷ୍ଠ ସମାଜସେବୀ ଅଭିମନ୍ୟୁ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସହରର ଅନେକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ହିମାଂଶୁ ଶେଖର ମହାନ୍ତି, ଲଳିତ ରାୟ, ଜିତେନ୍ଦ୍ର ସାହୁ, ଶିଶିର ସାହୁ, ଦେବୀପ୍ରସନ୍ନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଳସମ୍ପଦ ବିକାଶ ପାଇଁ ୧୫ କୋଟି

କଟକ,୨୩।୯ (ସମିସ): ଜିଲ୍ଲାର ଜଳସମ୍ପଦ ବିକାଶ ପାଇଁ ୧୫କୋଟି ଟଙ୍କା ଖର୍ଚ୍ଚ କରାଯିବ। ରାଜ୍ୟ ଜଳ ସମ୍ପଦ ବିଭାଗ ଅଧୀନରେ ରହିଥିବା କଟକ ଓ ଜଗତପୁର ଡିଭିଜନକୁ ସରକାର ଏହି ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି। ଏହି ଅର୍ଥ ବିନିଯୋଗରେ ସାଉଥ ଡିଭିଜନ ପକ୍ଷରୁ ୨୯ଟି ପ୍ରକଳ୍ପର କାର୍ଯ୍ୟ ସମ୍ପନ୍ନ ପାଇଁ ୧୦ କୋଟି ୯୩ ଲକ୍ଷ ଟଙ୍କା ମିଳିଥିବା ବେଳେ ମହାନଦୀ ନର୍ଥ ଡିଭିଜନର ୬ଟି ପ୍ରକଳ୍ପ ପାଇଁ ୪କୋଟି ମଞ୍ଜୁର ହୋଇଛି। ମୁଖ୍ୟ କେନାଲ ଓ ଶାଖା କେନାଲର ନବୀକରଣ ସହିତ ନଦୀ ବନ୍ଧର ସୁରକ୍ଷା ପାଇଁ ଉଭୟ ଡିଭିଜନ ପକ୍ଷରୁ ୧୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ମିଳିଥିବା ଅନୁଦାନ ବିନିଯୋଗରେ ଉଭୟ କେନାଲ, କେନାଲ ରାସ୍ତା ଓ ନଦୀ ବନ୍ଧର ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବ। ଏହି କାର୍ଯ୍ୟ ଆସନ୍ତା ୯ମାସ ମଧ୍ୟରେ ସମ୍ପନ୍ନ କରିବା ପାଇଁ ଲକ୍ଷ୍ୟ ରହିଛି।




## ବାଦଲ ଫଟା ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ

# ବର୍ଷା ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ପ୍ରସ୍ତୁତି ବୈଠକ

କୋରାପୁଟ,୨୩।୯ (ସମିସ): ଲଘୁଚାପ ଯୋଗୁଁ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ଲାଗି ରହିଛି। ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ୫୬୨.୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କୋରାପୁଟ ବ୍ଲକରେ ୯୧.୪ ମିଲିମିଟର ବର୍ଷା ରେକଡର୍ ହୋଇଥିବା ବେଳେ ଲମତାପୁଟ ବ୍ଲକ୍‌ରେ ୮୦.୦, ପଟାଙ୍ଗିରେ ୧୬.୨, ବନ୍ଧୁଗାଁ ୧୨.୦, ନନ୍ଦପୁର ୧୦୧.୦, ଦଶମନ୍ତପୁର ୩୧.୦, ନାରାୟଣପାଟଣା ୪.୪, ଲକ୍ଷ୍ମୀପୁର ୮.୦, ସେମିଳିଗୁଡା ୪୯.୩, ଜୟପୁର ୬୭.୦, କୋଟପାଡ଼ ୪୨.୦, କୁନ୍ଦୁରା ୧୦.୪, ବୋରିଗୁମ୍ମା ୩୯.୨, ବୈପାରିଗୁଡା ବ୍ଲକ୍‌ରେ ୧୧.୦ ମିଲିମିଟର ବର୍ଷା ରେକଡର୍ ହୋଇଥିବା ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଅପରାହ୍ନରେ ବାଦଲ ଫଟା ବର୍ଷା ଯୋଗୁଁ ବଙ୍ଗଳାଗୁଡା ନିକଟ ଚବେରୀ ନଦୀ ଅସ୍ଥାୟୀ ପୋଲ ଉପରେ ୫ ଫୁଟ ଉଚ୍ଚରେ ପାଣି ଯାଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅସଂଖ୍ୟ ଯାନବାହାନ ଦୁଇ ପାଶ୍ୱର୍ରେ ଅଟକି ରହିଥଲା। କୋରାପୁଟ ସଦର ପୋଲିସ ଓ କାକିରିଗୁମା ପୋଲିସ ରାତି ୧୧ଟା ପର୍ଯ୍ୟନ୍ତ ଜଗି ରହିଥିଲେ। କୋରାପୁଟ ସହରରେ ବିଭିନ୍ନ ଗଳି କନ୍ଦିରେ ଆଣ୍ଠୁଏ ପାଣି ଯୋଗୁଁ ଘର ଭିତରେ ପସିଥିଲା ବର୍ଷା ପାଣି। କୋରାପୁଟ ସହରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଏକ ପ୍ରକାର ଅସ୍ତବ୍ୟସ୍ତ ହୋଇ ପଡିଥିଲା।। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆଜି କୋରାପୁଟ ଜିଲ୍ଲାରେ ଆଗାମୀ ପ୍ରବଳ ବର୍ଷା ସମ୍ଭାବନାର ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକର ତହସିଲଦାର ଓ ବିଡ଼ିଓ ମାନଙ୍କୁ ସଜାଗ ରହିବା ପାଇଁ କୁହାଯାଇଥିବା ବେଳେ ଭୂସ୍ଖଳନ ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯେକୌଣସି ପରିସ୍ଥିତି ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ପ୍ରବଳ ବର୍ଷା ସମ୍ଭାବନା ଥିବା ଯୋଗୁଁ ପାହାଡ଼ିଆ ଅଞ୍ଚଳରେ ମଧ୍ୟ ପ୍ରଶାସନିକ ପ୍ରସ୍ତୁତି ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ପାହାଡିଆ ପାଖ ଅଞ୍ଚଳରେ କଚ୍ଚା ଘରେ ରହୁଥିବା ଲୋକମାନେ ପାଖରେ ଥିବା ଆଶ୍ରୟସ୍ଥଳୀରେ ରହିବା ପାଇଁ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯିବ। ଯେ କୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ୨୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀ ମାନଙ୍କ ଛୁଟି ବାତିଲ କରାଯାଇଛି। କେହି ହେଡ୍‌କ୍ୱାର୍ଟର ଛାଡି ଯାଇ ପାରିବେ ନାହିଁ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।



## ବର୍ଷାରେ ବହୁ ଅଞ୍ଚଳ ଜଳବନ୍ଦୀ

ଉମରକୋଟ,୨୩।୯ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ହେବାର ଦୃଶ୍ୟ ସାମନାକୁ ଆସିଛି। ତଳିଆ ଅଞ୍ଚଳରେ ଘର ଭିତରେ ପାଣି ପଶିଯାଇଥିବା ବେଳେ ଏହାସହ କିଛି ଗାଡ଼ି ପାର୍କିଂ ସ୍ଥାନରେ ପାଣି ପଶି ପାଣି ମଧ୍ୟରେ ଗାଡ଼ି ଅଧା ବୁଡ଼ିଯାଇଛି। ଉମରକୋଟ ସହରରେ ଗତକାଲି ରାତିଠାରୁ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ପ୍ରବଳ ବର୍ଷା ଯୋଗୁ ବିଶେଷ କରି ଶିବାଜୀ ନଗର, ଗୁଲିପାଟଣାର ଅକ୍ସଫୋର୍ଡ କଲୋନୀ, ଡିଏନକେରେ ଥିବା ତଳିଆ ଅଞ୍ଚଳରେ ଥିବା ଘର ଭିତରେ ପାଣି ପଶିବା ଦୃଶ୍ୟ ନଜରକୁ ଆସିଛି। ଲୋକମାନଙ୍କର ଘର ଭିତରେ ପାଣି ପଶିବା ଯୋଗୁ ମୂଲ୍ୟବାନ ଆସବାସ ପତ୍ର ନଷ୍ଟ ହେବା ସହ କିଛି ଦୋକାନ ଘରେ ମଧ୍ୟ ପାଣି ପଶିଛି। ଡିଏନକେ ଅଞ୍ଚଳର କିଛି ବ୍ୟକ୍ତିଙ୍କ ଘରେ ପାଣି ପଶିଯିବା ଯୋଗୁଁ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ସେମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିଛନ୍ତି। ଏହି ପାଣି ପୋଶିବା ଘଟଣା ଉମରକୋଟ ସହରରେ ଚଳିତ ବର୍ଷ ଦ୍ୱିତୀୟ ଥର ହୋଇଛି। ଡ୍ରେନେଜ ବ୍ୟବସ୍ଥାକୁ ଉମରକୋଟ ସହର ବାସିନ୍ଦା ଦାୟୀ କରିଛନ୍ତି, ଜନପ୍ରତିନିଧି ମାନେ ଦୃଷ୍ଟି ନଦେବା ଓ ପୈରପରିଷ ପ୍ରଶାସନ ସଠିକ ସମୟରେ ନାଳ ଗୁଡ଼ିକ ସଫା ନ କରୁଥିବା ଯୋଗୁଁ ବର୍ଷା ଜଳ ନିଷ୍କାସିତ ନ ହୋଇପାରି ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏଣୁ ଉମରକୋଟ ବାସିନ୍ଦା ତୁରନ୍ତ ଉମରକୋଟ ଅଞ୍ଚଳର ଥିବା ଡ୍ରେନେଜଗୁଡ଼ିକର ସୁବ୍ୟବସ୍ଥା ଓ ଆବର୍ଜନା ସଫା କରିବା ପାଇଁ ଦାବି କରିଛନ୍ତି।।



● ତେଲନଦୀରେ ହଠାତ୍ ଆସିଲା ବନ୍ୟା

## ନଦୀ ମଧ୍ୟରେ ଫସିଗଲେ ଗାଈଗୋରୁ



ଚନ୍ଦାହାଣ୍ଡି,୨୩।୯ (ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ବେହେରାମୁଣ୍ଡା ପଞ୍ଚାୟତ ଅଧୀନ ବୋବରିଆ ଗ୍ରାମ ନିକଟରେ ପ୍ରବାହିତ ତେଲନଦୀ ଏନାସର ଯିବାଘାଟ ଠାରେ ସୀମାନ୍ତ ଛତିଶଗଡ ରାଜ୍ୟର ମଟିଆ ଏବଂ ବାବୁରିଆ ଗ୍ରାମର ଶତାଧିକ ଗାଈ ଗୋରୁ ଏବଂ ଛେଳି ମେଣ୍ଢା ତେଲ ନଦୀ ମଝିରେ ଆଜି ଫସି ରହିଥିଲେ। ନଦୀ ଟାପୁର ଘାସ ପଡିଆକୁ ମଟିଆ ଗ୍ରାମର ଜୟଲାଲ ନାଗେଶ ଏବଂ ବାବୁରିଆର କିଛି ଚରାଳି ଚରେଇବା ପାଇଁ ନେଇଥିଲେ। ଗାଇ ଗୋରୁ ଛେଳି ମେଣ୍ଢା ଚରାଉଥିବା ସମୟରେ ହଠାତ୍ ତେଲନଦୀରେ ୫/୭ଫୁଟ ଉଚ୍ଚର ପାଣି ମାଡି ଆସିବାରୁ ଗାଇଚାରାଳିଙ୍କ ସମେତ ଗାଇଗୋରୁ ବନ୍ୟା ପାଣିରେ ଫସି ରହିଥିଲେ। ବାବୁରିଆ ଗ୍ରାମର କିଛି ଦେଖଣାହାରୀଙ୍କ ସୂଚନା ପରେ ଚନ୍ଦାହାଣ୍ଡି ଅଗ୍ନିଶମ ବାହିନୀର ଏଏସଓ ନାରାୟଣ ସାହୁଙ୍କ ନେତୃତ୍ୱରେ ସମସ୍ତ ଅଗ୍ନିଶମ ବାହିନୀ କର୍ମଚାରୀ ମାନେ ପହଞ୍ଚି ସୁରକ୍ଷିତ ଭାବରେ ଗାଇ ଚାରାଳି ଜୟଲାଲଙ୍କ ସମେତ ସମସ୍ତ ଗାଇଗୋରୁ ଛେଳି ମେଣ୍ଢାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ଏଥିପାଇଁ ଛତିଶଗଡ ରାଜ୍ୟ ମଟିଆ ଗ୍ରାମବାସୀଙ୍କ ସମେତ ଅଞ୍ଚଳବାସୀ ଅଗ୍ନିଶମ ବାହିନୀକୁ ଧନ୍ୟବାଦ ଦେଇଛନ୍ତି।

## ବିଭିନ୍ନ ସଂଘର ପୁନର୍ଗଠନକୁ ବିରୋଧ

ବୈପାରିଗୁଡ଼ା,୨୩।୯ (ସମିସ): ବୈପାରିଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସ୍ଥାନୀୟ ବିଡିଓ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛି ମହାଲକ୍ଷ୍ମୀ ମହାସଙ୍ଘ । ଏହି ଦାବିପତ୍ର ବିଡ଼ିଓଙ୍କ ଅନୁପସ୍ଥିତରେ ଏବିଡ଼ିଓ ନିବେଦିତା ଦଣ୍ଡସେନାଙ୍କୁ ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଚଳିତ ବର୍ଷ ଜାନୁଆରୀ ୨୨ ତାରିଖରେ ଚିଠି ନମ୍ବର ୩୫୬/ଏମ୍ଏସ୍ ରେ ମିଶନ ଶକ୍ତି ବିଭାଗ ତରଫରୁ ସମସ୍ତ ୩୦ଟି ଜିଲ୍ଲାର ଏସଏଚଜି, ସିଏଲଏଫ, ଏଏଲଏଫ, ବିଏଲଏଫ ଏବଂ ଡିଏଲଏଫ ସଂଘର ପୁନଃଗଠନ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। କିନ୍ତୁ ଉକ୍ତ ଚିଠିକୁ ଆଧାର କରି ଜିଲ୍ଲା ମହାସଂଘ ପକ୍ଷରୁ ଓଡ଼ିଶା ମୁଖ୍ୟ ନ୍ୟାୟାଳୟରେ ମକଦ୍ଦମା ରୁଜୁ କରାଯାଇଛି ଏବଂ ଅଦ୍ୟାବଧି ଉକ୍ତ ମକଦ୍ଦମାର ଶୁଣାଣି ଉପରେ ରହିତାଦେଶ ବଳବତ୍ତର ଥିବା ସତ୍ତ୍ୱେ ମିଶନ ଶକ୍ତି ବିଭାଗ ପକ୍ଷରୁ ୪ ସେପ୍ଟେମ୍ବରରେ ଚିଠି ନମ୍ବର ୫୨୨୯/ ଏମ୍ଏସ୍ ରେ ୩୦ଟି ଜିଲ୍ଲାର ସଂଘ ଗୁଡ଼ିକର ପୁନଃଗଠନ ପ୍ରକ୍ରିୟାକୁ ପୁନର୍ବାର ଆରମ୍ଭ କରିବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଯଦି ମିଶନ ଶକ୍ତି ବିଭାଗର ଗୋଟିଏ ଚିଠି ସାରା ଓଡ଼ିଶାର ୩୦ଟି ଜିଲ୍ଲା ପାଇଁ କାର୍ଯ୍ୟକାରୀ କରାଯାଇ ପାରୁଛି, ତେବେ ଗୋଟିଏ ଜିଲ୍ଲା ମହାସଂଘ ଦ୍ୱାରା କରାଯାଇଥିବା ମକଦ୍ଦମାର ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ରହିତାଦେଶ ସେହି ଜିଲ୍ଲାର ଉପର ଲିଖିତ ସମସ୍ତ ସଂଘର କାହିଁକି କାର୍ଯ୍ୟକାରୀ କରାଯାଇ ପାରୁନାହିଁ ବୋଲି ପ୍ରକାଶ କରାଯାଇଛି। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅବମାନନା କରାଯାଉଛି ବୋଲି ମଧ୍ୟ କହିଛନ୍ତି ମହାସଂଘ। ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରହିତାଦେଶକୁ ଅବମାନନା ନ କରି ପୁର୍ନଗଠନ ପ୍ରକ୍ରିୟାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବାକୁ ଦାବି କରିଛନ୍ତି ବୈପାରିଗୁଡା ବ୍ଲକରେ ଥିବା ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀ, ଆଞ୍ଚଳିକ ମଞ୍ଚ, ଗ୍ରାମ ପଞ୍ଚାୟତସ୍ତରୀୟ ସଂଘ ଓ ବ୍ଲକ ମହାସଂଘ।

## ଜିଲ୍ଲାପାଳଙ୍କ ମିଶନ ଶକ୍ତି କାଫେ ଓ ଅନ୍ୟାନ୍ୟ ପ୍ରକଳ୍ପ ପରିଦର୍ଶନ

କୋରାପୁଟ,୨୩।୯ (ସମିସ): ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମଙ୍ଗଳବାର ପୂର୍ବାହ୍ନରେ କୋରାପୁଟ ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲ୍ଲାପାଳ ପ୍ରଥମେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଡୁମୁରିଗୁଡ଼ା ସ୍ଥିତ କଫି ଚାରା ପ୍ରସ୍ତୁତି ନର୍ସରୀ ଦେଖିବା ପରେ କୁମ୍ଭାରଲୀମିକା ଗ୍ରାମରେ ପହଞ୍ଚି କୁମ୍ଭକାର ପରିବାର ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଟେରାକୋଟା ସାମଗ୍ରୀ ଦେଖିଥିଲେ। ସେଠାରୁ ସେ ଡୁମୁରିପୁଟରେ ୨୬ ନଂ ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ମିଶନ ଶକ୍ତି କାଫେ ପରିଦର୍ଶନ କରିଥିଲେ। କାଫେ ପରିଚାଳନା କରୁଥିବା ପ୍ରଶାନ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କ ସହ ଆଲୋଚନା କରିଥିଲେ ଏବଂ କାଫେରେ ଖାଦ୍ୟ ବ୍ୟତୀତ ଜଳଖିଆ ବ୍ୟବସାୟ କରି ଅଧିକ ଉପାର୍ଜନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କ ଦ୍ୱାରା କାଫେ ସୁନ୍ଦର ଭାବେ ପରିଚାଳନା କରାଯାଉଥିବା ଦେଖି ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ପଦ୍ମପୁର ସ୍ଥିତ ଆଇଟି ପାର୍କ ଗସ୍ତ କରିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼, ସହକାରୀ ନିର୍ବାହୀ ଯନ୍ତ୍ରୀ ଫକୀର ମୋହନ ପ୍ରଧାନ, ସହକାରୀ ଯନ୍ତ୍ରୀ ସ୍ୱର୍ଣ୍ଣପ୍ରଭା ମହାନ୍ତି, ବିପିଏମ୍ ସ୍ନେହଲତା ମିଶ୍ର, ପିଇଓ ନନ୍ଦ କିଶୋର ଗମାଙ୍ଗ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ମିଶନ ଶକ୍ତି କର୍ମଚାରୀଙ୍କ ଆନ୍ଦୋଳନ

ନାରାୟଣାପାଟଣା,୨୩।୯ (ସମିସ): କୋରାପୁଟ ଜିଲ୍ଲା ନାରାୟଣାପାଟଣା ବ୍ଲକ ପରିସରରେ ମିଶନ ଶକ୍ତିର କାର୍ଯ୍ୟରତ ୯ଟି ପଞ୍ଚାୟତର ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ନିଜର ନାର୍ଯ୍ୟ ଦାବି ହାସଲ କରିବାକୁ ଧାରଣା ଦେଇଛନ୍ତି। ବର୍ଷା ସତ୍ତ୍ୱେ ମହିଳା ମାନେ ଆନ୍ଦୋଳନ କରୁଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ମହିଳାମାନେ କହିଛନ୍ତି। ବ୍ଲକର ବିଭିନ୍ନ ମିଶନ ଶକ୍ତି ଅଧିନରେ ଥିବା ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର,କୃଷିମିତ୍ର ଓ ପ୍ରାଣୀ ମିତ୍ର ଭାବେ କାର୍ଯ୍ୟକରୁଥିବା କର୍ମଚାରୀମାନଙ୍କୁ ପୂର୍ବ ସରକାରରେ ଏକ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ ରାଶି ମିଳୁଥିଲା। ହେଲେ ନୂତନ ସରକାର ଏହାକୁ ଦୀର୍ଘ ୬ ମାସ ହେବ ବନ୍ଦ କରିଦେଇ ଉପରୋକ୍ତ କାର୍ଯ୍ୟରେ ନିୟୋଜିତ କର୍ମୀମାନଙ୍କୁ କାର୍ଯ୍ୟ ହିସାବରେ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସଂଘ ପକ୍ଷରୁ ବହୁବାର ବିଭାଗୀୟ ଅଧିକାରୀ ଓ ବିଡିଓଙ୍କୁ ଜଣାଜାଇଥିଲେ ମଧ୍ୟ ଏହାର ସମାଧାନ ହୋଇପାରୁନାହିଁ।




## ଜଗତ୍‌ଜନନୀ ପୀଠରେ ନବରାତ୍ରୀ ପୂଜା

ଜୟପୁର, ୨୩।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଅନ୍ୟତମ ପୁରାତନ ଦେବୀ ପୀଠ ଭାବେ ଦେବୀ ଜଗତଜନନୀ ମନ୍ଦିର ଅବିଭକ୍ତ କୋରାପୁଟ, ଛତିଶଗଡ ଏବଂ ଆନ୍ଧ୍ରପ୍ରଦେଶର ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ନିକଟରେ ସୁପରିଚିତ ରହିଛି। ଏହି ପ୍ରସିଦ୍ଧ ଦେବୀ ପୀଠରେ ପ୍ରତିପଦା ଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ପଞ୍ଚ ଉପଚାରରେ ହୋମଯଜ୍ଞ ଏବଂ ଚଣ୍ଡୀପାଠ ସହିତ ପୂଜାର୍ଚ୍ଚନା ମହାଡମ୍ବରେ ପାଳିତ ହୋଇଥାଏ। ୧୦୦ ବର୍ଷ ପୁରାତନ ମନ୍ଦିର ଠାରେ ଦେବୀ ଜୟଦୁର୍ଗା ମୂର୍ତ୍ତିଙ୍କୁ ପୂଜାର୍ଚ୍ଚନା କରାଯାଉଛି ଏବଂ ଆସାମର ରାଜଧାନୀ ଦେବୀ କାମାକ୍ଷୀଙ୍କ ପୂଜାର୍ଚ୍ଚନା ସ୍ୱରୁପ ଏଠାରେ ଦେବୀ କାମାକ୍ଷୀଙ୍କ ଯନ୍ତ୍ରକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଥିବା ବେଳେ ବଂଶାନୁକ୍ରମେ ରାଜାରାଜୁଡା ସମୟରୁ ବ୍ରାହ୍ମଣ ପୂଜକଙ୍କ ଦ୍ୱାରା ରୀତିନିତିରେ ପୂଜାର୍ଚ୍ଚନା



■ ଦେବୀଙ୍କୁ ଲାଗି ହୁଏ ନିରାମିଷ ଭୋଗ

କରାଯାଉଛି। ଜୟପୁର ମହାରାଜାଙ୍କ ପକ୍ଷରୁ ନିଯୁକ୍ତ ସହରର ପୁରାତମ ବ୍ରାହ୍ମଣ ପରିବାର ରାଧାମୋହନ ସାହୁଙ୍କ ଦ୍ୱାରା ପ୍ରାୟ ୧୦୦ ବର୍ଷ ପୂର୍ବରୁ ଜଗତଜନନୀ ଦେବୀ ମନ୍ଦିର ଏକ ଛୋଟ କୁଡିଆ ଗୃହରେ ରଖାଯାଇ ପ୍ରଥମ ପୂଜକ ଭାବେ ସ୍ୱର୍ଗତ ମହେଶ୍ୱର ଖାଡଙ୍ଗା ପ୍ରତ୍ୟେକ ବର୍ଷ ଆଶ୍ୱୀନ ଓ ଚୈତ୍ର ମାସରେ ପଞ୍ଚଉପଚାରରେ କାମାକ୍ଷୀ ଦେବୀଙ୍କ ପୀଠର ଯନ୍ତ୍ର ଓ ଦେବୀ ଜୟଦୁର୍ଗା ସ୍ଥାପନ କରି ପଞ୍ଚଉପଚାରରେ ପୂଜାର୍ଚ୍ଚନା ଶୁଭାରମ୍ଭ କରିଥିଲେ। ୧୯୪୫ ମସିହାରେ ମହାରାଜା ବିକ୍ରମଦେବ ବର୍ମାଙ୍କ ବଡଝିଅ ପାଟମଣି ସୁବର୍ଣ୍ଣରେଖା ଦେଓ ଏହି ମନ୍ଦିର ଟିଣ ଛପର ଭାବେ ନିର୍ମାଣ କରିବା ସହିତ ହୋମଯଜ୍ଞ ଓ ପୂଜାର୍ଚ୍ଚନାରେ ପ୍ରତିଷ୍ଠା କରିଥିଲେ। ସ୍ଥାନୀୟମନ୍ଦିର ଟ୍ରଷ୍ଟର ଦ୍ୱାରା ପରିଚାଳନା କମିଟି ଦ୍ୱାରା ଏହି ମନ୍ଦିରକୁ ପୁନଃର୍ବାର ୨୦୧୮ ମସିହାରେ ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୩ ମସିହାରେ ସମ୍ପୂର୍ଣ୍ଣ କରି ପ୍ରତିଷ୍ଠା କରାଯାଇଥିଲା। ଦେବୀଙ୍କ ପୀଠରେ ଆମିଷ ଭୋଗ ଲାଗି ହୋଇନଥାଏ। କେବଳ ଖେଚୁଡି, ଖିରୀ, ସାଗ, ଆମ୍ବିଳ, ତରକାରୀ, ଭଜା. କାକରା ଓ ମିଷ୍ଟାନ୍ନ ଭୋଗ ଲାଗି କରାଯାଇଥାଏ। ଭକ୍ତ ଓ ଶ୍ରଦ୍ଧାଳୁମାନେ ସେମାନଙ୍କ ମନସ୍କାମନା ଅନୁଯାୟୀ ପଶୁ ଭାବେ ବୋଦା ଓ କୁକୁଡା ବଳି ଦେଉଥିଲେ ମଧ୍ୟ ଏହା କେବଳ ମନ୍ଦିର ବାହାରରେ କରାଯାଏ। ଭକ୍ତ ମାନେ ପ୍ରସାଦ ସ୍ୱରୁପ ନିଜ ଘରକୁ ଏହାକୁ ପ୍ରସାଦ ଭାବେ ନେଇଯାଆନ୍ତି। ବିଳମ୍ବିତ ରାତ୍ରୀ ଅଷ୍ଟମୀ ତିଥି ପର୍ଯ୍ୟନ୍ତ ହୋମଯଜ୍ଞ ଆୟୋଜିତ ହୁଏ। ପୂର୍ବରୁ ପୂଜକ ଭାବେ ବ୍ରାହ୍ମଣ ପରିବାର ଖାଡଙ୍ଗା ପରିବାର ପୁରୁଷ ମାନେ ଚଣ୍ଡିପାଠ କରିଥାଆନ୍ତି। ନବମୀ ତିଥିରେ ଶାନ୍ତି ହୋମ, କୁଙ୍କୁମ ପୂଜା ଏବଂ ଦଶହରା ତିଥିରେ ଦେବୀ ପୀଠରେ ଅପରାଜିତା ଏବଂ ପୂର୍ଣ୍ଣାହୁତି ପୂଜାର୍ଚ୍ଚନା କରାଯାଇଥାଏ। ଏହିପରି ଆଶ୍ୱିନ ଓ ଚୈତ୍ର ମାସର ଦେବୀଙ୍କ ପର୍ବାଣି ତିଥିରେ ବିଭିନ୍ନ ଆଲୋକ ସଜ୍ଜା ସହ ମହାଡ଼ମ୍ବର ଓ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥାଏ।

## କାର୍ ଧକ୍କାରେ ଅଟୋ ଚୂରମାର, ୫ ଆହତ

ଲମତାପୁଟ,୨୩।୯ (ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକର ମାଲେଙ୍ଗା ଛକ ଠାରେ ଆଜି ସକାଳେ ଅଟୋ ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ପାଞ୍ଚ ଜଣ ଆହତ ଏବଂ ଦୁଇ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଲମତାପୁଟ ପଟୁ ଏକ ସ୍ୱିଫ୍ଟ ଡିଜାଇର କାର ସକାଳ ସମୟରେ ଯାଉଥିବା ସମୟରେ ବିପରୀତ ଦିଗରୁ ଏକ ଯାତ୍ରୀବାହୀ ଅଟୋରେ ପାଞ୍ଚ ଜଣ ଲମତାପୁଟକୁ ଆସୁଥିଲେ। ଉଭୟ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ଅଟୋରେ ବସିଥିବା ପାଞ୍ଚ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହାୟତା ରେ ଲମତାପୁଟ ଆଶା କିରଣ ମେଡିକାଲକୁ ନିଆ ଯାଇଥିଲା। ସେଠାରେ ଦୁଇ ଜଣ ଗୁରୁତର ନନ୍ଦ ଖେମୁଣ୍ଡୁ (୬୦) ଓ ତିଳକ ଖେମୁଣ୍ଡୁ (୨୮)ଙ୍କୁ ଡାକ୍ତର କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ଘଟଣା ସ୍ଥଳରେ ଆହତଙ୍କ ସମ୍ପର୍କୀୟ ପହଞ୍ଚି କିଛି ସମୟ ପାଇଁ ରାସ୍ତା ରୋକ କରିଥିଲେ। ଘଟଣା ସ୍ଥଳରେ ମାଛକୁଣ୍ଡ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ରାସ୍ତାରୋକ ହଟାଇ ଥିଲେ। ଫଳରେ କିଛି ସମୟ ପାଇଁ ଦୂରଦୂରାନ୍ତର ସ୍ଥଳକୁ ଯିବା ଲୋକଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା ।



## ୪ ଦିନ ହେଲା ପେଣ୍ଟା ଗାଁରେ ପାଣି ସଙ୍କଟ

ରାୟଗଡ଼ା,୨୩।୯ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ପେଣ୍ଟା ଗ୍ରାମପଞ୍ଚାୟତ ସଦର ପେଣ୍ଟା ଗ୍ରାମରେ ପାଇପ୍ ଫାଟି ଯାଇଥିବାରୁ ଗତ ୪ଦିନ ହେଲା ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଆଜି ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସମସ୍ୟା ସମ୍ପର୍କରେ ଖବର ପାଇ ପାଇପ୍ ମରାମତି ପାଇଁ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡିଛି। ଏ ନେଇ ମିଳିଥିବା ସୂଚନା ପ୍ରକାରେ ପେଣ୍ଟା ଗ୍ରାମବାସୀଙ୍କ ପାଇଁ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିବା ବେଳେ କୌଣସି କାରଣରୁ ଗାଁ ନିକଟରେ ଥିବା ପାଇପ୍‌ଟି ଫାଟି ଯାଇ ସେଠାରେ ନିର୍ଗତ ହୋଇ ଜଳ ନଷ୍ଟ ହୋଇଯାଉଥିବା ବେଳେ ଗାଁ ଲୋକେ ଏହା ଜାଣି ପାରି ନ ଥିଲେ। ତେବେ ଗାଁରେ ଥିବା କିଛି ସହୃଦୟ ବ୍ୟକ୍ତିମାନେ ସାହିବାସିନ୍ଦାଙ୍କୁ ନିଜ ଘରୁ ପାଣି ବଣ୍ଟନ କରିଥିଲେ। କିନ୍ତୁ ଦୁଇ ଦିନ ପରେ ମଧ୍ୟ ପାଣି ନ ଆସିବାରୁ ଏ ନେଇ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଅବଗତ କରାଇଥିବା ବେଳେ ଦୀର୍ଘ ୪ଦିନ ପରେ ବିଭାଗୀୟ ଅଧିକାରୀଙ୍କ ପଦକ୍ଷେପ ଗ୍ରହଣ କରାଯାଇଛି। ମରାମତି କାମ ଚାଲିଥିବାରୁ ଗ୍ରାମବାସିନ୍ଦା ଆର.କେଶବ ରାଓ ଆସନ୍ତାକାଲି ସାହି ବାସିନ୍ଦାଙ୍କୁ ପାଣି ମିଳିପାରିବ ବୋଲି ସୂଚନା ଦେଇଛନ୍ତି।



## ଜିପିଏଲଏଫ୍ କର୍ମୀଙ୍କ ଗଣଧାରଣା

ବନ୍ଧୁଗାଁ,୨୩।୯ (ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାୟୀ ଦରମା ଦାବିରେ ମିଶନ ଶକ୍ତି ବିଭାଗରେ କାର୍ଯ୍ୟରତ ଜିପିଏଲଏଫ୍ କର୍ମୀଙ୍କ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣ ଧାରଣାରେ ବସିଛନ୍ତି। ବ୍ଲକରେ ଥିବା ୧୩ଟି ପଞ୍ଚାୟତର ୭୬ ଜଣ କମ୍ୟୁନିଟ ସପୋର୍ଟ ଷ୍ଟାଫ୍ ଗତକାଲି ସ୍ଥାନୀୟ ବିଡିଓ ମିନତୀ ଜଗଦେବ, ତହସିଲଦାର ସୋନାଲି ପାତ୍ର ଓ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରି ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦେଇ ବସିଛନ୍ତି। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ ନାହିଁ, ଏହା ବଦଳରେ କାର୍ଯ୍ୟ ଅନୁଯାୟୀ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ସମସ୍ତଙ୍କୁ ପାରିଶ୍ରମିକ ମାସିକ ଦରମା ରାଜ୍ୟ ସରକାର ପ୍ରଦାନ କରିବାକୁ ଆନ୍ଦୋଳନ କରାଯାଇଥିଲା। ଏହି ଦାବି ରାଜ୍ୟ ସରକାର ପୂରଣ କରିବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଧାରଣା ଜାରି ରହିବ ବୋଲି ବ୍ଲକ ସଭାପତି ଦେବନ୍ତି ଟାକ୍ରୀ, ସମ୍ପାଦକ ଜୟରୀ ହାରାକା ଓ କୋଷାଧ୍ୟକ୍ଷ ଜ୍ୟୋତି ସେନାପତି ଓ ଅନ୍ୟ ସମସ୍ତେ ସାମିଲ ହୋଇଛନ୍ତି।



## ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ଦୁଇ ଖେଳାଳି ଚୟନ

କୋଷାଗୁମୁଡା,୨୩।୯ (ସମିସ): ଚଳିତ ବର୍ଷ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଚଳିତ ମାସ ୨୫ ଓ ୨୬ ତାରିଖ ଦିନ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍ ବ୍ରହ୍ମପୁରରେ ହେବ। ଏହି ପ୍ରତିଯୋଗିତାରେ ନବରଙ୍ଗପୁର ଦଳରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଆର ଦୁଇଜଣ ଛାତ୍ର ଛାତ୍ରୀ ଯଥା କେତ୍ରି କୁମାରୀ ପୂଜାରୀ ୧୭ ବର୍ଷରୁ କମ ବାଳିକା, ଏବଂ ସଚିନ ପନଙ୍କା ୧୪ ବର୍ଷରୁ କମ ବାଳକ ବର୍ଗରେ ଦଳ ପାଇଁ ଚୟନ ହୋଇଛନ୍ତି। ଏହି ପ୍ରତିଯୋଗିତା ପାଇଁ ପ୍ରଥମେ କ୍ଲଷ୍ଟର ସ୍ତରୀୟ, ବ୍ଲକ୍ ସ୍ତରୀୟ ଏବଂ ଜିଲ୍ଲା ସ୍ତରରେ ପ୍ରତିଯୋଗିତା ହୋଇଥିଲା। ଏହି ସମସ୍ତ ପ୍ରତିଯୋଗିତାରେ ସଫଳତାର ସହ କୃତିତ୍ୱ ହାସଲ କରି ରାଜ୍ୟସ୍ତରୀୟ ହ୍ୟାଣ୍ଡ ବଲ ଖେଳିବା ପାଇଁ ଚୟନ ହେବା ମାଝୀ ଧନୁଆ ପାଇଁ ଏକ ଗୌରବର ବିଷୟ। ଏହି ଦୁଇଜଣ ଛାତ୍ରଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କୋଷାଗୁମୁଡ଼ା ବ୍ଲକ୍‌ର କ୍ରୀଡା ଶିକ୍ଷକ ମନୋଜ କୁମାର ପ୍ରଧାନ ଓ ସୁଶାନ୍ତ କୁମାର ବଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରାଜ୍ୟସ୍ତରୀୟ ହ୍ୟାଣ୍ଡ ବଲ ପ୍ରତିଯୋଗିତାକୁ ଯିବା ସମୟରେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ଏବଂ ଜିଲ୍ଲା କ୍ରୀଡ଼ା ପ୍ରଶିକ୍ଷକ ପ୍ରଭାତ ପଟ୍ଟନାୟକ ଖେଳାଳି ମାନଙ୍କୁ ଶୁଭେଚ୍ଛା ପ୍ରଦାନ କରି ବିଦାୟ ଦେଇଥିଲେ। ଏହି ଖବର ଜାଣିବା ପରେ ସରପଞ୍ଚ, ସମିତି ସଭ୍ୟ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଅଭିନନ୍ଦନ ଜଣାଇଥିଲେ।



**OFFICE OF THE UTKAL BALASHRAM, KHARIAR, DIST-NUAPADA**
**(GOVT. RUN CHILD CARE INSTITUTION)**

Advertisement No: 30/UB/KRAR/NPD    Date: 22.09.25

**ADVERTISEMENT**

Applications are invited from the prospective candidates for the different posts through the proforma application form which will be made available on the district website (https://nuapada.odisha.gov.in). The online submission of application shall be available on (E-Mail: utkalbalashramkhariar@gmail.com) from **24.09.2025 (10.00 AM) to 30.09.2025 (5.00 PM).**

The recruitment of different posts of Child Care Institution & Specialized Adoption Agency (SAA) Utkal Balashram, Dist.-Nuapada is being done as per the Mission Vatsalya implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of Women & Child Development Department, Govt. of Odisha.

After submission of online application, the candidates are to submit hard copy of the same along with all required documents and testimonials through Speed post/Registered post only addressed to **Office of the Secretary, Utkal Balashram, At/Po-Khariar, Ps-Khariar, Dist.-Nuapada-766107, latest by 5.00 PM on Dt. 05.10.2025.** Any application received after the due date/time shall be rejected.

The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit the district website **(https://nuapada.odisha.gov.in).**

**CDPO Khariar-Cum-Secretary**
**Utkal Balashram Khariar**

# ପରିକ୍ରମାରେ ବାହାରିଲେ ମା' କନ୍ତଦେବୀ





**ବଣାଇଁ, ୨୩।୯ (ସମିସ):** ବଣାଇଁ ଅଞ୍ଚଳର ଆରାଧ୍ୟ ଦେବୀ ମା' କନ୍ତଦେବୀ ଆଶ୍ୱିନ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପନ୍ଦର ଦିନ ପରିକ୍ରମାରେ ବାହାରିଛନ୍ତି। ମୁଖ୍ୟ ପୂଜକ ଭାବେ ଲକ୍ଷ୍ମଣ ଦେହୁରୀ, ତାଙ୍କ ସହଯୋଗୀ ଦଶୁ ଦେହୁରୀ ଓ ଅଜୁ ଦେହୁରୀ ଆଜି ମା'ଙ୍କ ପ୍ରଥମ ପୂଜା କରିଛନ୍ତି। ଲହୁଣୀପଡ଼ା ବ୍ଲକ ଖଣ୍ଡାଧାର ଜଳପ୍ରପାତର ପାଦଦେଶରେ ଥିବା ଏକ ଆଦିବାସୀ ଗାଁ ସାନଜଲ ନିକଟରେ ଥିବା ପାହାଡ଼ ଗୁମ୍ଫାରେ ରହିଛି ମା'ଙ୍କ ଆସ୍ଥାନ। ଆଦିବାସୀ ପାଉଡ଼ି ଭୂୟାଁଙ୍କ ସହିତ ବଣାଇଁ ଅଞ୍ଚଳର ସଭିଙ୍କ ପାଇଁ ଆସ୍ଥା ଓ ବିଶ୍ୱାସର ଦେବୀ ମା' କନ୍ତଦେବୀ। ପ୍ରତିବର୍ଷ ଆଶ୍ୱିନ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ସମଗ୍ର ବଣାଇଁ ଅଞ୍ଚଳରେ ଧୂମ୍‌ଧାମ୍‌ରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଥାଏ। ଏହି ପରିକ୍ରମା ସମୟରେ ହଳଦୀକୁଦର, ନୂଆଡିହି, ଖୁଣ୍ଟଗାଁ, ସୁଆରପାଲି, ବିଛଣାପଟି, ଜର୍କେକଳା, ଜମକେଇ, ଜାଙ୍ଗଡ଼ା ଇତ୍ୟାଦି ବିଭିନ୍ନ ଗ୍ରାମରେ ପୂଜା ପାଇ ବଣାଇଁର କନ୍ତଯୋଡ଼ିଠାରେ କନ୍ତଭେଟ କରାଇଥାନ୍ତି। ରାଜାଙ୍କ ଉଆସରେ ଗୋଟିଏ ଦିନ ଅବସ୍ଥାନ କଲାପରେ ନଦୀ ପାରି ହୋଇ ଲଲେଇ, ବ୍ରାହ୍ମଣ ଗାଁ ଇତ୍ୟାଦିରେ ପୂଜା ପାଇଥାନ୍ତି। କୁମାର ପୂର୍ଣ୍ଣିମା ଦିନ ପୁଣି ନିଜ ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଆଜି ପ୍ରଥମ ଦିନରେ ମା'ଙ୍କ ଦର୍ଶନ ପାଇଁ ସାନଜଲ ଗ୍ରାମରେ ଦଶ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା।

# ବରସୁଆଁ ଲୌହଖଣିରେ ଶ୍ରମିକଙ୍କ ଧାରଣା ଜାରି



**କୋଇଡ଼ା, ୨୩।୯ (ସମିସ) :** କୋଇଡ଼ା ଖଣି ମଣ୍ଡଳ ସେଲ୍‌ଫ ଅଧୀନସ୍ଥ ବରସୁଆଁ ଲୌହଖଣି ଟେନ୍‌ସା କାର୍ଯ୍ୟାଳୟ ଓ କାଲଟା ଲୌହଖଣି କାର୍ଯ୍ୟାଳୟ ଗେଟ୍ ସମ୍ମୁଖରେ ଦୁଇଦିନ ଧରି ୟୁନାଇଟେଡ୍ ମାଇନ୍ସ ମଜଦୂର ୟୁନିଅନ୍ ପକ୍ଷରୁ ସମସ୍ତ ଠିକା ଶ୍ରମିକ ୧୨ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଜାରି ରଖିଛନ୍ତି। ମୁଖ୍ୟ ଦାବି ଅନୁଯାୟୀ ୨୧ ହଜାରରୁ ଅଧିକ ବେତନଧାରୀଙ୍କୁ ବୋନସ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର କରି ସମସ୍ତ ଠିକା କର୍ମଚାରୀଙ୍କୁ ୨୦ପ୍ରତିଶତ ବୋନସ ପ୍ରଦାନ, ଠିକା ସଂସ୍ଥାମାନଙ୍କରେ ୧ ବର୍ଷ ବଦଳରେ ୫ ବର୍ଷିଆ ଚୁକ୍ତିନାମା ଇତ୍ୟାଦି ରହିଛି। ଲଗାଣ ବର୍ଷା ସତ୍ତ୍ୱ ଶହ ଶହ ଶ୍ରମିକ ଧାରଣା ଯୋଗୁଁ ବରସୁଆଁ ଲୌହଖଣି ଓ କାଲଟା ଲୌହଖଣିର ସମସ୍ତ ପ୍ରକାରର କାର୍ଯ୍ୟ ବନ୍ଦ ହୋଇଯାଇଛି। ଉତ୍ପାଦନ, ପରିବହନ, ରକ୍ସି ରେଳ ସାଇଡ଼ିଂ ଆଦି କାର୍ଯ୍ୟ ପ୍ରଭାବିତ ହୋଇଛି।

# ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ହକି ଓ ତୀରନ୍ଦାଜୀ ପ୍ରତିଯୋଗିତା

**ରାଉରକେଲା, ୨୩।୯ (ସମିସ):** ୬୯ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ହକି ଓ ତୀରନ୍ଦାଜୀ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୪ ବର୍ଷ ବାଳକ ଓ ବାଳିକା ବର୍ଗର ୧୨ଟି ହକି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ପ୍ରତିଯୋଗିତାରେ ସୁନ୍ଦରଗଡ଼ର ଉଭୟ ବାଳକ ଓ ବାଳିକା ବର୍ଗ ଚାମ୍ପିଅନ ହୋଇଥିବାବେଳେ ଉଭୟବର୍ଗରେ ସମ୍ବଲପୁର ଦଳ ରନର୍ସଅପ୍ ହୋଇଥିଲେ। ଏହି ପ୍ରତିଯୋଗିତରେ ଉଭୟ ବର୍ଗରେ ସୁନ୍ଦରଗଡ଼ ଚାମ୍ପିଅନ ହୋଇଥିବା ଜଣାପଡ଼ିଛି। ଉଦ୍‌ଯାପନୀ ଉତ୍ସବରେ ସୁନ୍ଦରଗଡ଼ ପୌରପାଳିକାର ଅଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ଉପନିର୍ଦ୍ଦେଶକ ସୁଦୀପ୍ତ କୁମାର ନାୟକ, ସେବାନିବୃତ ଜିଲ୍ଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ୧୦୯ ମଣ୍ଡପରେ ପୂଜା ପାଇବେ ମା'

**ରାଉରକେଲା, ୨୩।୯ (ସମିସ)**



- ରାତି ୧୦ଟା ପରେ ଲାଇଟ୍, ସାଉଣ୍ଡରେ କଟକଣା
- ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ, ଭସାଣିରେ ଡିଜେ ବନ୍ଦ

ଆଉ ମାତ୍ର ସପ୍ତାହ ପରେ ଧରାପୃଷ୍ଠରେ ଅବତରଣ କରିବେ ମା' ଦୁର୍ଗା। ମା'ଙ୍କ ଆଗମନକୁ ନେଇ ଚଳଚଞ୍ଚଳ ହୋଇପଡ଼ିଛି ରାଉରକେଲା। ରାଉରକେଲା ସହରରେ ମୋଟ ୧୦୯ଟି ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରରେ ଚାଲିଥିଲା ବେଳେ ବଣାଇଁ ଉପଖଣ୍ଡରେ ୧୨ଟି ମଣ୍ଡପରେ ଦୁର୍ଗାପୂଜା ହେଉଥିବା ଜଣାପଡ଼ିଛି। ଏ ନେଇ ରାଉରକେଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପୂଜା କମିଟି ସଦସ୍ୟଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସେକ୍ଟର -୧୯ ସ୍ଥିତ ସିଭିକ୍ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ, ରାଉରକେଲା ଏସପି ନିତେଶ ୱାଧୱାନି, ଅତିରିକ୍ତ ଜିଲ୍ଲାପାଳ ଦୀନହା ଦସ୍ତଗୀର୍, ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ, ଅତିରିକ୍ତ ଏସପି ହରେକୃଷ୍ଣ ମାଝୀ, ଅତିରିକ୍ତ ଏସପି ଆର କେ ସାହୁ ଏବଂ ଅତିରିକ୍ତ ଏସପି ଶ୍ରାବଣୀ ଦାସ ଯୋଗ ଦେଇଥିଲେ।

ଡିଆଇବି ଡିଏସ୍‌ପି ରାମରାଏ ମୁର୍ମୁ ସ୍ୱାଗତ ଭାଷଣ ଦେଇଥିଲେ। ପୂଜା ପୂର୍ବରୁ ସହରର ରାସ୍ତାଘାଟ, ଲାଇଟ୍, ପାଣି ସମେତ ଅନ୍ୟ ମୌଳିକ ସୁବିଧା କରିବା ନିମନ୍ତେ ବିଭିନ୍ନ ପୂଜା କମିଟି ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦସ୍ତଗୀର୍ କହିଥିଲେ। ବିଶେଷ କରି ଶାନ୍ତିଶୃଙ୍ଖଳାର ସହିତ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ଏହାକୁ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଚଳିତ ଦୁର୍ଗା ପୂଜାକୁ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବାକୁ ସହଯୋଗ କରିବା ପାଇଁ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାଏ ଅନୁରୋଧ କରିଥିଲେ। ରାତି ୧୧ଟା ଯାଏଁ ପୂଜା ମାହୋଲ ଶେଷ କରିବାରୁ ନିର୍ଦ୍ଦେଶ ଦେଇଥିଲେ। ପେଣ୍ଡାଲଗୁଡ଼ିକରେ ରାତି ୧୦ଟା ପରେ ଲାଇଟ୍, ସାଉଣ୍ଡ ବନ୍ଦ କରାଯିବ ବୋଲି ଡିଆଇଜି ବ୍ରିଜେଶ ରାଏ ସମସ୍ତ ପୂଜା କମିଟି କର୍ମକର୍ତ୍ତାମାନନିର୍ଦ୍ଦେଶ ଦେଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସହରର ସମସ୍ତ ପୂଜା ମଣ୍ଡପରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ ବୋଲି କହିବା ସହ ଭସାଣି ଶୋଭାଯାତ୍ରାରେ ଡିଜେ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ କଟକଣା ରହିଛି ବୋଲି ଏସପି ଶ୍ରୀ ଓ୍ୱାଧଓ୍ୱାନୀ କହିଥିଲେ। ଏହାସହ ଆସନ୍ତା ଅକ୍ଟୋବର ୩ ତାରିଖରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବା ପାଇଁ ଏସପି ଶ୍ରୀ ୱାଧୱାନୀ କହିଥିଲେ। ମାତ୍ର ଆସନ୍ତା ୫ ତାରିଖରେ ଭସାଣି ଉତ୍ସବ କରିବା ପାଇଁ କିଛି ପୂଜା କମିଟି ପକ୍ଷରୁ ପ୍ରସ୍ତାବ ଦିଆଯିବାରୁ ଏଥିପାଇଁ ଲିଖିତ ଭାବେ ପ୍ରଶାସନକୁ ଅବଗତ କରିବା ପାଇଁ ସେ କହିଥିଲେ। ବାଲୁଘାଟ ଠାରେ ଅସ୍ଥାୟୀ ବିସର୍ଜନ ପୋଖରୀ କରାଯାଇଥିବା ସେ କହିଥିଲେ। ଏହି ଅବସରରେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଆର୍‌ଏସ୍‌ପି ଏରିଆରେ ଗଛ କଟା, ଡ୍ରେନ ସଫା, ଜବରଦଖଲ ଉଚ୍ଛେଦ ପାଇଁ ଆରଏସପି ସହର ପ୍ରଶାସନକୁ ଚିଠି ଲେଖିଥିବା ସେ କହିଥିଲେ। ଶେଷରେ ଅତିରିକ୍ତ ଏସପି ଆର କେ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଲତାନ ଜୋହର କପ୍ ପାଇଁ ଭାରତୀୟ ଦଳରେ ସାମିଲ୍ ହେଲେ ୨ ଖେଳାଳି




**ରାଉରକେଲା, ୨୩।୯ (ସମିସ):** ଆଗାମୀ ସୁଲତାନ ଜୋହର କପ୍-୨୦୨୫ ପାଇଁ ଭାରତୀୟ ଜୁନିଅର ପୁରୁଷ ହକି ଦଳରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଦୁଇ ପୂର୍ବତନ କ୍ୟାଡେଟ୍ ଅନ୍‌ମୋଲ୍ ଏକ୍କା ଓ ଥୋକଚମ୍ କିଙ୍ଗସନ୍ ସିଂହ ସାମିଲ୍ ହୋଇଛନ୍ତି। ହକି ଇଣ୍ଡିଆ ଦ୍ୱାରା ଘୋଷିତ ୧୮ ଜଣିଆ ଭାରତୀୟ ଦଳରେ ଅନମୋଲ ଏକ୍କାଙ୍କୁ ସ୍ଥାନ ଦିଆଯାଇଥିଲା ବେଳେ ପୂର୍ବତନ କ୍ୟାଡେଟ୍ ଥୋକଚମ୍ କିଙ୍ଗସନ୍ ସିଂହଙ୍କୁ ଅତିରିକ୍ତ ଖେଳାଳି ଭାବରେ ଚୟନ କରାଯାଇଛି।

ସୂଚନାଯୋଗ୍ୟ ଯେ ଅନ୍‌ମୋଲ ଏକ୍କା ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ ସେଲ୍ ହକି ଏକାଡେମୀରେ ପ୍ରଶିକ୍ଷଣ ନେଇଥିବାବେଳେ ଥୋକଚୋମ କିଙ୍ଗସନ୍ ସିଂହ ୨୦୧୭ରୁ ୨୦୨୦ ପର୍ଯ୍ୟନ୍ତ ଏକାଡେମୀର କ୍ୟାଡେଟ୍ ଥିଲେ। ଉଭୟ ଯୁବ ଖେଳାଳି ମାଲେସିଆରେ ସୁଲତାନ ଜୋହର କପର ପୂର୍ବ ସଂସ୍କରଣରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳରେ ସାମିଲ ଥିଲେ ଏବଂ ୨୦୨୪ରେ ଓମାନର ମସ୍କଟରେ ଅନୁଷ୍ଠିତ ଜୁନିଅର ଏସିଆ କପ୍‌ରେ ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ। ୧୮ ଜଣିଆ ଦଳରେ ସ୍ଥାନ ପାଇଥିବା ଅନମୋଲ ଏକ୍କା ସୁନ୍ଦରଗଡ଼ ଜିଲ୍ଲାର କେଶରାମଲ ବାସିନ୍ଦା। ମମତା ଏକ୍କା ଏବଂ ତୋସିଲ ଏକ୍କାଙ୍କ ପୁତ୍ର ଅନ୍‌ମୋଲ ତାଙ୍କ ପିତାଙ୍କ ଠାରୁ ହକି ପ୍ରତି ପ୍ରେରଣା ପାଇଥିଲେ। ତାଙ୍କ ପିତା ମଧ୍ୟ ସେଲ୍‌ଫ ହକି ଏକାଡେମୀର ପୂର୍ବତନ କ୍ୟାଡେଟ୍ ଥିଲେ। ୧୯୯୮ ମସିହାରେ ଜୁନିଅର୍ ଜାତୀୟ ଚାମ୍ପିଅନସିପ୍‌ରେ ପ୍ରତିନିଧିତ୍ୱ କରିଥିଲେ। ଉଭୟ ଅନ୍‌ମୋଲ୍ ଏବଂ ଥୋକଚୋମ ଆର୍‌ଏସ୍‌ପିର ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ବିଶିଷ୍ଟ ହକି ପ୍ରଶିକ୍ଷକ ରାଜୁକାନ୍ତ ସାଇନି ଏବଂ ପିଟର ତିର୍କୀଙ୍କ ତତ୍ତ୍ୱାବଧାନରେ ସେମାନଙ୍କର ହକି ପ୍ରତିଭାକୁ ବିକଶିତ କରିଥିଲେ ବୋଲି ସୂଚନା ମିଳିଛି।

# ରୋଟାରୀ କ୍ଲବ୍ ରିଭରସାଇଡ୍‌ର ହୃଦ୍‌ରୋଗ ସଚେତନତା ଶିବିର




**ରାଉରକେଲା, ୨୩।୯ (ସମିସ):** ରୋଟାରୀ କ୍ଲବ୍ ରିଭର୍‌ସାଇଡ୍, ଗୋପବନ୍ଧୁ ପାଠାଗାର ଓ ରାଉରକେଲା ରିଟାୟାର୍ଡ ଏମ୍ପ୍ଲଇଜ୍ ଆସୋସିଏସନ୍‌ର ମିଳିତ ସହଯୋଗରେ ଏବଂ ରାଉରକେଲା ଆପୋଲୋ ସୁପରସ୍ପେସାଲିଟି ହସ୍ପିଟାଲର ଆନୁକୂଲ୍ୟରେ ଗୋପବନ୍ଧୁ ପାଠାଗାରର ସତ୍ୟବାଦୀ କକ୍ଷରେ ଏକ ହୃଦ୍‌ରୋଗ ସଚେତନତା ସହ ବିଏଲଏସ ଏବଂ ସିପିଆର ଟ୍ରେନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ ପ୍ରେସିଡେଣ୍ଟ ଶଙ୍କର ପ୍ରସାଦ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପରେ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ମିଳନ କୁମାର ଶତପଥୀ ହୃଦ୍‌ରୋଗର କାରଣ, ଲକ୍ଷଣ, ପ୍ରତିଷେଧକ ବ୍ୟବସ୍ଥା ଏବଂ ଚିକିତ୍ସା ସମ୍ପର୍କରେ ବୁଝାଇଥିଲେ। ଡାକ୍ତର କଲ୍ୟାଣ ନସ୍କର ଏବଂ ଡାକ୍ତର ଚେତନ ରେ‡ୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ଲକ୍ଷ୍ମଣ ନାଥ ଦାସ ଏବଂ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖଙ୍କୁ ବିଏଲ୍‌ଏସ୍ ଏବଂ ସିଟିଆର୍ ଟ୍ରେନିଂ ଦେଇ ଡାକ୍ତରମାନେ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ରୋଟାରିଆନ୍ ଅଜିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୋଟାରିଆନ୍ ଦୀପକ କୁମାର ଦାସ, ସନ୍ତୋଷ କୁମାର ମିଶ୍ର, ନବଘନ ସାହୁ, ଡାକ୍ତର ସୁଧାରାଣୀ ପ୍ରଧାନ, ଶରତ କୁମାର ପାଣିଗ୍ରାହୀ, ମଞ୍ଜୁଳା ପାତ୍ର, ସୁପ୍ରିୟା ମହାନ୍ତି, ସିମରନଜିତ୍ ସେଖୋଁ, ସିଦ୍ଧିନାଥ ଜ୍ୟୋତିଷି, ପରମେଶ୍ୱର ପ୍ରଧାନ, ବସନ୍ତ ପାଠୀ, ଘନଶ୍ୟାମ ମିରି ପ୍ରମୁଖ ସହାୟତା କରିଥିଲେ।

# ଆଭା ଅନ୍ୱେଷ ପ୍ରତିଯୋଗିତା




**ରାଉରକେଲା, ୨୩।୯ (ସମିସ):** ଶିକ୍ଷାର୍ଥୀ ଶିକ୍ଷକ ସାମାଜିକ କଲ୍ୟାଣ ସଂଗଠନ ଆଭା ଅନ୍ୱେଷ ପକ୍ଷରୁ ଶିକ୍ଷାର୍ଥୀଙ୍କ ମେଧାଶକ୍ତିର ବିକାଶ ପାଇଁ ଡେଲି ମାର୍କେଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଉରକେଲା ମ୍ୟୁନିସିପାଲିଟିର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ନେଇ ବାର୍ଷିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୩୦ଟି ବିଦ୍ୟାଳୟର ୨୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ତର୍କ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିର୍ସାମୁଣ୍ଡା ସୀମାନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ପୂର୍ବତନ କୁତ୍ରା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ଆର୍ତ୍ତତ୍ରାଣ ଜେନା ଅଧ୍ୟକ୍ଷତା କରିଥିଲେ। ବିଚାରକ ମଣ୍ଡଳୀ ଭାବେ ରାଜକିଶୋର ମିଶ୍ର, ବଳରାମ ରାଉଳ, ଉର୍ମିଳା ମହାତୋ, ରିତା ତିର୍କୀ, ସାଇନି ସିଲ୍‌କି, ରିନୁ ପ୍ରଧାନ, ଅନନ୍ତ ଚରଣ ନାୟକ, କାର୍ତ୍ତିକ ଚନ୍ଦ୍ର ମିଶ୍ର, ଅଭୟ ସାହୁ, ନଳୀନିପ୍ରଭା ସାହୁ, ପିତବାସ ପରିଡ଼ା, ପ୍ରଧାନଶିକ୍ଷକ ପ୍ରମୋଦ ବାଡତିଆ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ କ୍ଲଷ୍ଟରର ସିଆରସିସି ଓ ଅନୁଷ୍ଠାନର ପ୍ରମୋଦ ଭଞ୍ଜ, ସଞ୍ଜୀୟ ମଲ୍ଲିକ୍, ନମିତା ମହାନ୍ତି, ନମିତା ମିଶ୍ର, ଚନ୍ଦ୍ରଶେଖର ରାଉତ, ଆନନ୍ଦ ଚନ୍ଦ୍ର ମଲ୍ଲିକ୍, ଦିପ୍ତିମୟୀ ପରିଡ଼ା, ସିପ୍ରା ସାହୁ, ବିଦ୍ୟୁତ୍ ଲତା ସୁତାର, ଯଶୋବନ୍ତି ସାହୁ, ପ୍ରିୟଙ୍କା ସାହୁ, ଅଜିତ୍ ଗିରି, ହରିହର ବେହେରା, ଚକ୍ରଧର ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସବିତା ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରାଉନ୍‌ସୁଗର ଜବତ; ୫ ଗିରଫ

**ରାଉରକେଲା, ୨୩।୯ (ସମିସ):** ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଫଟା ପାଇପ ନିକଟସ୍ଥ ଶିବଶଙ୍କର ନଗର ନିକଟରୁ ଏକ କାରକୁ ପିଛା କରି ୫ ଜଣ ଯୁବକଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩୦ ଗ୍ରାମ ଓଜନର ବ୍ରାଉନ୍‌ସୁଗର ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ଲାଣ୍ଟସାଇଟ୍ ଅଞ୍ଚଳର ଶେଖ୍ ଆୟୁବ (୩୭), ଗୋପବନ୍ଧୁପାଲି ଅଞ୍ଚଳର ଚନ୍ଦନ ଯାଦବ(୨୪), ଶେଖ୍ ରାଜା (୪୨), ରାମକୁମାର ସାହୁ ଓରଫ ଗୋଲୁ (୨୨) ଏବଂ ନିତେଶ କୁମାର ଶା ଓରଫ ପାରା (୨୦)। ସେମାନେ ଏହି ବ୍ରାଉନ୍‌ସୁଗରକୁ ନେଇ ରାଉରକେଲାରୁ ବନ୍ଧମୁଣ୍ଡା ଆଡକୁ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ଧରିଥିଲା। ସେମାନେ ଏହି ବ୍ରାଉନ ସୁଗର ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ବିକ୍ରି କରୁଥିଲେ ବୋଲି ସ୍ୱୀକାର କରିଛନ୍ତି। ଏହି ନିଶା କାରବାରରେ ସେମାନେ ବ୍ୟବହାର କରିଥିବା କାର ଏବଂ ୩ଟି ମୋବାଇଲ ଫୋନକୁ ପୁଲିସ ଜବତ କରିଛି।



## ଗଙ୍ଗାଧରପାଲି ଦୁର୍ଗା ପୂଜା କମିଟିର ସୁବର୍ଣ୍ଣ ଜୟନ୍ତୀ

# ତୋରଣରେ ଶୋଭାପାଇବ ଇଣ୍ଡିଆ ଗେଟ୍


**ରାଉରକେଲା, ୨୩।୯ (ସମିସ)**

ମାଆ ଆସୁଛନ୍ତି ବୋଲି କାଶତଣ୍ଡି ଫୁଲରେ ସଜେଇ ହେଲାଣି ଧରଣୀରାଣୀ। ନଈ ପଠାରୁ ଆରମ୍ଭ କରି ଶସ୍ୟ କ୍ଷେତ, ବିଲ ବଣ ପ୍ରାନ୍ତର ମା'ଙ୍କ ସ୍ୱାଗତ ପାଇଁ ଚାହିଁ ରହିଛି। ଏବେ ଚାରିଆଡ଼େ ଦଶଭୁଜା ମାଆ ଦେବୀ ଦୁର୍ଗାଙ୍କୁ ଆବାହନ ପାଇଁ ଚାଲିଛି ସାଜସଜ୍ଜା। ଆଉ କେତୋଟି ଦିନ ପରେ ମା' ଦୁର୍ଗା ଧରା ପୃଷ୍ଠରେ ଅବତରଣ କରିବେ। ଏଥିଲାଗି ଗ୍ରାମ ଠୁ ସହର ଯାଏଁ ଚଳଚଞ୍ଚଳ ହୋଇ ଉଠିଛି। ଏ ନେଇ ରାଉରକେଲାର ବିଭିନ୍ନ ଦୁର୍ଗାପୂଜା

### ୧୦୮ କଳସ ଯାତ୍ରା ମୁଖ୍ୟ ଆକର୍ଷଣ

କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏହିକ୍ରମରେ ଗଙ୍ଗାଧରପାଲି ଶ୍ରୀଶ୍ରୀ ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ମଧ୍ୟ ପ୍ରସ୍ତୁତି ଜୋରଦାର ହୋଇଛି। ଚଳିତ ବର୍ଷ କମିଟି ଦୁର୍ଗା ପୂଜାକୁ ପୂରିଛି ୪୯ ବର୍ଷ। ଗଙ୍ଗାଧରପାଲି ଶ୍ରୀ ଶ୍ରୀ ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଦର୍ଶକଙ୍କ ନିମନ୍ତେ ଆକର୍ଷଣୀୟ ଇଣ୍ଡିଆ ଗେଟ୍ ତୋରଣ ନିର୍ମାଣ କରାଯାଉଛି। ୫୯ ଫୁଟ୍ ଉଚ୍ଚ ବିଶିଷ୍ଟ ଉଚ୍ଚତା ବିଶିଷ୍ଟ ଏହି ତୋରଣର ଚଉଡା ୪୦ ଫୁଟର ନିର୍ମାଣ କରାଯାଉଛି। ଏଥିରେ ଭଗବାନ ପାତ୍ରଙ୍କ ସମେତ ୧୫ ଜଣ କାରିଗର ନିୟୋଜିତ ହୋଇଛନ୍ତି।

ସେହିପରି ୧୧ ଫୁଟ ଉଚ୍ଚର ମୂର୍ତ୍ତି ତିଆରି ହେଉଛି। ଯାହାକୁ ଯାଜପୁରର ଶିଳ୍ପୀ ମଧୁସୂଦନ ସାହୁ ନିର୍ମାଣ କରୁଛନ୍ତି। ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସପ୍ତମୀ ପୂଜା ଦିନ ୧୦୮ କଳସ ଯାତ୍ରା ମଧ୍ୟ ବିଶେଷ ଆକର୍ଷଣ ରହିବ। ଅଷ୍ଟମ ପୂଜାରେ ପଣା ବଣ୍ଟନ କରାଯିବା ସହ ଦଶମୀ ଦିନ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ରବିବାର ମଣ୍ଡପ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମିଟି ପକ୍ଷରୁ କୁହାଯାଇଛି, ସପ୍ତମୀ ଦିନ ସ୍ଥାନୀୟ ମହିଳା ମାନଙ୍କୁ ନେଇ ୧୦୮ କଳସ ଯାତ୍ରା ବ୍ରାହ୍ମଣୀ ନଦୀରୁ ଆରମ୍ଭ ହୋଇ ମଣ୍ଡପ ପର୍ଯ୍ୟନ୍ତ ଆସିବ। ନବମୀରେ ଖେଚୁଡ଼ି ଭୋଗ ଓ ଦଶମୀରେ ପ୍ରାୟ ୩ ହଜାର ଲୋକଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଛି। ଅକ୍ଟୋବର ୫ରେ ଭସାଣି ହେବ। ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ନିମନ୍ତେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସଂଗ୍ରାମ ଭୂୟାଁ, ସାଧାରଣ ସମ୍ପାଦକ ପ୍ରକାଶ ଧଳ, ଉପସଭାପତି ନାରାୟଣ ରାଉତ, ଅଶୋକ ଖଟୁଆ, ମାନସ ରଞ୍ଜନ ସାମଲ, ଯୁଗ୍ମ ସମ୍ପାଦକ ସଞ୍ଜୀବ ରାଉତ, କୋଷାଧ୍ୟକ୍ଷ ସୁଶାନ୍ତ କର, ଯୁଗ୍ମ କୋଷାଧ୍ୟକ୍ଷ ସରୋଜ ରାୟ, କାର୍ଯ୍ୟକାରୀ ସଦସ୍ୟ ପ୍ରସନ୍ନ କୁମାର ବଳିଆରସିଂ, କିଶୋର ନାଥ ଶର୍ମା, ବିଜୟ ସାମଲ, ଶିଶିର ସାମନ୍ତରାୟ, ସୌଭାଗ୍ୟ ମଲ୍ଲିକ, ଉପଦେଷ୍ଟା ଦିଲୀପ ଧଳ, ରାଧେଶ୍ୟାମ ବେହେରା, ସୁଜିତ ପରିଡ଼ା ପ୍ରମୁଖ ସହଯୋଗ କରୁଛନ୍ତି।



# ଶିକ୍ଷୟିତ୍ରୀଙ୍କ ସୁନାଚେନ୍ ଲୁଟ୍

**ରାଉରକେଲା, ୨୩।୯ (ସମିସ):** ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀସ୍ଥିତ ଡିଏଭି ଅଟୋ ଷ୍ଟାଣ୍ଡ ନିକଟରୁ ଜଣେ ଶିକ୍ଷୟିତ୍ରୀଙ୍କ ସୁନା ଚେନ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ସିସିଟିଭି ଫୁଟେଜ ସମେତ ଅନ୍ୟ ଦିଗକୁ ନେଇ ତଦନ୍ତ ଚଳାଇଛି। ମଙ୍ଗଳବାର ରାତି ପ୍ରାୟ ୮ଟା ବେଳେ ଶିକ୍ଷୟିତ୍ରୀ ଜଣକ ଚାଲି ଚାଲି ଘରକୁ ଯାଉଥିଲେ। ହଠାତ୍ ଛକ ନିକଟରେ ଥିବା ସନ୍ ରେ' ଗ୍ରାଫିକ୍ସ ଦୋକାନ ନିକଟରୁ ଦୁଇ ଜଣ ହେଲମେଟ ପିନ୍ଧିଥିବା ଦୁର୍ବୃତ୍ତ ବାଇକ୍ ଯୋଗେ ଆସି ସୁନା ଚେନ ଲୁଟ୍ କରି ଫେରାର ହୋଇଯାଇଥିଲେ। ସେମାନଙ୍କୁ ଧରିବାକୁ ସ୍ଥାନୀୟ ଲୋକେ ପିଛା କରି ବିଫଳ ହେଇଥିଲେ।

**GANDHI +2 SCIENCE COLLEGE**

**Walk-in-Interview** Date : 26 & 27/09/2025, 08 & 13/10/2025 Time : 10 AM

| POST | QUALIFICATION | EXPERIENCE | AGE LIMIT |
| --- | --- | --- | --- |
| Data Entry Operator (2-M/F) | Min. Graduation/ MCA | Min. 2 yrs | 25-40 yr. |
| Accountant (2-M/F) | Min. Graduation | Min. 3 yrs | 30-50 yr. |
| Admission Counsellor (2-M/F) | Min. Graduation/MBA | Min. 3 yrs | 25-40 yr. |
| Front Office Executive (2-M/F) | Min. Graduation/MBA | Min. 2 yrs | 25-40 yr. |
| Admission In charge (2-M/F) | Min. Graduation | Min. 3 yrs | 30-45 yr. |
| Marketing Executive (5-M/F) | Min. Graduation | Min. 2 yrs | 25-50 yr. |
| Academic Co-ordinator (2-M/F) | Min. Graduation | Min. 2 yrs | 25-40 yr. |
| Senior Management Staff (3-M/F) | Min. Graduation | Min. 5 yrs | 35-50 yr. |
| Junior Lect. (All Department) | Min. P.G | Min. 2 yrs | 25-30 yr. |
| Telecaller (2-F) | Min. Graduation | Min. 1 yr | 25-40 yr. |
| Hostel Warden (4-M/F) | Min. +2 | Min. 2 yrs | 30-50 yr. |
| Cook & Helper (4-M) | | | |
| Driver (2-M) | Should have Licence | | |

Send your Bio-Data By Whatsapp/ By Hand & Come for Interview

Call & Whatsapp : 9439363437, 8144040281

Shantikanan Lane, Mallikashpur, Balasore

New Campus : Tarini Chhak, Mathasahi Near Nayanakumari School, Balasore

# ପ୍ରସିଦ୍ଧ ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜାକୁ ମିଳିଲା ରାଜ୍ୟ ମାନ୍ୟତା

**ପ୍ରତି ପୂଜା ଅନୁଷ୍ଠାନକୁ ମିଳିବ ୫୦ ହଜାର**

ଢେଙ୍କାନାଳ,୨୩।୯ (ସମିସ): ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାକୁ ମିଳିଲା ରାଜ୍ୟ ମାନ୍ୟତା। ଏହି ଖବର ପ୍ରଚାରିତ ହେବାପରେ ଢେଙ୍କାନାଳବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି। ସହରର ପ୍ରତ୍ୟେକ ପୂଜାମଣ୍ଡପକୁ ସରକାରଙ୍କ ପକ୍ଷରୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ସମଗ୍ର ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ପ୍ରତିବର୍ଷ କୁମାରପୂର୍ଣ୍ଣିମାଠାରୁ ଦୀର୍ଘ ୧୦ ଦିନ ଧରି ଏହି ପୂଜା ଅନୁଷ୍ଠିତ ହୋଇଥାଏ। କୋରିଆଁ ବାଇପାସଠାରୁ କଲେଜ ବାଇପାସ ପର୍ଯ୍ୟନ୍ତ ଦୀର୍ଘ ପାଞ୍ଚ କିଲୋମିଟର ମଧ୍ୟରେ ୩୮ଟି ପୂଜାମଣ୍ଡପରେ ମାଆ ଲକ୍ଷ୍ମୀ ପୂଜା ପାଇଥାନ୍ତି। ରାସ୍ତା ତମାମ ଝଲମଲ ଆଲୋକସଜ୍ଜା ସାଙ୍ଗକୁ ଦୋକି, ମିନାବଜାର, ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ ସବୁକିଛି ବିକ୍ରି ହୋଇଥାଏ। ପୂଜାରେ ଲକ୍ଷାଧିକ ଦର୍ଶକଙ୍କ ଭିଡ ରହିଥାଏ। ବିଭିନ୍ନ ପୂଜାମଣ୍ଡପ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଦୀର୍ଘବର୍ଷ ଧରି ଚାଲିଥିବା ଏହି ପୂଜାକୁ ରାଜ୍ୟ ସରକାର ରାଜ୍ୟ ମାନ୍ୟତା ଦେଇଛନ୍ତି। ଏହା ଜଣାପଡ଼ିବା ପରେ ସହର ତଥା ଢେଙ୍କାନାଳବାସୀଙ୍କ ମଧ୍ୟରେ ଖୁସିରଲହରୀ ଖେଳିଯାଇଛି।

## କପିଳାସ ପୀଠରେ ନବରାତ୍ରୀ ପୂଜା

ଗଁଦିଆ,୨୩।୯ (ସମିସ): ଢେଙ୍କାନାଳ ପ୍ରସିଦ୍ଧ ଶୈବପୀଠ କପିଳାସରେ ମା' ଦୁର୍ଗାଙ୍କ ନବରାତ୍ରୀ ପୂଜା ପାଳିତ ହୋଇଛି। ଶ୍ରଦ୍ଧାଳୁଙ୍କ ସମାଗମରେ ପୀଠ ଉତ୍ସବମୁଖର ହୋଇଥିଲା। ପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଙ୍କ ମନ୍ଦିର ଦକ୍ଷିଣପାର୍ଶ୍ୱରେ ଥିବା ପାର୍ବତୀ ମନ୍ଦିରରେ ମା' ମହିଷାମର୍ଦ୍ଦିନୀ ଦୁର୍ଗା ପୂଜା ପାଇ ଆସୁଛନ୍ତି। ପୁରୁଷୋତ୍ତମ ଦେବ କାଞ୍ଚି ବିଜୟ କରିସାରିବା ପରେ କାଞ୍ଚିରୁ ବଟଗଣେଶଙ୍କ ସମେତ କଳା ମୁଗୁନିପଥରରେ ନିର୍ମିତ ଚତୁର୍ଭୁଜା ମୂର୍ତ୍ତି ମହିଷାମର୍ଦ୍ଦିନୀ ଦୁର୍ଗାଙ୍କୁ ଆଣିଥିଲେ। ବଟଗଣେଶଙ୍କୁ ପୁରୀ ଶ୍ରୀମନ୍ଦିରରେ ଅବସ୍ଥାପିତ କରାଯାଇ ଥିବାବେଳେ ମା' ଦୁର୍ଗାଙ୍କୁ କପିଳାସ ପୀଠରେ ଅବସ୍ଥିତ କରିଥିଲେ। ଏହାକୁ ଅନେକ ପାର୍ବତୀ ଦେବୀ ବୋଲି ଜାଣିଥାନ୍ତି। ସେହିଦିନରୁ କପିଳାସ ପୀଠରେ ନବରାତ୍ର ପୂଜା ବହୁ ଆଡମ୍ବର ସହକାରେ ପାଳିତ ହୋଇଥାଏ। ପାର୍ବତୀଙ୍କ ମନ୍ଦିରରେ ମହିଷାମର୍ଦ୍ଦିନୀ ଦୁର୍ଗାଙ୍କ ସମେତ ନାରାୟଣଙ୍କର ନୃସିଂହ ଅବତାର ମୂର୍ତ୍ତି ମଧ୍ୟ ପୂଜା ପାଇଥାନ୍ତି। ଯାହାକି ଏକ ବିରଳ ପ୍ରଥା ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। କପିଳାସ ପୀଠ ପୁରୋଧା ପଣ୍ଡିତ ଗଣେଶ୍ୱର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟ ନିରୀକ୍ଷକଙ୍କ ବସନ୍ତ ରଥ ପରିଚାଳନା କରିଥିଲେ।



## ଦୁର୍ଗା କମିଟିର ନବରାତ୍ରୀ ପୂଜା

ଢେଙ୍କାନାଳ,୨୩।୯ (ସମିସ): ସ୍ଥାନୀୟ ରାଧାକୃଷ୍ଣ ବଜାର ଦୁର୍ଗା ପୂଜା କମିଟି ପକ୍ଷରୁ ନବରାତ୍ରୀ ପୂଜା ପାଳିତ ହୋଇଯାଇଛି। ପୂଜା ଆରମ୍ଭ ହୋଇ ଆସନ୍ତା ମାସ ୧ ତାରିଖ ଦିନ ପୂର୍ଣ୍ଣାହୁତି ଏବଂ ୨ ତାରିଖ ଦିନ ବିଜୟା ଦଶମୀ ପୂଜା କରାଯିବ। ଏହି ଉପଲକ୍ଷେ ପ୍ରାତଃରୁ କଳସଯାତ୍ରା କରାଯାଇ ଅଧିବାସ ପୂଜା ଆରମ୍ଭ ହୋଇଥିଲା। ମା'ଙ୍କୁ ଚକ୍ଷୁ ଦାନ, ଷୋଡ଼ଶ ଉପଚାରରେ ପୂଜା କରାଯାଇ ଅଗ୍ନି ସ୍ଥାପନ କରାଯାଇଥିଲା। ପ୍ରତ୍ୟେକ ଦିନ ସୂର୍ଯ୍ୟ ପୂଜା, ମା'ଙ୍କର ନୀତି ପୂଜା, ଚଣ୍ଡୀପାଠ, ସପ୍ତଚଣ୍ଡୀରେ ଆହୁତି ଓ ସନ୍ଧ୍ୟା ସମୟରେ ୧୦୮ ଆଳତି କରାଯିବ। ମା'ଙ୍କ ପାଖରେ ନୀତି ଭୋଗ ଲାଗି କରାଯିବ। ରାଧାକୃଷ୍ଣ ବଜାର ପୂଜା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି ପୂଜାର୍ଚ୍ଚନା ଚାଲିଛି।



## ମା' ବନଦୁର୍ଗାଙ୍କ ବ୍ରହ୍ମଚାରିଣୀ ବେଶ



ଢେଙ୍କାନାଳ,୨୩।୯ (ସମିସ): କୁଞ୍ଜକାନ୍ତସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ଶାରଦୀୟ ନବରାତ୍ରୀ ପୂଜା ଆରମ୍ଭ ହୋଇଯାଇଛି। ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲହାର ଓ ଭୋଗ ଲାଗି ହୋଇଥିଲା। ୨ୟ ଦିବସରେ ବ୍ରହ୍ମଚାରିଣୀ ବେଶ ଅନୁଷ୍ଠିତ ହେବାସହ ଷୋଡ଼ଶ ଉପଚାରରେ ପୂଜା ହୋଇଥିଲା। ପୂଜକ କାମାକ୍ଷା ପ୍ରସାଦ କରଶର୍ମା, ଚିତ୍ତରଞ୍ଜନ ଦାସ ଶର୍ମା, ମନ୍ଦିର ପୂଜକ ସୂର୍ଯ୍ୟକାନ୍ତ ମିଶ୍ର ଶର୍ମା, କର୍ତ୍ତା ସୁଶ୍ରୀ ରଞ୍ଜନ ପାଣି, ମିନତୀ ପାଣି, ଦେବାଶିଷ ମହାପାତ୍ର, ମୌସୁମୀ ପଣ୍ଡିତ ଏବଂ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଶାରଦୀୟ ପୂଜା ଅନୁଷ୍ଠିତ ହୋଇଥିଲା।

## ମା' ତାରିଣୀଙ୍କ ବ୍ରହ୍ମଚାରିଣୀ ବେଶ

ଢେଙ୍କାନାଳ,୨୩।୯ (ସମିସ): ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡସ୍ଥିତ ମା' ତାରିଣୀଙ୍କ ପୀଠରେ ଶାରଦୀୟ ନବରାତ୍ରୀ ପୂଜା ଆରମ୍ଭ ହୋଇଯାଇଛି। ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ଫୁଲହାର ଓ ବିଭିନ୍ନ ପ୍ରକାରର ଭୋଗ ଲାଗି ହୋଇଥିଲା। ମଧ୍ୟାହ୍ନରେ ମହାସ୍ନାନ କରାଯାଇ ବ୍ରହ୍ମଚାରିଣୀ ବେଶ ଅନୁଷ୍ଠିତ ହୋଇଥିଲା। ଷୋଡ଼ଶ ଉପଚାରରେ ପୂଜା କରାଯାଇ ୧୦୦୮ ବେଲପତ୍ର ଲାଗି ହୋଇଥିଲା। ମଣ୍ଡଳ ପୂଜା, କଳସ ପୂଜା, ସପ୍ତଚଣ୍ଡୀ ପାଠ, ସପ୍ତଚଣ୍ଡୀରେ ଆହୁତି, ସନ୍ଧ୍ୟା ବେଳେ ଆଳତୀ ପରେ ପହଡ଼ ପଡିଥିଲା। ପୂଜକ ଲିଙ୍ଗରାଜ ପତି ଶର୍ମା, ମନ୍ଦିର ପୂଜକ ଆପୁଲ ରଣା ଓ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ମା' କନକଦୁର୍ଗାଙ୍କ ଗାୟତ୍ରୀ ଦେବୀ ବେଶ



ଢେଙ୍କାନାଳ,୨୩।୯ (ସମିସ): ସ୍ଥାନୀୟ ଦେଉଳସାହି ଜୁବୁଲି ଟାଉନ ସ୍ଥିତ ମା' କନକଦୁର୍ଗାଙ୍କ ମନ୍ଦିରରେ ଶାରଦୀୟ ନବରାତ୍ରୀ ପୂଜା ଆରମ୍ଭ ହୋଇଯାଇଛି। ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ, ଭୋଗ ଲାଗି ହୋଇଥିଲା। ନବରାତ୍ରୀର ୨ୟ ଦିନରେ ମା'ଙ୍କ ଗାୟତ୍ରୀ ଦେବୀ ବେଶ ଅନୁଷ୍ଠିତ ହୋଇଥିଲା। ସକାଳ ୯ଟା ୩୦ରେ ପଣାଭୋଗ, ୧୦ଟା ବେଳେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନଧୂପ ଏବଂ ପ୍ରତ୍ୟେକ ଦିନ ସୂର୍ଯ୍ୟ ପୂଜା, କଳସ ପୂଜା, ମଣ୍ଡଳ ପୂଜା ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ପାଠ ଓ ସପ୍ତଚଣ୍ଡୀରେ ଆହୁତି ଅର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ଆଳତି ଏବଂ ରାତିରେ ବଡସିଂହାର ଭୋଗଲାଗି ହୋଇଥିଲା। ୯ ଦିନ ଧରି ଏହି ପୂଜା ଚାଲିବ ବୋଲି ସୂଚନା ମିଳିଛି।

## ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟାଙ୍କ ପରଲୋକ

କାମାକ୍ଷାନଗର,୨୩।୯ (ସମିସ): କଙ୍କଡାହାଡ଼ ବ୍ଲକ ଘାଗରାମୁଣ୍ଡା ପଞ୍ଚାୟତ ଅଧୀନ ଅସନବାହାଳି ଗ୍ରାମର ସୁବର୍ଣ୍ଣ ସାହୁ (୪୩)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ୨୦୧୨-୨୦୧୭ ଘାଗରାମୁଣ୍ଡା ପଞ୍ଚାୟତର ସରପଞ୍ଚ,୨୦୧୭-୨୦୨୨ ପର୍ଯ୍ୟନ୍ତ କଙ୍କଡାହାଡ଼ ଜୋନ-୧ର ଜିଲ୍ଲା ପରିଷଦ ସଦସ୍ୟା ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ବିୟୋଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ବିଜେପି ଜିଲ୍ଲା ସଭାପତି ରାସ ବିହାରୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ, କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ, ମହାବିରୋଡ଼ ମଣ୍ଡଳ ସଭାପତି ଜିତେନ୍ଦ୍ର କର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।



## ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ଓ ବାର୍ଷିକ ସମ୍ମିଳନୀ



ଢେଙ୍କାନାଳ,୨୩।୯ (ସମିସ): ଢେଙ୍କାନାଳ ଜିଲ୍ଲା ବଧିର ସଂଘ ପକ୍ଷରୁ ୬୮ତମ ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ଓ ୩୩ତମ ବାର୍ଷିକ ସମ୍ମିଳନୀ ପାଳିତ ହୋଇଯାଇଛି। ବଧିର ସଂଘର ଜିଲ୍ଲା ସଭାପତି ମନୋରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଷ୍ଟାଡିୟମ ଠାରୁ ଢେଙ୍କାନାଳ ବସଷ୍ଟାଣ୍ଡ ନିକଟ ଜିଲ୍ଲା ଲେଖକ ସଂସଦ ଯାଏଁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଅବସରରେ ସାଧାରଣ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବଧିରମାନଙ୍କୁ ହେୟଜ୍ଞାନ ନ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଓ ସେମାନଙ୍କର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରୁଚ ଚନ୍ଦ୍ର ସ୍ୱାଇଁ, ପରାମର୍ଶଦାତା ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ଅନୁପ ଶାନ୍ତି ସ୍ୱରୂପ ମିଶ୍ର, ସଂଘର ଉପସଭାପତି ରାଜେନ୍ଦ୍ର ନାରାୟଣ ସାମଲ, ଓଡିଶା ବଧିର ଆସୋସିଏସନର ଉପସଭାପତି ବିଶ୍ୱଜିତ ହୋତା, ଢେଙ୍କାନାଳ ସଂଘ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହି ବଧିରମାନେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇପାରିଛନ୍ତି। ସେମାନଙ୍କୁ ପ୍ରୋତ୍ସାହନ ଓ ସହଯୋଗ ମିଳିଲେ ସେମାନେ ଆହୁରି ଆଗକୁ ବଢିପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମର ବିବରଣୀ ସତ୍ୟଜିତ ମହାନ୍ତି ସାଙ୍କେତିକ ଭାଷାରେ ବଧିର ଭାଇଭଉଣୀ ସମ୍ମୁଖରେ ଉପସ୍ଥାପନ କରିଥିଲେ।

## ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥାପ୍ରସ୍ତାବ

ହିନ୍ଦୋଳ,୨୩।୯ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ୬୨ଜଣ ସରପଞ୍ଚ ଓ ସମିତି ସଭ୍ୟ ଅନାସ୍ଥା ପ୍ରସ୍ତାବ ଆଣିଥିବା ଜଣାପଡିଛି।

୬୨ଜଣ ସରପଞ୍ଚ ସମିତିସଭ୍ୟ ଆଜି ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକଙ୍କ ବିରୋଧରେ ଉପଜିଲ୍ଲାପାଳ ପ୍ରଭାସ ବେଉରାଙ୍କୁ ଭେଟି ଦେଇଛନ୍ତି। ଅନାସ୍ଥା ପ୍ରସ୍ତାବକୁ ଉପଜିଲ୍ଲାପାଳ ଗ୍ରହଣକରି ସରକାରଙ୍କ ନିକଟକୁ ବିଚାରପାଇଁ ପଠାଇଦେଇଛନ୍ତି। ବ୍ଲକ ଉପାଧ୍ୟକ୍ଷ ବରୁଣ ସର ଓ ସମିତିସଭ୍ୟ ପ୍ରିୟରଞ୍ଜନ ମାହନ୍ତଙ୍କ ନେତୃତ୍ୱରେ ଏହି ଅନାସ୍ଥାପ୍ରସ୍ତାବ ଦିଆଯାଇଛି।

## ଗାୟତ୍ରୀ ଶକ୍ତିପୀଠରେ ମହାନବମୀ ପୂଜା

ଢେଙ୍କାନାଳ,୨୩।୯ (ସମିସ): କୈବଲ୍ୟ ବଜାରସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ୯ଦିନ ପର୍ଯ୍ୟନ୍ତ ନବରାତ୍ର ଉତ୍ସବ ମହାସମାରୋହରେ ପାଳିତ ହେବ। ନବମୀ ଦିନ ପୂର୍ଣ୍ଣାହୁତି ହୋଇ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ସଂଯୋଜକ ଶିବପ୍ରସାଦ ଶତପଥୀ, ସନ୍ତୋଷ କୁମାର ଅଗ୍ରୱାଲ, ଗୋପୀନାଥ ସାହୁ, ଦେବରାଜ ସାହୁ, ବସନ୍ତ ମଞ୍ଜରୀ ମିଶ୍ର, ସୁକାନ୍ତି ସାହୁଙ୍କ ସହଯୋଗରେ ପୂଜା ସମ୍ପାଦନ କରାଯାଉଛି।



## ପଞ୍ଚାୟତ ଡ୍ରାଇଭର ସଂଘର ବୈଠକ



ପରଜଙ୍ଗ,୨୩।୯ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଡ୍ରାଇଭର ସଂଘର ବୈଠକ ଅନୁଷ୍ଠିତ ହେବାସହ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। କମିଟିର ନିଷ୍ପତ୍ତି ଅନୁଯାୟୀ କିପରି ପ୍ରତ୍ୟେକ କାର୍ଯ୍ୟଗୁଡ଼ିକ ସୁଚାରୁ ରୂପେ ପରିଚାଳିତ ହେବ ସେଥିପାଇଁ ପ୍ରତି ପଞ୍ଚାୟତରେ କମିଟି ଗଠନ କରାଯାଇଛି। ରାଜ୍ୟ ଡ୍ରାଇଭର ମହାସଂଘ ସହିତ ଅନୁବନ୍ଧିତ ହୋଇ ରହିଥିବା ପରଜଙ୍ଗ ବ୍ଲକ ଡ୍ରାଇଭର ସଙ୍ଘ ଆଜି ପର୍ଯ୍ୟନ୍ତ ବଳବତ୍ତର ହୋଇରହିଛି। ପରିପ୍ରେକ୍ଷୀରେ ବ୍ଲକର ମୁଣ୍ଡେଇଲୋ ପଞ୍ଚାୟତ ଡ୍ରାଇଭର ସଙ୍ଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଡ୍ରାଇଭର ସଙ୍ଘ ସଭାପତି ସନ୍ତୋଷ କୁମାର ବର୍ମାଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ସର୍ବେଶ୍ୱର ସାହୁ, ଉପଦେଷ୍ଟା ଭରତ ପରିଡା ଓ କମଳ କିଶୋର ସାହୁ ଉପସ୍ଥିତ ଥିଲେ। ସେହିପରି ମୁଣ୍ଡେଇଲୋ ପଞ୍ଚାୟତ ସଭାପତି ରାଜ କିଶୋର ପରିଡା, ସମ୍ପାଦକ ଜିତେନ୍ଦ୍ର ପରିଡା, କୋଷାଧ୍ୟକ୍ଷ କାମାକ୍ଷା ପ୍ରସାଦ ନାୟକ, ଉପସଭାପତି ଶିବ ନାୟକ, ସହ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ,ଉପଦେଷ୍ଟା କୃଷ୍ଣଚନ୍ଦ୍ର ବେହେରା ସମେତ ୩୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଉପସ୍ଥିତ ଥିଲେ। ଶେଷରେ ବ୍ଲକ ସଂଘ ସଭାପତି ସନ୍ତୋଷ କୁମାର ବର୍ମା ସମସ୍ତ ଡ୍ରାଇଭର ଭାଇମାନଙ୍କ ସହଯୋଗକୁ ପ୍ରଶଂସା କରିଥିଲେ।

## ମହିମା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର




ଯୋରନ୍ଦା,୨୩।୯ (ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହିମା ମହାବିଦ୍ୟାଳୟଠାରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଶୁଳ୍କ ଅସ୍ଥିରତା ଓ ଭାରତ ଆମେରିକା ବୈଦେଶିକ ସମ୍ପର୍କ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରହଲ୍ଲାଦ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧ୍ୟାପକ ଡଃ ଦିଲ୍ଲୀପ କୁମାର ମଲ୍ଲିକ ଯୋଗଦେଇ ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ଭାରତ ଓ ଆମେରିକା ମଧ୍ୟରେ ଗଢି ଉଠିଥିବା ବୈଦେଶିକ ସମ୍ପର୍କ ବିଷୟରେ ବିଷଦ ଆଲୋଚନା କରିଥିଲେ। ମହିମା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ମୁଖ୍ୟ ଜ୍ୟୋତି ରଞ୍ଜନ ଦଳେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ଅଧ୍ୟାପିକା ଗୀତାଞ୍ଜଳୀ ମହାରଣା ଆଲୋଚ୍ୟ ପ୍ରସଙ୍ଗ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଯୁକ୍ତତିନି ୩ୟ ବର୍ଷର ଛାତ୍ରୀ ସୁନୀତା ପ୍ରଧାନ ଶୀର୍ଷକ ସମ୍ବନ୍ଧରେ ଗବେଷଣାତ୍ମକ ନିବନ୍ଧ ପାଠ କରିଥିଲେ। ଅଧ୍ୟାପକ ଚନ୍ଦନ ସାସମଲ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ ଅଧ୍ୟାପକ ଡ. ଆଇ. ଶିବ ସୁନ୍ଦର, ମନୋରଞ୍ଜନ ରଣା, ଜମ୍ବେଶ୍ୱର ବେହେରା, ଅଧ୍ୟାପିକା ଆୟେଶା ତ୍ରିପାଠୀ, ସୁଭସ୍ମିତା ସାହୁ ଓ ଅର୍ଚ୍ଚନା ଷେଣ୍ଢେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ

# ଛାତ୍ର ସଂସଦ ନିର୍ବାଚନ ଦାବିରେ ପ୍ରିନ୍ସିପାଲଙ୍କୁ ଘେରିଲା ଏବିଭିପି



ଢେଙ୍କାନାଳ,୨୩।୯ (ସମିସ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ଦାବିରେ ଏବିଭିପିର ଛାତ୍ରମାନେ ପ୍ରିନ୍ସିପାଲଙ୍କୁ ଘେରଉ କରିଥିବାର ଜଣାପଡିଛି। ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପ୍ରଦାନ କରି ଏବିଭିପି ଛାତ୍ରମାନେ ଦାବି ନ ମାନିଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନର ଚେତାବନୀ ଦେଇଛନ୍ତି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଢେଙ୍କାନାଳ ଜିଲ୍ଲା କ୍ୟାମ୍ପସ ୟୁନିଟର କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ କ୍ୟାମ୍ପସର ସମସ୍ତ ପ୍ରକାର ସମସ୍ୟା ବିଷୟରେ କଲେଜରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରାଯାଇଥିଲା। ସେଗୁଡିକ ହେଲା- ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଉ, କ୍ୟାମ୍ପସ ପାଇଁ ଉପଯୁକ୍ତ ସୁରକ୍ଷା ଏବଂ ହଷ୍ଟେଲ ଓ କ୍ୟାମ୍ପସ ମଧ୍ୟରେ ଅଣଛାତ୍ର ପ୍ରବେଶ ଉପରେ ଅଙ୍କୁଶ ଲଗାଇବା, କଲେଜର ଉପଯୁକ୍ତ ପରିମଳକରଣ ସହିତ ପୁଅ ଏବଂ ଝିଅ ଉଭୟଙ୍କ ପାଇଁ ସଫା ଶୌଚାଳୟ ଓ କମନରୁମ ଆବଶ୍ୟକ। ପାଠାଗାରରେ ପର୍ଯ୍ୟାପ୍ତ ପୁସ୍ତକ ସହିତ ଇ-ଲାଇବ୍ରେରୀ ସ୍ଥାପନ ଓ ପୋଷ୍ଟମାଟ୍ରିକ ମେଧାବୃତ୍ତି ଠିକ ସମୟରେ ନ ମିଳିବା କାରଣରୁ ବହୁତ ଗରିବ ବିଦ୍ୟାର୍ଥୀ କଷ୍ଟ ଅନୁଭବ କରୁଛନ୍ତି। ଏହାଉଚିତ ସମୟ ମଧ୍ୟରେ ପ୍ରଦାନ କରାଯିବା ଉଚିତ। କ୍ରୀଡ଼ା କ୍ଷେତ୍ରରେ ପ୍ରୋତ୍ସାହନ, କଲେଜରେ ଖେଳପଡିଆର ଉନ୍ନତିକରଣ, ଜିମ ଓ ସ୍ପୋର୍ଟସ ସାମଗ୍ରୀ ପ୍ରଦାନ କରାଯାଉ। ଯାହା ମାନସିକ ଏବଂ ଶାରୀରିକ ବିକାଶରେ ସାହାଯ୍ୟ କରିବ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିମିତ କଲେଜ ପରିସରରେ ପର୍ଯ୍ୟାପ୍ତ ସିସିଟିଭି ବ୍ୟବସ୍ଥା କଲେ ଛାତ୍ରଛାତ୍ରୀ ଉପକୃତ ହୁଅନ୍ତେ। ଏଥିସହିତ ଦୀର୍ଘଦିନ ଧରି ବନ୍ଦ ଥିବା ଛାତ୍ର ସଂସଦ ନିର୍ବାଚନର ତାରିଖକୁ ତୁରନ୍ତ ଘୋଷଣା କରାଯାଉ। ଖାଲି ପଡିଥିବା ଶିକ୍ଷକ ଏବଂ ଅଣଶିକ୍ଷକ ପଦବୀ ଯଥା ଶିଘ୍ର ପୂରଣ କରାଯାଉ। କଲେଜର ଜମି କଲେଜ ନାମରେ ଯଥା ଶୀଘ୍ର ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି କଲେଜ ଅଧ୍ୟକ୍ଷଙ୍କ ଜରିଆରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଏବିଭିପି ଦାବି ପ୍ରଦାନ୍ କରିଅଛି। ଏବିଭିପି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ୟାମ୍ପସ ୟୁନିଟ କଲେଜ ଅଧ୍ୟକ୍ଷଙ୍କୁ ଭେଟିଥିଲେ। କଲେଜ ଅଧ୍ୟକ୍ଷ ଏହି ଦାବିପତ୍ରକୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଜରିଆରେ ଉପରସ୍ତ ଅଧିକାରୀଙ୍କୁ ପଠାଇବେ ବୋଲି ଆଶ୍ୱାସନା ଦେଇଛନ୍ତି। କ୍ୟାମ୍ପସର ଏହି ସବୁ ଦାବି ଯଦି ଯଥା ଶୀଘ୍ର ପୂରଣ ନ କରାଗଲା ଆଗାମୀ ଦିନରେ ରାଜରାସ୍ତାରେ ଆନ୍ଦୋଳନ କରିବ ଏବିଭିପି ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।

## ଆଦି କର୍ମଯୋଗୀ ଅଭିଯାନ ଓ ତାଲିମ ଶିବିର




ଢେଙ୍କାନାଳ,୨୩।୯ (ସମିସ): ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ସହାୟତାରେ ଜିଲ୍ଲା ପ୍ରଶାସନ ତରଫରୁ ଆଦି କର୍ମଯୋଗୀ ଅଭିଯାନ ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକର କାଙ୍କଡପାଳ ଗ୍ରାମ ପଞ୍ଚାୟତର ସରଖିଆ, କାଇମାଟି ପଞ୍ଚାୟତର ଚୋଳାପଲି, ମଧୁସାହୁପାଟଣା ପଞ୍ଚାୟତର ବିମ୍ବୋଳ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ପ୍ରଶିକ୍ଷକ ଭାବେ ନ୍ୟୁ ଇଣ୍ଡିଆ ଅନୁଷ୍ଠାନର ସମ୍ପାଦକ ଶେଷଦେବ ରାଉତ ତାଲିମ ମାଧ୍ୟମରେ ଆଦିବାସୀମାନଙ୍କୁ ମିଳୁଥିବା ସରକାରୀ ସହାୟତା, ଆଦିବାସୀ ଗ୍ରାମାଞ୍ଚଳରେ ଦୃଷ୍ଟିକୋଣ ନିର୍ମାଣର ପରିଚୟ ପ୍ରକ୍ରିୟା ଏବଂ କେନ୍ଦ୍ରୀୟ ଗୋଷ୍ଠୀ ଆଲୋଚନା ଦୃଷ୍ଟିକୋଣ ନିର୍ମାଣରେ ପ୍ରକ୍ରିୟାରେ ସିଏସଓର ଭୂମିକା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଗୁଡିକରେ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସ୍କୁଲ ଶିକ୍ଷକ, ଆଶା, ଅଙ୍ଗନବାଡି, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ଗ୍ରାମର ସାମାଜିକ ମାନଚିତ୍ର, ଆକ୍ସନ ପ୍ଲାନ ପ୍ରସ୍ତୁତି କରାଯିବାସହ ଗ୍ରାମର ଆଦି ସେବା କେନ୍ଦ୍ର ପ୍ରତିଷ୍ଠା କରାଯାଇ ସହାୟକ ଓ ସାଥି ଚୟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ନ୍ୟୁ ଇଣ୍ଡିଆ ଅନୁଷ୍ଠାନର କର୍ମକର୍ତ୍ତା ଓ ଜିଲ୍ଲା ମଙ୍ଗଳ ବିଭାଗର କର୍ମଚାରୀ କବିରାଜ ସାହୁ ପରିଚାଳନା କରିଥିଲେ।

GANDHI +2 SCIENCE COLLEGE
Walk-in-Interview Date : 26 & 27/09/2025, 08 & 13/10/2025 Time : 10 AM

| POST | QUALIFICATION | EXPERIENCE | AGE LIMIT |
|---|---|---|---|
| Data Entry Operator (2-M/F) | Min. Graduation/ MCA | Min. 2 yrs | 25-40 yr. |
| Accountant (2-M/F) | Min. Graduation | Min. 3 yrs | 30-50 yr. |
| Admission Counsellor (2-M/F) | Min. Graduation/MBA | Min. 3 yrs | 25-40 yr. |
| Front Office Executive (2-M/F) | Min. Graduation/MBA | Min. 2 yrs | 25-40 yr. |
| Admission In charge (2-M/F) | Min. Graduation | Min. 3 yrs | 30-45 yr. |
| Marketing Executive (5-M/F) | Min. Graduation | Min. 2 yrs | 25-50 yr. |
| Academic Co-ordinator (2-M/F) | Min. Graduation | Min. 2 yrs | 25-40 yr. |
| Senior Management Staff (3-M/F) | Min. Graduation | Min. 5 yrs | 35-50 yr. |
| Junior Lect. (All Department) | Min. P.G | Min. 2 yrs | 25-30 yr. |
| Telecaller (2-F) | Min. Graduation | Min. 1 yr | 25-40 yr. |
| Hostel Warden (4-M/F) | Min. +2 | Min. 2 yrs | 30-50 yr. |
| Cook & Helper (4-M) | | | |
| Driver (2-M) | Should have Licence | | |

Send your Bio-Data By Whatsapp/ By Hand & Come for Interview
Call & Whatsapp : 9439363437, 8144040281
Shantikanan Lane, Mallikashpur, Balasore
New Campus : Tarini Chhak, Mathasahi Near Nayanakumari School, Balasore

ସକାଳ THE SAKALA



# ସରିଲା ପାରାଦୀପ ବିଶ୍ୱକର୍ମା ପୂଜା; ଆଜି ଭସାଣି

ପାରାଦୀପ, ୨୩।୯ (ସମିସ)

ରାଜ୍ୟ ପ୍ରସିଦ୍ଧ ପାରାଦୀପ ବିଶ୍ୱକର୍ମା ପୂଜା ଆଜି ଶେଷ ହୋଇଛି। ୭ ଦିନ ଧରି ଚାଲିଥିବା ଏହି ପ୍ରସିଦ୍ଧ ପୂଜା ଶାନ୍ତିଶୃଙ୍ଖଳାର ସହିତ ପ୍ରାୟତଃ ଶେଷ ହୋଇଛି। ଆଜି ଶେଷ ସନ୍ଧ୍ୟାରେ ପୂଜାରେ ଭାଗନେଇଥିବା କମିଟି ମଧ୍ୟରେ ସର୍ବୋତ୍କୃଷ୍ଟ ବଛାଯାଇଥିଲା। ତୋରଣରେ ପାରାଦୀପ ଟ୍ରକ୍ ମାଲିକ ସଙ୍ଘ ପ୍ରଥମ ହୋଇଥିବାବେଳେ ଡମ୍ଫର ମାଲିକ ସଙ୍ଘ ଦ୍ୱିତୀୟ ଓ ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ ଓ ବନ୍ଦର ଇଞ୍ଜିନିୟରିଂ ଡିପାର୍ଟମେଣ୍ଟ ପିଏଚଡି ତୃତୀୟ ସ୍ଥାନରେ ରହିଛି। ସେହିପରି ମୂର୍ତ୍ତିରେ ଭାରତୀୟ ବନ୍ଦର ମଜଦୂର ୟୁନିଅନ ପ୍ରଥମ, ପାରାଦୀପ ଟ୍ରକ ମାଲିକ ସଙ୍ଘ ଦ୍ୱିତୀୟ ଓ ଓମ୍ପା ତୃତୀୟ ହୋଇଛି। ଏଥିସହ ଆଲୋକ ସଜ୍ଜାରେ ଓମ୍ପା ପ୍ରଥମ, ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ ଦ୍ୱିତୀୟ, ଡମ୍ଫର ତୃତୀୟ ସ୍ଥାନ ଅଧିକାର କରିଛି। ଶୃଙ୍ଖଳା ଓ ସାମାଜିକ ବାର୍ତ୍ତା ପ୍ରସାର ବିଭାଗରେ ପାରାଦୀପ ଟ୍ରକ ମାଲିକ ସଙ୍ଘ ପ୍ରଥମ, ବନ୍ଦର ଇଞ୍ଜିନିୟରିଂ ଡିପାର୍ଟମେଣ୍ଟ ଆଣ୍ଡ ପିଏଚଡି ଓ ଭାରତୀୟ ବନ୍ଦର ମଜଦୂର ୟୁନିଅନ ଦ୍ୱିତୀୟ ଓ ବନ୍ଦର ଏଲେକ୍ଟ୍ରିକାଲ ଡିଭିଜନ ତୃତୀୟ ସ୍ଥାନରେ ରହିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣରେ ଭାରତୀୟ ବନ୍ଦର ମଜଦୂର ୟୁନିଅନ ପ୍ରଥମ, ପାରାଦୀପ ଟ୍ରକ ମାଲିକ ସଙ୍ଘ ଦ୍ୱିତୀୟ ଓ ଜଗନ୍ନାଥ ଟ୍ରକ ମାଲିକ ସଙ୍ଘକୁ ତୃତୀୟ ଭାବେ ପୁରସ୍କୃତ କରାଯାଇଛି।



ତୋରଣରେ ପାରାଦୀପ ଟ୍ରକ୍ ମାଲିକ ସଙ୍ଘ ପ୍ରଥମ

ଆଜି ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସାଂସଦ ବିଭୁପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ପାରାଦୀପ ଏଡିଏମ ନିରଞ୍ଜନ ବେହେରା, ଏଏସ୍‌ପି ସ୍ମୃତିରଞ୍ଜନ କର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ପୌର ପରିଷଦର ସମସ୍ତ ପାରିଷଦ ଯୋଗ ଦେଇଥିଲେ। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏହି ଉତ୍ସବକୁ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ସ୍ୱାଇଁ ଚଳିତ ବର୍ଷ ଆୟୋଜିତ ପ୍ରସିଦ୍ଧ ବିଶ୍ୱକର୍ମା ପୂଜାର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ପୂଜା ମଣ୍ଡପକୁ ପୁରସ୍କୃତ କରିଥିଲେ। ଆଜି ଶେଷରେ ଜନଗହଳି ଅଧିକ ଥିଲା।



ଶାରଦୀୟ ଦୁର୍ଗାପୂଜାର ଦଶମ ସନ୍ଧ୍ୟାରେ ମା' ଶାରଳାଙ୍କ ସ୍ୱତନ୍ତ୍ର ବେଶ

## ଦୁର୍ଘଟଣାରେ ଜଣେ ମୃତ

**ବାଲିକୁଦା, ୨୩।୯ (ସମିସ):** କଣିଆ-ମାଛଗାଁ ମୁଖ୍ୟ ରାସ୍ତାର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆଜି ସକାଳ ପ୍ରାୟ ୧୧ଟା ୩୦ ମିନିଟ ସମୟରେ ଏକ ଟାଟା ଏସି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଯୁବକ ଗୁରୁତର ହୋଇ ଜଗତସିଂହପୁର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ତରାସାହି ପଞ୍ଚାୟତ କୂଳସାହି ଗ୍ରାମର ଆନନ୍ଦ ଦଲାଇ ଓ ନାରାୟଣ ପରିଡ଼ା କୌଣସି କାମରେ ସ୍କୁଟିରେ ବାଲିକୁଦା ଯାଉଥିବାବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଟାଟା ଏସି ଗାଡ଼ି ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ଥିବା ୨ ଯୁବକ ଗୁରୁତର ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଜଗତସିଂହପୁର ମେଡିକାଲ ପଠାଯାଇଥିଲା। ସେଠାରେ ଡାକ୍ତର ନାରାୟଣ ପରିଡ଼ାଙ୍କ ମୃତ ଘୋଷଣା କରିଥିଲେ। ଆନନ୍ଦଙ୍କ ଚିକିତ୍ସା ଜାରି ରହିଛି।

## ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର


**କୁଜଙ୍ଗ, ୨୩।୯ (ସମିସ):** ଗତକାଲି ବିଳମ୍ବିତ ରାତିରେ ତାଳଦଣ୍ଡାଠାରେ ଦୁର୍ଘଟଣାରେ ଜଣେ ମାନସିକ ବିକାଗ୍ରସ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ କୁଜଙ୍ଗ ଥାନା ମହ୍ଲାସାହି ପଞ୍ଚାୟତ ମଧୁପୁର ଗ୍ରାମର ରବୀନ୍ଦ୍ର ବାରିକ( ୫୧) ବୋଲି ଜଣାପଡ଼ିଛି। ରବୀନ୍ଦ୍ର ବାରିକ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଅଟନ୍ତି। ସେ ମଜୁରି ଲାଗି ପରିବାର ପ୍ରତିପୋଷଣ କରନ୍ତି। ଗତକାଲି ସେ ବିଳମ୍ବିତ ରାତିରେ ତାଳଦଣ୍ଡା ବଜାରରୁ ଘରକୁ ଫେରୁଥିବା ସମୟରେ ଏକ ଦ୍ରୁତଗାମୀ ବୁଲେଟ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି କୁଜଙ୍ଗ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। କଟକ ଯିବା ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ମିଶନ ଶକ୍ତି ମହିଳାଙ୍କ ଧାରଣା



**କୁଜଙ୍ଗ, ୨୩।୯ (ସମିସ):** ମିଶନ ଶକ୍ତି ବିଭାଗ ପକ୍ଷରୁ ନିଯୁକ୍ତି ପାଇଥିବା ଗୋଷ୍ଠୀ ସହାୟିକା କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। କୁଜଙ୍ଗ ଥାନା ଅଧିକାରୀ ବଂଶୀଧର ପ୍ରଧାନ ପହଞ୍ଚି ବୁଝାସୁଝା କରିବା ପରେ ବ୍ଲକ ଫାଟକରୁ ଅବରୋଧ ହଟିଥିଲା। ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ବିଭିନ୍ନ କାର୍ଯ୍ୟରେ ସହାୟତା କରିବାକୁ ମିଶନ ଶକ୍ତି ପକ୍ଷରୁ ପଞ୍ଚାୟତ ସ୍ତରରେ ଏମବିକେ, ସିଆରପି, ବ୍ୟାଙ୍କମିତ୍ର, କୃଷିମିତ୍ର ଭାବେ ନିର୍ଦ୍ଦିଷ୍ଟ ପାରିଶ୍ରମିକରେ ନିଯୁକ୍ତି ପାଇଥିଲେ। ବର୍ତ୍ତମାନର ସରକାର ମାସିକ ପାରିଶ୍ରମିକ ପରିବର୍ତ୍ତେ ଆବଶ୍ୟକ କାର୍ଯ୍ୟ ଅନୁଯାୟୀ ପାରିଶ୍ରମିକ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନେ ୬ ମାସ ଧରି କୌଣସି ପାରିଶ୍ରମିକ ଗ୍ରହଣ କରିନାହାନ୍ତି। ସେମାନଙ୍କୁ ପୂର୍ବ ଭଳି ନିର୍ଦ୍ଧାରିତ ମାସିକିଆ ପାରିଶ୍ରମିକ ଦିଆଯିବା, ବକେୟା ଦରମା ପ୍ରଦାନ ଆଦି ଦାବି କରି ଧାରଣା ଦେଇଛନ୍ତି।

## ବହିଷ୍କୃତ ଅଧ୍ୟାପକଙ୍କ ଟ୍ରିବ୍ୟୁନାଲର ଦ୍ୱାରସ୍ଥ



**ବାଲିକୁଦା, ୨୩।୯ (ସମିସ):** ନକଲି ସାର୍ଟିଫିକେଟ ପ୍ରଦାନ ଅଭିଯୋଗରେ ୧୦ ଦିନ ପୂର୍ବେ ବହିଷ୍କୃତ ହୋଇଥିବା ବାଲିକୁଦା କଲେଜ ବାଣିଜ୍ୟ ବିଭାଗ ଅଧ୍ୟାପକ ସନ୍ତୋଷ ଶତପଥୀ ଏଜୁ୍ୟକେସନାଲ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ବିରୁଦ୍ଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ବେଆଇନ ଓ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛନ୍ତି। ଆବେଦନ ସଂଖ୍ୟା ୧୭/୨୫ର ଶୁଣାଣି କରି ଟ୍ରିବ୍ୟୁନାଲ ପକ୍ଷରୁ ଆସନ୍ତା ଅକ୍ଟୋବର ୬ ତାରିଖରେ ଏହାର ଶୁଣାଣି ପାଇଁ ଅଭିଯୋଗ ହୋଇଥିବା ୪ ପକ୍ଷ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ କମିଶନର, ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ, କଲେଜ ପରିଚାଳନା କମିଟି ଓ କଲେଜ ଅଧ୍ୟକ୍ଷଙ୍କୁ ହାଜିର ହୋଇ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବହିଷ୍କୃତ ଅଧ୍ୟାପକ ତାଙ୍କୁ ନ୍ୟାୟ ମିଳିବ ଓ ନ୍ୟାୟପାଳିକା ଉପରେ ମୋର ବିଶ୍ୱାସ ଥିବା ପ୍ରକାଶ କରିଛନ୍ତି।

## ନରେନ୍ଦ୍ର ବିଦ୍ୟାମନ୍ଦିରରେ ପୋଷାକ ବିତରଣ



**ରଘୁନାଥପୁର, ୨୩।୯ (ସମିସ):** ରଘୁନାଥପୁର ବ୍ଲକର ଗୋଠିଣା ଗ୍ରାମର ନରେନ୍ଦ୍ର ବିଦ୍ୟାମନ୍ଦିରରେ ଆଜି ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ରଶ୍ମୀପ୍ରଭା ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ପରମାନନ୍ଦ ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ରୂପେ ବରାଗୋଳ ସରପଞ୍ଚ ଶ୍ରୀମତୀ ଜୟନ୍ତୀ ଦାସ, ସମିତି ସଭ୍ୟ ଜିତେନ୍ଦ୍ର ମଲ୍ଲିକ, ପରିଚାଳନା କମିଟି ସଦସ୍ୟ ଅମୂଲ୍ୟ ମହାପାତ୍ର ଓ ପୁରାତନ ଛାତ୍ର କମିଟି ସଭାପତି ସୁବାସ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୋଷାକ ବିତରଣ କରିଥିଲେ। ଶିକ୍ଷକ କୁଞ୍ଜଲ ନାଗ, ଜଗାବଳିଆ ମିଶ୍ର, ଶିକ୍ଷୟିତ୍ରୀ ସୌଦାମିନୀ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

'ଡାକଘର' ତୋରଣକୁ ନେଇ ଚର୍ଚ୍ଚା

## ପୋଷ୍ଟାଲ ବିଭାଗର ବରିଷ୍ଠ ଅଧିକାରୀଙ୍କ ପରିଦର୍ଶନ

**ପାରାଦୀପ, ୨୩।୯ (ସମିସ):** ପାରାଦୀପ ଟ୍ରକ୍ ମାଲିକ ସଂଘ ପକ୍ଷରୁ ପାରାଦୀପ ବିଶ୍ୱକର୍ମା ପୂଜାରେ ନିର୍ମିତ ହୋଇଥିବା ଡାକଘର ତୋରଣକୁ ନେଇ ପାରାଦୀପ ବନ୍ଦରାଞ୍ଚଳରେ ଚର୍ଚ୍ଚା ହୋଇଛି। ଏହା ପାରାଦୀପ ଟ୍ରକ ମାଲିକ ସଂଘ ପାଇଁ ଗର୍ବ ଓ ଗୌରବର ଦିନ। ଏହାକୁ ଦେଖିବା ପାଇଁ ସରକାରଙ୍କ ପୋଷ୍ଟାଲ ବିଭାଗର ବରିଷ୍ଠ ଅଧିକାରୀ ଆଜି ପାରାଦୀପ ଟ୍ରକ ମାଲିକ ସଂଘର ବିଶ୍ୱକର୍ମା ପୂଜା ମେଢ଼ (ଡାକଘର) ପରିଦର୍ଶନ କରିଥିଲେ। ଏ ବର୍ଷର ପୂଜା ମେଢ଼କୁ ପୁରାପୁରି ପରିବେଶମିତ୍ର ସାମଗ୍ରୀ ବାଉଁଶ, କାଠ, ନଡ଼ିଆ, କଇଁଥ, ତାଳପତ୍ର, ଝୋଟ, କୋଇଲି ସୂତା ସହିତ ପ୍ଲାଷ୍ଟିକ ବ୍ୟବହାରକୁ ନିଷେଧ କରି ପ୍ରସ୍ତୁତ କରାଯାଇଛି। ଏହାକୁ ଦେଖିବା ପାଇଁ ବହୁ ଦର୍ଶକ କାହିଁ କେତେ ଦୂରରୁ ଛୁଟି ଆସିଥିଲେ। ସୁନ୍ଦର କାରୁକାର୍ଯ୍ୟକୁ ଦେଖି ଦର୍ଶକଙ୍କ ମନମୁଗ୍ଧ ହୋଇଥିଲେ। ଆୟୋଜକଙ୍କ ସମେତ ସମସ୍ତ କାରୀଗରଙ୍କୁ ଦର୍ଶକ ପ୍ରଶଂସା କରିଥିଲେ। ପୋଷ୍ଟାଲ ବିଭାଗର ଅଧିକାରୀ ଏହି 'ଡାକଘର ମେଢ଼' କରି ସୃଜନଶୀଳତା ଓ କାରୁକାର୍ଯ୍ୟକୁ ପ୍ରଶଂସା କରିବା ସହ ସଂଘର ସଭାପତି ଆଲୋକ ପରିଡ଼ାଙ୍କୁ ପ୍ରଶଂସାପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ପରେ ସଂଘ ପକ୍ଷରୁ ସମସ୍ତ କର୍ମକର୍ତ୍ତା ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।



## ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କର୍ମଶାଳା

**ଜଗତସିଂହପୁର, ୨୩।୯ (ସମିସ):** ସ୍ଥାନୀୟ ସର୍କିଟ ହାଉସରେ ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନର ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ସଞ୍ଜୟ ମହାନ୍ତି, ସତ୍ୟସାରଥି ମହାନ୍ତି, ରାଜକିଶୋର ବେହେରା ପ୍ରମୁଖ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମିଡ଼ିଆ ସେଲ ଅଧ୍ୟକ୍ଷ ଗଣେଶ ମହାନ୍ତିଙ୍କ ପରିଚାଳନାରେ ଜିଲ୍ଲା ସାଧାରଣ ସମ୍ପାଦକ ଯୁଗଳ କିଶୋର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଜିଲ୍ଲାର ଏକ ଟୋଲୀ ଗଠନ କରାଯାଇଛି। ଏଥିରେ ଯୁଗଳ ପ୍ରଧାନ, କନଭେନର, କୋକନଭେନର ବିନୋଦ ମହାନ୍ତି, ପ୍ରଶାନ୍ତ ସ୍ୱାଇଁ, ତରୁଣ ଦାସ ଓ ତାପସୀ ମଲ୍ଲିକ ପ୍ରଭୃତି ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହିଳା ମୋର୍ଚ୍ଚା ସଭାନେତ୍ରୀ କ୍ରିଷ୍ଣା ମହାନ୍ତି, ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋଇ, ଭବେନ୍ଦ୍ର ଦାସ, ଜିଲ୍ଲା ଉପସଭାପତି ସୌଭାଗ୍ୟ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ସୁବାସ ଜେନା, ଦୀପ୍ତିରେଖା ନାୟକ, ଜ୍ୟୋସ୍ନାରାଣୀ ବାରିକ, ସବିତ ସ୍ୱାଇଁ, ସ୍ନିଗ୍ଧାରାଣୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ତରୁଣ ଦାସ ଧନ୍ୟବାଦ ଦେଇଥିଲେ।

## ଏସଭିଏମ୍ କଲେଜରେ ଚିତ୍ରାଙ୍କନ ପ୍ରତିଯୋଗିତା

**ଜଗତସିଂହପୁର, ୨୩।୯ (ସମିସ):** ଜିଲ୍ଲା ପ୍ରଶାସନ ଓ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସହଯୋଗରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଉଚ୍ଚ ମାଧ୍ୟମିକ, ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀ ଓ ଜିଲ୍ଲାର ବିଭିନ୍ନ ବୃତ୍ତିଗତ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ। ପ୍ରାଧ୍ୟାପିକା ବନ୍ଦିତା ଦାସ, ଅଧ୍ୟାପିକା ଅମୃତା ମହାନ୍ତି, ଅଧ୍ୟାପିକା ଶୁଭଶ୍ରୀ ମହାନ୍ତି, ଅଧ୍ୟାପିକା ସୁନୀତା ସ୍ୱାଇଁ, ଅଧ୍ୟାପକ ଅମିତାଭ ସ୍ୱାଇଁ, ଅଧ୍ୟାପିକା ସ୍ୱାତୀ ପୁହାଣ, ଅଧ୍ୟାପିକା ବିଦ୍ୟୁତପ୍ରଭା ଦାସ, ଅଧ୍ୟାପକ ଜିତୁ ପ୍ରସାଦ ମଲ୍ଲିକ ଓ ଜିଲ୍ଲା ଚିକିତ୍ସାଳୟର ଅବସରପ୍ରାପ୍ତ ଚିତ୍ରଶିଳ୍ପୀ ସୁରେଶ ଚୌଧୁରୀ ବିଚାରକ ଥିଲେ। ଉଚ୍ଚମାଧ୍ୟମିକ ବର୍ଗରେ ରୁଦ୍ରପ୍ରସାଦ ପାତ୍ର ପ୍ରଥମ, ଶୁଭଶ୍ରୀ ମହାନ୍ତି ଦ୍ୱିତୀୟ ଓ ସମରେଶ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହାବିଦ୍ୟାଳୟ ସ୍ତରରେ ସୌରଭ ନାୟକ ପ୍ରଥମ, ଆକୃତି ପ୍ରିୟଦର୍ଶିନୀ କାଣ୍ଡି ଦ୍ୱିତୀୟ ଓ ଆନନ୍ଦ ମିର୍ଜା ତୃତୀୟ ହୋଇଥିବାବେଳେ ବୃତ୍ତିଗତ ଚିତ୍ରକଳାରେ ଧ୍ରୁବଚରଣ ସାହୁ ପ୍ରଥମ, ମନୋଜ ସାହୁ ଦ୍ୱିତୀୟ ଓ କେଶବ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଧ୍ୟକ୍ଷା ଡଃ ସୁଜାତା ଓତା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା ପୁରସ୍କାର ପ୍ରଦାନ କରିଥିଲେ।

## ଓକାକ୍ ପରାମର୍ଶଦାତାଙ୍କ ଜଗତସିଂହପୁର ଗସ୍ତ



ଜଗତସିଂହପୁର, ୨୩।୯ (ସମିସ): ଓକାକର ଡୋମେନ୍ ପରାମର୍ଶଦାତା ସତ୍ୟରଞ୍ଜନ ସାହୁ ଜଗତସିଂପୁର ଜିଲ୍ଲା ଗସ୍ତ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ୍ ଭିସି ହଲରେ ଓସଓ୍ୱସ ପ୍ଲାଟଫର୍ମର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଭିଜନରେ ଜିଲ୍ଲାର ସମସ୍ତ କାର୍ଯ୍ୟ ପେପର୍ ମୁକ୍ତ କରିବା ପାଇଁ ଜିଲ୍ଲାପାଳ ଜେ. ସୋନାଲ ସମସ୍ତ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏବେଠାରୁ କୌଣସି ହାର୍ଡ ଫାଇଲ୍ ପ୍ରକ୍ରିୟାକରଣ କରାଯିବନାହିଁ। ସମସ୍ତ ଫାଇଲ୍ କେବଳ ଓସଓ୍ୱସ ପ୍ଲାଟଫର୍ମ ମାଧ୍ୟମରେ ପଠାଯିବ ଓ ପ୍ରକ୍ରିୟାକରଣ କରାଯିବ। ଆଜିଠାରୁ ସମସ୍ତ ଆର୍ଥିକ ଫାଇଲ୍ ବାଧ୍ୟତାମୂଳକ ଭାବେ ଏହି ମାଧ୍ୟମରେ ପ୍ରକ୍ରିୟାକରଣ କରାଯିବ ବୋଲି ପରାମର୍ଶଦାତା ଶ୍ରୀ ସାହୁ କହିଥିଲେ। ସମସ୍ତ ବିଭାଗ ମୁଖ୍ୟଙ୍କୁ ଏହି ବିଷୟକୁ ଗମ୍ଭୀରତାର ସହ ନେବା ଓ କେବଳ ଓସଓ୍ୱସ ପ୍ଲାଟଫର୍ମ ମାଧ୍ୟମରେ ଫାଇଲ୍ ଦାଖଲ ଓ ପ୍ରକ୍ରିୟାକରଣ ନିଶ୍ଚିତ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ନିର୍ଦ୍ଦେଶ ଦେଇଥିଲେ।

## ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରିଣୀ ବୈଠକ

**ଜଗତସିଂହପୁର, ୨୩।୯ (ସମିସ):** ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରିଣୀ ବୈଠକ ଜିଲ୍ଲାପାଳ ତଥା ପରିଷଦର ଅଧ୍ୟକ୍ଷ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ଶାରଦା ଦାସ ବିଗତ ବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ଅକ୍ଟୋବର ମାସରେ ହେବାକୁ ଥିବା ସାଧାରଣ ପରିଷଦ ବୈଠକ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ସଭ୍ୟସଭ୍ୟା ବୈଠକରେ ସେମାନଙ୍କ ସୁଚିନ୍ତିତ ମତ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଯୁଗ୍ମସମ୍ପାଦକ ନରେଶ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପାଧ୍ୟକ୍ଷ ବିଜୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ, ଯୁଗ୍ମସମ୍ପାଦକ ସୁଧୀର ମହାନ୍ତି, କାର୍ଯ୍ୟକାରିଣୀ ସଦସ୍ୟ ଡଃ ଜ୍ୟୋତିର୍ମୟୀ ମହାନ୍ତି, ଡଃ କୈଳାସ ମଲ୍ଲିକ, ପ୍ରଭାତ ଦାଶ, ମନୋଜ ଦାଶ, ମାନସ କାନୁନଗୋ, ସୌଭାଗ୍ୟ ବିଶ୍ୱାଳ, ମାନସ ରଥ, ପ୍ରଜ୍ଞା ପାରମିତା ଚୌଧୁରୀ, ସୁଷମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ଶ୍ରୀକୃଷ୍ଣ ଏକାଡ଼େମୀରେ ଶ୍ରଦ୍ଧାଞ୍ଜଳି ସଭା



**ଜଗତସିଂହପୁର, ୨୩।୯ (ସମିସ):** ଆଜି ଶ୍ରୀକୃଷ୍ଣ ଏକାଡେମୀରେ ପୂର୍ବତନ ଶିକ୍ଷକ ଗୋଲେଖ ଚରଣ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀକୃଷ୍ଣ ଏକାଡେମୀ ପୁରାତନ ଛାତ୍ର ସଂସଦ ଅଧ୍ୟକ୍ଷ ଡଃ ଅଭୟ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସଂସଦର ବୟୋଜ୍ୟେଷ୍ଠ ଉପଦେଷ୍ଟା ମୁରଲୀଧର ଦାସ ଓ ଗୌରାଙ୍ଗ ହୋତା ଯୋଗଦେଇ କହିଲେ, ଦିବଂଗତ ଶିକ୍ଷକ ଗୋଲେଖ ସିଂ ଜଣେ ଛାତ୍ର ବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ପୁରାତନ ଛାତ୍ର ଦୀପ୍ତି ଦାସ, ବିପ୍ଳବ ଚୌଧୁରୀ, ମଧୁସୂଦନ ସାହୁ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସିଂଙ୍କ କନିଷ୍ଠ ପୁତ୍ର ବ୍ରଜେଶ ସିଂ, ଶ୍ରୀକୃଷ୍ଣ ଏକାଡେମୀର ଶିକ୍ଷକ ରବୀନ୍ଦ୍ର ମିଶ୍ର, ରାଇଚରଣ ତ୍ରିପାଠୀ ତାଙ୍କୁ ଜଣେ ଖୋଲା ହୃଦୟର ବ୍ୟକ୍ତିତ୍ୱ ବୋଲି ଅଭିହିତ କରିଥିଲେ। ଏହି ସଭାରେ ପୁରାତନ ଛାତ୍ର ରବୀନ୍ଦ୍ର ନାଥ ନାୟକ, ବିଶ୍ୱନାଥ ଦାସ, ଅଜୟ କାଠୁଆ, ନାରାୟଣ ବାରିକ, ଦେବାଶିଷ ଦାସ, ସୌଭଗ୍ୟ ବିଶ୍ୱାଳ, ରଶ୍ମିରଞ୍ଜନ ସାହୁ, ସୁଦର୍ଶନ ସ୍ୱାଇଁ, କେଶବ ମୁଦୁଲି, ହନିଫ ମହମ୍ମଦ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ପୁଲିସର ନାହିଁ ସ୍ୱତନ୍ତ୍ର ବ୍ୟବସ୍ଥା

## ଟ୍ରାଫିକ୍ ନିୟନ୍ତ୍ରଣରେ ଆସୁନି ସୁଧାର

ପାରାଦୀପ, ୨୩।୯ (ସମିସ)

ପାରାଦୀପ ପୁଲିସ ପାଇଁ ଟ୍ରାଫିକ ନିୟନ୍ତ୍ରଣ ଏବେ ବାଟବଣା ହୋଇଛି। ଟ୍ରାଫିକ ନିୟନ୍ତ୍ରଣରେ ସୁଧାର ନ ଆସିବାରୁ ଜୀବନ ପରେ ଜୀବନ ଯାଉଛି। ରବିବାରଠାରୁ ଆଜି ପର୍ଯ୍ୟନ୍ତ ପାରାଦୀପ ଅଞ୍ଚଳରେ ଘଟିଥିବା ଦୁର୍ଘଟଣାରୁ ହିଁ ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥା ଉପରେ ଆଙ୍ଗୁଳି ନିର୍ଦ୍ଦେଶ ହୋଇଛି। ରବିବାର ଅପରାହ୍ନ ୫.୩୦ ସମୟରେ କୁଜଙ୍ଗ ନିକଟ ତାଳଦଣ୍ଡା ବଜାର ପାଖରେ ବୁଲେଟ ଧକ୍କାରେ ତାଳଦଣ୍ଡା ମଲାସାହିର ରବୀନ୍ଦ୍ର ବାରିକଙ୍କ ମୃତ୍ୟୁ ହୋଇଥିବାବେଳେ ବୁଲେଟ ଚାଳକ ବାଲାଜୀ ଦାସ ପ୍ରଧାନ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତରିତ ହୋଇଥିଲେ। ପରେ ସନ୍ଧ୍ୟା ୭ଟା ସମୟରେ ଲକ୍‌ଥାନା ଅଧୀନ ଭୂତମୁଣ୍ଡାଇ ପାଖ ୧୬ନଂ ନିକଟରେ ଏକ କାର ଷଣ୍ଢକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଷଣ୍ଢର ମୃତ୍ୟୁ ହୋଇଥିଲା। ସେହିପରି ଭୂତମୁଣ୍ଡାଇ ହମ୍ପ୍‌ସ ନିକଟରେ ରାତି ୮ଟା ସମୟରେ ଜଣେ ବୃଦ୍ଧାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ତାଙ୍କୁ କୁଜଙ୍ଗ ମେଡିକାଲ ନିଆଯାଇ ଚିକିତ୍ସା କରାଯାଇଥିଲା।

ପୁଣି ରାତି ୨ଟା ସମୟରେ ହାତୀ ଟାଙ୍କି ନିକଟରେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଗଣେଶ ସାହୁ ଦୁର୍ଘଟଣାଗ୍ରସ୍ତ ହୋଇ କୁଜଙ୍ଗ ମେଡିକାଲ ଯାଇଥିଲେ। ସୋମବାର ପାରାଦୀପ ଆଦର୍ଶ ଥାନା ଅଧୀନ ବିପିସିଏଲ ଟର୍ମିନାଲ ନିକଟରେ ସକାଳେ ଟ୍ୟାଙ୍କର ସହିତ ବାଇକ୍ ଧକ୍କା ହୋଇ ୨ ବାଇକ୍ ଆରୋହୀ କଟକ ଏସିବି ମେଡିକାଲ ସ୍ଥାନାନ୍ତରିତ ହୋଇଥିଲେ। ପାରାଦୀପ ଲକ୍ ଥାନା ପିମ୍ପଳଗଡ଼ା ନିକଟରେ ଅଟୋକୁ ଧକ୍କା ଦେଇଥିଲା ଏକ ଏସି ଅଟୋ। ଦୁର୍ଘଟଣାରେ ୨ ଜଣ ବ୍ୟକ୍ତି ଗୁରୁତର ହୋଇଥିବାବେଳେ କୁଜଙ୍ଗ ଓ ଅଠରବାଙ୍କୀ ମେଡିକାଲ ଯାଇଥିଲେ। ଦୁର୍ଘଟଣାରେ ଆହତ ହାଣ୍ଡିଆ ଆଶ୍ରମର ବୋଲି ଜଣାପଡ଼ିଛି। ପୁଣି ରବିବାର ନେହେରୁ ବଙ୍ଗଳା ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ରାକେଶ ଦାସଙ୍କ କଟକ ମେଡିକାଲରେ ଗତକାଲି ରାତିରେ ହିଁ ମୃତ ଘଟିଛି। ଦୁଇଦିନରେ ପାରାଦୀପ ସମେତ ଏହା ଆଖପାଖ ଅଞ୍ଚଳରେ ଏତେ ସଂଖ୍ୟକ ଦୁର୍ଘଟଣା ଘଟିଛି। ଯାହା ଟ୍ରାଫିକ ନିୟନ୍ତ୍ରଣ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରିଛି। ବିଶ୍ୱକର୍ମା ପୂଜା ପାରାଦୀପରେ ଚାଲିଛି। ପୁଲିସ ଏଭଳି ଦୁର୍ଘଟଣାକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ନା ଅଛି ଚେକିଂ, ନା ଲୋକେ ମାନୁଛନ୍ତି ପୁଲିସକୁ। ଯୁବକମାନେ ନିଶା ସେବନ କରି ବେପରୁଆ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଉଛନ୍ତି। ଦୁର୍ଘଟଣାରେ ସେମାନେ କ୍ଷତିଗ୍ରସ୍ତ ହେବା ସହ ବାଟରେ ଯାଉଥିବା ଲୋକଙ୍କୁ ବିପଦରେ ପକାଉଛନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି ପାରାଦୀପ ଅଞ୍ଚଳର ସମାଜସେବୀ ତଥା ସଡ଼କ ସୁରକ୍ଷା ବାହିନୀ ସଭାପତି ପଙ୍କଜ ତରାଇ। ନିଶା ସେବନ କରି ଭାରୀଯାନ ହେଉ କିମ୍ବା ବାଇକ୍ ହେଉ ଗାଡି ନ ଚଳାଇବା ଓ ଗାଡି ଚଳାଇବା ବେଳେ ହେଲମେଟ ବ୍ୟବହାର କରିବାକୁ ସେ ଅନୁରୋଧ କରିଛନ୍ତି। ପାରାଦୀପ ପୁଲିସ ସବୁ ଛକରେ ହେଲମେଟ ଚେକିଂ ଓ ନିଶା ସେବନ କରି ଗାଡ଼ି ଚଳାଇବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

ଗଲାଣି ଦୁଇ ଦୁଇଟି ଜୀବନ

ଜିଲ୍ଲାସ୍ତରୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ

## ଯକ୍ଷ୍ମାମୁକ୍ତ ୧୫୦ ପଞ୍ଚାୟତ ପୁରସ୍କୃତ

**ଜଗତସିଂହପୁର, ୨୩।୯ (ସମିସ):** ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ସ୍ୱାସ୍ଥ୍ୟ ବିଭାଗ ଓ ପାରାଦୀପ ଫସପେଟ ଲିମିଟେଡ ମିଳିତ ଉଦ୍ୟମରେ ଜିଲ୍ଲାସ୍ତରୀୟ ଯକ୍ଷ୍ମା ନିରାକରଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଟିବି ଫୋରମ ମିଟିଂ, ନି-କ୍ଷୟ ମିତ୍ରଙ୍କ ଦ୍ୱାରା ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ, ଟିବି ମୁକ୍ତ ପଞ୍ଚାୟତ ଓ ନି-କ୍ଷୟ ମିତ୍ରଙ୍କୁ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଜେ, ସୋନାଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରବିନାରାୟଣ ଜେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଓ ପାରାଦୀପ ଫସପେଟ ଲିମିଟେଡ ମୁଖ୍ୟ ପରିଚାଳକ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆଜି କାର୍ଯ୍ୟକ୍ରମରେ ଟିବି ମୁକ୍ତ ଭାରତ ଅଭିଯାନ ଓ ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନର ଅଂଶବିଶେଷ ସ୍ୱରୂପ ନି-କ୍ଷୟ ମିତ୍ରଙ୍କ ଦ୍ୱାରା ଜଗତସିଂହପୁର ଓ ତିର୍ତ୍ତୋଲ ବ୍ଲକର ୧୦୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ଖାଦ୍ୟ ପ୍ୟାକେଟ ବଣ୍ଟନ ଅଭିଯାନ ଆରମ୍ଭ କରାଯାଇଥିଲା। ଏଥିସହ ୨୦୨୩ ଓ ୨୦୨୪ ବର୍ଷ ପାଇଁ ଜିଲ୍ଲାର ସମୁଦାୟ ୧୯୮ଟି ପଞ୍ଚାୟତ ମଧ୍ୟରୁ ୧୫୦ଟି ପଞ୍ଚାୟତକୁ ସମ୍ବର୍ଦ୍ଧିତ କରାଯାଇଛି। ସେଥିମଧ୍ୟରେ ୨୦୨୩ ବର୍ଷ ପାଇଁ ୫୦ଟି ପଞ୍ଚାୟତ ଟିବି ମୁକ୍ତ ଘୋଷଣା ହୋଇଥିବାବେଳେ ୨୦୨୪ ବର୍ଷ ପାଇଁ ୧୦୦ଟି ପଞ୍ଚାୟତ ଟିବି ମୁକ୍ତ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା।



ଭଦ୍ରକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ମେଡିକାଲ କଲେଜ ଘୋଷଣା କରି ସରକାର ଚୁପ୍




**ଭଦ୍ରକ, ୨୩।୯ (ସମିସ)**

ଭଦ୍ରକ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସୁଧାରିବାରେ ରାଜ୍ୟ ସରକାର ଏକପ୍ରକାର ବିଫଳ ହୋଇଛନ୍ତି। ନୂତନ ସରକାର ପ୍ରଥମ ଭଦ୍ରକରେ ମେଡିକାଲ କଲେଜ ସ୍ଥାପନ ହେବ ବୋଲି ଘୋଷଣା କରିଦେଲେ; ହେଲେ କଲେଜ କେଉଁଠି ହେବ, ଏଯାଏ ସ୍ଥାନ ନିରୂପଣ ହୋଇନାହିଁ। ଅନ୍ୟପକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟସେବା ଅଧିକରୁ ଅଧିକ ବିଗିଡିବାରେ ଲାଗିଛି। ସମ୍ପ୍ରତି ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗ୍ରାମାଞ୍ଚଳର ୫୦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ପ୍ରାୟ ୩୦ଟିରେ ଡାକ୍ତର ନାହାନ୍ତି। ଜିଲ୍ଲାର ୩୮୦ ଏମବିବିଏସ ଡାକ୍ତର ପଦବୀ ମଞ୍ଜୁରି ମିଳିଛି। ତେବେ ଅଛନ୍ତି ମାତ୍ର ୧୨୩; ଅର୍ଥାତ ୬୬ ପ୍ରତିଶତ ଡାକ୍ତର ପଦ ଖାଲି। ୫୭ ଜଣ ବିଶେଷଜ୍ଞ ଡାକ୍ତରଙ୍କ ଜାଗାରେ ଅଛନ୍ତି ୩୭। ଜିଲ୍ଲାର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ତଥା ବ୍ୟସ୍ତବହୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ବି ଶୋଚନୀୟ। ଏଠାରେ ମୋଟ ୧୭୧ ଜଣ ଡାକ୍ତରଙ୍କ ସ୍ଥାନରେ ଅଛନ୍ତି ୩୮ ଜଣ। ମୁଖ୍ୟ ଚିକିତ୍ସାଳୟରେ ୧୧୭ ଜଣ ଆସିଷ୍ଟାଣ୍ଟ ସର୍ଜନଙ୍କ ସ୍ଥାନରେ କାର୍ଯ୍ୟରତ ଅଛନ୍ତି ୪ ଜଣ। ଚର୍ମ, ମାନସିକ ରୋଗ ଆଦି ବିଭାଗର ବିଶେଷଜ୍ଞ ଡାକ୍ତର ଆଦୌ ନାହାନ୍ତି। ପୂର୍ବ ସରକାର ଅମଳରେ ନିର୍ମିତ ନୂଆ କୋଠାକୁ ଇତମଧ୍ୟରେ ସ୍ଥାନାନ୍ତର ହୋଇଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ମାତ୍ର ସେବା ଯେଉଁ ତିମିରେ ସେହି ତିମିରେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବେ କେବଳ 'ରେଫର' ହସ୍ପିଟାଲ ଭାବେ ଚାଲିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏମସିଏଚ୍ (ମାତୃ ଶିଶୁ ବିଭାଗ)ରେ ଚିକିତ୍ସାରେ ବ୍ୟତିକ୍ରମ ଯୋଗୁଁ ଜନଅସନ୍ତୋଷ ବଢ଼ିଚାଲିଛି। ଚଳିତ ମାସ ୨ଦିନରେ ୨ଜଣ ଆସନ୍ନପ୍ରସବାଙ୍କ ମୃତ୍ୟୁ ଏହାକୁ ସ୍ୱତଃ ପ୍ରମାଣିତ କରିଛି। ଏଠାରେ କେବଳ ଡାକ୍ତରଙ୍କ ଅଭାବ ନୁହେଁ, ସ୍ୱାସ୍ଥ୍ୟସେବାରେ ନିୟୋଜିତ ନର୍ସ, ଫାର୍ମାସିଷ୍ଟ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା ଓ ପୁରୁଷ) ବହୁ ପଦ ଖାଲି ପଡ଼ିଛି। ଜିଲ୍ଲା ଲାଗି ମଞ୍ଜୁର ୫୪୭ରୁ ୨୦୭ ନର୍ସିଂ ଅଫିସର ପଦ ଖାଲି। ୭୪ ଫାର୍ମାସି ଅଫିସର ପଦରୁ ୨୪ ଖାଲି। ୫୫୧ ବହୁମୁଖ୍ୟ ସ୍ୱାସ୍ଥ୍ୟକର୍ମୀ ପଦରୁ ୨୫୮ ଖାଲି। ୧୨୨ ସ୍ୱାସ୍ଥ୍ୟ ସୁପରଭାଇଜର ପଦରୁ ୮୩ ଖାଲି। ଏତେ ସଂଖ୍ୟାରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ସୁପରଭାଇଜର ପଦ ଖାଲି ରହିବା ଦ୍ୱାରା ଜିଲ୍ଲାର ସ୍ୱାସ୍ଥ୍ୟସେବା ଚରମ ଦୁର୍ଦ୍ଦଶାକୁ ଠେଲି ହୋଇଯାଇଛି। କେବଳ ସେତିକି ନୁହେଁ, ଜିଲା ପାଇଁ ସିଡିଏମ ଏଣ୍ଡ ପିଏଚଓ ନିଯୁକ୍ତିରେ ବି ଅବହେଳା କରାଯାଉଛି। ବର୍ଷକ ଭିତରେ ଜିଲ୍ଲାରେ ୪ ଜଣ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଗଲେଣି। ଅବସର ନେବାକୁ ଥିବା ସିଡିଏମ ଏଣ୍ଡ ପିଏଚଓ(ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ)ଙ୍କୁ ସରକାର ଭଦ୍ରକ ଜିଲ୍ଲାକୁ ପଠାଯାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି। ଏବେ ବି ଇନ୍‌ଚାର୍ଜ ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟ କରୁଛନ୍ତି। ସେହିଭଳି ନୂତନ ବିଲଡିଂକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହୋଇଥିଲେ ବି ସିଟିସ୍କାନ, ରକ୍ତଭଣ୍ଡାର ଓ ଡାଇଲିସିସ୍ ଆଦି ଗୁରୁତ୍ୱପୂର୍ଣ୍ଣ ସେବା ସ୍ଥାନାନ୍ତରନ୍ତ ଏଥିପ୍ରତି ସରକାର ପଦକ୍ଷେପ ଗ୍ରହଣ କରି ବ୍ୟବସ୍ଥା ସୁଧାରିବାକୁ ସାଧାରଣରେ ଦାବି ହେଉଛି।

**୬୬ ପ୍ରତିଶତ ଡାକ୍ତର ଓ ୨୦୭ ନର୍ସିଂ ଅଫିସର ପଦ ଖାଲି**



ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପୀଠଦେବୀ ଜୟଦୁର୍ଗାଙ୍କ ଷୋଡ଼ଶ ଦିବସୀୟ ପୂଜା ଅବସରରେ ମା'ଙ୍କ ଅନ୍ନପୂର୍ଣ୍ଣା ବେଶ

## କାଦୁଅ ରାସ୍ତାରେ ଛାତ୍ରଛାତ୍ରୀଙ୍କ ଯାତାୟାତ



**ଦୋଳସାହି, ୨୩।୯ (ସମିସ):** କାଦୁଅ ରାସ୍ତାରେ ଯାତାୟାତ କରୁଛନ୍ତି ଛାତ୍ରଛାତ୍ରୀ। ଅନ୍ୟପକ୍ଷରେ ଅନାବଶ୍ୟକ ଭାବେ କଂକ୍ରିଟ ଉପରେ ପୁଣି କଂକ୍ରିଟ ହେଉଛି। ତେଣୁ ଦୁର୍ନୀତି ଗନ୍ତାଘର ପାଲଟିଛି ଗୁଆମାଳ ପଞ୍ଚାୟତ। ତିହିଡି ବ୍ଲକ ଅନ୍ତର୍ଗତ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ହେଉଥିଲା ବେଳେ ଏହାର ତଦନ୍ତ କରାଯାଉନି। ପ୍ରକାଶ ଥାଉକି, ଗୁଆମାଳ ପଞ୍ଚାୟତର ଅନେକ ଗ୍ରାମରେ ଥିବା ମାଟି ରାସ୍ତା କଂକ୍ରିଟ ହେଉ ନ ଥିବା ଦେଖିବାକୁ ମିଳୁଥିବାବେଳେ କଂକ୍ରିଟ ଉପରେ ନିମ୍ନମାନର ସିମେଣ୍ଟ ରାସ୍ତା ନିର୍ମାଣ କରାଯାଉଛି। ଫଳରେ ନେତା ଏବଂ ଅଧିକାରୀମାନେ ମାଲାମାଲ ହେଉଛନ୍ତି। ତେଣୁ ଏସବୁ ଦୁର୍ନୀତି ଭିଜିଲାନ୍ସ ପାଖରେ ଆଗତ ହୋଇଛି। ଗୁଆମାଳ ପଞ୍ଚାୟତର ୭ନମ୍ବର ୱାର୍ଡ ର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ କାଦୁଅ ରାସ୍ତାରେ ଯାତାୟାତ କରୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ସମ୍ପୂର୍ଣ୍ଣ ହେଲା ପୂର୍ତ୍ତ ବିଭାଗ ରାସ୍ତା କାମ

**ବାରିକପୁର, ୨୩।୯ (ସମିସ):** ଭଣ୍ଡାରିପୋଖରୀ ପାଳଦା ବାଙ୍କଠାରୁ ଯାଜପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର କେତେକ ସ୍ଥାନରେ କାମ ଅସମ୍ପୂର୍ଣ୍ଣ ହୋଇ ରହିଥିଲା। ରାସ୍ତାର ସରସଦା, ପଟାପୋଲ, ଖପୁରିଆପଦା ପ୍ରମୁଖ ସ୍ଥାନରେ ବିଭିନ୍ନ କାରଣକୁ ନେଇ ଦୀର୍ଘ ଦିନ ହେବ କାମ ହୋଇପାରୁ ନ ଥିଲା। ବିଶେଷ କରି ପଟାପୋଲଠାରୁ କୁରିଗାଁକୁ ଯାଇଥିବା ସଂଯୋଗୀ ସ୍ଥାନଟି ଅସମ୍ପୂର୍ଣ୍ଣ ରହିଥିଲା। ମାତ୍ର ତିନି ଚାରି ମିଟର ଅସମ୍ପୂର୍ଣ୍ଣ ରାସ୍ତାଟି ପାଇଁ ୫/୭ ବର୍ଷ ହେବ ପଥଚାରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅନେକ ସମୟରେ ଏଠାରେ ଦୁର୍ଘଟଣା ମଧ୍ୟ ଘଟୁଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଜରିଆରେ ସମ୍ପୂର୍ଣ୍ଣ କଂକ୍ରିଟ ରାସ୍ତାର ମରାମତି ଓ ଅସମ୍ପୂର୍ଣ୍ଣ ସ୍ଥାନରେ କାର୍ଯ୍ୟ ସମ୍ପନ୍ନ କରିବାକୁ ବ୍ୟବସ୍ଥା ହୋଇଛି। ତଦନୁଯାୟୀ ପଟାପୋଲଠାରେ ଥିବା ଏହି ରାସ୍ତା ସଂଯୋଗୀ ସ୍ଥାନରେ କାମ ସମ୍ପୂର୍ଣ୍ଣ ହୋଇଛି।

## ବ୍ଲକ୍ ଆଗରେ ମହିଳା କର୍ମଚାରୀଙ୍କ ଧାରଣା



**ବାରିକପୁର, ୨୩।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ପରିସରରେ ମିଶନ ଶକ୍ତି ଦ୍ୱାରା କାର୍ଯ୍ୟରତ ପଞ୍ଚାୟତ ସ୍ତରୀୟ ମହିଳା କର୍ମଚାରୀ ଧାରଣାରେ ବସିଛନ୍ତି। ଏନେଇ ଗତକାଲି କର୍ମଚାରୀ ସଂଘ ପକ୍ଷରୁ ପ୍ରଶାସନକୁ ଅବଗତ କରା ଯାଇଥିଲା। ତଦନୁଯାୟୀ ଆଜି ୨୨ଟି ପଞ୍ଚାୟତରୁ ଆସିଥିବା ମହିଳା କର୍ମଚାରୀ ଧାରଣା ଦେଇଥିଲେ। ଧାରଣାରେ ଏମବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ସାମିଲ ହୋଇଛନ୍ତି। କର୍ମଚାରୀଙ୍କୁ ସରକାର ୬ମାସ ହେବ ଦରମା ଦେଉନଥିବା ବେଳେ ଏବେ ମହିଳାମାନେ ଆର୍ଥିକ ସଙ୍କଟ ଦେଇ ଗତିକରୁଛନ୍ତି। ସେମାନଙ୍କୁ କାର୍ଯ୍ୟ ଅନୁଯାୟୀ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ସରକାର ସ୍ଥିର କରିଛନ୍ତି। ଏଭଳି ବ୍ୟବସ୍ଥାକୁ କର୍ମଚାରୀ ବିରୋଧ କରିଛନ୍ତି। ଏଭଳି ନୀତିକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଅଲ ଓଡ଼ିଶା କର୍ମଚାରୀ ସଂଘ ଦାବି ମଧ୍ୟ କରିଥିଲା। ଏଯାଏଁ ପ୍ରଶାସନଠାରୁ ସରକାର ଯାଏଁ କେହି ଏହା ଉପରେ ଦୃଷ୍ଟି ଦେଉ ନାହାଁନ୍ତି। ତେଣୁ ବାଧହୋଇ ମହିଳାମାନେ ଧାରଣାକୁ ଓହ୍ଲାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବ ବୋଲି କର୍ମଚାରୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ଶାରଦୀୟ ଦୁର୍ଗାପୂଜା ପାଇଁ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ



**ଧାମନଗର, ୨୩।୯ (ସମିସ):** ଧାମନଗର ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ପର୍ବ ପାଳନ ଏବଂ କାଳିସୀ ଶୋଭାଯାତ୍ରା ନିମନ୍ତେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଓ ଶାନ୍ତି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ସଭାଗୃହ ପରିସରରେ ଶାନ୍ତି କମିଟିର ଆବାହକ ତଥା ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ସଭାପତିତ୍ୱରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଭଦ୍ରକ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ସାଂସଦଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ସରୋଜ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ଲମ୍ବୋଦର ଜେନା, ରାମଚନ୍ଦ୍ର ଜେନା, ବିରେନ୍ଦ୍ର ଜେନା, ପ୍ରତାପ ସାମଲ, କୃଷ୍ଣଚନ୍ଦ୍ର ଜେନା, ସୁଶାନ୍ତ ରାଉତ, ଆଲହାଜ୍ ଏମଡି ଇସରାଇଲ ହବିବି, ଗୋଲାମ ଜିଲାନି ହବିବି, ସେକ ଅବଦୁଲ ହକିମ, ସେକ ଜାଫର ଅଲ୍ଲୀ, ଦେବେନ୍ଦ୍ର ରାମ, ସମିତି ସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଆଇଆଇସି ରଞ୍ଜନ ସେଠ୍ ପ୍ରମୁଖ ଯୋଗଦେଇଥିଲେ। ଦୁର୍ଗାପୂଜା ଏବଂ କାଳିସୀ ଶୋଭାଯାତ୍ରା ଶାମପୁର ମନ୍ଦିର ପାଖରୁ ବାହାରି ଜାମତାଲା ଖଣ୍ଡ ଘାଟରୁ ଗୋଧୋଇ ବିଭିନ୍ନ ସାହି ବସ୍ତି ପରିକ୍ରମା କରି ଗୋହିରାପଡ଼ା ବଡିଗଡ଼ିଆ ଘାଟରେ ସମ୍ପୂର୍ଣ୍ଣ ହେବ ସୂଚନା ଦିଆଯାଇଥିଲା। ଆସନ୍ତା ମାସ ୨ତାରିଖ ଭସାଣି ଶୋଭାଯାତ୍ରାରେ ରାସ୍ତା ଉପରେ ବାଣ ଫୁଟାଇବାକୁ ବାରଣ କରାଯାଇଛି। ସେହିପରି ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ନିଜର ସମସ୍ୟା ସମାଧାନ କରିବାକୁ ଅନୁରୋଧ କରିଥିଲେ। ଏଥିସହ ରାସ୍ତା ଘାଟ ମରାମତି, ଟ୍ରାଫିକ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଇରମ ପ୍ୟାକ୍ସ ସମ୍ପାଦକ ନିଲମ୍ବିତ

**ଭଦ୍ରକ, ୨୩।୯ (ସମିସ):** ଜିଲ୍ଲାପାଳଙ୍କ ଆଦେଶ ସଂଖ୍ୟା ୧୯୩୮, ୨୩.୯.୨୫ ତାରିଖ ମୂଳେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଇରମ ପ୍ୟାକ୍ସର ସମ୍ପାଦକ ରଶ୍ମିରଞ୍ଜନ କବାଟଙ୍କୁ ନିଲମ୍ବନ କରାଯାଇଛି। ଏହି ନିଲମ୍ବନ ଏଚଆର ପଲିସି ଅଫ୍ ପ୍ୟାକ୍ସ ଷ୍ଟାଫ୍, ଅନୁଯାୟୀ କରାଯାଇଛି। ସମ୍ପୃକ୍ତ ସମ୍ପାଦକ ବେଆଇନ୍ ଭାବରେ ସାର ଚାଲାଣ କରୁଥିବା ସମୟରେ ମ୍ୟାନେଜିଂ କମିଟି ସଦସ୍ୟ ଧରିଥିଲେ। ବାସୁଦେବପୁର ତହସିଲଦାର ଓ ସହାୟକ କୃଷି ଅଧିକାରୀଙ୍କ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜିଲ୍ଲାପାଳ ସମ୍ପାଦକଙ୍କୁ ନିଲମ୍ବନ କରିଛନ୍ତି।

## ଗୀତା ଭବନରେ ବୈଦିକ ଉତ୍ସବ



**ଭଦ୍ରକ, ୨୩।୯ (ସମିସ):** ଭଦ୍ରକ ସହର ଉପକଣ୍ଠ ବାଇପାସ୍ ଛପୋଲିଆ ନିକଟ ଗୀତା ଭବନରେ ମଙ୍ଗଳବାର ଏକ ବୈଦିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ଆୟୋଜିତ ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ବିଶେଷ କରି ଆଜି ସନ୍ଥ ଶ୍ରୀ ଆଶାରାମ ବାପୁଙ୍କ ଆତ୍ମ ସାକ୍ଷାତକାର ଦିବସ ପାଳନ ହୋଇଥିବା ବେଳେ ଏଥିରେ ବୈଦିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପ୍ରତ୍ୟୁଷରୁ ଭଜନ କୀର୍ତ୍ତନ ସହିତ ଶ୍ରଦ୍ଧାଳୁମାନେ ଆଶା ରାମାୟଣ ପାଠ କରିଥିଲେ। ଏହାଛଡା ହୋମଯଜ୍ଞ, ଜପ, ସାମୂହିକ ସଙ୍କଳ୍ପ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଭଦ୍ରକ ସମେତ ଭଣ୍ଡାରିପୋଖରୀ, ଧାମନଗର, ବାସୁଦେବପୁର, ଚାନ୍ଦବାଲି ବ୍ଲକରୁ ଆସିଥିବା ଅନୁଗାମୀ ଓ ଶ୍ରଦ୍ଧାଳୁ ଭାଇଭଉଣୀ ମାନେ ଯୋଗ ଦେଇଥିଲେ।

## ଚାଷୀ ପଞ୍ଜୀକରଣ ସମୀକ୍ଷା ବୈଠକ



**ବାରିକପୁର, ୨୩।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକରେ ଅନୁଷ୍ଠିତ ଏକ ବୈଠକରେ ଚାଷୀ ପଞ୍ଜିକରଣ ସମୀକ୍ଷା କୃଷି ଅଧିକାରିଣୀ ସୁଦିପ୍ତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ରୋଜାଲିନ ବେହେରା ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ଡିଜିଟାଲ ସର୍ଭେ ବାବଦରେ ମଧ୍ୟ ଆଲୋଚନା କରାଯାଇଥିଲା। କୃଷକଙ୍କ ପାଇଁ ପ୍ରଣୟନ ହୋଇଥିବା ନୂଆ ନୂଆ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ସେନେଇ ଆଲୋଚନା କରାଯାଇଥିଲା। ଯୋଜନା ଗୁଡିକ କେଉଁଠି କେମିତି ସଫଳ ହେଉଛି ତ ପୁଣି କେଉଁଠି ଧିମାରେ ଏହା କାର୍ଯ୍ୟକାରୀ ହେଉଥିବା ବୈଠକରୁ ଜଣାପଡ଼ିଛି। ସମୀକ୍ଷା ବୈଠକରେ କୃଷି ସମ୍ବନ୍ଧିତ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଏକଦିବସୀୟ ସ୍ୱଚ୍ଛତା ଶିବିର

**ବାରିକପୁର, ୨୩।୯ (ସମିସ):** ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପ ଠାରେ ଏକ ଦିବସୀୟ ସ୍ୱଚ୍ଛତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ଭାରତ ଅଭିଯାନ ବ୍ଲକ ସଂଯୋଜକ ଉଦୟନାଥ ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ଦେବଦତ ଦାଶ ଓ ଜିଲ୍ଲା ପରିମଳ ସଂଯୋଜକ ରୀତାରାଣୀ ନାୟକଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଯୋଗ ଦେଇଥିଲେ। ଏଥିରେ ପରିମଳ କର୍ମଚାରୀ ଚୟନ କରାଯାଇ ସେମାନଙ୍କୁ ସଫେଇ ପାଇଁ ସୁରକ୍ଷା ସାମଗ୍ରୀ ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସ୍ତରୀୟ ନିର୍ବାଚିତ ପ୍ରତିନିଧି ଏବଂ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ମା' ମଙ୍ଗଳାଙ୍କ ବାର୍ଷିକ ପୂଜା ଉଦ୍‌ଘାଟିତ



**ବନ୍ତ/ଆଗରପଡ଼ା, ୨୩।୯ (ସମିସ):** ବନ୍ତ ବ୍ଲକ ପଧାନପଡ଼ା ପଞ୍ଚାୟତ ହଦସାହି ସ୍ଥିତ ମା' ମଙ୍ଗଳାଙ୍କ ପୀଠରେ ୩୩ତମ ବାର୍ଷିକ ପୂଜା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଆଜି ସକାଳୁ ବନ୍ତ ଅଞ୍ଚଳରେ ପାଗ ମେଘୁଆ ଥିଲେ ମଧ୍ୟ ବାର୍ଷିକ ଉତ୍ସବରେ ମା'ଙ୍କ ପୀଠରେ ବହୁ ଭକ୍ତଙ୍କର ସମାଗମ ହୋଇଥିଲା। ଏହି ଅବସରରେ ଗ୍ରାମ୍ୟ ପୁଷ୍କରିଣୀରୁ ସୁକାନ୍ତ କୁମାର ଜେନା ଓ ପୂର୍ଣ୍ଣଚନ୍ଦ୍ର ଜେନା ଘଟ ଉତ୍ତୋଳନ କରିଥିଲେ। ଘଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ମା'ଙ୍କ ପୀଠରେ ସ୍ଥାପନ କରାଯାଇଥିଲା। ପରେ ଭକ୍ତଙ୍କ ଗହଣରେ ପୀଠର ପୂଜକ ସୁକାନ୍ତ ଜେନା କର୍ତ୍ତା। ଭାବେ ଦାୟୀତ୍ୱ ନିର୍ବାହ କରିଥିଲେ। ଶୋଡ଼ଷ ଉପଚାର ବିଧିରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ପୀଠରେ ଚଣ୍ଡୀପାଠ ଓ ଘୃତଯଜ୍ଞର ଆୟୋଜନ କରାଯାଇଥିଲା। ଆଜିଠୁ ଆରମ୍ଭ ହୋଇଥିବା ମା'ଙ୍କ ପୂଜା ଦୀର୍ଘ ୧ମାସ ଧରି ଚାଲିବା ସହ ଗର୍ଭଣା ସଂକ୍ରାନ୍ତି ଦିନ ଉଦ୍‌ଯାପିତ ହେବ। ରବୀନ୍ଦ୍ର ଜେନା, ଜୟନ୍ତ ଜେନା, ଶଶୀକାନ୍ତ ଜେନା, ମଦନ ସାହୁ, ସତ୍ୟଜିତ ନାୟକ, ରବୀନ୍ଦ୍ର ସେଠୀ, ଜଗନ୍ନାଥ ପଲତା, କିଶୋର କୁମାର ସେଠୀ, ହରିହର ନାୟକ, ହରିହର ଜେନା, ବିଜୟ ଜେନା, ବାପୁନ ଜେନା, ଜୟଦେବ ଜେନା, ଶୁଭ୍ରାଂଶୁ ଜେନା, ମନୋରଞ୍ଜନ ଜେନା, କାହ୍ନା ଜେନା, ତୋଫାନ ଜେନା, ଚିକୁଆ ଜେନା, ମାସ ଜେନା, ରମାକାନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।



ଶାରଦୀୟ ଉତ୍ସବ

**୨ଶହ ବର୍ଷର ଖପରପଦା ମଝିସାହି ସାର୍ବଜନୀନ ଦୁର୍ଗାପୂଜା**

# ଦଶହରା ବଳଦ ଶୋଭାଯାତ୍ରା ନିଆରା ପରମ୍ପରା



**ଭଦ୍ରକ, ୨୩।୯ (ସମିସ):** ଭଦ୍ରକ ଜିଲ୍ଲାରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ ମଧ୍ୟରୁ ଧାମନଗର ବ୍ଲକ ଖପରପଦା ମଝିସାହିର ଦୁର୍ଗାପୂଜାକୁ ପ୍ରାୟ ୨ ଶହ ବର୍ଷରୁ ଅଧିକ ହେବ। ସୂଚନାନୁଯାୟୀ, ଖପରପଦା ମଝିସାହିର ଜଣେ ବଙ୍ଗୀୟ ବୃଦ୍ଧା ପ୍ରଥମେ ଏକ ଚାଳଘରେ ଏହି ଦୁର୍ଗାପୂଜା ଆରମ୍ଭ କରିଥିଲେ। ସେ ମୂର୍ତ୍ତି ପୂଜା ନକରି କଳସ ପୂଜା କରି ଆସୁଥିଲେ। କିଛିବର୍ଷ ପୂଜା କଲା ପରେ ସେ ଗ୍ରାମବାସୀଙ୍କୁ ଡାକି ଏହି ପୂଜାକୁ ସାର୍ବଜନୀନ ତଥା ମୂର୍ତ୍ତିପୂଜା କରିବାକୁ ପରାମର୍ଶ ଦେଇଥିଲେ। ସେବେଠାରୁ ଏହି ପୂଜା ପ୍ରାୟ ୨ଶହ ବର୍ଷରୁ ଅଧିକ ହେବ ନିରବଚ୍ଛିନ୍ନ ଭାବେ ଚାଲି ଆସିଥିବା ଗ୍ରାମବାସୀ କୁହନ୍ତି। ଖପରପଦା ମଝିସାହିର ସବୁ ଗ୍ରାମବାସୀ ମିଳିତ ହୋଇ ଏହି ଦୁର୍ଗାପୂଜାକୁ ଆଡମ୍ବରରେ ପାଳନ କରିଥାନ୍ତି। ଗତ ପ୍ରାୟ ୧୫ବର୍ଷରୁ ଅଧିକ ହେବ ନଦୀଗାଁ କରଣପାଳ ଗାଁର ମୂର୍ତ୍ତି ଶିଳ୍ପୀ ଅଶୋକ ମହାପାତ୍ର ମା'ଙ୍କ ମୃଣ୍ମୟ ମୂର୍ତ୍ତି ତିଆରି କରିଥାନ୍ତି। ସେହିଭଳି ବଂଶାନୁକ୍ରମେ ପଣ୍ଡା ପରିବାରର ପୂଜକମାନେ ମା'ଙ୍କୁ ୪ଦିନ ବ୍ୟାପୀ ନିତିକାନ୍ତିରେ ପୂଜା କରିଥାନ୍ତି। ପ୍ରଥାନୁଯାୟୀ, ମଝିସାହି ସାର୍ବଜନୀନ ଦୁର୍ଗାପୂଜାର ପ୍ରଥମ ଷଷ୍ଠୀ ଦିନରେ ବେଲ୍ୱବରଣ, ସପ୍ତମୀରେ କଳସବୁଡା ହୋଇ ମା'ଙ୍କ ପୂଜା ଆରମ୍ଭ ହୋଇଥାଏ। ଅଷ୍ଟମୀରେ ସନ୍ଧିପୂଜା ହୋଇଥାଏ। ଏହି ଦିନ ମହିଳାଭକ୍ତଙ୍କ ବେଶ ସମାଗମ ହୋଇଥାଏ। ସେହିପରି ନବମୀ ପୂଜା ଓ ଦଶହରା ବା ବିଜୟା ଦଶମୀ ପୂଜାରେ ବି ଭକ୍ତଙ୍କ ବେଶ ଭିଡ ହୋଇଥାଏ। ଦଶହରା ଦିନ ମାଆଙ୍କ ପୂଜା ସହ ମାଆଙ୍କ ବିସର୍ଜନା ପୂଜା ସମ୍ପନ୍ନ ହୋଇଥାଏ। ଆଉ ପରଦିନ ଅର୍ଥାତ ଆସନ୍ତା ୩ତାରିଖରେ ମାଆଙ୍କ ଭସାଣି ହୋଇଥାଏ। ତେବେ ଖପରପଦା ମଝିସାହି ସାର୍ବଜନୀନ ଦୁର୍ଗାପୂଜାର ନିଆରା ପରମ୍ପରା ହେଉଛି ଦଶହରା ଦିନ ବଳଦ ଶୋଭାଯାତ୍ରା। ବଳଦମାନଙ୍କୁ ବିଭିନ୍ନ ରଙ୍ଗବେରଙ୍ଗରେ ସଜାଯାଇ, ସେମାନଙ୍କୁ ମୟୂରପୁଚ୍ଛ, ଫୁଲମାଳା ପିନ୍ଧାଯାଇ ଶୋଭାଯାତ୍ରାରେ ପରିକ୍ରମା କରାଯାଇଥାଏ। ପରେ ବଳଦକୁ ପ୍ରସାଦ ସେବନ କରାଯିବାର ପ୍ରଥା ରହିଛି। ଏହି ପ୍ରଥା

**ସେମାନେ ଯାହା କୁହନ୍ତି...**



୨ଶହ ବର୍ଷରୁ ଅଧିକ ଦିନ ଧରି ଚାଲି ଆସିଥିବା ମଝିସାହି ସାର୍ବଜନୀନ ଦୁର୍ଗାପୂଜାଟି ଗ୍ରାମବାସୀଙ୍କ ସହଯୋଗରେ ଚାଲି ଆସିଛି। ଚଳିତବର୍ଷ ପୂଜା କିଭଳି ସୁରୁଖୁରୁରେ ହେବ ଏଥିନେଇ ଆମେ ଯତ୍ନବାନ।

**- ଧନେଶ୍ୱର ମହାରଣା, ସଭାପତି**



ସାର୍ବଜନୀନ ଖପରପଦା ମଝିସାହି ଦୁର୍ଗାପୂଜା ପୂଜା ଅବସରରେ ଅନୁଷ୍ଠିତ ହେବାକୁ ଥିବା ବଳଦ ଶୋଭାଯାତ୍ରା ପରମ୍ପରା ଶତାଧିକ ବର୍ଷ ହେବ ଚାଲିଆସିଛି। ଆଗକୁ ଅଧିକରୁ ଅଧିକ ପୂଜାକୁ ଆକର୍ଷଣୀୟ କରିବାକୁ ଆମେ ସଂକଳ୍ପବଦ୍ଧ।

**-ବଳରାମ ସାହୁ, ସମ୍ପାଦକ**

# ବେଲପାହାଡ଼ରେ ଅଗ୍ରସେନ ଜୟନ୍ତୀ



ଝାରସୁଗୁଡ଼ା,୨୩।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡରେ ମାରୱାଡି ସମାଜ ପକ୍ଷରୁ ଧୁମଧାମରେ ଅଗ୍ରେସେନ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଗୁମାଡେରା ଶିବ ମନ୍ଦିରରୁ ବେଲପାହାଡ ରାନୀ ସତୀ ଦାଦି ମନ୍ଦିର ପର୍ଯ୍ୟନ୍ତ ଭବ୍ୟ ଶୋଭାଯାତ୍ରା କରାଯାଇଛି। ଶୋଭାଯାତ୍ରା ପରେ ରାନୀ ସତୀ ଦାଦି ମନ୍ଦିରରେ ପୂଜାର୍ଚ୍ଚନା ହୋଇ ଅଗ୍ରେସନ ଜୟନ୍ତୀ ପାଳନର ମହତ୍ତ୍ୱ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ମହାରାଜ ଅଗ୍ରସନ ଭାରତର ଜଣେ ପ୍ରତାପୀ ସୂର୍ଯ୍ୟବଂଶୀ ରାଜା ଥିଲେ। ସେ ଅଗୋରା ରାଜ୍ୟ ପ୍ରତିଷ୍ଠା କରିଥିଲେ। ତାଙ୍କ ସମୟରେ ସେ ଉନ୍ନତ, ପ୍ରଗତିଶୀଳ ସୁଶାସନ ପ୍ରତିଷ୍ଠା କରି ପ୍ରଜାବତ୍ସଳ ରାଜା ରୂପେ ପ୍ରତିଷ୍ଠା ଅର୍ଜନ କରିଥିଲେ। ଅଗ୍ରୱାଲ ତଥା ମାରୱାଡି ସମାଜ ତାଙ୍କ ବଂଶଜ ଅଟନ୍ତି ବୋଲି କୁହାଯାଏ। ତେଣୁ ମହାରାଜ ଅଗ୍ରସେନଙ୍କ ସ୍ମୃତିରେ ଆଜି ତାଙ୍କ ଜୟନ୍ତୀ ପାଳନ କରିବା ସହ ତାଙ୍କର ମାର୍ଗଦର୍ଶନରେ ଏକ ଉନ୍ନତ, ପ୍ରଗତିଶୀଳ ସମାଜ ସ୍ଥାପନ କରିବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଡ.ପୁରୁଷୋତ୍ତମ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ସମାଜର ସଦସ୍ୟମାନେ ଯୋଗ ଦେଇଥିଲେ।

## ଅଲଟ୍ରାଟେକ୍ ଦ୍ୱାରା ଗାଇଡ୍ ପୁସ୍ତକ ବଣ୍ଟନ



ଝାରସୁଗୁଡ଼ା/କିର୍ମିରା,୨୩।୯ (ସମିସ): ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ୍ ଅର୍ଡା ପଞ୍ଚାୟତ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଛାତ୍ରଛାତ୍ରୀଙ୍କୁ ନବୋଦୟ ଗାଇଡ ପୁସ୍ତକ ବଣ୍ଟନ କରାଯାଇଛି। କିର୍ମିରା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧୁତରାସ୍ଥିତ ଅଲଟ୍ରାଟେକ ସିମେଣ୍ଟ କାରଖାନା ମହାପ୍ରବନ୍ଧକ ପୁରୁଷୋତ୍ତମ ଭେମୁରୀ, ମାନବ ସମ୍ବଳ ଅଧିକାରୀ ପିତାମ୍ବର ପୃଷେଠ, ଶିକ୍ଷା ବିକାଶ ସଂଘ ସଭାପତି ମନ୍ମୟ କିଶୋର ବଖରାଙ୍କ କରକମଳରେ ଧୁତରା, ଅର୍ଡା, ସାରସମାଳ, ସାରସପାଳି, ଜାମକାନି ତଥା ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗାଇଡ ପୁସ୍ତକ ବଣ୍ଟନ କରାଯାଇଥିଲା। ଏହା ସହିତ ଛାତ୍ରଛାତ୍ରୀଙ୍କ ନବୋଦୟ ପ୍ରବେଶିକା ଶିକ୍ଷା ଅଧ୍ୟୟନ ପାଇଁ କୋଚିଂର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମକୁ କାରଖାନା ଉନ୍ନୟନ ଅଧିକାରୀ ସିମନ ବାରିକ ପରିଚାଳନା କରିଥିବା ବେଳେ ଶୁରତ ବାଗ ସହଯୋଗ କରିଥିଲେ।

## ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ 'ସୁରକ୍ଷିତ ଶିକ୍ଷାନୁଷ୍ଠାନ' କାର୍ଯ୍ୟକ୍ରମ



ବନ୍ଧବାହାଲ/ଝାରସୁଗୁଡ଼ା,୨୩।୯ (ସମିସ): ଡିଏଭି ପବ୍ଲିକ ସ୍କୁଲ ବନ୍ଧବାହାଲ ଆନୁକୂଲ୍ୟରେ ଅଗ୍ନିଶମ ବିଭାଗ, ଇବଥର୍ମାଲ, ବନହରପାଲି ତରଫରୁ 'ସୁରକ୍ଷିତ ଶିକ୍ଷାନୁଷ୍ଠାନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରାତଃକାଳୀନ ସଭା ସମାପ୍ତ ପରେ ଅଗ୍ନିଶମ ଅଧିକାରୀ ପ୍ରଭାକର ପଧାନ ଓ ତାଙ୍କ କର୍ମଚାରୀ ମାନେ ଛାତ୍ରଛାତ୍ରୀଙ୍କୁ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା, ଦୈବୀ ଦୁର୍ବିପାକ ସମୟରେ ନିଜକୁ ସୁରକ୍ଷିତ ରଖିବାର କୌଶଳ, ଅଭିନବ ଉପାୟରେ ନିଆଁ ଲିଭାଇବାର ଉପାୟ ତଥା ପାଣିରେ ବୁଡି ଗଲେ ଉଦ୍ଧାର ପଦ୍ଧତି ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଅଗ୍ନିଶମ ଅଧିକାରୀଙ୍କ ନେତୃତ୍ୱରେ କର୍ମଚାରୀମାନେ ଛାତ୍ରଛାତ୍ରୀଙ୍କୁ ଏସବୁକୁ ପ୍ରଦର୍ଶିତ କରିଥିଲେ। ବିଦ୍ୟାଳୟର ସ୍କାଉଟ, ଗାଇଡ୍ ଓ ଏନ୍‌ସିସି ବିଭାଗର ଛାତ୍ରଛାତ୍ରୀ ଏସବୁ ନିରୀକ୍ଷଣ କଲାପରେ ନିଜନିଜ ଭିତରେ ପ୍ରଦର୍ଶନ କରି ଦେଖାଇଥିଲେ। କାର୍ଯ୍ୟକ୍ରମଟି ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ସ୍ଥାନୀୟ ଅଭିଭାବକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମଟିକୁ ମନଭରି ଉପଭୋଗ କରିବା ସହ ଅଗ୍ନିଶମ ବିଭାଗକୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ବ୍ଲକ୍‌ସ୍ତରୀୟ ଜିପିଏଲ୍‌ଏଫ୍ କର୍ମୀଙ୍କ ଗଣଧାରଣା



ଦେବଗଡ଼,୨୩।୯ (ସମିସ): ଦେବଗଡ଼ ଜିଲ୍ଲାରେ କାର୍ଯ୍ୟରତ ମିଶନଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ପ୍ରୋତ୍ସାହନ ରାଶି ପରିବର୍ତ୍ତେ ପାରିଶ୍ରମିକ ଦାବିରେ ରିଆମାଳ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଗଣଧାରଣା କରାଯାଇଛି। ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ସାରା ରାଜ୍ୟର ୩୧୪ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଜିପିଏଲଏଫ୍ ସଂଘର ସଦସ୍ୟା ମାନେ ପାରିଶ୍ରମିକ ଦାବି ନେଇ ଗଣଧାରଣାରେ ବସିଛନ୍ତି। ପ୍ରକାଶ ଯେ, ଏମ୍‌ବିକେ, ପ୍ରାଣୀମିତ୍ର, ବ୍ୟାଙ୍କ ମିତ୍ର, ସିଆର୍‌ପି, କୃଷି ମିତ୍ର ଓ ଏଲ୍‌ଏସ୍‌ପି ମାନଙ୍କୁ ପୂର୍ବ ସରକାର ସ୍ଥାୟୀ ନିଯୁକ୍ତି ଦେଇ ପାରିଶ୍ରମିକ ପ୍ରଦାନ କରୁଥିଲେ। ମାତ୍ର ଗତ ଛଅ ମାସ ହେଲା ଡବଲ ଇଞ୍ଜିନ ସରକାର ପାରିଶ୍ରମିକ ବଦଳରେ ପର୍‌ଫର୍ମାନ୍ସ ଇନ୍‌ସେଣ୍ଟିଭ ବୋନସ ଦେଉଛନ୍ତି। ସେହି ଅର୍ଥରେ ପରିବାର ଚଳାଇବା ଦୂରର କଥା, ଛୁଆଙ୍କ ଟିଉସନ୍ ଟଙ୍କା ଦେବା ମଧ୍ୟ ସମ୍ଭବପର ହେଉନାହିଁ। ଏପରିସ୍ଥଳେ ମିଶନଶକ୍ତି ଜରିଆରେ ସେମାନେ ନେଇଥିବା

**ମହିଳାଙ୍କୁ ସମ୍ମାନ ନୁହଁ ହୀନମାନ କରିଛନ୍ତି ସରକାର**

ସ୍କୁଟି କିସ୍ତି ପରିଶୋଧ କରିବା ଅସମ୍ଭବ ବୋଲି ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ସରକାର ମହିଳାଙ୍କୁ ସମ୍ମାନ ଦେଉଥିବା କହି ବାହାସ୍ଫୋଟ ମାରୁଥିବା ବେଳେ ଏହା କଣ ମହିଳାଙ୍କୁ ସମ୍ମାନ ବୋଲି ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ସରକାର ମହିଳାଙ୍କୁ ସମ୍ମାନ କରିବା ପରିବର୍ତ୍ତେ ହୀନମାନ କରି ରାଜରାସ୍ତାରେ ଛାଡି ଥିବା ନେଇ ଜିପିଏଲଏଫ ସଦସ୍ୟା ମାନେ ଅଭିଯୋଗ କରିଛନ୍ତି।

## ଦେବଗଡ଼ରେ ୨ଟି ନୂତନ ବ୍ଲକ୍ ଗଠନ ପାଇଁ ଜିଲ୍ଲା ନାଗରିକ କମିଟିର ଦାବି



ଦେବଗଡ଼,୨୩।୯ (ସମିସ): ଦେବଗଡ଼ ଜିଲ୍ଲାରେ ଆଉ ୨ଟି ନୂତନ ବ୍ଲକ୍ ଗଠନ ନିମନ୍ତେ ମଙ୍ଗଳବାର ରାଜ୍ୟ ସରକାରଙ୍କ ନିକଟରେ ଜିଲ୍ଲା ନାଗରିକ କମିଟି ପକ୍ଷରୁ ଦାବି କରାଯାଇଛି। ୩ଟି ବ୍ଲକ୍ ଓ ଗୋଟିଏ କ୍ଷୁଦ୍ର ପୌରସଂସ୍ଥାକୁ ନେଇ ୧୯୯୪ରେ ଦେବଗଡ଼ ଉପଖଣ୍ଡରୁ ଜିଲ୍ଲା ମାନ୍ୟତା ମିଳିଥିଲା। ଜିଲ୍ଲାରେ ୭୦ଟି ପଞ୍ଚାୟତ ରହିଛି। ପ୍ରଶାସନକୁ ଲୋକାଭିମୁଖୀ କରିବା ପାଇଁ ରିଆମାଳ ବ୍ଲକ୍‌ର ଜିଲ୍ଲା ପରିଷଦ ଜୋନ ୨ରେ ରହିଥିବା ୧୪ଟି ପଞ୍ଚାୟତକୁ ନେଇ ଗୋଟିଏ ନୂତନ ବ୍ଲକ୍ ଓ ଦେବଗଡ଼ ପୌରାଞ୍ଚଳର ପୂର୍ବ ଦିଗରେ ତିଳେଇବଣି ବ୍ଲକ୍‌ର ୫ଟି ପଞ୍ଚାୟତ ସହିତ ବାରକୋଟ ବ୍ଲକ୍‌ର ୮ଟି ପଞ୍ଚାୟତକୁ ମିଶାଇ ଏକ ନୂତନ ବ୍ଲକ୍ ଗଠନ ନିମନ୍ତେ ନାଗରିକ କମିଟି ପ୍ରସ୍ତାବ ରଖିଛି। ସେହିପରି ଟାଇଁସର ପଞ୍ଚାୟତ, କଲଣ୍ଡା ପଞ୍ଚାୟତ ତଥା ବଣିଆକିଲିଣ୍ଡା ପଞ୍ଚାୟତ ପ୍ରଭୃତିରୁ ୧୩ଟି ଗାଁଗୁଡିକୁ ଦେବଗଡ଼ ପୌରାଞ୍ଚଳ ସହିତ ମିଶ୍ରଣ କରିବାକୁ ଦାବି କରାଯାଇଛି। ଏଥିସହିତ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗେଇ ଦେବା, ନୂଆ ବାଲିରୋଇ ଗାଁ ନାମ ପରିବର୍ତ୍ତନ କରି ନୂଆ ଦେବଗଡ଼ କରିବା, ଟାଇଁସର ଗାଁରୁ ଆରମ୍ଭ କରି କଣ୍ଢଳ ଗାଁ ପର୍ଯ୍ୟନ୍ତ ଟାଉନ ବସ ସେବା ଯୋଗେଇ ଦେବା, ଦେବଗଡ଼ ସହର ତଥା ତିଳେଇବଣି ବ୍ଲକ୍ ପାଇଁ ହେଉଥିବା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଦେବଗଡ଼ରେ ଏକ ନୂତନ ନର୍ସିଂ କଲେଜ ସ୍ଥାପନ କରିବା ତଥା କଳାପରିଷଦ ଗୃହ କାର୍ଯ୍ୟକୁ ସମାପ୍ତ କରିବା ପ୍ରଭୃତି ଦାବି ଜିଲ୍ଲାପାଳ ଶ୍ରୀ କବିନ୍ଦ୍ର ସାହୁଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ନାଗରିକ କମିଟିଙ୍କ ପ୍ରତିନିଧି ମଣ୍ଡଳୀରେ ଲକ୍ଷ୍ମଣ ପ୍ରଧାନ, ସୁଧୀର କପରଦାର, ପ୍ରମୋଦ ମିଶ୍ର ଓ ନରୋତ୍ତମ ସାହୁ ପ୍ରମୁଖ ରହିଥିବା ଜଣାପଡିଛି।

## ମରଣାନ୍ତକ ଆକ୍ରମଣରେ ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

● ଶବ ଧରି ଏସ୍‌ପିଙ୍କ ଦ୍ୱାରସ୍ଥ ପରିବାର

ଝାରସୁଗୁଡ଼ା,୨୩।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନାଞ୍ଚଳରେ ଗତ ସେପ୍ଟେମ୍ବର ୧୨ ତାରିଖ ସାହିଲ ଯାଦବ ନାମକ ଜଣେ ଯୁବକଙ୍କୁ ବ୍ରଜରାଜନଗର ଅଞ୍ଚଳର ପ୍ରଫୁଲ୍ଲ ଛତ୍ରୀ ନାମକ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିଲା। ତେବେ ମଙ୍ଗଳବାର ଏକ ଘରୋଇ ହସ୍ପିଟାଲରେ ସକାଳେ ସାହିଲଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଆକ୍ରମଣରେ ଯୁବକ ଜଣକ ପ୍ରଥମେ ଗୁରୁତର ଆହତ ହୋଇଥିବା ବେଳେ ପ୍ରଥମେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଏକ ଘରୋଇ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳୁ ସାହିଲଙ୍କ ମୃତ୍ୟୁ ଘଟିଛି। ଘଟଣାକୁ ନେଇ ଆଜି ଅପରାହ୍ଣରେ ମୃତ ଯୁବକଙ୍କ ପରିବାର ଝାରସୁଗୁଡ଼ା ଏସପିଙ୍କ କାର୍ଯ୍ୟାଳୟକୁ ଯାଇ ନ୍ୟାୟ ପାଇଁ ଦାବି କରିଛନ୍ତି। ଯୁବକଙ୍କ ଶବ ରଖି ଆକ୍ରମଣର ଉପଯୁକ୍ତ ତଦନ୍ତ ଦାବି କରିଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ପ୍ରଫୁଲ୍ଲ ଛତ୍ରୀଙ୍କୁ ଗିରଫ କରି ବ୍ରଜରାଜନଗର ଥାନା ପୁଲିସ କୋର୍ଟ ଚାଲାଣ କରି ସାରିଛି। ତେବେ ପ୍ରଥମେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ଘଟଣାର ବହୁ ତଥ୍ୟ ମିଳିବ ବୋଲି ପୁଲିସ ସୂଚନା ଦେଇଛି। ପ୍ରକାଶ ଛତ୍ରୀ ନାମରେ ଆଗରୁ ମଧ୍ୟ ବହୁ ଅପରାଧିକ ମାମଲା ରହିଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ସମ୍ବଲ୍‌ପୁରୀ ସାହିତ୍ୟ ପରିଷଦର ଫି ମାସେଁ ଗୁଟେ ଦିନ୍

ବରପାଲି/ମହଦା,୨୩।୯ (ସମିସ): ସମଲ୍‌ପୁରି ସାହିତ୍ୟ ପରିଷଦର ଫି ମାସେଁ ଗୁଟେ ଦିନ୍ ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଧନପତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମକୁ ତେଜରୁ ବାରିକ୍ ସଂଯୋଜନା କରିଥିଲେ। ବୈଠକରେ ମୁଖ୍ୟ ଅତିଥି ରୂପେ ଡ.ଗୋବର୍ଦ୍ଧନ ସାହୁ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ମାନସ ଷଡଙ୍ଗୀ ଯୋଗ ଦେଇଥିଲେ। ପ୍ରଥମେ ଦିବଂଗତ କବି ବିନୋଦ ପଶାୟତ ଓ କବି ବିପିନ ଆଚାର୍ଯ୍ୟଙ୍କ ସ୍ମୃତିରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରିଷଦର ଉପସଭାପତି ଡ.ସୁବାଷ ମେହେର ଦିବଂଗତ କବି ମାନଙ୍କର ଜୀବନି ତଥା ଅବଦାନ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଉତ୍ପନ୍ନ ଭୋଇ ସାଂପ୍ରତିକ୍ ଯୁଗରେ ସମ୍ବଲପୁରୀ ସାହିତ୍ୟର ସ୍ଥିତି ଉପରେ ମତ ରଖିଥିଲେ। ଏହି ଅବସରରେ ବରପାଲି ବ୍ଲକ୍ ଅଧୀନ ବନ୍ଧପାଲି ଗାଁର ଝାଏଁରେ ବନ୍ଧପାଲି କଲାପଟା ସାହିତ୍ୟ ସଂସଦର କର୍ମକର୍ତ୍ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ 'ଭାଷାର୍ ଧର୍‌ସା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ନିମନ୍ତ୍ରିତ କବିଙ୍କ କବିତା ପାଠ କ୍ରମରେ କୁମୁଦ ବାରିକ, ନରେନ୍ଦ୍ର ମହାନ୍ତି, ସୁଭାଷ ଭୁଏ, ଭରତ ନାଏକ, ଅହଲ୍ୟା ପ୍ରଧାନ, ସନ୍ତୋଷିନୀ ନାଗ, ଦାମୋଦର ସାହୁ, ଗଣେଶ ପ୍ରଧାନ ସ୍ୱରଚିତ କବିତାମାନ ପାଠ କରିଥିଲେ। କବିତା ଗୁଡିକୁ ଅଧ୍ୟାପକ ସୁଭୋଇ ଓ ଅଧ୍ୟାପକ ମାନ ଭଞ୍ଜନ ପାଣିଗ୍ରାହୀ ସମିକ୍ଷା କରିଥିଲେ। ଶେଷରେ କବି ଉମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷାଧିକ ଟଙ୍କାର ବାଣ ଜବତ, ଜଣେ ଗିରଫ



ଅତାବିରା,୨୩।୯ (ସମିସ): ଅତାବିରା ଥାନା ଅଧୀନ ବାବେବିରା କେନାଲ ପଡାରେ ବେଆଇନ ବାଣ ଗଚ୍ଛିତ ଥିବା ଖବର ପାଇ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ ପ୍ରହଲ୍ଲାଦ ମୀନାଙ୍କ ନିର୍ଦ୍ଦେଶ କ୍ରମେ ଅତାବିରା ପୁଲିସ ଏକ ଟିମ ଗଠନ କରି ଗଚ୍ଛିତ ଥିବା ବେଆଇନ ବାଣ ଗୋଦାମରେ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିଛି। ଏହାସହ ଏଥିରେ ସମ୍ପୃକ୍ତ ଥିବା ବିକ୍ରେତା କେ ଚନ୍ଦ୍ର ଶେଖରରେଡି(୪୭)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଟ୍ୱିଙ୍କିଲ କରେକର ୫୦ ପ୍ୟାକେଟ, ଝୁରଝୁରି ୨୦୦ ପ୍ୟାକେଟ, ସ୍କାଏରକେଟ ୧୦୦ ପ୍ୟାକେଟ, ସାଉଣ୍ଡ ବମ ୧୨୦ ପ୍ୟାକେଟ, ମିର୍ଚ୍ଚା ବମ ୩୦୦ ପ୍ୟାକେଟ, କୁପି ବମ ୧୦୦, ୧୫ ସର୍ଟ ବମ ୬ ଟି ଓ ଅନ୍ୟାନ୍ୟ ପ୍ରକାର ଫାୟାର କରେକରକୁ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାର ହେବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ପାଇକମାଳରେ ଅଗ୍ରସେନ ଜୟନ୍ତୀ



ପାଇକମାଳ,୨୩।୯ (ସମିସ): ପାଇକମାଳ ସ୍ଥିତ ନୃସିଂହନାଥ ଧର୍ମଶାଳା ଠାରେ ଅଗ୍ରୱାଲ ସମାଜ ତରଫରୁ ଅଗ୍ରସେନ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏନେଇ ଅନୁଷ୍ଠିତ ସଭାରେ ଅଗ୍ରୱାଲ ସମାଜ ଅନିଲ ଅଗ୍ରୱାଲ ଅଧ୍ୟକ୍ଷତା କରଥିଲେ। ମୁଖ୍ୟ ଅତିଥିଭାବେ ବଲାଙ୍ଗିର ଇଂ.ମନୋଜ ଜୈନ, ମୁଖ୍ୟବକ୍ତା ଭାବେ ମମତା ଜୈନ ଓ ସମ୍ମାନିତ ଅତିଥିଭାବେ ବିନୋଦ ଜୈନ ସବିତା ଜିନ୍ଦଲ, ରୋହିତ ଅଗ୍ରୱାଲ ଯୋଗ ଦେଇଥିଲେ। ଅମନ ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିବା ବେଳେ ନିଲେଶ ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଜି ସକାଳେ ମାରୱାଡି ସମାଜ ତରଫରୁ ପାଇକମାଳ ସହର ପରିକ୍ରମା କରି ସ୍ଥାନୀୟ ଧର୍ମଶାଳା ଠାରେ ସମାଜର ବରିଷ୍ଠ ସଦସ୍ୟ କିଶନଲାଲ ଅଗ୍ରୱାଲ ମହାରାଜ ଅଗ୍ରେସନଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦିପ ପ୍ରଜ୍ୱଳନ କରିବା ପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ମହାରାଜା ଅଗ୍ରେସନ ଭୂମିକାରେ ଅନରେଶ ଅଗ୍ରୱାଲ ଅଭିନୟ କରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମାଜର ସମ୍ପାଦକ ଆୟୁଶଅଗ୍ରୱାଲଧନ୍ୟବାଦଦେଇଥିଲେ।

## ପଞ୍ଚାୟତସ୍ତରୀୟ ଇସି ସଂଘ ପୁନର୍ଗଠନ ପାଇଁ ସାଂସଦଙ୍କୁ ଦାବି



ପାଇକମାଳ,୨୩।୯ (ସମିସ): ପାଇକମାଳ ବ୍ଲକ୍‌ର ୨୨ ପଞ୍ଚାୟତର ସମସ୍ତ ପଞ୍ଚାୟତ ସ୍ତରୀୟ ଇସି ସଂଘ ଗଠନ କରାଯାଇଥିଲା। ସଂଘର ଅଜାଣତରେ ପଞ୍ଚାୟତ ସ୍ତରୀୟ ଇସି ସଂଘ ଗଠନ କରାଯାଇଥିବା ବେଳେ ତାକୁ ପୁନଃଗଠନ କରିବା ନେଇ ଆଜି ଶତାଧିକ ସଦସ୍ୟାମାନେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଲିଖିତ ଅଭିଯୋଗ ଅନୁସାରେ ବ୍ଲକ୍‌ର ୨୨ ଖଣ୍ଡ ପଞ୍ଚାୟତକୁ ନେଇ ପୂର୍ବରୁ ଇସି ସଂଘ ଗଠନ କରାଯାଇଥିଲା। ଇସି ସଂଘର ସୁପାରିଶ କ୍ରମେ ସିଆରପି, ଏମବିକେ କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର ମାନଙ୍କୁ ନିଯୁକ୍ତି ଦେଇଥିଲେ। ହେଲେ ପୂର୍ବର ଗଠିତ ପଞ୍ଚାୟତ ସ୍ତରୀୟ ଇସି ସଂଘର ଅନୁପସ୍ଥିତରେ ନୂତନ ଇସି ଗଠନ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଯଦି ସରକାର ପୁନଃ ଗଠନ କରିଛନ୍ତି ତାହାହେଲେ ସମସ୍ତ ସଂଘକୁ ଭାଙ୍ଗି ଦିଆଯାଇ ନୂତନ ଭାବେ ଗଠନ କରାଯାଉ ବୋଲି ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜ୍ୟୋତ୍ସ୍ନା ସାହୁ, କ୍ଷିରୋଦିନୀ ସାହୁ, ବୀଣା ପ୍ରଧାନ, ସୁମିତ୍ରା ଭୋଇ, ସୂର୍ଯ୍ୟକାନ୍ତି ପଟେଲ, ଦୀପାଞ୍ଜଳୀ ଲୁହାରଙ୍କ ସହ ଶତାଧିକ ସଂଘର ସଦସ୍ୟା ଉପସ୍ଥିତ ଥିଲେ।

# କୋର୍ଟ ପରିସରକୁ ଓକିଲଙ୍କୁ ଗାଡ଼ି ମନା ବିରୋଧରେ ଓକିଲ ସଂଘର ବିକ୍ଷୋଭ



ଝାରସୁଗୁଡ଼ା,୨୩।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା କୋର୍ଟ ପରିସରକୁ ଓକିଲ ମାନଙ୍କ ଯାନବାହାନ ନେବା ପାଇଁ ବାରଣ କରି ନୋଟିସ ଦେବା ପରେ ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ କରାଯାଇଛି। ଯାନବାହାନ କୋର୍ଟ ପରିସରକୁ ଆସିପାରିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଓକିଲ ମାନେ ବିକ୍ଷୋଭରୁ ଉଠିଛନ୍ତି। ସୋମବାର ଜିଲ୍ଲା କୋର୍ଟର ଗେଟରେ ଓକିଲ ମାନଙ୍କ ଯାନବାହାନ ପ୍ରବେଶକୁ ମନା କରି ଏକ ନୋଟିସ ଛପା ଯାଇଥିଲା। ଏହାକୁ ନେଇ ଜିଲ୍ଲା ଓକିଲ ସଂଘ ତରଫରୁ ମଙ୍ଗଳବାର ୧୦ ରୁ ୨ଟା ଯାଏଁ କୋର୍ଟ ପରିସରରେ ବିକ୍ଷୋଭ କରାଯାଇଥିଲା। ଯାନବାହନ ଯିବା ଆସିବା ସହ ପାର୍କିଂ ସୁବିଧା ସହ ଓକିଲ ମାନଙ୍କ ପାଇଁ ବ୍ୟବସ୍ଥା ଦାବିରେ। ଓକିଲ ମାନଙ୍କ ଯାନ କୋର୍ଟ ପରିସରକୁ ପ୍ରବେଶ ପାଇଁ ଜିଲ୍ଲା ଜଜ ପ୍ରଶାନ୍ତ ନାୟକ ପ୍ରତିଶ୍ରୁତି ଦେବାସହ ଆଗାମୀ ଦିନରେ ପାର୍କିଂ ବ୍ୟବସ୍ଥା କରାଯିବା ନେଇ ମଧ୍ୟ କହିବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା।

ବିକ୍ଷୋଭ ସମୟରେ ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ସମ୍ପାଦକ ନୀଳାଦ୍ରି ବିହାରୀ ପଣ୍ଡା, ସିଆରାମ ଦାସ, କିଶୋର ପଟେଲ, ପି.ରାମମୋହନ ରାଓ, ଦୀପକ ପଟେଲଙ୍କ ସହିତ ଓକିଲ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବରପାଲି ମହାବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ବରପାଲି,୨୩।୯ (ସମିସ): ବରପାଲି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ବିଭାଗରେ ଯୋଗ ଦେଇଥିବା ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉତ୍ସବଟି ଆୟୋଜିତ ହୋଇଥିଲା।

ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ସୁଶୀଲ ଶତପଥୀ ଉତ୍ତମ ବିଦ୍ୟାର୍ଥୀ ହୋଇ ସାମାଜିକ ସେବା, ଦେଶ ସେବାରେ ଲିପ୍ତରହିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅଲେଖ ମହାନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଦେବାଙ୍ଗିନୀ ସାହୁ, ଅଞ୍ଜନା ଭୋଇ, ସୀମା ଭୋଇ ସଭାରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ସଫଳତା ଓ ଉତ୍ତମ ଭବିଷ୍ୟତ ଗଠନ ଦିଗରେ ମାର୍ଗଦର୍ଶନ ଦେଇଥିଲେ। ଶେଷରେ ଯୁକ୍ତ ତିନି ୩ୟ ବର୍ଷ ଛାତ୍ର ଗଣେଶ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ସମୀର ବିଶି, ଅଙ୍କୁଶ ଥାପା, ଗୌତମ ନାଗ, ଆଦିତ୍ୟ ମହାପାତ୍ର, ଲିପିକା ଗୁରୁ, ଅର୍ପିତା ଥଇତ୍, କମଳା ସରାଫ୍, ମୀନା କାଲସା, ରୁବି ମେହେର ପ୍ରମୁଖଙ୍କ ସହିତ ବିଭାଗର ସମସ୍ତ ଛାତ୍ରଛାତ୍ରୀ ସଭାକାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ।



## ଭୁବନେଶ୍ୱର ସିଟି

# ରାଜଧାନୀରେ କୃତ୍ରିମ 'ଗ୍ୟାସ୍' ସଙ୍କଟ

ଭୁବନେଶ୍ୱର, ୨୩।୯ (ସମିସ): ରନ୍ଧନ ଗ୍ୟାସ୍ ପାଇଁ ରାଜଧାନୀବାସୀ ହନ୍ତସନ୍ତ ହେଉଛନ୍ତି। ବୁକିଂ କରିବାର ୧୦ଦିନ ବିତି ଯାଉଥିଲେ ମଧ୍ୟ ଗ୍ରାହକଙ୍କୁ ଗ୍ୟାସ୍ ମିଳି ପାରୁନି। ସଠିକ୍ ସମୟରେ ଗ୍ୟାସ୍ ମିଳୁ ନ ଥିବାରୁ ଗ୍ୟାସ୍ ଏଜେନ୍ସି ଅଫିସରେ ଭିଡ଼ ଜମାଉଛନ୍ତି। ତା ସତ୍ତ୍ୱେ ଗ୍ୟାସ୍ ମିଳୁନାହିଁ। ଅପରପକ୍ଷରେ ଖୁଚୁରା ଦୋକାନରେ ଗ୍ୟାସ୍ ଟାଙ୍କି ଭର୍ତ୍ତି ହୋଇଛି। କେବଳ ଖୁଚୁରା ନୁହେଁ, ଗ୍ୟାସ୍ ଭର୍ତ୍ତି 'ରାଜଧାନୀ ଗ୍ୟାସ୍' ୧୦ରୁ ଅଧିକ ଦିନ ନେଉଥିବା ମଧ୍ୟ ଅଭିଯୋଗ ହୋଇଛି। ବରମୁଣ୍ଡା ଜଗନ୍ନାଥ ବିହାର ଅଞ୍ଚଳର ଜଣେ ଗ୍ରାହକ ଗତ ୧୫ ତାରିଖରେ ଗ୍ୟାସ୍ ପାଇଁ ବୁକିଂ କରିଥିଲେ। ଆବଶ୍ୟକ ଦେୟ ମଧ୍ୟ ପୈଠ କରିଛନ୍ତି। ହେଲେ ଆଜି ଯାଏଁ ଗ୍ୟାସ୍ ପହଞ୍ଚି ନାହିଁ। ବୁକିଂକୁ ୮ ଦିନ ବିତିଥିଲେ ମଧ୍ୟ କାହିଁକି ଗ୍ୟାସ୍ ଦିଆଯାଉ ନାହିଁ ଏବଂ କେବେ ସୁଦ୍ଧା ପହଞ୍ଚିବ ବୋଲି ପଚାରିବାରୁ ୧୦ଦିନ ପରେ ଯାଇ ମିଳିବ ବୋଲି କର୍ମଚାରୀମାନେ ରୋକ୍‌ଠୋକ୍ ଶୁଣାଉଛନ୍ତି। ପର୍ଯ୍ୟାପ୍ତ ଗ୍ୟାସ୍ ଯୋଗାଣ ହେଉ ନ ଥିବାରୁ ଗ୍ରାହକଙ୍କୁ ପ୍ରଦାନ କରିବାରେ ବିଳମ୍ବ ହେଉଥିବା କହୁଛନ୍ତି। ଏ ସମ୍ପର୍କରେ କମ୍ପାନୀ ବା ମନ୍ତ୍ରଣାଳୟ ନିକଟରେ ଅଭିଯୋଗ କଲେ ୫ଟି କାର୍ଯ୍ୟଦିବସ ମଧ୍ୟରେ ସମାଧାନ ହେବ ବୋଲି କୁହାଯାଉଛି। ଅର୍ଥାତ୍ ଅତି କମ୍‌ରେ ୧୫ ଦିନ ଆଗରୁ

**ବୁକିଂର ୧୦ ଦିନ ପରେ ବି ମିଳୁନି ସିଲିଣ୍ଡର**

**ଖୁଚୁରା ଦୋକାନରେ ଭରପୂର ଗ୍ୟାସ୍ ଟାଙ୍କି**

**ଚେଇଁ ଶୋଇଛି ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ**



ନୂତନ ଟାଙ୍କି ମଧ୍ୟ ମିଳୁଛି। ଗ୍ୟାସ୍ ସରିବା ପୂର୍ବରୁ ଏମାନଙ୍କ ପାଖେ ଟାଙ୍କି ପହଞ୍ଚିଯାଉଛି। ରାଜଧାନୀରେ ଏପରି କୃତ୍ରିମ ଗ୍ୟାସ୍ ସଙ୍କଟ ସୃଷ୍ଟି ହେବା ଖାଉଟିଙ୍କ ଚିନ୍ତା ବଢ଼ାଇଛି।

ଗ୍ୟାସ୍ ଟାଙ୍କି ପାଇଁ ବୁକିଂ କରିବାର ପାଞ୍ଚଦିନ ମଧ୍ୟରେ ଖାଉଟିଙ୍କ ଘରେ ପହଞ୍ଚିବାର ନିୟମ ରହିଛି। ପେଟ୍ରୋଲିଅମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଏହି ନିୟମକୁ ଗ୍ୟାସ୍ ଏଜେନ୍ସିମାନେ ଭ୍ରୂକ୍ଷେପ କରୁ ନାହାନ୍ତି। ଖାଉଟିଙ୍କ ଘରେ ଗ୍ୟାସ୍ ପହଞ୍ଚାଇବା ପାଇଁ ୧୦ରୁ ୧୫ ଦିନ ନେଉଛନ୍ତି। ଏଚ୍‌ପି ଗ୍ୟାସ୍ ଏଜେନ୍ସି ନେଇଥିବା ଗ୍ୟାସ୍ ମିଳିବା ଏର ପ୍ରକାର ଅସମ୍ଭବ ହୋଇ ପଡୁଛି।

ଅପରପକ୍ଷରେ ଖୁଚୁରା ଗ୍ୟାସ୍ ଦୋକାନରେ ଗ୍ୟାସ୍ ଟାଙ୍କି ଭର୍ତ୍ତି ରହିଛି। ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ୮୭୯ ଟଙ୍କା ହୋଇଥିବାବେଳେ ୧୧୫୦ଟଙ୍କା ନେଇ ନୂତନ ଟାଙ୍କି ବିକ୍ରି କରୁଛନ୍ତି। ଖାଉଟିମାନେ ପ୍ରାୟ ତିନିଶହ ଟଙ୍କା ଆର୍ଥିକ ବୋଝ ମୁଣ୍ଡାଉଛନ୍ତି। ଗ୍ୟାସ୍ ଖାଲି ହେବା ପୂର୍ବରୁ ପର୍ଯ୍ୟାପ୍ତ ଟାଙ୍କି ଦୋକାନରେ ପହଞ୍ଚି ଯାଉଛି। ଗ୍ରାହକ ଗ୍ୟାସ୍ ଏଜେନ୍ସି ପାଖରୁ ନିରାଶ ହେଉଥିଲେ ମଧ୍ୟ ଖୁଚୁରା ଦୋକାନରୁ ନିଶ୍ଚିତ ପାଉଛନ୍ତି। ଯଦି ପର୍ଯ୍ୟାପ୍ତ ଗ୍ୟାସ୍ ଯୋଗାଣ ହେଉନାହିଁ, ତାହେଲେ ଖୁଚୁରା ଦୋକାନୀଙ୍କ ପାଖରେ ଭରପୁର ଟାଙ୍କି କେମିତି ରହୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣୁ ବ୍ୟାପକ ଭାବେ ଗ୍ୟାସ୍ କଳାବଜାରୀ ହେଉଥିବା ଅଭିଯୋଗ ହୋଇଛି। ରାଜଧାନୀରେ ଗ୍ୟାସ୍‌ର କୃତ୍ରିମ ସଙ୍କଟ ସୃଷ୍ଟି କରି ଦଲାଲ ମାଲେମାଲ୍ ହେଉଥିଲେ ମଧ୍ୟ ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗର ନଜର ପଡୁନାହିଁ। ଏପରିକି ବିଭାଗରେ ୱେବସାଇଟ୍‌ରେ ଥିବା ନମ୍ବରରେ ଅଭିଯୋଗ କଲେ ମଧ୍ୟ ତ୍ୱରିତ ପଦକ୍ଷେପ ନିଆଯାଉ ନାହିଁ। କେବେ ସୁଦ୍ଧା ଗ୍ୟାସ୍ ମିଳିବ ସେନେଇ ମଧ୍ୟ ସନ୍ତୋଷଜନକ ଉତ୍ତର ଦେଇପାରୁ ନ ଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଚାପା ଅସନ୍ତୋଷ ସୃଷ୍ଟି ହେଉଛି। ସରକାରଙ୍କ ଆଖିନାକ ତଳେ ଖୋଦ୍ ରାଜଧାନୀରେ ଯଦି ଗ୍ୟାସ୍‌ର କୃତ୍ରିମ ସଙ୍କଟ ସୃଷ୍ଟି କରି କଳାବଜାରୀ କରାଯାଉଛି, ତାହେଲେ ଗ୍ରାମାଞ୍ଚଳରେ ଗ୍ୟାସ୍ ଯୋଗାଣ କେତେ ସ୍ୱଚ୍ଛତାର ସହ ହେଉଥିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୋଗ ସମ୍ପର୍କରେ ରାଜଧାନୀ ଗ୍ୟାସ୍ ଏଜେନ୍ସିର ମାଲିକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାବେଳେ ଏଚ୍‌ପି ସେଲସ୍ ଅଫିସର କୁନ୍ଦନ କୁମାର କହିଛନ୍ତି ଯେ ପର୍ଯ୍ୟାପ୍ତ ଗ୍ୟାସ୍ ଯୋଗାଣ ରହିଛି। ଡ୍ରାଇଭର୍‌ମାନେ ରବିବାର କାମ ବନ୍ଦ କରିଥିବାରୁ ଏବଂ ପୂଜା ପାଇଁ ଗ୍ୟାସ୍ ଚାହିଦା ବଢ଼ିଥିବାରୁ ସମସ୍ୟା ଉପୁଜିଛି। ପୂଜାପରେ ସ୍ଥିତି ସ୍ୱାଭାବିକ ହୋଇଯିବ ବୋଲି ସେ କହିଛନ୍ତି।

## ଲିଙ୍ଗରାଜ ପେଟ୍ରୋଲ୍ ପମ୍ପ ଉପରେ ଚଢ଼ଉ

ଭୁବନେଶ୍ୱର, ୨୩।୯ (ସମିସ): ଜିଲ୍ଲା ଯୋଗାଣ ବିଭାଗର ସ୍କ୍ୱାଡ୍ ଭୁବନେଶ୍ୱର ନୂଆଗାଁଠାରେ ଥିବା ଲିଙ୍ଗରାଜ ପେଟ୍ରୋଲ ପମ୍ପ ଉପରେ ଆଜି ଚଢ଼ଉ କରିଛନ୍ତି। ଚଢ଼ଉ ସମୟରେ ଅଧିକାରୀମାନେ ଡିଜେଲର ମାନରେ କିଛି ତ୍ରୁଟି ପରିଲକ୍ଷିତ ହେବାରୁ ଏହାର ନମୁନା ସଂଗ୍ରହ କରାଯାଇ ଫୋରେନ୍‌ସିକ୍ ପରୀକ୍ଷାଗାରକୁ ପଠାଇଛନ୍ତି। ପମ୍ପରେ ଅନିୟମିତତା ଯଥା- ନିଆଁ ଲିଭା ଯନ୍ତ୍ର ନବୀକରଣ ନ ହେବା, ସ୍ୟାଣ୍ଡ ବକେଟ୍‌ରେ ବାଲି ନ ରହିବା, ଶୌଚାଳୟ କାର୍ଯ୍ୟକ୍ଷମ ନଥିବା ଓ ଆନୁସଙ୍ଗିକ ବ୍ୟବସ୍ଥା ଆଦିରେ ଅସୁବିଧା ସମ୍ପର୍କରେ ପମ୍ପ ମାଲିକ ବିଚିତ୍ର ଭୋଳଙ୍କୁ ପଚରାଯାଇଥିଲା। ମାତ୍ର ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲା ଉପରିସ୍ଥ ଅଧିକାରୀ ତଥା ଅଏଲ୍ ମାର୍କେଟିଂ କମ୍ପାନୀର ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇବେ ବୋଲି ଯୋଗାଣ ବିଭାଗର ଅଧିକାରୀମାନେ ପ୍ରକାଶ କରିଥିଲେ। ବିଭିନ୍ନ ସ୍ଥାନରୁ ଆସୁଥିବା ଅଭିଯୋଗକୁ ଭିତ୍ତି କରି ମାପ, ଓଜନ ତଥା ମାନରେ ଆସୁଥିବା ତ୍ରୁଟି ସୁଧାରିବା ନିମନ୍ତେ ଜିଲ୍ଲା ଯୋଗାଣ ବିଭାଗ ଆଗାମୀ ଦିନରେ ଏହିଭଳି ଚଢ଼ଉ ଜାରି ରଖିବ। ଏହି ଚଢ଼ଉରେ ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର, ବିଏମ୍‌ସି ଅତିରିକ୍ତ ଯୋଗାଣ ଅଧିକାରୀ ରୋହିତ କୁମାର ଦାସ, ଭୁବନେଶ୍ୱର ଉପଖଣ୍ଡର ସହାୟକ ଯୋଗାଣ ଅଧିକାରୀ ସୁନିତା ବେହେରା, ଭୁବନେଶ୍ୱର ବ୍ଲକର ଯୋଗାଣ ନିରୀକ୍ଷକ ସୌମେନ୍ଦ୍ର ମହାନ୍ତି ଏବଂ ବିଏମ୍‌ସିର ଯୋଗାଣ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

**● କ୍ୟାପିଟାଲ ହସ୍ପିଟାଲରେ ଅଟୋ ଡ୍ରାଇଭରଙ୍କ ଆକ୍ରମଣ ପ୍ରତିବାଦ**

## ସୁରକ୍ଷା ମାଗିଲେ ସୁରକ୍ଷା କର୍ମୀ



ଭୁବନେଶ୍ୱର, ୨୩।୯ (ସମିସ): ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଅଟୋ ଚାଳକଙ୍କ ଆନ୍ଦୋଳନ ପରେ ଏବେ ଧାରଣା ଦେଇଛନ୍ତି ସିକ୍ୟୁରିଟ୍ ଗାର୍ଡ। ଆନ୍ଦୋଳନରତ ଅଟୋଚାଳକ ସିକ୍ୟୁରିଟି ଗାର୍ଡଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ କ୍ୟାପିଟାଲ ହସ୍ପିଟାଲ ପରିସରରେ ଧାରଣାରେ ବସିଥିଲେ ସିକ୍ୟୁରିଟି ଗାର୍ଡ। ଆକ୍ରମଣକାରୀଙ୍କୁ ଗିରଫ ଦାବି କରିବା ସହ ନିଜ ପାଇଁ ସୁରକ୍ଷା ଦାବି କରିଛନ୍ତି ଆନ୍ଦୋଳନକାରୀ। ଏହାସହ ଆଜି କ୍ୟାପିଟାଲ ହସ୍ପିଟାଲକୁ ଆସୁଥିବା ସମସ୍ତ ଅନ୍‌ଲାଇନ ଅଟୋକୁ ମଧ୍ୟ ହସ୍ପିଟାଲ ପରିସରରୁ ବାହାର କରିଦେଇଛନ୍ତି ଆନ୍ଦୋଳନକାରୀ।

ସିକ୍ୟୁରିଟି ଗାର୍ଡଙ୍କ ଆନ୍ଦୋଳନ ଯୋଗୁଁ ହସ୍ପିଟାଲରେ ଅଚଳାବସ୍ଥା ଦେଖିବାକୁ ମିଳିଥିଲା। ସିକ୍ୟୁରିଟି ଗାର୍ଡ ହସ୍ପିଟାଲର କିଛି ରାସ୍ତା ଅବରୋଧ କରିଥିବାରୁ ହସ୍ପିଟାଲକୁ ରୋଗୀ ଓ ତାଙ୍କ ସମ୍ପର୍କୀୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବିଭିନ୍ନ ୱାର୍ଡରେ ସିକ୍ୟୁରିଟ୍ ଗାର୍ଡଙ୍କ ଗହଳି ଜମିଥିବାରୁ ରୋଗୀ ସେବାରେ ବି ସମସ୍ୟା ଉପୁଜିଥିଲା। ସିକ୍ୟୁରିଟି ଗାର୍ଡ କାର୍ଯ୍ୟ ବନ୍ଦ କରିଥିବାରୁ ବିଭିନ୍ନ ୱାର୍ଡରେ ପୁଲିସ ମୁତୟନ ହୋଇଥିଲେ। ଶେଷରେ ପୁଲିସ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ସେମାନଙ୍କୁ ବୁଝାଇବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। କ୍ୟାପିଟାଲ ହସ୍ପିଟାଲରେ ସୋମବାର ଶିଶୁ ମୃତ୍ୟୁ ଘଟଣାକୁ ନେଇ ହୋଇଥିଲା ତୁମ୍ବିତୋଫାନ ଦେଖିବାକୁ ମିଳିଥିଲା। ଗୋଟିଏ ପଟେ ସ୍ୱତନ୍ତ୍ର କମିଟି ଶିଶୁ ମୃତ୍ୟୁ ଘଟଣାର ତଦନ୍ତ କରୁଥିବା ବେଳେ ଅନ୍ୟ ପଟେ ଆକ୍ରମଣକାରୀଙ୍କ ଗିରଫ ଦାବିରେ ଆନ୍ଦୋଳନ କରିଥିବା ସିକ୍ୟୁରିଟ୍ ଗାର୍ଡ। ସେମାନେ ଅନ୍ୟକୁ ସୁରକ୍ଷା ଦେଉଥିବା ବେଳେ ନିଜ ପାଇଁ ସେମାନେ ସୁରକ୍ଷା ଲୋଡ଼ିଥିଲେ।

# ୨୩ ଲକ୍ଷ ଠକେଇ: ବଣ୍ଟି, ବବ୍‌ଲି ଗିରଫ

ଭୁବନେଶ୍ୱର, ୨୩।୯ (ସମିସ): ନିଜକୁ ଦମ୍ପତି ପରିଚୟ ଦେଇ ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ଦୁଇଗୁଣା ଟଙ୍କା ରୋଜଗାର କରିବାର ଲୋଭ ଦେଖାଇ ୨୩ ଲକ୍ଷ ଟଙ୍କା ଠକି ନେବା ଘଟଣାରେ ସାଇବର ଥାନା ପୁଲିସ ଭନୱାର ଭାରତ ସିଂ ଏବଂ ପତ୍ନୀ ପ୍ରିୟଙ୍କାକୁ ଗିରଫ କରିଛି।

ସୂଚନାଯୋଗ୍ୟ ଯେ, ଖଣ୍ଡଗିରି ଥାନା ଅନ୍ତର୍ଗତ କସ୍ମୋପଲିସ, ଫ୍ଲାଟ ନମ୍ବର-୧୪୩ ରେ ରହୁଥିବା ସତ୍ୟ ସୁଜିତ ମିଶ୍ର ଗତ ୨୦୨୨ ମସିହା ଜୁନ ମାସରେ ଅଭିଯୁକ୍ତଙ୍କ ସହ ଏକ ହ୍ୱାଟ୍ସଆପ ଗ୍ରୁପ୍ ଜରିଆରେ ଚିହ୍ନା ପରିଚୟ ହୋଇଥିଲେ। ଭନୱାର ଏବଂ ପ୍ରିୟଙ୍କା ନିଜକୁ କ୍ରିପ୍ଟୋ କମୋଡିଟି ଆଣ୍ଡ ଷ୍ଟକର ଟ୍ରେଡର ଭାବେ ପରିଚୟ ଦେବା ସହ ସେଥିରେ ଟଙ୍କା ବିନିଯୋଗ କରି ଅଧିକରୁ ଅଧିକ ଲାଭାଂଶ ପାଇବା ପାଇଁ ପ୍ରବାର୍ତ୍ତାଇଥିଲେ। ସେମାନଙ୍କ କଥାରେ ବିଶ୍ୱାସ କରି ସତ୍ୟ ପ୍ରଥମେ ଆକାଉଣ୍ଟ ହୋଲ୍ଡିଂ ଚାର୍ଜ ବାବଦକୁ ୬୦ହଜାର ଟଙ୍କା ଦେଇଥିଲେ ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ବିଭିନ୍ନ ସମୟରେ ଅଭିଯୁକ୍ତଙ୍କ ବିଭିନ୍ନ ଆକାଉଣ୍ଟକୁ ମୋଟ ୨୩ ଲକ୍ଷ ଟଙ୍କା ପଠାଇଥିଲେ। କିନ୍ତୁ ପରେ ସେ କୌଣସି ଲାଭାଂଶ କିମ୍ବା ଦେଇଥିବା ଟଙ୍କା ଆଉ ଫେରସ୍ତ ପାଇ ନ ଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ବିଶ୍ୱସ୍ତ ସୂତ୍ର ଆଧାରରେ ଚଢଉ କରିବା ସହ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।



### ଚାକିରିରୁ ବିଦା କରି ବାଟରେ ଅଟକାଇ ହାଣିଲେ ଘଟଣା

## ଅନ୍ୟ ଜଣକୁ ଗିରଫ କଲା ପୁଲିସ

ଭୁବନେଶ୍ୱର, ୨୩।୯ (ସମିସ): ଚାକିରିରୁ ବିଦା କରିବା ରାଗରେ ଆକ୍ରମଣ ଘଟଣାରେ ସହିଦନଗର ଥାନା ପୁଲିସ ଅନ୍ୟଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଟକର ଲିପୁନା ସାମଲ ଓରଫ ନିକୁ। ଏହି ମାମଲାରେ ପୂର୍ବରୁ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ବିଭୁ ସୁନ୍ଦର ମଲ୍ଲ ଜଣେ ଟେଲିକମ୍ ନେଟୱର୍କ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ। କାର୍ଯ୍ୟରେ ଅବହେଳା ପାଇଁ ସେହି ସଂସ୍ଥାରେ କାମ କରୁଥିବା ମାନସଙ୍କୁ ଗତ ମାସ ୨୫ ତାରିଖରେ ବହିଷ୍କାର କରିଥିଲେ ବିଭୁ। ଏଥିରେ ମାନସ ଜେନା ଏବଂ ଅନ୍ୟମାନେ କ୍ଷୋଭ ପ୍ରକାଶ କରି ସେମାନଙ୍କର ସହଯୋଗୀଙ୍କ ସହିତ ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଗତ ୩୧ତାରିଖରେ ଆଚାର୍ଯ୍ୟ ବିହାରସ୍ଥିତ କାର୍ଯ୍ୟାଳୟ ନିକଟରେ ବିଭୁ ସୁନ୍ଦରଙ୍କୁ ଆକ୍ରମଣ କରିଥିଲେ।

## ବାଇକ୍ ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୨୩।୯ (ସମିସ): ବାଇକ୍ ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲା ବ୍ରହ୍ମଗିରିର ଅଶୋକ ସାହୁ। ସୂଚନାଯୋଗ୍ୟ ଯେ, ଗତ୨୩ ତାରିଖ ସକାଳେ ଗଜାନନ୍ଦ ପାଣ୍ଡେ ନିଜ ମୋଟରସାଇକେଲକୁ ଭାଗବନପୁର ସ୍ଥିତ ବରେଣ୍ୟମ ଆପାର୍ଟମେଣ୍ଟ ସମୁଖରେ ପାର୍କିଂ କରିଥିଲେ। କିଛି ସମୟର ବ୍ୟବଧାନରେ ଅଭିଯୁକ୍ତ ଅଶୋକ ଉକ୍ତ ସ୍ଥାନରୁ ଗଜାନନ୍ଦଙ୍କ ମୋଟର ସାଇକେଲକୁ କୌଶଳକ୍ରମେ ଚୋରିକରି ନେଇଯାଇଥିଲେ। ଏନେଇ ଅଭିଯୋଗକାରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଘଟଣାର ତଦନ୍ତ କାଳରେ ପୁଲିସ ଏକ ବିଶ୍ୱସ୍ତ ସୂତ୍ର ଆଧାରରେ କାଶୀପୁର ଛକ ନିକଟରେ ଅଚାନକ ଚଢଉ କରିବା ସହ ଅଭିଯୁକ୍ତ ଅଶୋକ ସାହୁଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ତାଙ୍କ ହେପାଜତରୁ ଅଭିଯୋଗକାରୀଙ୍କ ଚୋରୀଯାଇଥିବା ମୋଟରସାଇକେଲ ସହ ଅନ୍ୟ ଏକ ଚୋରା ସ୍କୁଟିକୁ ମଧ୍ୟ ଜବତ କରିଥିଲେ। ଅଭିଯୁକ୍ତ ଅଶୋକ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ମୋଟ ୯ଟି ଅପରାଧିକ ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି।

# ଛଅ ନକଲି ପୁଲିସଙ୍କୁ ୧୦ ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୨୩।୯ (ସମିସ): ନକଲି ପୁଲିସ ଗ୍ୟାଙ୍ଗର ୬ ଜଣଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି ଭୁବନେଶ୍ୱର ଆଡିସନାଲ୍ ସେସନ୍ସ ଜଜ୍ (୨) ବନ୍ଦନା କର। ମାମଲାର ବିଚାର କରି ଅଦାଲତ ୯ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦଲିଲଗୁଡ଼ିକ ଆଧାରରେ ୬ ଜଣ ଆସାମୀ ସାଦ୍ଧିକ ହୁସେନ, ସବିର ଅଲ୍ଲୀ, ଫଜଲ ଅଲ୍ଲୀ, ହସନ ଅଲ୍ଲୀ, ଅବୁଜାର ଅଲ୍ଲୀ ଓ ରାଜେନ୍ଦ୍ର କୁମାର କୁସୱାହଙ୍କୁ ଆଇପିସି ର ଧାରା-୩୯୫ ଅନୁଯାଇ ୧୦ ବର୍ଷ

**ବିଚାରାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ**

ଲେଖାଏଁ ସଶ୍ରମ କାରାଦଣ୍ଡ ସହିତ ୫୦ ଟଙ୍କା ଲେଖାଏଁ ଜୋରିମାନା ଆଦେଶ ଦେଇଛନ୍ତି। ତେବେ ଏହି ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତ ଜାହିର ଅଲ୍ଲୀଙ୍କର ବିଚାରାଧୀନ ଅବସ୍ଥାରେ ଜେଲରେ ମୃତ୍ୟୁ ଘଟିଛି।

ଉଲ୍ଲେଖଯୋଗ୍ୟ ଯେ, ଅଭିଯୋଗକାରୀ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଜଣେ ସ୍କୁଲ ଭ୍ୟାନ ଚାଳକ। ଗତ ୨୦୨୪ ଫେବୃୟାରୀ ୯ ତାରିଖ ସକାଳେ ସେ ତାଙ୍କର ଦୈନନ୍ଦିନ ଡ୍ୟୁଟି ଲାଗି ସ୍କୁଲକୁ ଯାଉଥିବା ଯାଉଥିଲେ। ୟୁନିଟ-୧ ସ୍ଥିତ କ୍ୱାର୍ଟର୍ସ ନମ୍ବର-ଆଇଭି-୩୪/ଏ ସମ୍ମୁଖରେ ଚାରିଜଣ ଅଭିଯୁକ୍ତ ଦୁଇଟି ମୋଟର ସାଇକେଲରେ ପିଛା କରି ଆସି ତାଙ୍କୁ ଜବରଦସ୍ତ ରାସ୍ତାରେ ଅଟକାଇବା ସହ ନିଜକୁ ପୁଲିସର ପରିଚୟ ଦେଇଥିଲେ। ସୁନା ଗହଣା ଲୁଟକୁ ନେଇ ଆଗରେ ଏକ ହତ୍ୟା ଘଟଣା ଘଟିଥିବା କହି ଅଭିଯୋଗକାରୀଙ୍କ ମନରେ ଭୟ ସୃଷ୍ଟି କରିବା ସହ ପିନ୍ଧିଥିବା ସୁନା ସାମଗ୍ରୀ ଓହ୍ଲାଇ ଦେବାଲାଗି କହିଥିଲେ। ଅଭିଯୁକ୍ତ ମାନଙ୍କ କଥାକୁ ବିଶ୍ୱାସ କରି ଅଭିଯୋଗକାରୀ ନିଜ ପିନ୍ଧା ସୁନା ସାମଗ୍ରୀ ଦେହରୁ କାଢ଼ିବା କ୍ଷଣି ଅଭିଯୁକ୍ତମାନେ ତାଙ୍କୁ ହଠାତ ଆକ୍ରମଣ କରିବା ସହ ସୁନାଗହଣାକୁ ଧରି ଫେରାର ହୋଇଯାଇଥିଲେ। ସେହିପରି ଅଭିଯୋଗକାରୀ ବ୍ରଜ କିଶୋର ସାହୁଙ୍କର ବନମାଳୀପୁର ଅଞ୍ଚଳରେ ଏକ ସୁନା ଦୋକାନ ଥିଲା। ସେ ୨୦୨୪ ଏପ୍ରିଲ ୧୯ ତାରିଖରେ ନିଜ ଦୋକାନ ପାଇଁ କିଛି ସୁନା ଅଳଙ୍କାର କିଣିବା ଲାଗି ୨ ଲକ୍ଷ ଟଙ୍କା ଧରି ଭୁବନେଶ୍ୱରର ରାଜ ମହଲ ଛକ ନିକଟକୁ ଆସିଥିଲେ। ଏକ ସୁନା ଦୋକାନ ସମୁଖରେ ପହଞ୍ଚିବା କ୍ଷଣି ୬/୭ ଜଣ ଅଭିଯୁକ୍ତ ହଠାତ ତାଙ୍କୁ ଘେରିଯାଇ ନିଜକୁ ପୁଲିସ ବୋଲି ପରିଚୟ ଦେବା ସହ ବ୍ୟାଗ ଭିତରେ କଣ ଅଛି ବୋଲି ହିନ୍ଦୀରେ ଭାଷାରେ ପ୍ରଶ୍ନ କରିଥିଲେ। ବ୍ୟାଗରେ ସେଭଳି କିଛି ନ ଥିବା ଅଭିଯୋଗକାରୀ କହିଥିବା ବେଳେ ସେହି ବ୍ୟାଗରେ ଗଞ୍ଜେଇ ଥିବା ଅଭିଯୁକ୍ତ ମାନେ ଦାବୀ କରିବା ସହ ଜବରଦସ୍ତ ବ୍ୟାଗ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ବ୍ୟାଗରୁ ୨ ଲକ୍ଷ ଟଙ୍କା ବାହାରିଥିବା ବେଳେ, ଅଭିଯୁକ୍ତମାନେ ତାଙ୍କୁ ନାନା ପ୍ରକାର ଧମକ ଦେବା ସହ ହଠାତ ଟଙ୍କା ନେଇ ଦୁଇଟି ମୋଟରସାଇକେଲ ଏବଂ ଏକ କାର ଯୋଗେ ସେଠାରୁ ଫେରାର ହୋଇଯାଇଥିଲେ। ଦୁଇଟି ପୃଥକ ଘଟଣାରେ ଅଭିଯୋଗକାରୀ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା ତରଫରୁ ଥାନା କେସ ନମ୍ବର-୫୭/୨୦୨୪ ଓ ଅଭିଯୋଗକାରୀ ବ୍ରଜ କିଶୋର ସାହୁଙ୍କ ଅଭିଯୋଗ ଆଧାରରେ କେସ ନାମବର-୨୨୬/୨୦୨୪ ରେ ଦୁଇଟି ମାମଲା ରୁଜୁ ହୋଇଥିବା ହୋଇଥିଲା। ପୁଲିସ ତଦନ୍ତ କରି ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ ସାଇ ରଞ୍ଜନ ମହାନନ୍ଦିଆ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବିଶ୍ୱନାରାୟଣ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।








# ନିଶାରେ ଝାସ ଦେଉଛନ୍ତି ଇଞ୍ଜିନିୟରିଂ ଛାତ୍ର

ଯାଁଳା, ୨୩।୯ (ସମିସ): ବେଆଇନ ନିଶା କାରବାରକୁ କମିସନରେଟ ପୁଲିସ ବରଦାସ୍ତ କରିପାରିବେନି ବୋଲି ଡିଣ୍ଡିବ ପିଟୁଛି। କିନ୍ତୁ ଗ୍ରାମାଞ୍ଚଳରେ ବଢ଼ିଛି ନିଶା କାରବାର। ନିଶା ବେପାରୀମାନେ ମାଲାମାଲ ହେଉଛନ୍ତି। ପୁଲିସ କିଛି ହାତଗଣତି ଦେଶି ମଦ ବେପାରୀ ମାନଙ୍କୁ ବାନ୍ଧି ବାହା ବାହା ନେଉଛି। ଭୁବନେଶ୍ୱର ଉପକଣ୍ଠରେ ଥିବା ଗ୍ରାମାଞ୍ଚଳରେ ଗଞ୍ଜେଇ, ଦେଶୀ ଓ ବିଦେଶୀ ମଦ ସହ ବ୍ରାଉନ୍‌ସୁଗାର ବେପାରୀମାନେ ନିଜର କାୟା ବିସ୍ତାର କରିବାରେ ଲାଗିଛନ୍ତି।

**■ ଛୋଟ ବେପାରୀଙ୍କୁ ଟାର୍ଗେଟ; ଖସି ଯାଉଛନ୍ତି ବଡ଼ ମାଫିଆ**

**■ ନିଶା ଯୋଗୁଁ ବଢୁଛି ଅପରାଧ**



ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା, ଅରିଶଳ, ମଦନପୁର ଗଙ୍ଗପଡ଼ା, ଭାତଖୁରି, ଗ୍ରାମଡିହ ଆଦି ଅଞ୍ଚଳରେ ବହୁ ମାତ୍ରାରେ ନିଶା କାରବାର ଚାଲିଥିବା ଅଭିଯୋଗ ହେଉଛି। ସନ୍ଧ୍ୟା ପରେ ବଡ ରଘୁନାଥପୁର ଇନଫୋଭ୍ୟାଲି ରାସ୍ତାରେ ନିଶାଡି ମାନଙ୍କ ଆଡ୍ଡା ଜମୁଛି। ଉକ୍ତ ଅଞ୍ଚଳରେ ବାଗଚି-ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର, ଆବିବିଆଇ ଓ ଆହୁରି ବଡ ବଡ ପ୍ରତିଷ୍ଠାନ ମାନ ଗଢ଼ି ଉଠୁଛି। କର୍କଟ କେନ୍ଦ୍ର ଆରମ୍ଭ ହୋଇଥିବାରୁ ଏଠାକୁ ସବୁଦିନ ବହୁ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଏହା ସହ ମଦନପୁର ଅଞ୍ଚଳରେ ବିଭିନ୍ନ ବୈଷୟିକ ଶିକ୍ଷା ଅନୁଷ୍ଠାନ ସ୍କୁଲ, କଲେଜ ଗଢି ଉଠିଛି। ତେଣୁ ସବୁଦିନ ଉକ୍ତ ରାସ୍ତାରେ ହଜାର ହଜାର ଛାତ୍ରଛାତ୍ରୀ ମାନେ ଯାତାୟାତ କରନ୍ତି। ଅନେକ ସମୟରେ ଅସାମାଜିକ ଯୁବକ ନିଶା ସେବନ କରି ଚୋରି, ଛିନ୍‌ତାଇ ଓ ରାହାଜାନୀ ଭଳି କାଣ୍ଡ ଭିଆଉଛନ୍ତି। ଖାଲି ସେତିକି ନୁହେଁ ଏବେ କେତେକ ଇଞ୍ଜିନିୟରିଂ କଲେଜ ଛାତ୍ରମାନେ ଧଳା ଜହର ଭଳି ନିଶା କବଳରେ ପଡ଼ି ଏହି ରାସ୍ତାରେ ନିଜର ଆଡ୍ଡାସ୍ଥଳୀ କରିଛନ୍ତି। ଏତେ ଦିନ ବେଳର ସମସ୍ୟା। ରାତି ହେଲେ ଏହି ରାସ୍ତାରେ ଯିବା ବଡ କଷ୍ଟକର ହୋଇପଡୁଛି।

ଗତ କିଛି ମାସ ତଳେ ଉକ୍ତ ରାସ୍ତାରେ ଥିବା ହରପୁର ଗ୍ରାମର କିଛି ନିଶାଗ୍ରସ୍ତ ଯୁବକ ଇନଫୋଭ୍ୟାଲି ଥାନା ପୁଲିସକୁ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ମଧ୍ୟ ଇନଫୋଭ୍ୟାଲି ଥାନାର ଚେତା ପଶିନଥିଲା। ତେଣୁ ଯେଉଁଠି ପୁଲିସ ନିଜେ ସୁରକ୍ଷିତ ନୁହେଁ ସେଠାରେ ସାଧାରଣ ଲୋକ କେତେ ସୁରକ୍ଷିତ ସେ ନେଇ କିଛି ବରିଷ୍ଠ ନାଗରିକ ପ୍ରଶ୍ନ ଉଠାଇଛନ୍ତି। ସେହିଭଳି ଚନ୍ଦକା ଥାନା ଅନ୍ତର୍ଗତ ଛତାବର, ଅଙ୍ଗାରପଡ଼ା, ପଳାଶପୁର, ପାଣିଓରା ଅଞ୍ଚଳରେ ମଧ୍ୟ ଚୋରା ମଦ ସହ ଗଞ୍ଜେଇ ବେପାର କମିବାର ନାଁ ଧରୁ ନାହିଁ। ଫଳରେ ଏହିସବୁ ଅଞ୍ଚଳ ଅପରାଧୀ ଓ ନିଶାଡି ମାନଙ୍କ ଆଡ୍ଡା ସ୍ଥଳ ପାଲଟିଛି। ଏହି ନିଶା ସେବନ କରି ଗ୍ରାମାଞ୍ଚଳର ବହୁ ଯୁବକ ସବୁଦିନ କିଛି ନା କିଛି ଅପରାଧ ଘଟାଉଛନ୍ତି। ବିଭିନ୍ନ ଅସାମାଜିକ କାମରେ ଲିପ୍ତ ରହିବା ସହ ସାଧାରଣ ଲୋକଙ୍କୁ ମାରଧମକ ଦେଉଥିବା ଅଭିଯୋଗ ହେଉଛି। ଗାଁ ଭିତରେ ଥିବା ବହୁ ଛୋଟ ଛୋଟ ଦୋକାନଗୁଡ଼ିକ ଏହି ଚୋରା ମଦ ଓ ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ବେପାର କରୁଥିବା ଜଣାପଡ଼ିଛି। ଯାଁଳା ମେଡିକାଲ ଛକ ଓ ଭୁଆସୁଣୀ ବଜାର, ଗଙ୍ଗପଡ଼ା ଛକ, ତଳଖେତା ଛକ, ଆଦି ନିକଟରେ ଏହି ନିଶା କାରବାର ବହୁ ମାତ୍ରାରେ ଚାଲିଛି। ମଦ୍ୟପାନ ଯୋଗୁଁ ସବୁଦିନ ଥାନାରେ କିଛି ନା କିଛି ଅଭିଯୋଗ ହେଉଛି। ଯାହା କି ଗୋଷ୍ଠୀ କନ୍ଦଳ ପାଇଁ ଖୋରାକ ଯୋଗାଇ ଦେଉଛି। ପୁଲିସ୍ ପାଟ୍ରୋଲିଂ ଦୁର୍ବଳ ଯୋଗୁଁ ଏହି ନିଶା କାରବାର ବୃଦ୍ଧି ପାଇବା ସହ ଗ୍ରାମାଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି।


**OFFICE OF THE UTKAL BALASHRAM, KHARIAR, DIST-NUAPADA**

**(GOVT. RUN CHILD CARE INSTITUTION)**

Advertisement No: 30/UB/KRAR/NPD — Date: 22.09.25

**ADVERTISEMENT**

Applications are invited from the prospective candidates for the different posts through the proforma application form which will be made available on the district website (https://nuapada.odisha.gov.in). The online submission of application shall be available on (E-Mail: utkalbalashramkhariar@gmail.com) from **24.09.2025 (10.00 AM) to 30.09.2025 (5.00 PM).**

The recruitment of different posts of Child Care Institution & Specialized Adoption Agency (SAA) Utkal Balashram, Dist.-Nuapada is being done as per the Mission Vatsalya implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of Women & Child Development Department, Govt. of Odisha.

After submission of online application, the candidates are to submit hard copy of the same along with all required documents and testimonials through Speed post/Registered post only addressed to **Office of the Secretary, Utkal Balashram, At/Po-Khariar, Ps-Khariar, Dist.-Nuapada-766107, latest by 5.00 PM on Dt. 05.10.2025.** Any application received after the due date/time shall be rejected.

The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit the district website **(https://nuapada.odisha.gov.in).**

**CDPO Khariar-Cum-Secretary**
**Utkal Balashram Khariar**



ସମ୍ବଲପୁର : ମା' ପାଟଣେଶ୍ୱରୀଙ୍କ ବ୍ରହ୍ମଚାରିଣୀ ବେଶ

# ସୁନାପାଲିରେ ପୁଲିସର ବ୍ୟାପକ ଚଢ଼ଉ

ସମ୍ବଲପୁର, ୨୩।୯ (ସମିସ) :

ଆଜି ପୂର୍ବାହ୍ନରେ ସମ୍ବଲପୁର ପୁଲିସ ପକ୍ଷରୁ ସୁନାପାଲି ଅଞ୍ଚଳରେ ଚଢ଼ଉ କରି ଘର ମାନଙ୍କରେ ନିଶାଦ୍ରବ୍ୟ ସକାଶେ ଯାଞ୍ଚ କରାଯାଇଛି। ପରିବାର ଲୋକଙ୍କୁ ପଚରାଉଚୁରା କରିବାସହ ସନ୍ଦେହ ହେଲେ ତଲାସୀ ମଧ୍ୟ କରାଯାଇଥିଲା। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀମନ୍ତ ବାରିକ, ଧନୁପାଲି ଥାନାଧିକାରୀ ଆଦିତ୍ୟ ମହାକୁଡ଼, କ୍ଷେତରାଜପୁର ଥାନାଧିକାରୀ ଅନିଲ ପ୍ରଧାନ, ମହିଳା ଥାନାଧିକାରୀ ଆନ୍ନା ମିଞ୍ଜ ପ୍ରମୁଖଙ୍କ ସମେତ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ ହୋଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଗତ ୨୧ ତାରିଖରେ ସମ୍ବଲପୁର ସହର ସୁନାପାଲି ଅଞ୍ଚଳକୁ ନିଶାମୁକ୍ତ କରିବା ପାଇଁ ମୁସଲିମ ମହିଳାମାନେ ସୁନାପାଲି-ଧନକଉଡ଼ା ମୁଖ୍ୟରାସ୍ତା ଅବରୋଧ କରିଥିଲେ। ମହିଳା ମାନଙ୍କୁ ବୁଝାଶୁଝା କରିବାସହ ନିଶା ବନ୍ଦ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା।



ଏହାପରେ ପୁଣି ୨୨ ତାରିଖ ସୁନାପାଲି ଅଞ୍ଚଳରେ ନିଶା କାରବାର ବନ୍ଦ କରିବାପାଇଁ ମହିଳାମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମହିଳା ମାନଙ୍କ ଅଭିଯୋଗ ଅନୁଯାୟୀ ସୁନାପାଲି ଅଞ୍ଚଳରେ ବେଆଇନ ଭାବରେ ସମସ୍ତ ପ୍ରକାରର ମାଦକଦ୍ରବ୍ୟ ବିକ୍ରି କରାଯାଉଛି। ସ୍ଥାନୀୟ ଅଞ୍ଚଳର ଯୁବକମାନେ ନିଶା ସେବନ କରି ବିଭିନ୍ନ ଅପରାଧିକ ଘଟଣାରେ ଛନ୍ଦି ହେଉଛନ୍ତି। ଏହି ନିଶା ଯୋଗୁଁ ଗତ କିଛିଦିନ ଭିତରେ ସୁନାପାଲି ଅଞ୍ଚଳରେ ହତ୍ୟା ଘଟଣା ଘଟିଯାଇଛି।

ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀମନ୍ତ ବାରିକ କହିଛନ୍ତି, ନିଶା କାରବାର ଉପରେ ରୋକ୍ ଲଗେଇବା ପାଇଁ ଚାଲିଥିବା 'ଅପରେସନ୍ ପ୍ରହାର'ରେ ପୂର୍ବରୁ ସୁନାପାଲି ଅଞ୍ଚଳରେ ଚଢ଼ଉ କରାଯାଇ ବ୍ରାଉନସୁଗର, ଗଞ୍ଜେଇ, କଫସିରପ ଆଦି ଜବତ କରାଯିବା ସହ ନିଶା କାରବାରରେ ସମ୍ପୃକ୍ତ ଅନେକ ଅପରାଧିଙ୍କୁ ଧନୁପାଲି ପୁଲିସ ଗିରଫ କରିଛି। ସେହି ଅଭିଯାନରେ ମିଳିଥିବା ଖବର ଅନୁଯାୟୀ ଆଜି ଉକ୍ତ ଅଞ୍ଚଳରେ ବ୍ୟାପକ ଚଢ଼ଉ କରାଯାଇ ଯାଞ୍ଚ କରାଯାଇଥିଲା। ମୋଟ ୧୨ଟି ଘର ଉପରେ ଚଢ଼ଉ କରାଯାଇଥିବା ଏଏସ୍‌ପି ଶ୍ରୀ ବାରିକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୧୬ ତାରିଖ ଧନୁପାଲି ପୁଲିସ ଓ ସଦର ଅବକାରୀ ବିଭାଗ ସୁନାପାଲି ଅଞ୍ଚଳରେ ପୃଥକ୍ ପୃଥକ୍ ଭାବେ ଚଢ଼ଉ କରି ୨୦ ଗ୍ରାମ ବ୍ରାଉନସୁଗର ଜବତ କରିବାସହ ୫ ଜଣଙ୍କୁ ଗିରଫ କରିଛି।

## ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଲେ ମା' କାମାକ୍ଷା



ସମ୍ବଲପୁର, ୨୩।୯ (ସମିସ): ଅଇଁଠାପାଲିସ୍ଥିତ ମା' କାମାକ୍ଷା ଦେବୀଙ୍କ ମନ୍ଦିରର ଶାରଦୀୟ ନବରାତ୍ର ପୂଜାର ଆଜି ଦ୍ୱିତୀୟ ଦିବସରେ ମା' ବ୍ରହ୍ମଚାରିଣୀ ବେଶରେ ପୂଜା ପାଇଛନ୍ତି। କମଳ ଅଗ୍ରୱାଲ ଏବଂ ତାଙ୍କ ପତ୍ନୀ କୋମଳ ଅଗ୍ରୱାଲ କର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର ଏବଂ ସହଯୋଗୀ ପଣ୍ଡିତ ଦୁଷ୍ମନ୍ତ ଶତପଥୀ, ସିଦ୍ଧାର୍ଥ ଦାଶ, ଶତାକ୍ଷୀ ପ୍ରସାଦ ମିଶ୍ର, ତିଳକ ରାମ, ପ୍ରଦୀପ ମହାପାତ୍ର, ଅନିଲ ରିଛାରିଆ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଆସି ମା'ଙ୍କ ଦର୍ଶନ କରିଥିଲେ। ପ୍ରାୟ ୨୦୦୦ ଭକ୍ତ ମାନଙ୍କ ପାଇଁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ମା' କାମାକ୍ଷା ମନ୍ଦିର ନବରାତ୍ର ପୂଜା କମିଟି ସଦସ୍ୟ ମାନଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ପରିଚାଳନା କରାଯାଇଥିଲା।

## ଗ୍ରାହକଙ୍କୁ ଉତ୍ତମ ସେବା ଦେଉଛି ମହିନ୍ଦ୍ରା ଜିଏନ୍ ଅଟୋନେସନ

ସମ୍ବଲପୁର, ୨୩।୯ (ସମିସ) : ସମ୍ବଲପୁର ରେମଡ ସ୍ଥିତ ମହିନ୍ଦ୍ରା ଜିଏନ ଅଟୋନେସନ ଏଲଏଲପି ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଉଛି। ଗାଡ଼ି ବିକ୍ରୟ ଠାରୁ ଆରମ୍ଭ କରି ସର୍ଭିସିଂ ପର୍ଯ୍ୟନ୍ତ ଗ୍ରାହକଙ୍କୁ ଭଲ ସେବା ଦେବା ପାଇଁ ଚେଷ୍ଟା କରୁଛନ୍ତି। ବିଭିନ୍ନ ସମୟରେ ଗଣ ମାଧ୍ୟମରେ ପ୍ରକାଶିତ ପାଉଥିବା ଖବର ଭିତ୍ତିହୀନି ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଗ୍ରାହକଙ୍କୁ ଠିକ ଭାବେ ଜିଏନ୍ ଅଟୋନେସନ ସେବା ଦେଇ ପାରୁନଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା କିନ୍ତୁ କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି। ସେ ସବୁବେଳେ ଗ୍ରାହକଙ୍କ ସେବାକୁ ପ୍ରାଥମିକତା ଦେଉଥିବା କହିଛନ୍ତି। ସୋରୁମରୁ ସୁଲଭ ମୂଲ୍ୟରେ ଗାଡ଼ି କିଣିବା ସହ ଉତ୍ତମ ଓ ସର୍ବୋତ୍କୃଷ୍ଟ ସେବା ସର୍ଭିସିଂ ସମୟରେ ପାଇଥିବା ଗ୍ରାହକମାନେ କହିଛନ୍ତି। ସମ୍ବଲପୁରରେ ଚାରିଚକିଆ ଯାନ ପାଇଁ ମହିନ୍ଦ୍ରା ଜିଏନ୍ ଅଟୋନେସନ ଶ୍ରେଷ୍ଠ ସ୍ଥାନ, ମହିନ୍ଦ୍ରା ଜିଏନ୍ ଅଟୋନେସନ ତତ୍‌କ୍ଷଣାତ ଗ୍ରାହକଙ୍କୁ ଜିଏସ୍‌ଟି ଛାଡ କରୁଥିବା ଉପଭୋକ୍ତାମହଲରେ ମତ ପ୍ରକାଶ ପାଇଛି।

# ପୁନେରେ ନୂଆଁଖାଇ ଭେଟ୍‌ଘାଟ୍



ସମ୍ବଲପୁର, ୨୩।୯ (ସମିସ): ମହାରାଷ୍ଟ୍ରର ପୁନେସ୍ଥିତ ପାଷାଣର ଏରୋମିଠାରେ ନୂଆଁଖାଇ ଭେଟଘାଟ ପାଳିତ ହୋଇଯାଇଛି। ରଙ୍ଗବେରଙ୍ଗର ପାରମ୍ପରିକ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ସହରରେ ଥିବା ପ୍ରବାସୀ ଓଡ଼ିଆମାନେ ଏକାଠି ହୋଇ ଉଲ୍ଲାସ ଉଦ୍ଦୀପନାର ସହ ଏହି ଉତ୍ସବ ପାଳନ କରିଥିଲେ। ସର୍ବପ୍ରଥମେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରି ତଥା ଓଡ଼ିଶାରୁ ଆଣିଥିବା ନୂଆ ଧାନର ଭୋଗ ଲଗାଇ ସମସ୍ତେ ଏକତ୍ର ତଳେବସି ଭୋଗ ଖାଇଥିଲେ। ଏହାପରେ ସଦସ୍ୟ ସଦସ୍ୟାମାନେ ସମବେତ ଭଜନ ସଂଗୀତ ପରିବେଷଣ କରିଥିଲେ। କୁନି କୁନି ପିଲା ତଥା ବଡ଼ ମାନଙ୍କ ଦ୍ୱାରା ନାଚ, ଗୀତ ଓ ସଙ୍ଗୀତ ପର୍ବକୁ ଉତ୍ସବ ମୁଖର କରିଥିଲା। ପାରମ୍ପରିକ ଲୋକଗୀତ ଓ ବାଦ୍ୟର ତାଳେ ତାଳେ ଉପସ୍ଥିତ ଜନସାଧାରଣଙ୍କ ସମ୍ବଲପୁରୀ ନାଚ ଏକ ଖୁସିର ମାହୋଲ ସୃଷ୍ଟି କରିଥିଲା। କୁନି କୁନି ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ନାଚ, ସଂଗୀତ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ମଧ୍ୟାହ୍ନରେ ଓଡ଼ିଆ ଖାଦ୍ୟ ଯଥା ଖିରି, ପୁରି, ଲେଥା (କରଡି ଆମ୍ବିଳ), ଆରିସା, ରସଗୋଲା, କାଙ୍କଡ ଭଜା ଓ ବିରି ବରା, ଆଳୁଚପ, ଚଣାଘୋଳ ଆଦି ପରସା ଯାଇଥିଲା। ୨୦୦୭ ମସିହାରୁ ଦୀର୍ଘ ୧୯ ବର୍ଷ ହେବ ପୁନେରେ ଏହି ପର୍ବ ପାଳନ କରାଯାଉଛି। ନିବେଦିତା, ବନ୍ଦିତା, ଅମୃତା, ଉମାକାନ୍ତ, ବେଣୁଧର, ସ୍ୱାଧୀନ, ନରେନ, ଶିବାଶିଷ, ରବି, ଦିଲୀପ, ସରୋଜ ପ୍ରମୁଖ ସଦସ୍ୟ ସଦସ୍ୟାମାନେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ହାତୀ ଆକ୍ରମଣରେ ବନ କର୍ମଚାରୀ ମୃତ

ନାକଟିଦେଉଳ, ୨୩।୯ (ସମିସ) : ହାତୀମାନଙ୍କର ଗତିବିଧି ସମ୍ପର୍କରେ ନିରୀକ୍ଷଣ କରୁଥିବା ସମୟରେ ଜଣେ ବନ କର୍ମଚାରୀର ମୃତ୍ୟୁ ହୋଇଛି। ବନବିଭାଗ ସୂତ୍ରରୁ ପ୍ରକାଶ ଏଭଳି ଅଭାବନୀୟ ଘଟଣା ଘଟିଛି ନାକଟିଦେଉଳ ରେଞ୍ଜର ଖୋଲଗଡ ସଂରକ୍ଷିତ ଜଙ୍ଗଲରେ ଦିନ ୧୨ଟା ସମୟରେ ବନବିଭାଗ ସୂତ୍ରରୁ ପ୍ରକାଶ ଯେ, ନାକଟିଦେଉଳ ରେଞ୍ଜର ଖୋଲଗଡ଼ ରିଜର୍ଭ ଜଙ୍ଗଲ ଉପରମୁଣ୍ଡା ନିକଟସ୍ଥ ଟିକିଲିପଡ଼ାରେ ହାତୀ ଗତିବିଧି ସମ୍ପର୍କରେ ଜାଣିବା ପାଇଁ ବନ ବିଭାଗର ପ୍ରାୟ ୧୦ଜଣ କର୍ମଚାରୀ ଯାଇଥିଲେ। ହାତୀମାନଙ୍କ ଗତିବିଧି ନିରୀକ୍ଷଣ କରୁଥିବା ସମୟରେ ସମସ୍ତ ବନବିଭାଗ କର୍ମଚାରୀ ହାତୀ ହାବୁଡ଼ରେ ପଡିଯାଇଥିଲେ। ଟିକିଲିପଡ଼ା ଗ୍ରାମର ଦିବାକର ପ୍ରଧାନ (୫୦) ହାତୀ ଦଳି ଦେଇ ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲା। ଗୁରୁତର ଦିବାକରଙ୍କୁ ବନ କର୍ମଚାରୀମାନେ ଉଦ୍ଧାର କରି ପ୍ରଥମେ ନାକଟିଦେଉଳ ଡାକ୍ତରଖାନାକୁ ନେଇ ପ୍ରାଥମିକ ଚିକିତ୍ସା କରିବା ପରେ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ଦିବାକର ଚିକିତ୍ସାଧୀନ ସମୟରେ ବୁର୍ଲା ଡାକ୍ତରଖାନାରେ ମୃତ୍ୟୁବରଣ କରିଥିଲେ। ସେ ବନବିଭାଗରେ ବହୁ ଦିନ ହେଲା ଜଣେ ୱାଚର ଭାବରେ କାମ କରୁଥିଲେ।

## ବେଲପାହାଡ଼ର ପୂର୍ବତନ ନିର୍ବାହୀ ଅଧିକାରୀଙ୍କ ଜାମିନ ଆବେଦନ ଖାରଜ

ସମ୍ବଲପୁର, ୨୩।୯ (ସମିସ): ସରକାରୀ ଅର୍ଥ ହେରଫେର ମାମଲାରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦ୍ୱାରା ଗିରଫ ହୋଇଥିବା ବେଲପାହାଡ଼ ପୌରପରିଷଦର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବର୍ତ୍ତମାନ ମୟୁରଭଞ୍ଜ ଜିଲ୍ଲା ଜାମଦା ତହସିଲଦାର ମଧୁସ୍ମିତା ସିଂହଙ୍କ ଜାମିନ ଆବେଦନ ଶୁଣାଣି କରି ଅତିରିକ୍ତ ଜିଲ୍ଲା ଜଜ୍ ତଥା ଓପିଆଇଡି ବିଚାରପତି ସୁବାସ ଚନ୍ଦ୍ର ଦଳାଇ ତାକୁ ଖାରଜ କରିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଇଓଡବ୍ଲ୍ୟୁ ଦ୍ୱାରା ମଧୁସ୍ମିତା ସିଂହଙ୍କୁ ଗିରଫ ପରେ ଗତ ୩ ତାରିଖ ସମ୍ବଲପୁର ଓପିଆଇଡି (ଓଡ଼ିଶା ପ୍ରୋଟେକ୍‌ସନ୍ ଅଫ୍ ଇନ୍ଭେଷ୍ଟ ଅଫ୍ ଡିପୋଜିଟର୍ସ) କୋର୍ଟରେ ହାଜର କରିଥିଲା। ସେତେବେଳେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ଓପିଆଇଡି ବିଚାରପତି ୬ ତାରିଖରେ ଜାମିନ ଆବେଦନର ଶୁଣାଣି ରଖିଥିଲେ। ଗତ ୬ ତାରିଖରେ ଓପିଆଇଡି ବିଚାରପତି ଏହି ମାମଲାର ସଦ୍ୟ ସିଡି ଜମା କରିବାକୁ ଇଓଡବ୍ଲ୍ୟୁକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୁଣି ୧୫ ତାରିଖରେ ଜାମିନ ଆବେଦନର ଶୁଣାଣିକୁ ୭-୮ ଦିନ ଅନୁଧ୍ୟାନ ସକାଶେ ଘୁଞ୍ଚାଇ ଦିଆଯାଇଥିଲା। ଗତକାଲି ଓପିଆଇଡି କୋର୍ଟ ଏହି ଜାମିନ ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିବାବେଳେ ଆଜି ତାହାକୁ ଖାରଜ କରିଥିବା ଜଣାପଡ଼ିଛି। ସରକାରଙ୍କ ପକ୍ଷରୁ ଓକିଲ ଜ୍ଞାନରଞ୍ଜନ ପଣ୍ଡା ଓ ଗିରଫ ତହସିଲଦାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଦୀପ ବହିଦାର ପରିଚାଳନା କରିଥିଲେ। ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌରପରିଷଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବାବେଳେ ମଧୁସ୍ମିତା ସିଂହ ପ୍ରାୟ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ଏନେଇ ବେଲପାହାଡ଼ ପୁଲିସ ଏକ ମାମଲା ରୁଜୁକରି ତତ୍‌କାଳୀନ ମ୍ୟୁନିସିପାଲିଟି ଆକାଉଣ୍ଟାଣ୍ଟ ବିଭୂତି ସାହୁଙ୍କୁ ଗିରଫ କରିଥିଲା। ଏହି ମାମଲା ଅଗଷ୍ଟ ୨୭ ତାରିଖ ଇଓଡବ୍ଲ୍ୟୁକୁ ହସ୍ତାନ୍ତର ହୋଇଥିବାବେଳେ ସିଂହଙ୍କ ସମୟରେ ଆର୍ଥିକ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ପରେ ରାଜସ୍ୱ ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଥିଲା।

## ଅସହାୟଙ୍କ ଶବ ସତ୍କାର କଲା ସ୍ୱାଭିମାନ



ସମ୍ବଲପୁର, ୨୩।୯ (ସମିସ): ଅସହାୟଙ୍କ ଶବ ସତ୍କାର କରିଛି ସମ୍ବଲପୁର ସ୍ୱେଚ୍ଛାସେବୀ ସଂଗଠନ ସ୍ୱାଭିମାନ। ଯୁବ ସମାଜସେବୀ ଶିଶିର ବହିଦାରଙ୍କ ନେତୃତ୍ୱରେ ଆଜି ବୁର୍ଲା ଭିମସାର୍ରୁ ଶବକୁ ଆଣି ସମ୍ବଲପୁର ଦୁର୍ଗାପାଲି ସ୍ଥିତ ରାଜଘାଟରେ ଅନ୍ତିମ ସଂସ୍କାର କରାଯାଇଛି। ଏଥିରେ ସମାଜସେବୀ ସତ୍ୟବାନ ବାଗ୍, ରାଜେନ୍ଦ୍ର ଦାସ, ସଞ୍ଜୀବ କଂସାରୀ, ବିକି ଗଣ୍ଡ, ଉପେନ୍ଦ୍ର ରାଉତ, ଗୁଣନିଧି ରାଉତ, କୁନ୍ଦନ ପ୍ରଧାନ, ଦେବନ୍ତ ବେହେରା, ସମୀର ହୋତା, ମୁକେଶ ଜେରିୱାଲ ପ୍ରମୁଖ ସହଯୋଗ କରିଥିଲେ। ସୂଚନା ଅନୁସାରେ, ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଟିଙ୍କବୀର ଗାଁର ଭୁବନେଶ୍ୱର ସ୍ୱାଇଁ(୫୫) ଗତ କିଛି ଦିନ ଧରି ଅସୁସ୍ଥ ଥିଲେ। ଅଜଣା ଗାଡ଼ି ଧକ୍କାରେ ସେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିଲେ। ହେଲେ ତାଙ୍କର ସମ୍ପର୍କୀୟ କେହି ଦେଖିବାକୁ ଆସିନଥିଲେ। ଗତ ଶନିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ପୁଲିସ ପକ୍ଷରୁ ତାଙ୍କ ପରିବାରକୁ ସୂଚନା ଦିଆଯାଇଥିଲା। କିନ୍ତୁ ତାଙ୍କ ମରଶରୀର ନେବା ପାଇଁ କେହି ଆସିନଥିଲେ। ତେଣୁ ୩ ଦିନ ଧରି ବୁର୍ଲା ଭିମସାର୍ ଶବାଗାରରେ ତାଙ୍କ ମୃତଦେହ ରହିଥିଲା। ଆଜି ବୁର୍ଲା ପୁଲିସ ଉପସ୍ଥିତିରେ ସମସ୍ତ ପ୍ରକ୍ରିୟା ସରିବା ପରେ ସ୍ୱାଭିମାନ, ସମ୍ବଲପୁର ପକ୍ଷରୁ ଶବ ସତ୍କାର କରାଯାଇଛି।

## ଗାଡ଼ିରେ ମାନବାଧିକାର ଲେଖି ଗଞ୍ଜେଇ ଚାଲାଣ

ସମ୍ବଲପୁର, ୨୩।୯ (ସମିସ) : ଗାଡ଼ିରେ ମାନବାଧୀକାରୀ ଲେଖା ଯାଇଛି। କେହି ବଡ଼ ଅଧିକାରୀ ଭାବେ ବାଟରେ ଅଟକାଇବେ ନାହିଁ। ତେଣୁ ନିର୍ଭୟରେ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିଲା। ଗୋଟାଏ ସ୍ଥାନାରୁ ଗଞ୍ଜେଇ ନେଇ ଅନ୍ୟତ୍ର ନିଆଯାଉଥିଲା, ସେଠାରୁ ଗାଡ଼ିରେ ବ୍ରାଉନସୁଗର ଅଣାଯାଉଥିଲା। ଏପରି ସାଙ୍ଘାତିକ ଅଭିଯୋଗ ଆସିଛି ରେଙ୍ଗାଲି ଥାନା ଅଞ୍ଚଳରେ। ପଶ୍ଚିମବଙ୍ଗ ନିବାସୀ ରେଙ୍ଗାଲିରେ ରହୁଥିବା ଦିଲିପ କୁମାର ଜେନା ଗାଡ଼ି ନଂ- ଓଡି୦୧ଏଏମ୦୮୩୮ରୁ ରେଙ୍ଗାଲି ପୁଲିସ ଗଞ୍ଜେଇ ଜବତ କରିଛି। ପ୍ରାୟ ୨୦ କେଜିରୁ ଅଧିକ ଗଞ୍ଜେଇ ଜବତ କରିଛି। ଏହା ସହ ବିଭିନ୍ନ ସଙ୍ଗଠନର କାର୍ଡ, ଫେକ୍ ଆଧାର କାର୍ଡ ଓ ଅନ୍ୟାନ ଏଟିମ ଉଦ୍ଧାର କରିଛି। ସେ ଗାଡ଼ିରେ ମାନବାଧିକାର ମିଶନର ଲୋଗ ଲଗାଇଛନ୍ତି। ଗାଡ଼ିର ନମ୍ବର ମଧ୍ୟ ସଠିକ ଭାବେ ମ୍ୟାଚ କରୁନାହି। ପୁଲିସ ଗିରଫ କରିଥିବା ସୂଚନା ରହିଛି। ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଏନ୍‌ସିସି କ୍ୟାଡେଟ୍ କୁସୁମ ଦଳାଇ ସମ୍ବର୍ଦ୍ଧିତ




ସମ୍ବଲପୁର, ୨୩।୯ (ସମିସ): ନୂଆଦିଲ୍ଲୀଠାରେ ଗତ ୧ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ ଅନୁଷ୍ଠିତ ହୋଇଥିବା ସ୍ଥଳ ସୈନିକ କ୍ୟାମ୍ପ- ୨୦୨୫-୨୬ ରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ତଥା ଏନ୍‌ସିସି କ୍ୟାଡେଟ୍ କୁସୁମ ଦଳାଇ ଭାଗ ନେଇଥିଲେ। ୫-ଓଡ଼ିଶା ବ୍ୟାଟାଲିଅନ୍ ତରଫରୁ କୁମୁମ ଦଳାଇ ଏକମାତ୍ର କ୍ୟାଡେଟ୍ ଭାବରେ ଏହି ସମ୍ମାନଜନକ ଜାତୀୟସ୍ତରର କ୍ୟାମ୍ପରେ ଭାଗ ନେଇଥିବାରୁ ତାଙ୍କୁ ଆଜି ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସମ୍ବର୍ଦ୍ଧିତ କରିଛନ୍ତି। ଏହିଭଳି ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ସଂସ୍ଥା ଏବଂ ଯୁବ ରେଡକ୍ରସର ଛାତ୍ରୀମାନେ ସମାଜରେ ନିଜର ଦକ୍ଷତା ପ୍ରଦର୍ଶନ କରି ଅନୁଷ୍ଠାନ ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିବାରୁ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିବାସହ ଏଇମାନେ ଅନ୍ୟ ଛାତ୍ରୀମାନଙ୍କ ପ୍ରେରଣାର ଉତ୍ସ ବୋଲି ପ୍ରଫେସର ମେହେର ମତବ୍ୟକ୍ତ କରିଥିଲେ।

**OFFICE OF THE UTKAL BALASHRAM, KHARIAR, DIST-NUAPADA**

**(GOVT. RUN CHILD CARE INSTITUTION)**

Advertisement No: 30/UB/KRAR/NPD          Date: 22.09.25

**ADVERTISEMENT**

Applications are invited from the prospective candidates for the different posts through the proforma application form which will be made available on the district website (https://nuapada.odisha.gov.in). The online submission of application shall be available on (E-Mail: utkalbalashramkhariar@gmail.com) from **24.09.2025 (10.00 AM) to 30.09.2025 (5.00 PM).**

The recruitment of different posts of Child Care Institution & Specialized Adoption Agency (SAA) Utkal Balashram, Dist.-Nuapada is being done as per the Mission Vatsalya implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of Women & Child Development Department, Govt. of Odisha.

After submission of online application, the candidates are to submit hard copy of the same along with all required documents and testimonials through Speed post/Registered post only addressed to **Office of the Secretary, Utkal Balashram, At/Po-Khariar, Ps-Khariar, Dist.-Nuapada-766107, latest by 5.00 PM on Dt. 05.10.2025.** Any application received after the due date/time shall be rejected.

The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit the district website **(https://nuapada.odisha.gov.in).**

**CDPO Khariar-Cum-Secretary**
**Utkal Balashram Khariar**

## ସବୁଜ ମହାନଦୀ ମିଶନକୁ ନେଇ ବିଧାନସଭାରେ ପ୍ରଶ୍ନ କଲେ ପ୍ରସନ୍ନ

ସମ୍ବଲପୁର, ୨୩।୯ (ସମିସ):

ବିଜେଡି ସରକାର ଆରମ୍ଭ କରିଥିବା ସବୁଜ ମହାନଦୀ ମିଶନକୁ ନେଇ ଆଜି ବିଧାନସଭାରେ ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ରାମ ସିଂଖୁଣ୍ଟିଆ ଏହି ପ୍ରଶ୍ନର ଉତ୍ତର ରଖିଥିଲେ।

ତାରକା ପ୍ରଶ୍ନ ସଂଖ୍ୟା ୧୪୪ ତା. ୨୩-୯-୨୦୨୫ରେ ଶ୍ରୀ ଆଚାର୍ଯ୍ୟ ପଚାରିଥିଲେ ଯେ, ରାଜ୍ୟ ସରକାର ଆରମ୍ଭ କରିଥିବା ଗ୍ରୀନ୍ ମହାନଦୀ ମିଶନରେ ସର୍ବମୋଟ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେତୋଟି ଗଛ ରୋପଣ କରାଯାଇଛି ଏବଂ ସେଥିରୁ କେତେ ଗଛ ଅଛି ତାର ଏକ ବିସ୍ତୃତ ବିବରଣୀ ମାଗିବା ସହ ଏହି ମିଶନ ଦ୍ୱାରା କଣ କଣ ଆନୁସଙ୍ଗିକ ଲାଭ ଅଥବା କ୍ଷତି ହୋଇଛି?

ଏହାର ଉତ୍ତର ରଖି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଛନ୍ତି ଯେ, ଗ୍ରୀନ ମହାନଦୀ ମିଶନ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ 'ଗ୍ରୀନ ମହାନଦୀ ମିଶନ' ସଂକଳ୍ପନାମା ସଂଖ୍ୟା ୬୫୧୮ ତା. ୨୦.୦୩.୨୦୧୮ ଅନୁସାରେ ୨୦୧୮-୧୯ ଆର୍ଥିକ ବର୍ଷଠାରୁ କାର୍ଯ୍ୟକାରୀ ହୋଇଛି। ଏହି ମିଶନରେ ୨୦୧୮-୧୯ ଠାରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ମୋଟ ୩୪୮.୯୬ କୋଟି ଅର୍ଥରାଶି ବ୍ୟୟରେ ୩୫୨.୭୯ ଲକ୍ଷ ବୃକ୍ଷଚାରା ରୋପଣ ସହିତ ୨୮୯.୦୮ ଲକ୍ଷ ବୃକ୍ଷଚାରା ହିତାଧିକାରୀଙ୍କ ମଧ୍ୟରେ ବଣ୍ଟନ କରାଯାଇଛି। ବର୍ତ୍ତମାନ ରୋପଣ କରାଯାଇଥିବା ଚାରାର ସଫଳତା ହାର ହାରାହାରି ୭୫% ରହିଛି।

ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଆହୁରି ମଧ୍ୟ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ମିଶନ ଦ୍ୱାରା ହୋଇଥିବା ବନୀକରଣରେ ମୁଖ୍ୟତଃ ଚାରୋଟି ଆନୁସଙ୍ଗିକ ଲାଭ ପରିଲିକ୍ଷିତ ହୋଇଛି। ପ୍ରଥମ, ନଦୀରେ ପାଣି ପ୍ରବାହର ସ୍ରୋତ କମ୍ ହେଉଛି ଓ ଜଳ ପ୍ରବାହକୁ ସହଜ ଭାବରେ ପ୍ରତିବନ୍ଧିତ କରିବାରେ ସହାୟକ ହେଉଛି। ଦ୍ୱିତୀୟ, ପ୍ରାକୃତିକ ଜୈବବିବିଧତାକୁ ସୁରକ୍ଷିତ ରଖିବାରେ ସହାୟକ ହେଉଛି। ତୃତୀୟ ନଦୀତଟରେ ମୃତ୍ତିକା ଅବକ୍ଷୟକୁ ହ୍ରାସ କରୁଛି ଏବଂ ଚତୁର୍ଥ ବାୟୁପ୍ରଦୂଷଣ ରୋକିବାରେ ସହାୟକ ହେଉଛି।

## ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା

ସମ୍ବଲପୁର, ୨୩।୯ (ସମିସ) : ଟ୍ରେନ ଆଗକୁ ଡେଇଁ ଜଣେ ଅଜଣା ମହିଳା ଆତ୍ମହତ୍ୟା କରିଛନ୍ତି। ମହିଳାଙ୍କ ବୟସ ପ୍ରାୟ ୪୫ ବର୍ଷ ହୋଇଛି। ସମ୍ବଲପୁର ଫାଟକ ଷ୍ଟେସନରେ ହୀରାକୁଦ ଏକ୍ସପ୍ରେସ ଟ୍ରେନ ସମ୍ମୁଖକୁ ଡେଇଁ ମହିଳା ଜଣଙ୍କ ଆତ୍ମହତ୍ୟା କରିଥିବା ଜିଆରପି ପକ୍ଷରୁ କୁହାଯାଇଛି। କେସନମ୍ବର ୪୬ରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।



# ମା'ଙ୍କ ବ୍ରହ୍ମଚାରିଣୀ ବେଶ



ବଲାଙ୍ଗିରର ମା' ସମଲେଶ୍ୱରୀ



କୁଶଙ୍ଗର ମା' କୁଶୁଙ୍ଗେଇ



ବଲାଙ୍ଗିରର ମା' ଦୁର୍ଗା

■ ଅବ୍ୟବସ୍ଥାରେ ଟୁଂପାଉଡ଼ାର ପ୍ରାଥମିକ ବିଦ୍ୟାଳୟ

# ବାରଣ୍ଡାରେ ପଢୁଛନ୍ତି ଛାତ୍ରଛାତ୍ରୀ, ବର୍ଷାହେଲେ ପଢ଼ା ବନ୍ଦ



ମୁରିବାହାଲ,୨୩।୯ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକର ଟୁଂପାଉଡାର ପଞ୍ଚାୟତର ମୁଖ୍ୟାଳୟରେ ଥିବା ଟୁଂପାଉଡାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାର ବିକଳ ଦୃଶ୍ୟ ଦେଖିବାକୁ ମିଳିଛି। ଏହି ସ୍କୁଲରେ ବାଲବାଟିକା ଠାରୁ ଆରମ୍ଭକରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୨୯୨ଜଣ ଛାତ୍ରଛାତ୍ରୀଙ୍କୁ ମୋଟ ୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ଏତେ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ ମଧ୍ୟ ଶ୍ରେଣୀଗୃହର ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନେ ପାଠ ପଢ଼ାରେ ବହୁ ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ଯେଉଁ ଶ୍ରେଣୀଗୃହ ମଧ୍ୟ ଅଛି ତାହା ବର୍ଷା ହେଲେ ପାଣି ଗଳି ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପ୍ରଧାନଶିକ୍ଷକ ମହାଦେବ ମାଝୀଙ୍କ କହିବାନୁସାରେ ସରପଞ୍ଚ ଓ ବିଇଓଙ୍କୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ବିଦ୍ୟାଳୟରେ କିଛି ବି ସୁଧାର ପରିଲକ୍ଷିତ ହୋଇନାହିଁ। ମୁରିବାହାଲ ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ ପଢ଼ିଆରୀଙ୍କୁ ପଚାରିବାରୁ ବିଦ୍ୟାଳୟରୁ ଲିଖିତ ଭାବେ ଗୋଟିଏ ଦରଖାସ୍ତ ଦେଲେ ଉପରିସ୍ଥ ଅଧିକାରୀଙ୍କୁ ମୁଁ ଜଣାଇବି ବୋଲି ପ୍ରତିକ୍ରିୟା ରଖିଥିଲେ। ତେଣୁ ଯଥାଶୀଘ୍ର ଏହି ଘଟଣା ଉପରେ ତଦନ୍ତକରି ଅତିରିକ୍ତ ଶ୍ରେଣୀଗୃହର ବ୍ୟବସ୍ଥା କଲେ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ ବୋଲି କୁହାଯାଇଛି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ନୂଆଁଖାଇ ଭେଟ୍‌ଘାଟ୍



ବଲାଙ୍ଗିର,୨୩।୯ (ସମିସ): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବଲାଙ୍ଗିର ଦ୍ୱାରା ନୂଆଁଖାଇ ଭେଟ୍‌ଘାଟ ସଭାପତି ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ଭାଗବତ ମନ୍ଦିର (ବାବା ମଠ) ସାଗରପଡା ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡ.ସତ୍ୟବନ୍ତ ବେଦବାକ୍ ପୂର୍ବତନ ଅଧ୍ୟକ୍ଷ ରାଜେନ୍ଦ୍ର ମହାବିଦ୍ୟାଳୟ, ବଲାଙ୍ଗିର, ସଂଘର ପୂର୍ବତନ ଉପସଭାପତି ପ୍ରଶନ୍ନ ମିଶ୍ର, ସମ୍ପାଦକ କୃଷ୍ଣଚନ୍ଦ୍ର ନାଥ ଓ ମଂଚ ସଂଚାଳକ ଶ୍ୟାମସୁନ୍ଦର ଦାଶ ମଞ୍ଚାସୀନ ଥିଲେ। ସମ୍ପାଦକ କୃଷ୍ଣଚନ୍ଦ୍ର ନାଥ ନୂଆଁଖାଇ ଭେଟଘାଟର ଉଦ୍ଦେଶ୍ୟ ଓ ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଧର୍ମବ୍ରତ ରଥ, ଗୋପ ପୁରୋହିତ, ହରେକୃଷ୍ଣ ପଟେଲ, କପିଳେଶ୍ୱର ଖମାରୀ, ଉପସଭାପତି ପର୍ଶୁରାମ ନାୟକ, ବିରଂଚି ବହିଦାର, ଜଗନ୍ନାଥ ଷଡ଼ଙ୍ଗୀ, ପ୍ରଦୀପ ସାହୁ, ସତ୍ୟବାଦି ନାଏକ, କୃଷ୍ଣଚନ୍ଦ୍ର ମାହାକୁର, ଯୁଗେଶ୍ୱର ପଣ୍ଡା, ଲୋକନାଥ ନେପାକ ଓ ପ୍ରଶନ୍ନ ମିଶ୍ର ନୂଆଁଖାଇର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଚୈତନ୍ୟ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁପତ୍ର ଚାଲାଣ ଘଟଣାରେ ଫରେଷ୍ଟର ନିଲମ୍ବିତ

ଦେଓଗାଁ,୨୩।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁରେ କେନ୍ଦୁପତ୍ର ଚୋରାଚାଲାଣ ସନ୍ଦେହରେ ଏକ ପିକଅପ୍ ଭ୍ୟାନକୁ ଗତ ୧୮ ତାରିଖ ସନ୍ଧ୍ୟାରେ ଗାଁ ଲୋକ ଅଟକ ରଖିଥିଲେ। ଟିଟିଲାଗଡ଼ ଡିଭିଜନ ଅଧୀନ ଉପରଝର ସେକସନ୍ ଅଧୀନ ନୁଆଁପାଲି କେନ୍ଦୁପତ୍ର ଫଡିରୁ ୪୦ ବସ୍ତା କେନ୍ଦୁପତ୍ର ବୋଝେଇ ହୋଇ ଦେଓଗାଁ ରେଞ୍ଜକୁ ଆସୁଥିଲା। କେନ୍ଦୁପତ୍ର ଚୋରାଚାଲାଣ ସନ୍ଦେହ କରି ଗାଡ଼ିକୁ ଅଟକାଇ ଗାଁ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଖବର ଦେଇଥିଲେ। ପ୍ରାଥମିକ ତଦନ୍ତରୁ ଅନିୟମିତତା ଜଣାପଡ଼ିବା ପରେ ଉପରଝର ସେକସନ ଫରେଷ୍ଟର ପରକ୍ଷିତ ଦଲାଇଙ୍କୁ ମଙ୍ଗଳବାର ଡିଏଫଓ ନିଲମ୍ବନ କରିଥିବା ସୂଚନା ମିଳିଛି। କେନ୍ଦୁପତ୍ର ଫଡିରୁ ଗାଡି ବାହାରିବା ପୂର୍ବରୁ ଟ୍ରାନଜିଟ ପାସ, ବ୍ୟାଚ ନମ୍ବର, ଫର୍ମ ନମ୍ବର ୭ ସହ ଥାର୍ଡ ପାର୍ଟିର ଦସ୍ତଖତ ପରେ ଗାଡି ଗୋଦାମକୁ ସ୍ଥାନାନ୍ତର ହେବାକଥା କିନ୍ତୁ ଗାଡିରେ ଥିବା ୪୦ ବସ୍ତା ମଧ୍ୟରୁ ୨୬ ବସ୍ତାରେ କୌଣସି ଫର୍ମାଲିଟି ହୋଇ ନ ଥିଲା। ଏହାକୁ ଦେଖି କେନ୍ଦ୍ରପତ୍ର ଚୋରାଚାଲାଣ ହେଉଥିବା ଲୋକଙ୍କ ମନରେ ସନ୍ଦେହ ଘନିଭୁତ ହୋଇଥିଲା। ନିୟମିତ ଫରେଷ୍ଟର ଓ ଚେକର ପତ୍ରବନ୍ଧା ସମୟରେ ଫଡିରେ ଉପସ୍ଥିତ ରହି ଯାଞ୍ଚ କରିଥାନ୍ତି। ବିଭାଗୀୟ ଅଧିକାରୀ ତଳିଆ କର୍ମଚାରୀକୁ ନିଲମ୍ବନ କରିଦେଇ ଘଟଣାଟିକୁ ଚପାଇ ଦେବା ଓ ବଡ଼ ବଡିଆଙ୍କୁ ଖସେଇ ଦେବାପାଇଁ ଏହା ଏକ ଷଡ଼ଯନ୍ତ୍ର ବୋଲି ସାଧାରଣରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ଫରେଷ୍ଟର ପରିକ୍ଷିତ ଦଲାଇଙ୍କୁ ପଚାରିବାରୁ ମୁଁ ଉକ୍ତ ଦିନ ମେଡିକାଲ କାମରେ ଥିବାରୁ ଫଡିକୁଯାଇପାରି ନଥିଲି, ସେଠାରେ ରଙ୍ଗ ସରିଯିବାରୁ ଅଧାକେନ୍ଦୁପତ୍ର ବସ୍ତାରେ ନମ୍ବର ହୋଇପାରି ନ ଥିଲା, ଏଥିରେ କୌଣସି ଅନୀୟମିତତା ହୋଇନାହିଁ ବୋଲି କହିଥିଲେ। ଏ ଦିଗରେ ଡିଏଫଓ ନିରପେକ୍ଷ ତଦନ୍ତ କରି ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜଗନ୍ନାଥ ମଣ୍ଡପ ଓ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କଲେ ନରସିଂହ

ବଲାଙ୍ଗିରି,୨୩।୯ (ସମିସ): ବଲାଙ୍ଗିର ବ୍ଲକ୍‌ସ୍ଥିତ ସକମା ପଞ୍ଚାୟତ ସକମାଠାରେ ଆଜି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ କମ୍ୟୁନିଟି ସେଣ୍ଟର ସହ ଜଗନ୍ନାଥ ମଣ୍ଡପର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ସେ ବିଧାୟକ ଥିବା ସମୟରେ ବିଧାୟକ ପାଣ୍ଠି ଅନୁଦାନରେ ଏହି ଉଭୟ ପ୍ରକଳ୍ପ ପାଇଁ ୩ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ରାଶି ପ୍ରଦାନ କରାଯାଇଥିଲା। ଆଲୋଚନାବେଳେ ସକମାରେ ଥିବା ମନ୍ଦିର ପରିଚାଳନା ପାଇଁ ଦରକାର ହେଉଥିବା ଅର୍ଥରାଶି ହେଉ କିମ୍ବା ଅନ୍ୟାନ୍ୟ ସାମଗ୍ରୀ ହେଉ ତାହା କିପରି ଉପଲବ୍ଧ ହୋଇପାରିବ ସେ ଉପରେ ଗ୍ରାମବାସୀମାନେ ଶ୍ରୀ ମିଶ୍ରଙ୍କ ଦୃଷ୍ଟି ଆକର୍ଷ କରିଥିଲେ। ପାନୀୟ ଜଳ, ରାସ୍ତା ଓ ବିଜୁଳି ସମସ୍ୟା ଉପରେ ମଧ୍ୟ ଗାଁ ଲୋକେ ଶ୍ରୀ ମିଶ୍ରଙ୍କ ସହ ଆଲୋଚନା କରି ତାହା ଯେପରି ଲୋକଙ୍କ ପାଇଁ ନିରବିଚ୍ଛନ୍ନ ଭାବେ ଉପଲବ୍ଧ ହେବ ତଥା ରାସ୍ତା ମରାମତି ଶିଘ୍ର ହୋଇ ପାରିବ ସେ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସରପଂଚ ଉଗ୍ରସେନ ବରାଡ ଓ ସମିତି ସଭ୍ୟ ଗାଁ ଲୋକଙ୍କ ପାଇଁ ଏକ ଗ୍ରାମ୍ୟ ଉଦ୍ୟାନ ର ପ୍ରସ୍ତାବ ଗ୍ରାମସଭାରୁ ପାରିତ ହୋଇ ବିଭାଗକୁ ପଠାଯାଇଛି ବୋଲି ଶ୍ରୀ ମିଶ୍ରଙ୍କ ପ୍ରଶ୍ନରେ ଉତ୍ତର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଘୁମଣି ସ୍ୱାଇଁ, ଗଜେନ୍ଦ୍ର ପ୍ରଧାନ, ସନ୍ତୋଷ ସାହୁ, ଦେବେନ୍ଦ୍ର ସ୍ୱାଇଁ, ମହାଦେବ ବିଶ୍ୱାଳ, ଭଗବାନ ବିଶ୍ୱାଲ, ସୁକଦେବ, ରାଜେନ୍ଦ୍ର, ଅରୁଣ, ସାନନ୍ଦ, ବିଦ୍ୟାଧର ସାହୁ, ନିଳାଂଚଳ ସିଂ, ସୁଶିଳ ମହାକୁର, କାହ୍ନୁଚରଣ ପଟେଲ ଓ ବାଗଦଲ ସୁନା ଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସାଲେପାଲିରେ ବୟୋଜ୍ୟେଷ୍ଠ ନାଗରିକ ଦିବସ

ଦେଓଗାଁ,୨୩।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଅଧୀନ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାରରେ ଜିଲ୍ଲାସ୍ତରୀୟ ବୟୋଜ୍ୟେଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଭୁବନେଶ୍ୱର ସାମଲଙ୍କ ସଭାପତିତ୍ୱ ଓ ଡ. ସୁଧାଂଶୁ ଭୂଷଣ ମେହେରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପବ୍ଲିକ ହେଲଥ୍ ଅଧିକାରୀ ଦିବ୍ୟ କିଶୋର ପତି ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନ ଜିତ ହୋତା, ଜିଲ୍ଲା ମୁଖ୍ୟକାର୍ଯ୍ୟାଳୟର ଉପଖଣ୍ଡସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ହୋତା, ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟତଥ୍ୟ ପ୍ରବେଶକାରୀ ରମାକାନ୍ତ ରଥ, ଡ. ସୁଶାନ୍ତ କୁମାର ମେହେର, ନନ୍ଦିକିଶୋର ଷାଣ୍ଡ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ଶିବ ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ। ରମାକାନ୍ତ ସାହୁ, ଚତୁର୍ଭୁଜ ଭୋଇ, ସଞ୍ଜୁ ବିଶ୍ୱାଳ, ଠାକୁର ଭୋଇ, ରକି ବାଗ, ନନ୍ଦିସାମଲ, କାହ୍ନୁ ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ।

# ସୁରସଂଗୀତ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ଟିଟିଲାଗଡ଼,୨୩।୯ (ସମିସ): ସ୍ଥାନୀୟ ଅଞ୍ଚଳରକଳା ଅନୁଷ୍ଠାନ ସୁରସଙ୍ଗୀତ କରାଓକେ ଗ୍ରୁପ ହାଇସ୍କୁଲ ପଡ଼ାପକ୍ଷରୁ ସ୍ଥାନୀୟ ବିଆରସି ବିଲଡିଙ୍ଗ ପରିସରରେ ନୂଆଁଖାଇ ଭେଟଘାଟ୍ ଅନୁଷ୍ଠିତ ହୋଇଛି। ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ ମୁଖ୍ୟଅତିଥି ତଥା ସମାଜସେବୀ ସତ୍ୟନାରାୟଣ ଗୁପ୍ତା, ଲଳିତ ସାହୁ, ହିଫଜୁଲ ରେହମାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ଅନୁଷ୍ଠାନର ସଭାପତି ମହେଶ୍ୱରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ଶୁଭଶ୍ରୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୁରୁ ପ୍ରମୋଦ ବଳବନ୍ତରାୟଙ୍କ ନିର୍ଦ୍ଦେଶନାରେ ବୀଣାପାଣି କଳା ପରିଷଦ, ସର୍ଗିଗୁଡ଼ାର ଛାତ୍ରଛାତ୍ରୀ ଓଡ଼ିଶୀ ମଙ୍ଗଳା ଚରଣ ପ୍ରଦର୍ଶନ କରିଥିଲେ। ମହେଶ୍ୱର ବେହେରା, ଡ. ରାଜୀବ ବେହେରା, ସୁଶାନ୍ତ ବେହେରା, ନିରୁପମା ସାହୁ, ଲକ୍ଷ୍ମଣ ନାଗ, ଶରତ କୁମାର, ଅଜିତ ପଟ୍ଟନାୟକ, ଜ୍ୟୋସ୍ନାରାଣୀ ବାଗ ସୁମଧୁର ଗୀତ ତଥା ବଂଶୀରେ କୁଞ୍ଜ ଶିକା ପ୍ରଦର୍ଶନ କରିଥିଲେ। ବସୁଧା ଚନ୍ଦନ, ରୁପାଲୀ ନାୟକ, ଚୁମକି ଖରସେଲ, ତୁଳସୀ ରାଉତ, ଅସ୍ମିତା ସାହୁ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ପ୍ରଦୀପ ବେହେରା, ସଞ୍ଜୀବ ତ୍ରିପାଠୀ ସହଯୋଗ କରିଥିଲେ।

# ପିଆର ହାଇସ୍କୁଲ ବଲାଙ୍ଗିରରେ ଭାରୋତ୍ତୋଳନ ଚୟନ କାର୍ଯ୍ୟକ୍ରମ

ବଲାଙ୍ଗିରି,୨୩।୯ (ସମିସ): ଆସନ୍ତା ୨୫ ଏବଂ ୨୬ ତାରିଖ ଦୁଇ ଦିନ ବ୍ରହ୍ମପୁରରେ ସ୍କୁଲସ୍ତରୀୟ ଭାରଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁଯାଉଛି। ସେଥିପାଇଁ ବଲାଙ୍ଗିର ଜିଲ୍ଲା ସ୍କୁଲ ସଂଘ ତରଫରୁ ଆଜି ପୃଥ୍ୱୀରାଜ ହାଇସ୍କୁଲ ପରିସରରେ ଥିବା ପିଏମ୍ ଶ୍ରୀହଲ ଠାରେ ଭାରଉତ୍ତୋଳନ ସ୍କୁଲ ଟ୍ରାଏଲ (ଚୟନ) ଅନୁଷ୍ଠିତ ହୋଇଛି। ଏଥିରେ ୧୭ ଜଣ ବାଳକ ଓ ୬ ଜଣ ବାଳିକା ଭାଗ ନେଇଥିଲେ। ସେଥି ମଧ୍ୟରୁ ଦୁଇ ଜଣ ବାଳିକା ଓ ୬ ବାଳକ ବ୍ରହ୍ମପୁରରେ ହେବାକୁ ଥିବା ଭାରଉତ୍ତୋଳନ ପ୍ରତିଯୋଗିତାରେ ଭାଗ ନେବାକୁ ଉତ୍ତିର୍ଣ୍ଣ ହୋଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ଯୋଗ ଦେଇ ଟ୍ରାୟଲ କ୍ୟାମ୍ପକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍କୁଲରୁ ବାଳକ ବାଳିକାମାନେ ନିଜ ନିଜ ସ୍କୁଲର ଖେଳ ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଆସି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଅଫିସିଆଲ ଭାବରେ ଜିଲ୍ଲା ଭାରୋତ୍ତୋଳନ କୋଚ ବିନୟ ପାଣ୍ଡେ ଯୋଗ ଦେଇଥିଲେ। ଜିଲ୍ଲା ଭାରୋତ୍ତଳନ ସଭାପତି ଓ ରାଜ୍ୟ ଭାରୋତ୍ତଳନ ସଂଘ ମାନ୍ୟତା ପ୍ରାପ୍ତ ରେଫରି ସୁଦାମ ବେହେରା, ଜିଲ୍ଲା ଉପସଭାପତି ଗୋପାଳ ସୁନା କାର୍ଯ୍ୟକ୍ରମକୁ ରିଚାଳନା କରିଥିଲେ। ଖେଳଶିକ୍ଷକ ପିଆର ହାଇସ୍କୁଲ ହେମନ୍ତ ପଧାନ, ସୌରଭ ପ୍ରଧାନ, ପିଇଆଇ ଆଶୁତୋଷ ହୋତା ପିପି ଏକାଡେମୀ, ପିଇଟି ସସ୍ମିତାରାଣୀ ମିଶ୍ରଙ୍କ ସହ ଅନ୍ତବେହେରା, ରଞ୍ଜିତା ବେହେରା ପ୍ରମୁଖ ସହଯୋଗ କରିଥିଲେ।




# ବଜ୍ରପାତ ସମ୍ପର୍କିତ ସଚେତନତା ରଥ ଉଦ୍‌ଘାଟିତ





ବଲାଙ୍ଗିର,୨୩।୯ (ସମିସ): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନଙ୍କ ତରଫରୁ ବଜ୍ରପାତ ସତର୍କତା ସମ୍ବନ୍ଧୀୟ ୩ଟି ସଚେତନତା ରଥକୁ ବଲାଙ୍ଗିର ଜିଲ୍ଲାପାଳ ଗୌରଓ ଶିଓାଜି ଇସଲୱାର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ପବିତ୍ର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ରଥ ବଲାଙ୍ଗିର ଜିଲ୍ଲାର ସମସ୍ତ ୧୪ଟି ବ୍ଲକର ସମସ୍ତ ପଞ୍ଚାୟତ, ୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦ, ୨ଟି ପୌରପରିଷଦ ଗସ୍ତକରି ଜନସାଧାରଣଙ୍କୁ ବଜ୍ରପାତ ବା ବିଜୁଳି ମାରିବା ଯୋଗୁଁ ଅନେକ ଜୀବନ ହାନି ହେଉଛି, ଏଥିରୁ ରକ୍ଷା ପାଇବା ନିମନ୍ତେ ବିଭିନ୍ନ ଉପାୟମାନ ଅବଲମ୍ବନ କରି ଜୀବନ ହାନିରୁ ରକ୍ଷା ପାଇ ପାରିବା ଏହା ହିଁ ସଚେତନତା ରଥର ମୁଖ୍ୟ ଉଦ୍ଦେଶ୍ୟ, ସାପ କାମୁଡ଼ା ହୋଇଥିଲେ କଣ କରିବା ଉଚିତ କଣ ନକରିବା ଉଚିତର ସଚେତନତା ବାର୍ତ୍ତା ମଧ୍ୟ ଏହି ରଥ ମାଧ୍ୟମରେ ପ୍ରଚାରପ୍ରସାର କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ରାମ ନାରାୟଣ ମିଶ୍ର, ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ, ମହେନ୍ଦ୍ର ସ୍ୱାଇଁ, ଜିଲ୍ଲା ସାଂସ୍କୃତିକ ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ଓ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

# ଖଦ୍ୟୋତ ଅନୁଷ୍ଠାନ ତରଫରୁ ଚିତ୍ରାଙ୍କନ ପ୍ରତିଯୋଗିତା

ବଲାଙ୍ଗିର,୨୩।୯ (ସମିସ): ମାଲପଡ଼ା ଖଦ୍ୟୋତ ଅନୁଷ୍ଠାନ ତରଫରୁ ଆଗାମି ଦିନରେ ନୂଆଁଖାଇ ଭେଟଘାଟ ଉପଲକ୍ଷେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ମହିଳାମାନଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ବଲାଙ୍ଗିର ସହରର ୧୫ ଟି ସ୍କୁଲରୁ ପ୍ରତିଯୋଗୀମାନେ ଯୋଗ ଦେଇଥିଲେ। ଅନୁଷ୍ଠାନ ତରଫରୁ ରଙ୍ଗୋଲି ପ୍ରତିଯୋଗିତାରେ ମଧୁସ୍ମିତା କର୍ଣ୍ଣ, ପଦ୍ମିନୀ ନାଏକ, ଅଧ୍ୟାପିକା ନମ୍ରତା ପାଣିଗ୍ରାହୀ, ଅନିମା ସିଂ, ଆର.ବିଦ୍ୟା, ସାଗରିକା କର ପ୍ରମୁଖ ଭାଗ ନେଇଥିଲେ। ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ସମ୍ପାଦକ ଆକୁଳ ବେହେରା, ଚିତ୍ରଶିଳ୍ପି ସତ୍ୟନାରାୟଣ ସିଂହଦେଓ, ମୋତିଲାଲ ସାହୁ, ସୋନାଲି ମିଶ୍ର, ଦିବାକର ହୋତା ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ଗୁଡିକୁ ପରି.ଳନା କରିଥିଲେ।

**OFFICE OF THE UTKAL BALASHRAM, KHARIAR, DIST-NUAPADA**
**(GOVT. RUN CHILD CARE INSTITUTION)**

Advertisement No: 30/UB/KRAR/NPD Date: 22.09.25

**ADVERTISEMENT**

Applications are invited from the prospective candidates for the different posts through the proforma application form which will be made available on the district website (https://nuapada.odisha.gov.in). The online submission of application shall be available on (E-Mail: utkalbalashramkhariar@gmail.com) from **24.09.2025 (10.00 AM) to 30.09.2025 (5.00 PM).**

The recruitment of different posts of Child Care Institution & Specialized Adoption Agency (SAA) Utkal Balashram, Dist.-Nuapada is being done as per the Mission Vatsalya implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of Women & Child Development Department, Govt. of Odisha.

After submission of online application, the candidates are to submit hard copy of the same along with all required documents and testimonials through Speed post/Registered post only addressed to **Office of the Secretary, Utkal Balashram, At/Po-Khariar, Ps-Khariar, Dist.-Nuapada-766107, latest by 5.00 PM on Dt. 05.10.2025.** Any application received after the due date/time shall be rejected.

The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit the district website **(https://nuapada.odisha.gov.in).**

**CDPO Khariar-Cum-Secretary**
**Utkal Balashram Khariar**

■ ଜିଲ୍ଲା ଦଳିତ ଶିକ୍ଷକ ସଂଘର ନୂଆଁଖାଇ ଜୁହାର ଭେଟ୍

# 'ଶିକ୍ଷା ବିନା ସମାଜ ପରିକଳ୍ପନା ଅସମ୍ଭବ'

ବଲାଙ୍ଗିର,୨୩।୯ (ସମିସ): ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ଦଳିତ ଶିକ୍ଷକ ସଂଘର ଜିଲ୍ଲାସ୍ତରୀୟ ନୂଆଁଖାଇ ଜୁହାର ଭେଟ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ସଂଘର ସଭାପତି କୃଷ୍ଣଚନ୍ଦ୍ର ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନା ମୁଖ୍ୟ ଅତିଥି,ବଲାଙ୍ଗିର ସରକାରୀ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ପ୍ରଫେସର ଡ. ରମଣୀ ନାଏକ ବିଶେଷ ଅତିଥି, ଉପଦେଷ୍ଟା ବସୁଦେବ ମୁଣ୍ଡା, ଲୋଚନ ଛତ୍ରିଆ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଶିକ୍ଷା ପ୍ରଗତିର ମୂଳ ଏବଂ ଶିକ୍ଷା ବିନା ସମାଜ ର ପରିକଳ୍ପନା ଅସମ୍ଭବ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରି ସମାଜ ପାଇଁ ଗୌରବ ଆଣିଥିବା ପ୍ରତିଭା ଯଥା: ସାହିତ୍ୟ ଓ ସମାଜ ସେବା କ୍ଷେତ୍ର ରେ ରତୀନ୍ଦ୍ର କୁମାର ରାୟ, ଲୋକନାଥ ସୁନା, ଖେଳକୁଦରେ ପ୍ରିୟବ୍ରତ ନାଗ, ରୁକ୍ମିଣୀ ରାଣୀ ସୁନା, ସାହିଲ କୁମ୍ଭାର, ଦିପ୍ତି ସାଗର, ଉଚ୍ଚଶିକ୍ଷା କ୍ଷେତ୍ରରେ ଡାକ୍ତରୀ ଛାତ୍ର ଚୂଡ଼ାମଣି ବାଗ, ଏନଆଇଟି ଛାତ୍ରୀ ପ୍ରତିଭାଶ୍ରୀ ବାଗ, ଆଇଆଇଟି ଛାତ୍ର ଶୈଳୀନ କୁମ୍ଭାର, ଆଇଆଇଏଫ୍‌ଟି ଛାତ୍ରୀ ପ୍ରିୟଙ୍କା ଦୀପ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ଛତ୍ରିଆ, ମୁକେଶ ବାରିକ, ସାଂସ୍କୃତିକ ଓ ସଂଗୀତ କ୍ଷେତ୍ରରେ ଡ. ନୀଳାଞ୍ଚଳ ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ଦଳିତ ସମାଜ ବଲାଙ୍ଗିରର ଆବାହକ ବିଜୟ ଚନ୍ଦ୍ର ବାରିକ, ଜିଲ୍ଲା ଅଭିଭାବକ ସଂଘ ସଭାପତି ସୀତାରାମ କୁମ୍ଭାର, ଜ୍ୟୋତିଷ ମୁଣ୍ଡା, ସବିତା ନନ୍ଦ, ରୁପାଲୀ ମହାନନ୍ଦ, ସତ୍ୟାନନ୍ଦ ସୁନା, ସୁଶୀଳ ଛତ୍ରିଆ, ରମାକାନ୍ତ ସୁନା, ତରଣୀସେନ ଦୀପ, ନେପାଳ ଚନ୍ଦ୍ର ବାଗ, ରବୀନ୍ଦ୍ର ସୁନା, ବଟୁ ନାଗ, ଡ. ବିପିନ କୁଶଲିଆ, କୁନା ବାଗ, ଦିନେଶ ନାଗ, କିଶୋର କୁମ୍ଭାର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରୀକ୍ଷିତ କୁମ୍ଭାର, ମହଡ଼ ବାରିକ, ହେମନ୍ତ ଛତ୍ରିଆ, ଶିବଜାଲ, ସିଦ୍ଧେଶ୍ୱର ତାଣ୍ଡି, ଚୌଧୁରୀ ତାଣ୍ଡି, ନୀଳକଣ୍ଠ ସୁନା, ସୁରେଶ ବାରିକ, ଅଙ୍କୁର ସୁନାଙ୍କ ସମେତ ସମସ୍ତ ସଭ୍ୟ ସଭ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।





# ନବରାତ୍ରର ୨ୟ ଦିନ; ମା'ଙ୍କ ବ୍ରହ୍ମଚାରିଣୀ ବେଶ

ବ୍ରହ୍ମପୁର,୨୩।୯ (ସମିସ): ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରର ସମସ୍ତ ଶକ୍ତିପୀଠ, ଦେବୀ ପୀଠ ଓ ପୂଜା ମଣ୍ଡପ ମାନଙ୍କରେ ନବରାତ୍ର ପୂଜା ବେଶ ଉତ୍ସାହ ସହକାରେ ଅନୁଷ୍ଠିତ ହେଉଛି। ନବରାତ୍ରର ଦ୍ୱିତୀୟ ଦିବସରେ ମା' ବ୍ରହ୍ମଚାରିଣୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ସେହିଭଳି ମା' ଚୌଡ଼େଶ୍ୱରୀ ବାଲ ତ୍ରିପୁରାସୁନ୍ଦରୀ ବେଶରେ ଦର୍ଶନ ଦେଇଛନ୍ତି। ଶାସ୍ତ୍ରରେ ମା' ବ୍ରହ୍ମଚାରିଣୀଙ୍କୁ ମା' ଦୁର୍ଗାଙ୍କ ବିଶେଷ ସ୍ୱରୂପ ବୋଲି କୁହାଯାଇଛି। ମା'ଙ୍କ ଆରାଧନାରେ ତପ, ଶକ୍ତି, ତ୍ୟାଗ, ସଦାଚାର, ସଂଯମ ଓ ବୈଭବ ବୃଦ୍ଧି ହୋଇଥାଏ। ଶତ୍ରୁଙ୍କୁ ପରାଜିତ କରି ମା' ବିଜୟ ପ୍ରଦାନ କରିଥାନ୍ତି। ମା'ଙ୍କୁ ବିଧି ପୂର୍ବକ ପୂଜା କଲେ ମା' ସବୁ ମନସ୍କାମନା ପୂରଣ କରିଥାନ୍ତି। ସବୁ ସମସ୍ୟା ଦୂର କରିଥାନ୍ତି। ମା' ବ୍ରହ୍ମଚାରିଣୀଙ୍କ ପୂଜା ମଙ୍ଗଳ ଗ୍ରହର ଖରାପ ପ୍ରଭାବକୁ କମ୍ କରିଥାଏ। ମା' ବ୍ରହ୍ମଚାରିଣୀଙ୍କୁ ଜ୍ଞାନ, ତପସ୍ୟା ଏବଂ ବୈରାଗ୍ୟର ଦେବୀ ବୋଲି କୁହାଯାଏ। କଠୋର ସାଧନା ଏବଂ ବ୍ରହ୍ମରେ ଲୀନ ହେବା କାରଣରୁ ତାଙ୍କର ନାମ ବ୍ରହ୍ମଚାରିଣୀ। ବିଦ୍ୟାର୍ଥୀ ଏବଂ ତପସ୍ୱୀଙ୍କ ପାଇଁ ମା'ଙ୍କ ପୂଜା କରିବା ଶୁଭଫଳ ଦେଇଥାଏ।







● ବାଲିଗୁଡ଼ା ଅଭିମନ୍ୟୁ ପଣ୍ଡା ହତ୍ୟା ମାମଲା

## ୪ ଅଭିଯୁକ୍ତଙ୍କ ଡିସ୍‌ଚାର୍ଜ ପିଟିସନ ଖାରଜ

ବ୍ରହ୍ମପୁର,୨୩।୯ (ସମିସ): ବାଲିଗୁଡ଼ାର ବହୁଚର୍ଚ୍ଚିତ ଅଭିମନ୍ୟୁ ପଣ୍ଡା (୩୪)ଙ୍କୁ ୨୦୧୯ ମସିହା ଡିସେମ୍ବର ୧୦ରେ ତାଙ୍କ ଘର ସମ୍ମୁଖରେ ଗୁଳିକରି ହତ୍ୟା କରାଯାଇଥିଲା। ଏହି ମାମଲାରେ ବାଲିଗୁଡ଼ା ଜାକି ସାହିର ବିଶ୍ୱନାଥ ପାତ୍ର, ଗୋପାଳକୃଷ୍ଣ ପାତ୍ର, ଶ୍ୟାମସୁନ୍ଦର ପାତ୍ର ଓ ଟିଙ୍କୁ ଓରଫ ଆନନ୍ଦ ପ୍ରସାଦ ପାତ୍ରଙ୍କ ବିରୋଧରେ ମାମଲା ରହିଛି। ସେମାନଙ୍କର ଏହି ମାମଲାରେ କୌଣସି ସମ୍ପୃକ୍ତି ନଥିବା ତାଙ୍କ ଓକିଲ ଦର୍ଶାଇ ହତ୍ୟାକାଣ୍ଡ ମାମଲାରୁ ସମସ୍ତଙ୍କୁ ବାଦ ଦେବାକୁ ନିବେଦନ କରି ଜିଲ୍ଲା ଜଜ୍‌କୋର୍ଟରେ ଡିସ୍‌ଚାର୍ଜ ପିଟିସନ ଦାଖଲ କରିଥିଲେ। ଏହାର ଶୁଣାଣି ବେଳେ ଉପରୋକ୍ତ ୪ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ବିଶ୍ୱଜିତ ବରାଳ ଏହାର ଦୃଢ଼ ବିରୋଧ କରିଥିଲେ। ଶେଷରେ ଜିଲ୍ଲା ଜଜ୍ ଡ. ଭାଗ୍ୟଲକ୍ଷ୍ମୀ ରଥ ଉକ୍ତ ଡିସଚାର୍ଜ ପିଟିସନକୁ ଖାରଜ କରିଦେଇଥିବା ପିପି ସୂଚନା ଦେଇଛନ୍ତି। ଆସନ୍ତା ଅକ୍ଟୋବର ୮ ତାରିଖରେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ କରାଯିବାକୁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି। ସୂଚନା ଯୋଗ୍ୟ ଯେ' ଏହି ଚର୍ଚ୍ଚିତ ହତ୍ୟା ମାମଲା ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ବିଚାରଣା ଚାଲିଛି। ଏହି ମାମଲାରେ ପୂର୍ବରୁ ସୁପାରିକିଲର ସହ ମୋଟ ୬ଜଣଙ୍କୁ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସମସ୍ତ ଅଭିଯୁକ୍ତ ବର୍ତ୍ତମାନ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଦଣ୍ଡ ଭୋଗୁଛନ୍ତି।

## ଜୁଆ ଆଡ୍ଡାରେ ଚଢ଼ଉ; ୧୦ ଜୁଆଡ଼ି ଗିରଫ

ବ୍ରହ୍ମପୁର,୨୩।୯ (ସମିସ): ବଡ଼ବଜାର ଥାନା ପୁଲିସ ସ୍ଥାନୀୟ ଗଣେଶ ନଗର ପ୍ରଥମ ଲାଇନରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ଉ କରି ୧୦ ଜୁଆଡ଼ିଙ୍କୁ ଗିରଫ କରିଛି। ଏହାସହ ଘଟଣା ସ୍ଥଳରୁ ନଗଦ ପ୍ରାୟ ୧୧ହଜାର ଟଙ୍କା ଜବତ ହୋଇଛି। ଆଗକୁ ଦଶହରା ଆସୁଥିବାରୁ ଏଠାରେ କିଛିଦିନ ଧରି ଜୁଆଖେଳ ଚାଲୁଥିବା ସୂଚନା ପାଇ ରବିବାର ରାତିରେ ପୁଲିସ ଚଢ଼ଉ କରିଥିବା ଥାନା ଅଧିକାରୀ ବାବାଶଙ୍କର ସରାଫ୍ ସୂଚନା ଦେଇଛନ୍ତି।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଏଡ଼ସ୍ ସଚେତନତା




ବ୍ରହ୍ମପୁର,୨୩।୯ (ସମିସ): ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡ଼ କ୍ରସର ମିଳିତ ଆନୁକୂଲ୍ୟରେ ଏଡ଼ସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ପ୍ରମିଳା ଖାଡଙ୍ଗା ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡସ୍/ଏଚ୍‌ଆଇଭି ବିଭାଗର ସଂଚାଳକ ଡ. ସୁଧୀର ବିଷୋୟୀ, ଜି. କାହ୍ନା ଦୋରା ଏବଂ ସଦସ୍ୟା ରଶ୍ମିତା ପଣ୍ଡା ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଏଡ୍‌ସର କାରଣ, ଭୟାବହତା ସହିତ ଏଥିରୁ ରକ୍ଷା ନିମନ୍ତେ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ରବୀନ୍ଦ୍ର କୁମାର ପଣ୍ଡା, ଡ. ଶୁଭଶ୍ରୀ ଅପରାଜିତା, ସ୍ନେହାସିନୀ ପ୍ରଧାନ ଏବଂ ଯୁବ ରେଡ୍‌କ୍ରସର ସଂଯୋଜକ ଡ. ଚିତ୍ତରଞ୍ଜନ ମହାନ୍ତିଙ୍କ ସମେତ ବହୁ ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।

# ପୂର୍ବତନ ଫରେଷ୍ଟ ରେଞ୍ଜରଙ୍କୁ ୪ ବର୍ଷ ଜେଲ୍

ଲାଞ୍ଚ ଗ୍ରହଣ ମାମଲା

ବ୍ରହ୍ମପୁର,୨୩।୯ (ସମିସ)

ଏକ ଲାଞ୍ଚ ଗ୍ରହଣ ମାମଲାର ବିଚାର କରି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ଜଣେ ପୂର୍ବତନ ଫରେଷ୍ଟ ରେଞ୍ଜରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଫରେଷ୍ଟ ରେଞ୍ଜର ପୂର୍ବତନ ରେଞ୍ଜ ଅଫିସର କିଶୋର କୁମାର ନାୟକ। ତାଙ୍କୁ ୪ବର୍ଷ ଜେଲ୍ ଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟ ଅତିରିକ୍ତ ୮ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି।

ପ୍ରକାଶ ଯେ, ୨୦୧୬ରେ କିଶୋର କୁମାର ବ୍ରହ୍ମପୁର ବନଖଣ୍ଡ ଅନ୍ତର୍ଗତ ଦିଗପହଣ୍ଡି ଫରେଷ୍ଟ ରେଞ୍ଜରେ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ରେଞ୍ଜ ଅନ୍ତର୍ଗତ ପାଟପୁରର ସତ୍ୟନାରାୟଣ ବେହେରାଙ୍କ ଏକ କାଠ ଡିପୋ ରହିଥିଲା। ରେଞ୍ଜ ଅଫିସର ଶ୍ରୀ ନାୟକ ଡିପୋରେ ଚଢ଼ଉ କରି ବହୁ କାଠ ସହ ମେସିନ ଜବତ କରିଥିଲେ। ସତ୍ୟନାରାୟଣଙ୍କ ଠାରୁ ଜବତ କାଠ ଓ ମେସିନ ଛାଡ଼ିବା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ଶ୍ରୀ ନାୟକ ୩୦ହଜାର ଟଙ୍କା ଦାବି କରିଥିଲେ। ଏହି ଘଟଣାକୁ ନେଇ ସତ୍ୟନାରାୟଣ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଲାଞ୍ଚୁଆ ରେଞ୍ଜ ଅଫିସର ଶ୍ରୀ ନାୟକଙ୍କୁ କାବୁ କରିବାକୁ ଭିଜିଲାନ୍ସ ପକ୍ଷରୁ ଯୋଜନା କରାଯାଇଥିଲା। ୨୦ ଫେବୃଆରୀ ୨୦୧୬ରେ ସତ୍ୟନାରାୟଣଙ୍କଠାରୁ ୩୦ ହଜାର ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ଶ୍ରୀ ନାୟକଙ୍କୁ କାବୁ କରି ନେଇଥିଲେ। ୯ଜଣ ସାକ୍ଷୀଙ୍କ ବୟାନ ଓ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟର ଜଜ ଆଜି ଉପରୋକ୍ତ ରାୟ ଶୁଣାଇଥିଲେ। ରାୟ ପ୍ରକାଶ ବେଳେ ଶ୍ରୀ ନାୟକ କୋର୍ଟରେ ହାଜର ହୋଇଥିଲେ।

ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ। ଆଜି ରାୟ ପ୍ରକାଶ ପରେ ଶ୍ରୀ ନାୟକଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି ତାଙ୍କ ପେନସନ ବନ୍ଦ ଭିଜିଲାନ୍ସ ପକ୍ଷରୁ ରାଜ୍ୟ ସକାରଙ୍କୁ ଅନୁରୋଧ କରାଯିବ ବୋଲି ସୂଚନା ମିଳିଛି।

## ମହିଳାଙ୍କ ମସ୍ତିଷ୍କରୁ ବାହାରିଲା ୨୦୦ ଗ୍ରାମର ଟ୍ୟୁମର

ବ୍ରହ୍ମପୁର,୨୩।୯ (ସମିସ)

ଏମ୍‌କେସିଜି ମେଡ଼ିକାଲ ନ୍ୟୁରୋ ସର୍ଜରୀ ବିଭାଗର ଏକ ଡ଼ାକ୍ତର ଟିମ ପୁଣି ଏକ ବିରଳ ଅସ୍ତ୍ରୋପଚାର ସଫଳତାର ସହ କରିଛନ୍ତି। ଅସ୍ତ୍ରୋପଚାର ଜରିଆରେ ଜଣେ ମହିଳାଙ୍କ ମସ୍ତିଷ୍କରୁ ୨୦୦ଗ୍ରାମର ଟ୍ୟୁମର ବାହାର କରାଯାଇଛି।



ସୂଚନାଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଅଞ୍ଚଳର ଶାନ୍ତି ମହାଙ୍କୁଡ଼ଙ୍କ ମସ୍ତିଷ୍କରେ ମାଂସ ପିଣ୍ଡୁଳା ସୃଷ୍ଟି ହୋଇଥିଲା। କାଳକ୍ରମେ ଏହା ବୃଦ୍ଧି ପାଇବାରେ ଲାଗିଥିଲା। ଫଳରେ ଶାନ୍ତି କାହାରିକୁ ସଠିକ ଭାବେ ଚିହ୍ନି ପାରୁ ନଥିଲେ କି କିଛି ଶୁଣି ପାରିନଥିଲେ। ପରିବାର ଲୋକ ଶାନ୍ତିଙ୍କୁ ବିଭିନ୍ନ ଡ଼ାକ୍ତରଙ୍କ ନିକଟରେ ଚିକିତ୍ସା କରିଥିଲେ ବି ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇ ନଥିଲା। ଗତ ୧୧ତାରିଖରେ ଏମ୍‌କେସିଜି ମେଡ଼ିକାଲ ନ୍ୟୁରୋ ସର୍ଜରୀ ବିଭାଗରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ବିଭିନ୍ନ ପରୀକ୍ଷା ପରେ ଶାନ୍ତିଙ୍କ ମସ୍ତିଷ୍କରେ ଏକ ଟ୍ୟୁମର ରହିଥିବା ଡ଼ାକ୍ତର ଜାଣିବାକୁ ପାଇଥିଲେ। ଶାନ୍ତିଙ୍କ ମସ୍ତିଷ୍କରେ ବଢୁଥିବା ଟ୍ୟୁମର ବାହାର କରିବା ନିମନ୍ତେ ଅସ୍ତ୍ରୋପଚାର ଆବଶ୍ୟକ ରହିଥିଲା। ଚଳିତ ମାସ ୧୮ ତାରିଖରେ ସର୍ଜରୀ କରାଯାଇଥିଲା। ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ଯାଏ ଡାକ୍ତରୀ ଦଳ ଲାଗି ଶାନ୍ତିଙ୍କ ମସ୍ତିଷ୍କରୁ ମାଂସ ପିଣ୍ଡୁଳା କାଢ଼ିଥିଲେ। ନ୍ୟୁରୋ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ଡା. ରବିନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଏକ ଡାକ୍ତର ଟିମ ଗଠନ କରାଯାଇ ଥିଲା। ଉକ୍ତ ଟିମ ଦୀର୍ଘ ୮ଘଣ୍ଟା ସମୟ ଧରି ଶାନ୍ତିଙ୍କ ଅସ୍ତ୍ରୋପଚାର କରି ରୋଗୀଙ୍କ ମସ୍ତିଷ୍କରୁ ୨୦୦ଗ୍ରାମର ଏକ ମାଂସ ପିଣ୍ଡୁ(ଟ୍ୟୁମର) ବାହାର କରିଥିଲେ। ପରେ ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଥିବା ବେଳେ ବର୍ତ୍ତମାନ ଶାନ୍ତିଙ୍କ ବିଭାଗର ସାଧାରଣ ୱାର୍ଡକୁ ଚିକିତ୍ସା ଜାରି ରହିଥିବା ଡ଼ାକ୍ତର କହିଛନ୍ତି।

## ଗଣିତ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ




ବ୍ରହ୍ମପୁର,୨୩।୯ (ସମିସ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଗଣିତ ବିଭାଗ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ବିଭାଗ ମୁଖ୍ୟ ପ୍ରଫେସର ମନୋଜ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟ କରିଥିଲେ। ଅଧ୍ୟାପକ ଅଶୋକ ମୁଦୁଲିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଳସଚିବ ପାର୍ବତୀ ମଞ୍ଜରୀ ମହାଲିକ, ବିତ୍ତ ନିୟନ୍ତ୍ରକ କାଳୀ ପ୍ରସାଦ ଖଟାଇ ଓ ଛାତ୍ର କଲ୍ୟାଣ ଅଧିକାରୀ ପ୍ରଫେସର ଉଷା ରାଣୀ ରଥ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କିପରି କଲ୍ୟାଣମୟ ହେବ ସେ ନେଇ ଆଲୋକପାତ କରିଥିଲେ।

## ରାଜା କୃପାମୟ ଅନଙ୍ଗ ଭୀମ ଦେବଙ୍କ ସ୍ମୃତିଚାରଣ ସଭା



ବ୍ରହ୍ମପୁର,୨୩।୯ (ସମିସ): ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ କୃପାମୟ ଦେବଙ୍କ ୧୦୩ ତମ ଶ୍ରାଦ୍ଧ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଆଶ୍ରମ ନ୍ୟାସ ମଣ୍ଡଳୀ ବରିଷ୍ଠ ସଦସ୍ୟ କୃଷ୍ଣ ଚରଣ ସିଂହଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଉତ୍କଳ ଆଶ୍ରମ ନ୍ୟାସ ସମ୍ପାଦକ ଶିକ୍ଷାବିତ ଡ଼ ସିଦ୍ଧାର୍ଥ ଶଙ୍କର ପାଢ଼ୀ, କୃପାମୟ ଦେବ ସ୍ମୃତି ସମ୍ମାନରେ ସମ୍ମାନିତ ତଥା ହୃଦରୋଗ ବିଶେଷଜ୍ଞ ପ୍ରଫେସର ନାରାୟଣ ମିଶ୍ର, ମୁଖ୍ୟବକ୍ତା ପ୍ରଫେସର ଡ. ଲମ୍ବୋଦର ପାଣିଗ୍ରାହୀ, ସମ୍ମାନିତ ବକ୍ତା ଡ. ଅନନ୍ତ ରାମ କର କୌଣ୍ଡନ୍ୟ, ଖେମୁଣ୍ଡି ରାଜ ପରିବାରର ମୋହନ ପ୍ରସାଦ ଦେବ, ସୁଶାନ୍ତ ପ୍ରସାଦ ଦେବ, କିଶୋର ପ୍ରସାଦ ଦେବ, ବୀର କିଶୋର ଦେବ, ସିଦ୍ଧାର୍ଥ ଗଙ୍ଗଦେବ ଓ ଦେବବ୍ରତ ଦେବ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ସ୍ୱର୍ଗତ କୃପାମୟ ଅନଙ୍ଗ ଭୀମ ଦେବ କେଶରୀଙ୍କ ସ୍ମୃତି ଚାରଣ କରିଥିଲେ। ଉତ୍କଳ ସମ୍ମିଳନୀ ତଥା କଳିଙ୍ଗ ସାହିତ୍ୟ ସମାଜର ଉପସଭାପତି ଡ. ବନମାଳୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଉତ୍କଳ ଆଶ୍ରମର ଶତବାର୍ଷିକୀ ପାଳନ ଉତ୍ସବର ଏହା ଏକ ଅଂଶ ବୋଲି ମତବ୍ୟକ୍ତ କରି ଡ଼ ସିଦ୍ଧାର୍ଥ ଶଙ୍କର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଦିଗପହଣ୍ଡିର ଶିକ୍ଷୟତ୍ରୀ ସରୋଜିନୀ ରଥ ନିଜସ୍ୱ ରଚନା କୃପାମୟ ଦେବଙ୍କୁ ସମର୍ପିତ ଗୀତି କବିତା ଗାନ କରିଥିଲେ। ବହୁ ବୁଦ୍ଧିଜୀବୀ ଶିକ୍ଷାବିତ୍ ସ୍ତମ୍ଭକାର ଡ଼ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ବିଜେପି ଜିଲ୍ଲା ସଭାପତି ସରୋଜ କାନ୍ତ ସାବତ, ସମାଜସେବୀ ଶ୍ୟାମ ସୁନ୍ଦର ଖାଡଙ୍ଗା, ଉତ୍କଳ ସମ୍ମିଳନୀ ସଭାପତି ଡ଼ ସୁବ୍ରତ କୁମାର ସାହୁ, ଭାଷା ଆନ୍ଦୋଳନ ସଭାପତି ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ, ଶିକ୍ଷାବିତ ବିରୁପାକ୍ଷ ଦାଶ, ମନୋରଞ୍ଜନ ପାଣିଗ୍ରାହୀ, ହୃଷିକେଶ ଦାଶ, ପଦ୍ମିନୀ ମିଶ୍ର ଅଶୋକ କୁମାର ପଣ୍ଡା, ସଂଜୟ କୁମାର ପଣ୍ଡା, ଅନୁପ କୁମାର ମିଶ୍ରଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ। ଉତ୍ସବକୁ ସିଦ୍ଧାର୍ଥ ଗଙ୍ଗଦେବ, ଦେବବ୍ରତ ଦେବ, ଦିନବନ୍ଧୁ ଶ୍ରୀପଲ୍ଲବ, ଅଶୋକ କୁମାର ପଣ୍ଡା, କପିଳ ଚନ୍ଦ୍ର ମହାନ୍ତି, ନଳିନୀ ଗୌଡ ପରିଚାଳନାରେ ସହଯୋଗ କରିଥିଲେ।

## ତାଲା ବନ୍ଦ ଘରୁ ଟଙ୍କା ଓ ସୁନା ଚୋରି

ବ୍ରହ୍ମପୁର,୨୩।୯ (ସମିସ): ଟାଉନ ଥାନା ଅନ୍ତର୍ଗତ ତୁଳସୀନଗର ୯ମ ଲାଇନରେ ଥିବା ଏକ ତାଲା ବନ୍ଦ ଘରୁ ନଗଦ ଟଙ୍କା ସହ ସୁନା ଓ ରୁପା ଅଳଙ୍କାର ଚୋରି ହୋଇଛି। ଏନେଇ ଅଭିଯୋଗରେ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାପ୍ରକାରେ, ତୁଳସୀନଗର ୯ମ ଲାଇନ୍‌ରେ ରବିନାରାୟଣ ବେହେରା ଓ ତାଙ୍କ ପରିବାର ରହୁଛନ୍ତି। ଗତ ୧୬ ତାରିଖରେ ରବି ନାରାୟଣ ଓ ତାଙ୍କ ପରିବାର ଲୋକେ ଏକ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଜୟପୁର ଚାଲି ଯାଇଥିଲେ। ଘରେ କେହି ନଥିବାରୁ ତାଲା ପଡିଥିଲା। ଗତକାଲି ତାଙ୍କ ପଡୋଶୀ ଫୋନ କରି ଘରର ଗ୍ରୀଲ ତାଲା ଭଙ୍ଗା ଯାଇଥିବା ଜଣାଇଥିଲେ। ଯାଞ୍ଚ ପରେ ଚୋରମାନେ ଘର ଭିତରରେ ପଶି ନଗଦ ଟଙ୍କା ଓସହ ସମସ୍ତ ସୁନା ଓ ରୂପା ଅଳଙ୍କାର ଚୋରି କରି ନେଇଯାଇଥିବା ଜଣାପଡିଥିଲା।

## ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ ଅଭିଯୋଗ

ବ୍ରହ୍ମପୁର,୨୩।୯ (ସମିସ): ମାଣ୍ଡିଆପଲ୍ଲୀ ଜଗନ୍ନାଥ ବିହାରରେ ୫୫ନଂ. ଜୋନ୍ ଜିଲ୍ଲା ପରିଷଦ ପ୍ରାର୍ଥୀ ଜି.କୁର୍ମା ସୋମବାର ରାତି ୧୧ଟାରେ ଜଗନ୍ନାଥପୁର ପେଟ୍ରୋଲ ପମ୍ପ ସମ୍ମୁଖରେ ଠିଆ ହୋଇଥିବା ବେଳେ କରାପଲ୍ଲୀର କିଛି ଯୁବକ ପହଞ୍ଚି ଖଣ୍ଡା ଓ ଠେଙ୍ଗାରେ ଅତର୍କିତ ଆକ୍ରମଣ କରିଥିଲେ। ପରେ ଅପହରଣ କରି କରାପଲ୍ଲୀ ପଞ୍ଚାୟତ ନିକଟରେ ଥିବା ଏକ ପୋଖରୀ ପାଖକୁ ନେଇ ଆକ୍ରମଣ କରି ମୋବାଇଲ ଭାଙ୍ଗିବା ସହ ୪୦ ହଜାର ଟଙ୍କା ଲୁଟ୍ କରିଥିବା ଅଭିଯୋଗ ରହିଛି।

### ଆଇସିଏସ୍‌ଇ ଜାତୀୟ ହ୍ୟାଣ୍ଡବଲ୍ ଟୁର୍ଣ୍ଣାମେଣ୍ଟ

# କେରଳକୁ ପରାସ୍ତ କରି କ୍ୱାର୍ଟରରେ ଓଡ଼ିଶା

ବ୍ରହ୍ମପୁର,୨୩।୯ (ସମିସ)

ହାଇଦରାବାଦର ପପୁଲଗୁଡ଼ାସ୍ଥିତ ଗୀତାଞ୍ଜଳି ବେଦିକା ବିଦ୍ୟାଳୟ ଖେଳପଡ଼ିଆରେ ଆଇସିଏସ୍‌ଇର ଜାତୀୟ ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୧୪ବର୍ଷରୁ କମ୍, ୧୭ ବର୍ଷରୁ କମ୍ ଓ ୧୯ବର୍ଷରୁ କମ୍ ବର୍ଗରେ ବିଭିନ୍ନ ରାଜ୍ୟରୁ ୩୦ରୁ ଉର୍ଦ୍ଧ୍ୱ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଓଡିଶାରୁ କେବଳ ୧୭ବର୍ଷରୁ କମ୍ ବର୍ଗରେ ଦଳ ଅଂଶଗ୍ରହଣ କରିଛି। ଏଥିରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାକୁ ରାଜ୍ୟସଭା ସାଂସଦ ଅନୀଲ କୁମାର ଯାଦବ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସରେ ଓଡ଼ିଶା ଦଳ ଚମତ୍କାର ଖେଳି ପ୍ରତିପକ୍ଷ କେରଳକୁ ୮-୬ରେ ପରାସ୍ତ କରି କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛି। ଦଳ ପକ୍ଷରୁ ମଧୁସ୍ମିତା ମହାରଣା ସର୍ବାଧିକ ବ୍ୟକ୍ତିଗତ ୪ଟି ଗୋଲ୍ ସ୍କୋର କରି ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଦଳର ମ୍ୟାନେଜର ତଥା ଗଞ୍ଜାମ ହ୍ୟାଣ୍ଡବଲ ସଂଘର ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି। ମଧୁସ୍ମିତା ବ୍ରହ୍ମପୁର ଜୋନ୍‌ରୁ ଚୟନ ହୋଇ ଦଳରେ ସାମିଲ ହୋଇଥିବା ବେଳେ ଗତବର୍ଷ ଉତ୍ତମ ଖେଳ ପ୍ରଦର୍ଶନ କରି ଜାତୀୟ ସବ୍‌ଜୁନିଅର ବାଳିକା ଦଳରେ ସ୍ଥାନ ପାଇ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ବୁଧବାର ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ଓଡିଶା ଦଳ ଗତବର୍ଷର ଚାମ୍ପିଅନ ମହାରାଷ୍ଟ୍ରକୁ ଭେଟିବ।

**୧୭ ବର୍ଷରୁ କମ୍ କ୍ୱାର୍ଟର ଫାଇନାଲ୍‌ରେ ବୁଧବାର ମହାରାଷ୍ଟ୍ରକୁ ଭେଟିବ**





**GANDHI +2 SCIENCE COLLEGE**

**Walk-in-Interview** Date : 26 & 27/09/2025, 08 & 13/10/2025 Time : 10 AM

| POST | QUALIFICATION | EXPERIENCE | AGE LIMIT |
|---|---|---|---|
| Data Entry Operator (2-M/F) | Min. Graduation/ MCA | Min. 2 yrs | 25-40 yr. |
| Accountant (2-M/F) | Min. Graduation | Min. 3 yrs | 30-50 yr. |
| Admission Counsellor (2-M/F) | Min. Graduation/MBA | Min. 3 yrs | 25-40 yr. |
| Front Office Executive (2-M/F) | Min. Graduation/MBA | Min. 2 yrs | 25-40 yr. |
| Admission In charge (2-M/F) | Min. Graduation | Min. 3 yrs | 30-45 yr. |
| Marketing Executive (5-M/F) | Min. Graduation | Min. 2 yrs | 25-50 yr. |
| Academic Co-ordinator (2-M/F) | Min. Graduation | Min. 2 yrs | 25-40 yr. |
| Senior Management Staff (3-M/F) | Min. Graduation | Min. 5 yrs | 35-50 yr. |
| Junior Lect. (All Department) | Min. P.G | Min. 2 yrs | 25-30 yr. |
| Telecaller (2-F) | Min. Graduation | Min. 1 yr | 25-40 yr. |
| Hostel Warden (4-M/F) | Min. +2 | Min. 2 yrs | 30-50 yr. |
| Cook & Helper (4-M) | | | |
| Driver (2-M) | Should have Licence | | |


Send your Bio-Data By Whatsapp/ By Hand & Come for Interview

Call & Whatsapp : 9439363437, 8144040281

Shantikanan Lane, Mallikashpur, Balasore | New Campus : Tarini Chhak, Mathasahi Near Nayanakumari School, Balasore



## ଗତିପଥ ବଦଳାଇଲା ମଙ୍ଗଳା ମୁହାଁଣ



ପୋତି ହୋଇଗଲା ପୁରୁଣା ମୁହାଁଣ

**ପୁରୀ,୨୩।୯ (ସମିସ):** ପ୍ରାୟ ପ୍ରତିବର୍ଷ ମଙ୍ଗଳା ନଦୀ ମୁହାଁଣ ଗତିପଥ ବଦଳୁଛି। ବିଭିନ୍ନ ସମୟରେ ପ୍ରାକୃତିକ ମୁହାଁଣ ପୋତିହୋଇ ଭିନ୍ନ ଜାଗାରେ ନୂଆ ଧାର ସୃଷ୍ଟି ହେଉଛି। ଗତ କିଛିଦିନ ହେବ ମଙ୍ଗଳା ନଦୀ ମୁହାଁଣ ପୋତିହୋଇ ସଙ୍କୁଚିତ ହୋଇଯାଇଥିଲା। ଏବେ ଏହି ପ୍ରାକୃତିକ ମୁହାଁଣ ସମ୍ପୂର୍ଣ୍ଣ ଭାବେ ପୋତିହୋଇ ପ୍ରାୟ ୪୦୦ ମିଟର ଦୂରକୁ ଘୁଞ୍ଚିଯାଇଛି। ଚାରିୟଟ ହୋଟେଲ ପଛ ପାର୍ଶ୍ୱରେ ନୂଆ ଧାର ଖୋଲିଛି। ବାରମ୍ବାର ମଙ୍ଗଳା ନଦୀ ମୁହାଁଣ ଗତିପଥ ପରିବର୍ତ୍ତନ କରୁଥିବାରୁ ଏହା ସ୍ଥାନୀୟ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରିଛି। ହୋଟେଲ ଷ୍ଟର୍ଲିଂ ପଛପାର୍ଶ୍ୱରେ ମଙ୍ଗଳା ନଦୀ ସମୁଦ୍ରରେ ମିଶିଛି। କିନ୍ତୁ ଅଧିକାଂଶ ସମୟରେ ମଙ୍ଗଳା ନଦୀର ଏହି ପ୍ରାକୃତିକ ମୁହାଁଣ ପୋତି ହୋଇଯାଉଛି। ଫଳରେ ସମୁଦ୍ର ଓ ନଦୀର ଜଳରାଶି ଅନେକ ସ୍ଥାନରେ ମୁହାଁଣ ସୃଷ୍ଟି କରି ସ୍ଥଳ ଭାଗ ଆଡ଼କୁ ମାଡୁଛି। ନିକଟରେ ଷ୍ଟର୍ଲିଂ ପାର୍ଶ୍ୱରେ ଥିବା ପ୍ରାକୃତିକ ତଥା ପୁରୁଣା ମୁହାଁଣ ପୋତି ହୋଇଯାଇଛି। ଅନ୍ୟପକ୍ଷରେ ଚାରିୟଟ ହୋଟେଲ ପଛ ପାର୍ଶ୍ୱରେ ନୂଆ ଧାର ଖୋଲିଯାଇଛି। ଫଳରେ ଏହି ଧାର ନୂଆ ମୁହାଁଣ ଭାବେ ପରିଚିତ ହେଉଛି।

### ଜିଲ୍ଲାସ୍ତରୀୟ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

# ଜିଲ୍ଲାରେ ୩ ହଜାରରୁ ଊର୍ଦ୍ଧ୍ୱ ଡ୍ରପ୍-ଆଉଟ୍ ଶିଶୁ

**ପୁରୀ,୨୩।୯ (ସମିସ):** ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହଠାରେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟି, ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ନିଷେଧ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ, ଚାଇଲ୍ଡ ହେଲ୍ପଲାଇନ ବୋର୍ଡର ସମସ୍ତ ସଦସ୍ୟ, ସଦସ୍ୟା ଓ ସମସ୍ତ ବିଭାଗର ନିମନ୍ତ୍ରିତ ପଦାଧିକାରୀ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷା ବିଭାଗ ଦ୍ୱାରା ଅନୁଷ୍ଠିତ "ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମରେ ଡ୍ରପ୍ଆଉଟ୍ ସର୍ଭେ ଓ ସମସ୍ତ ପିଲାଙ୍କୁ ବିଦ୍ୟାଳୟକୁ ଅଣାଯିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ଜିଲ୍ଲାରେ ଥିବା ମୋଟ୍ ୩ ହଜାରରୁ ଊର୍ଦ୍ଧ୍ୱ ଡ୍ରପ୍ଆଉଟ୍ ଶିଶୁଙ୍କ ମଧ୍ୟରୁ ଯେଉଁମାନେ ପିତୃମାତୃହୀନ ଓ ଏକକ ପିତାମାତା ବା ଅଭିଭାବକଙ୍କର ଶିଶୁ ହୋଇଥିବେ ଏବଂ ସେମାନେ ବିଦ୍ୟାଳୟ, ମହାବିଦ୍ୟାଳୟରେ ନିରନ୍ତର ଅଧ୍ୟୟନ କରିବେ ସେମାନଙ୍କ ପରିବାର ଅନୁଧ୍ୟାନ କରାଯାଇ ମାର୍ଗଦର୍ଶିକା ଆଧାରରେ ଆର୍ଥିକ ପ୍ରୋତ୍ସାହନ ଦିଆଯିବାକୁ ନିଷ୍ପତ୍ତି ହୋଇଛି।

ଜିଲ୍ଲାରେ ଥିବା ଔଷଧ ଦୋକାନଗୁଡ଼ିକରେ ଥିବା ରେଜିଷ୍ଟରକୁ ଡିଜିଟାଇଜେସନ କରିବା ଓ ସିସିଟିଭି ଲଗାଇବା ସହିତ ଏଚ୍, ଏଚ୍ୱାନ୍, ଏକ୍ସ ଡ୍ରଗ୍ଗୁଡ଼ିକର ବିକ୍ରିବଟା ମନିଟରିଙ୍ଗ୍ କରାଯିବାକୁ ଡ୍ରଗ୍ ଇନ୍ସପେକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଜିଲ୍ଲାରେ ଥିବା ପ୍ରତି ବିଦ୍ୟାଳୟର ୧୦୦ ଗଜ ମଧ୍ୟରେ ମାଦକଦ୍ରବ୍ୟ ନିଷେଧ ନିମନ୍ତେ ଯୋଜନା ଓ ମ୍ୟାପିଙ୍ଗ୍ କରିବା ସହିତ ବିହିତ ପଦକ୍ଷେପ



ନେବେ ଅବକାରୀ ବିଭାଗ। ସେହିପରି ଶିଶୁ ଶ୍ରମିକରେ ନିୟୋଜିତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା। ତୃଣମୂଳସ୍ତରରେ ଅଙ୍ଗନବାଡ଼ି କର୍ମୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବାଲ୍ୟ ବିବାହ ନିଷେଧ ନିମନ୍ତେ ସତର୍କ ରହିବେ ଏବଂ ପୂର୍ବରୁ ଏହାର ନିରୀକ୍ଷଣ କରି ରିପୋର୍ଟ କରିବେ। ଏହା ସହିତ ନିଶାଯୁକ୍ତ ଶିଶୁମାନଙ୍କ ଥଇଥାନ ଓ ଶିଶୁଯତ୍ନ ଅନୁଷ୍ଠାନରେ ଥିବା ଦିବ୍ୟାଙ୍ଗ ଶିଶୁମାନଙ୍କ ପେନ୍ସନ୍, ଦିବ୍ୟାଙ୍ଗ ପ୍ରମାଣପତ୍ର ନିଶ୍ଚିତ କରିବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଦ୍ୱିତୀକାନ୍ତ ପ୍ରଧାନ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଡ୍ରଗ୍ ଇନ୍ସପେକ୍ଟର ହିତେଶ୍ କୁମାର ବେହେରା, ମହାବୀର ରୁଦ୍ର ନାରାୟଣ ସାହୁ ଜେଜେବି ମେମ୍ବର, ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଉମେଶ ଚନ୍ଦ୍ର ପାତ୍ର ଜିଆର୍ପି ଇନ୍ସପେକ୍ଟର, ପଲ୍ଲବୀ ସାହୁ ସହକାରୀ ଶ୍ରମ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବାଲିଅନ୍ତା ବ୍ଲକ୍ ବିଡିଓ ଭାବେ ବଦଳି ହୋଇଛନ୍ତି ଶୁଭ୍ରାଂଶୁ ଶେଖର ପାଢ଼ୀ। ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ତାଙ୍କୁ ରିଲିଭ୍ ଅର୍ଡର ଦିଆଯାଇଛି। ଶ୍ରୀ ପାଢ଼ୀ ଦୀର୍ଘ ୬ ବର୍ଷ ହେବ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଓଏସ୍ଡି ଭାବେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନା କରିଥିଲେ।

## ବ୍ଲକ୍ ସମ୍ମୁଖରେ ମିଶନ ଶକ୍ତି ମହିଳାଙ୍କ ବିକ୍ଷୋଭ

**ପୁରୀ,୨୩।୯ (ସମିସ):** ଅଲ୍ ଓଡ଼ିଶା ଜିପିଏଲ୍ଏଫ୍ ମିଶନ ଶକ୍ତି ମହିଳା ସଂଘ ପକ୍ଷରୁ ବିଭିନ୍ନ ଦାବିରେ ସଦର ବ୍ଲକ୍ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ବିଭିନ୍ନ ବ୍ଲକ୍ରେ ଶତାଧିକ ମହିଳା ମିଶନ ଶକ୍ତିରେ କାର୍ଯ୍ୟ କରୁଛନ୍ତି। ହେଲେ ପରିତାପର ବିଷୟ ୬ ମାସ ହେବ ମିଶନ ଶକ୍ତିରେ କାର୍ଯ୍ୟରତ କୌଣସି କର୍ମଚାରୀଙ୍କୁ ଦରମା ଦିଆଯାଇନାହିଁ। ଏନେଇ ଜିଲ୍ଲାପାଳ, ମନ୍ତ୍ରୀଙ୍କୁ ବାରମ୍ବାର ପ୍ରାପ୍ୟ ପ୍ରଦାନ ପାଇଁ ଅନୁରୋଧ କରାଯାଇଛି। ମାତ୍ର ସେମାନଙ୍କ କଥାକୁ କର୍ଣ୍ଣପାତ କରାଯାଉନାହିଁ। ତେଣୁ ମହିଳାମାନେ ସମବେତ ହୋଇ ସଦର ବ୍ଲକ୍ ଘେରଉ କରିଥିଲେ। ସେମାନଙ୍କ ପ୍ରାପ୍ୟ ଦିଆ ନ ଗଲେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

### ଆଜିଠୁ ଜୁନିୟର ଜାତୀୟ ଥ୍ରୋ ବଲ୍ ଚାମ୍ପିଅନସିପ୍

## ଓଡ଼ିଶା ଦଳର କର୍ଣ୍ଣାଟକ ଯାତ୍ରା

**ପୁରୀ,୨୩।୯ (ସମିସ):** ଚଳିତ ମାସ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକର ବେଙ୍ଗାଲୁରୁସ୍ଥିତ ନାଳନ୍ଦା ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁଟ୍ଠାରେ ଅନୁଷ୍ଠିତ ହେବାକୁ ଯାଉଛି ୩୫ତମ ଜୁନିୟର ଜାତୀୟ ଥ୍ରୋ ବଲ୍ ଚାମ୍ପିଅନସିପ୍। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ବେଙ୍ଗାଲୁରୁ ଯାତ୍ରା କରିଛନ୍ତି। ମହିଳା ଦଳର କୋଚ୍ ପ୍ରିୟଙ୍କା ବିଶ୍ୱାଳ ଓ ମ୍ୟାନେଜର ସୁଧା ସିନ୍ଧୁ ସାହୁ ଓ ପୁରୁଷ ଦଳର କୋଚ୍ ଭାବେ ସୁଶାନ୍ତ ଦାସ ଓ ମ୍ୟାନେଜର ଦୀପ୍ତିରଞ୍ଜନ ସାମନ୍ତରାୟଙ୍କ ସମେତ ଉଭୟ ପୁରୁଷ ଓ ମହିଳା ଦଳର ୨୪ ଜଣ ଖେଳାଳି ଏଥିରେ ଭାଗ ନେଇଛନ୍ତି। ଏ ନେଇ ସେମାନଙ୍କୁ ଓଡ଼ିଶା ଥ୍ରୋ ବଲ୍ ଆସୋସିଏସନ ତରଫରୁ ସଭାପତି ଭୂପିନ୍ଦର ସିଂ, ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ଓ ସହ ସମ୍ପାଦକ ଯଶୋବନ୍ତ ପରମଗୁରୁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରତିଯୋଗିତାରେ ସେମାନେ କିପରି ଭଲ ପ୍ରଦର୍ଶନ କରିବେ ସେ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

● ଖଟଶେଯ ଘରେ ପଡ଼ିଲା ରକ୍ତ

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ,୨୩।୯ (ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଖଟଶେଯ ଘରେ ରକ୍ତ ପଡ଼ିଥିବାରୁ ଏହି ବଡ଼ ମହାସ୍ନାନ କରାଯାଇଛି। ତେବେ ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତି ବିଳମ୍ବ ହୋଇଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୩ଟା ସମୟରେ ଖଟଶେଯ ଘର ମରାମତି କରାଯାଉଥିଲା। ତେବେ ହାତୁଡ଼ିଟି ଖସିଯିବାରୁ ମରାମତି କରୁଥିବା ବ୍ୟକ୍ତିଙ୍କ ଗୋଡ଼ ନଖରେ ବାଜିଥିଲା। ଫଳରେ ରକ୍ତସ୍ରାବ ହୋଇଥିଲା। ଖଟଶେଯ ଘରେ ରକ୍ତ ପଡ଼ିବାରୁ ସେଠାରେ ନୀତି ଅଟକାଯାଇ ମହାସ୍ନାନ ବିଧି ଆରମ୍ଭ ହୋଇଥିଲା। ବନ୍ଦ ରହିଥିଲା ସର୍ବସାଧାରଣ ଦର୍ଶନ। ରତ୍ନସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ମହାସ୍ନାନ ପୂଜା ବଢ଼ିବା ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ଏହାପରେ ଭକ୍ତମାନଙ୍କ ଦର୍ଶନ ପୁଣି ସ୍ୱାଭାବିକ ହୋଇଥିଲା। ଏହି ମହାସ୍ନାନ ପାଇଁ ପ୍ରାୟ ଦେଢ଼ ଘଣ୍ଟାରୁ ଊର୍ଦ୍ଧ୍ୱ ନୀତିକାନ୍ତି ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟାନ୍ୟ ନୀତିକୁ ମଧ୍ୟ ପ୍ରଭାବିତ କରିଥିଲା।

## କଳା ଓ କ୍ରୀଡ଼ା ଶିକ୍ଷକଙ୍କ ପୁରୀରୁ ଭୁବନେଶ୍ୱର ପଦଯାତ୍ରା



**ପୁରୀ,୨୩।୯ (ସମିସ):** ମଙ୍ଗଳବାର ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘର ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଭୁବନେଶ୍ୱର ଅଭିମୁଖେ ପଦଯାତ୍ରା ଆରମ୍ଭ ହୋଇଛି। ଦିନ ୧୦ଟାରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ତାଙ୍କର ଆଜ୍ଞାମାଳ ପାଇ ପ୍ରଭୁଙ୍କ ଫଟୋଚିତ୍ର ଧାରଣ କରି ନିଜର ନ୍ୟାର୍ଯ୍ୟଦାବି ପାର୍ଟ ଟାଇମ୍ ଭଳି କୁତ୍ସିତ ପ୍ରଥାକୁ ଉଚ୍ଛେଦ କରି ନିୟମିତ ହେବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ୍ ଆଲୋଚନା ଉଦ୍ଦେଶ୍ୟରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରି ସନ୍ଧ୍ୟାରେ ଚନ୍ଦନପୁରଠାରେ ପହଞ୍ଚିଛନ୍ତି। ଏହି ପଦଯାତ୍ରାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରାୟ ୧ହଜାର କଳା ଓ କ୍ରୀଡ଼ା ପ୍ରଶିକ୍ଷକ-ପ୍ରଶିକ୍ଷିକା ସାମିଲ୍ ହୋଇଥିଲେ ବୋଲି ମହାସଂଘର ସଭାପତି ପାଣ୍ଡବ ବିଶି ଓ ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ବୁଧବାର ଆହୁରି ହଜାର ହଜାର ପ୍ରଶିକ୍ଷକ-ପ୍ରଶିକ୍ଷିକା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ପୁରୀ ଫଟୋ ଫ୍ରିଲାନ୍ସ କ୍ଲବ୍ର ବାର୍ଷିକ ଉତ୍ସବ

**ପୁରୀ,୨୩।୯ (ସମିସ):** ପୁରୀ ଫଟୋ ଫ୍ରି ଲାନ୍ସ କ୍ଲବ୍ର ବାର୍ଷିକ ଉତ୍ସବ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାର ପ୍ରଥମ ଅଧିବେଶନରେ ଏକ ଫଟୋ ଓ ଭିଡିଓଗ୍ରାଫି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଫଟୋଗ୍ରାଫରଙ୍କୁ ନୂତନ ଟେକ୍ନୋଲୋଜି ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହାର ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସୋନିର ସିଦ୍ଧାର୍ଥ ମହାପାତ୍ର, ପୁରୀ ଫଟୋ ଆଣ୍ଡ ଭିଡିଓ ଟ୍ରେଡର୍ସ ଆସୋସିଏସନର ସଭାପତି ରବି ନାରାୟଣ ମହାନ୍ତି, ବରିଷ୍ଠ ଫଟୋଗ୍ରାଫର ମନୋରଞ୍ଜନ ରାଉତରାୟ, ବରିଷ୍ଠ ଭିଡିଓଗ୍ରାଫର ପ୍ରତାପ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫଟୋଗ୍ରାଫି ମାଧ୍ୟମରେ ଅତୁଳନୀୟ ଅବଦାନ ପାଇଁ ରାଜେନ୍ଦ୍ର ମହାପାତ୍ର, ଭିଡିଓଗ୍ରାଫି ମାଧ୍ୟମରେ ଅତୁଳନୀୟ ଅବଦାନ ପାଇଁ ବିଷ୍ଣୁ ପ୍ରସାଦ ମହାପାତ୍ରଙ୍କୁ ଆଜୀବନ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ରବି ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ନିଖୋଜଙ୍କ ଉଦ୍ଧାର ଅଭିଯାନ

## ୨ ନାବାଳିକାଙ୍କୁ ସୁରକ୍ଷିତ ଉଦ୍ଧାର କଲା ପୁଲିସ

**ପୁରୀ,୨୩।୯ (ସମିସ):** ଜିଲ୍ଲାରେ ଆଇନଶୃଙ୍ଖଳା ରକ୍ଷା ଏବଂ କୌଣସି ପ୍ରକାର ଅପରାଧମୂଳକ ଘଟଣା ଯେପରି ନ ଘଟିବ ସେଥିଲାଗି ପୁରୀ ପୁଲିସ ପକ୍ଷରୁ ଆରମ୍ଭ କରାଯାଇଛି 'ଅପରେସନ ଚକ୍ର'। ଏଥିରେ ଅପରାଧୀଙ୍କୁ ସାବାଡ଼ କରାଯିବା ସହ ବେଆଇନ ନିଶା କାରବାର କରୁଥିବା ଅଭିଯୁକ୍ତଙ୍କୁ କାବୁ କରାଯାଉଛି। ବେଆଇନ ଗାଡ଼ି ଚାଳକଙ୍କଠାରୁ ଜରିମାନା ଆଦାୟ ହେଉଛି। ଏହାରି ଭିତରେ ଜିଲ୍ଲାବ୍ୟାପୀ ପୁଲିସ ଆଉ ଏକ ସ୍ୱତନ୍ତ୍ର ଅଭିଯାନ 'ମିସିଂ ପର୍ସନ ରେସ୍କ୍ୟୁ ଡ୍ରାଇଭ୍' ଚଳାଇଛି। ଏହି ଅଭିଯାନରେ ଦୁଇଜଣ ନାବାଳିକାଙ୍କୁ ସଫଳତାର ସହ ଉଦ୍ଧାର କରିଛି ପୁଲିସ।

ସୂଚନା ଅନୁସାରେ, ଗତ ୧୯ ତାରିଖ ସନ୍ଧ୍ୟା ୫ଟା ୩୦ରେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରାମଚଣ୍ଡୀ ସାହିର ଜଣେ ନାବାଳିକାକୁ ଅଜଣା ବ୍ୟକ୍ତି ରେଡ୍କ୍ରସ ରୋଡ୍ରୁ ଅପହରଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା।

ଏ ନେଇ ପୁଲିସ ଏକ ମାମଲା (ନଂ.୪୩୯/୨୫) ରୁଜୁ କରି ଉଦ୍ଧାର ପାଇଁ ଉଦ୍ୟମ ଚଳାଇଥିଲା। ମଙ୍ଗଳବାର ଗଞ୍ଜାମ ଜିଲ୍ଲା ରମ୍ଭା ଅଞ୍ଚଳରୁ ସମ୍ପୃକ୍ତ ନାବାଳିକାକୁ ସୁରକ୍ଷିତ ଉଦ୍ଧାର କରିଛି ପୁଲିସ। ସେହିପରି ଗତ ୨୦ ତାରିଖରେ ବ୍ରହ୍ମଗିରି ଥାନାରେ ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା (ନଂ.୩୮୨/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ବ୍ରହ୍ମଗିରି ଥାନା ମହିଷା କୃଷ୍ଣପ୍ରସାଦ ଅଞ୍ଚଳରୁ ନିଖୋଜ ନାବାଳିକାକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏ ସମ୍ପର୍କରେ ଏସ୍ପି ପ୍ରତୀକ ସିଂ କହିଛନ୍ତି, ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପାଇଁ ପୁଲିସ ପକ୍ଷରୁ ନିରନ୍ତର ଉଦ୍ୟମ ଚାଲିଛି। ଯଦି କୌଣସି ନିଖୋଜ୍ ସମ୍ବନ୍ଧିତ ସୂଚନା ମିଳେ ତେବେ ନିକଟସ୍ଥ ଥାନା କିମ୍ବା ୧୧୨କୁ କଲ୍ କରିବା ପାଇଁ ଏସ୍ପି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ହୋଟେଲରୁ ମୋବାଇଲ୍, ଟଙ୍କା ଚୋରି କରି ବନ୍ଧାହେଲେ

**ପୁରୀ,୨୩।୯ (ସମିସ):** ହୋଟେଲ ଭିତରେ ପଶି ମୋବାଇଲ୍ ଫୋନ୍ ଏବଂ ଟଙ୍କା ଚୋରି କରିବା ଅଭିଯୋଗରେ ଜଣଙ୍କୁ ବାନ୍ଧିଛି ବଳିଆପଣ୍ଡା ଥାନା ପୁଲିସ। ଅଭିଯୁକ୍ତ ହେଲେ ଆନ୍ଧ୍ରପ୍ରଦେଶ କାକିନାଡ଼ାର କାର୍ଥୀ ଶିବା (୩୦)। କାର୍ଥୀ ସୋମବାର ବଳିଆପଣ୍ଡାରେ ଥିବା ହୋଟେଲ ଶ୍ରୀହରି ଭିତରେ ପଶି ଗୋଟିଏ ମୋବାଇଲ୍ ଫୋନ୍ ଏବଂ ୨ ହଜାର ଟଙ୍କା ଥିବା ମନିପର୍ସକୁ ଚୋରି କରିଥିଲେ। ହୋଟେଲ ମ୍ୟାନେଜର ରବୀନ୍ଦ୍ରନାଥ ନନ୍ଦ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ.୧୭୭/୨୫) ରୁଜୁ କରି ଅଭିଯୁକ୍ତ କାର୍ଥୀକୁ ଗିରଫ କରିଥିଲା। ମଙ୍ଗଳବାର ତାକୁ କୋର୍ଟଚାଲାଣ କରାଯାଇଥିବାବେଳେ ମୋବାଇଲ ଫୋନ ଏବଂ ମନିପର୍ସ ଜବତ କରାଯାଇଛି।

## ଶ୍ରୀବରାଳ ବାଲୁଙ୍କେଶ୍ୱରଙ୍କ ବିଭୂତିଖନନ ଉତ୍ସବ



**ସାକ୍ଷୀଗୋପାଳ,୨୩।୯ (ସମିସ):** ମଙ୍ଗଳବାର ପବିତ୍ର ଆଶ୍ୱିନ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଶ୍ରୀବରାଳ ବାଲୁଙ୍କେଶ୍ୱରଦେବଙ୍କ ବିଭୂତିଖନନ ଉତ୍ସବ ପାଳନ କରାଯାଇଥିଲା। ସକାଳ ୫ଟାରେ ଶ୍ରୀଜୀଉଙ୍କ ଦ୍ୱାରା ପିଠା ନୀତି ୫ଟା ୩୦ରେ ଆଳତି ମଇଲମ୍ କରାଯାଇ ୬ଟା ୨୦ରେ ସୂର୍ଯ୍ୟ ପୂଜା ଓ ୬ଟା ୩୦ରେ ଶ୍ରୀଜୀଉଙ୍କ ବଲ୍ଲଭ ନୀତି କରାଯାଇଥିଲା। ଅମୃତ ବେଳା ସକାଳ ୭ଟା ୩୦ରେ ଶ୍ରୀଜୀଉଙ୍କ ସମସ୍ତ ସେବାୟତ ମା' ଦୁର୍ଗାଙ୍କ ପାଖରେ ଅଧିଆ ପଡ଼ି ଶ୍ରୀଜୀଉଙ୍କ ପଞ୍ଜିକାର ମନ୍ତ୍ର ଉଚ୍ଚାରଣ କରି ମା' ଦୁର୍ଗାଙ୍କଠାରୁ ମାଳ ନେଇ ବିଭୂତିବାଟିକା ଅଭିମୁଖେ ବାଜା, ଘଣ୍ଟ, କାହାଳୀ, ଛତ୍ରି ଓ ତ୍ରାସ ନେଇ ସମସ୍ତ ସେବାୟତ ଗୋଟେ ଟୋକେଇ ଓ ଖଣ୍ଡେ ଶାବଳ ଧରି ବିଭୂତିଖନନ ପାଇଁ ଯାତ୍ରା କରିଥିଲେ। ଏହା ବରାଳ ବାଲୁଙ୍କେଶ୍ୱରଙ୍କ ସେବାୟତ ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର ଓ ପ୍ରଶାସନ ସହଯୋଗରେ କରାଯାଇଥିଲା।

ଚିତ୍ରକଳା ପ୍ରତିଯୋଗିତା

## ଚିତ୍ରଶିଳ୍ପୀଙ୍କ ଚିନ୍ତା ଓ ଚେତନା ଅନନ୍ୟ




**ପୁରୀ,୨୩।୯ (ସମିସ):** ସେବା ପକ୍ଷ ଅବସରରେ ପୁରୀ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଓ ଲଳିତ କଳା ଏକାଡେମୀର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏକ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୨୦୪୭ ବିକଶିତ ଭାରତର ପରିକଳ୍ପନା ଶୀର୍ଷକ ଏହି ପ୍ରତିଯୋଗିତା ସଂସ୍କୃତି ଭବନସ୍ଥିତ ଲଳିତ କଳା ଏକାଡେମୀ ଗ୍ୟାଲେରୀରେ ଅନୁଷ୍ଠିତ ହୋଇଥିଲା। ଏହି ଚିତ୍ରକଳା ପ୍ରତିଯୋଗିତା ଓ ପ୍ରଦର୍ଶନୀକୁ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଉଦ୍ଘାଟନ କରିବା ସହ ପ୍ରତ୍ୟେକ କଳାକାର ନିଜର ସୃଜନଶୀଳତା ଓ ଭାବନାକୁ କାନ୍ଭାସରେ ଲିପିବଦ୍ଧ କରି ସମାଜକୁ ବାର୍ତ୍ତା ଦେଇଥା'ନ୍ତି ବୋଲି କହିଥିଲେ। କଳାକାରଟିଏ ଦ୍ୱିତୀୟ ଈଶ୍ୱର ପରି ନିଜ କଳା ମାଧ୍ୟମରେ ଯେଉଁ ସୃଷ୍ଟି କରିଥା'ନ୍ତି ତାହା ତାଙ୍କୁ ପରିଚୟ ଦେଇଥାଏ। ଏହି ଅବସରରେ ସେ ସମସ୍ତ ଚିତ୍ରଶିଳ୍ପୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କାଶିନାଥ ଖୁଣ୍ଟିଆ କଳାକାରଟିଏ ନିଜର ଚିନ୍ତା ଓ ଚେତନାକୁ ଜାଗ୍ରତ କରି ଯେଉଁ ସୃଷ୍ଟି କରେ ତାହା ଅନନ୍ୟ ବୋଲି କହିବା ସହ ଭାବନାତ୍ମକ ଚିନ୍ତନର ସୁନ୍ଦର ପ୍ରତିଫଳନ ଏହି ଚିତ୍ରକଳା ବୋଲି ସେ କହିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ, ପୁରୀ ଲଳିତ କଳା ଏକାଡେମୀର ତତ୍ତ୍ୱାବଧାରକ ସତ୍ୟ ନାରାୟଣ ପାଢ଼ୀ ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ ତିନି କଳା କୃତି ଓ ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରକୁ ପ୍ରେରଣ କରାଯିବ ବୋଲି ସଂସ୍କୃତି ଅଧିକାରୀ ସୂଚନା ଦେଇଛନ୍ତି।


GANDHI +2 SCIENCE COLLEGE

Walk-in-Interview Date : 26 & 27/09/2025, 08 & 13/10/2025 Time : 10 AM

| POST | QUALIFICATION | EXPERIENCE | AGE LIMIT |
|---|---|---|---|
| Data Entry Operator (2-M/F) | Min. Graduation/ MCA | Min. 2 yrs | 25-40 yr. |
| Accountant (2-M/F) | Min. Graduation | Min. 3 yrs | 30-50 yr. |
| Admission Counsellor (2-M/F) | Min. Graduation/MBA | Min. 3 yrs | 25-40 yr. |
| Front Office Executive (2-M/F) | Min. Graduation/MBA | Min. 2 yrs | 25-40 yr. |
| Admission In charge (2-M/F) | Min. Graduation | Min. 3 yrs | 30-45 yr. |
| Marketing Executive (5-M/F) | Min. Graduation | Min. 2 yrs | 25-50 yr. |
| Academic Co-ordinator (2-M/F) | Min. Graduation | Min. 2 yrs | 25-40 yr. |
| Senior Management Staff (3-M/F) | Min. Graduation | Min. 5 yrs | 35-50 yr. |
| Junior Lect. (All Department) | Min. P.G | Min. 2 yrs | 25-30 yr. |
| Telecaller (2-F) | Min. Graduation | Min. 1 yr | 25-40 yr. |
| Hostel Warden (4-M/F) | Min. +2 | Min. 2 yrs | 30-50 yr. |
| Cook & Helper (4-M) | | | |
| Driver (2-M) | Should have Licence | | |

Send your Bio-Data By Whatsapp/ By Hand & Come for Interview

Call & Whatsapp : 9439363437, 8144040281

Shantikanan Lane, Mallikashpur, Balasore | New Campus : Tarini Chhak, Mathasahi Near Nayanakumari School, Balasore

## ଭୁବନେଶ୍ୱର ସିଟି

# ଦୁର୍ଗାପୂଜା ପୂର୍ବରୁ ସକ୍ରିୟ ଦେହ ଦଲାଲ୍

ଭୁବନେଶ୍ୱର, ୨୩।୯(ସମିସ): ଦୁର୍ଗାପୂଜା ପୂର୍ବରୁ ଟ୍ୱିନ୍‌ସିଟିରେ ସକ୍ରିୟ ହୋଇ ଉଠିଛନ୍ତି ଦେହଜୀବୀ। ବାଂଲାଦେଶରୁ ଯୁବତୀ ଆଣି ଟ୍ୱିନ୍‌ସିଟିରେ ଚଲାଉଛନ୍ତି ଦେହବେପାର। ଏନ୍‌ଆଇଏ ଦ୍ୱାରା ଗିରଫ ଦୁଇ ଦେହ ଦଲାଙ୍କୁ ପଚରାଉଚରା କରିବା ପରେ ଏହି ସେକ୍ସ ରାକେଟ୍‌ର ଚେର ଖୋଲିଛି। ଏହି ଦେହ ଦଲାଲଙ୍କ ମୁଖ୍ୟ ଗରାଖ ସାଜିଛନ୍ତି ଖଣି ମାଫିଆ, ପ୍ରତିଷ୍ଠିତ ବ୍ୟବସାୟୀ ଓ ଠିକାଦାର। ସବୁ କିଛି ହ୍ୱାଟ୍ସଆପ୍‌ରେ କାରବାର ହେଉଛି। ଦଲାଲ ଫଟୋ ଦେବା ପରେ ଏହି ହାଇଫାଇ ଗ୍ରାହକ ଯୁବତୀ ଚୟନ କରୁଛନ୍ତି। ଏହାପରେ ଅଗ୍ରୀମ ଆକାରରେ ଟଙ୍କା ଅନ୍‌ଲାଇନରେ ଦେବା ପରେ ଦିଆଯାଇଥିବା ଠିକଣାରେ ଯୁବତୀ ପହଞ୍ଚୁଛନ୍ତି। ତେଣୁ ଦଶହରା ଏବଂ ନୂଆବର୍ଷା ପାଇଁ ଦଲାଲମାନେ ବାଂଲାଦେଶୀରୁ ଏକାଧିକ ଯୁବତୀ ଟ୍ୱିନ୍‌ସିଟିକୁ ଆଣିଛନ୍ତି।

ଏନ୍‌ଆଇଏ ପଶ୍ଚିମବଙ୍ଗରୁ ଗିରଫ ଦଲାଲଙ୍କ ମୋବାଇଲ୍‌ରୁ ମିଳିଛି ଏକାଧିକ ପ୍ରମାଣ। ତେଣୁ ପୂଜା ପୂର୍ବରୁ ଦେହ ଦଲାଲଙ୍କୁ ଧରିବାକୁ ମାଷ୍ଟର ପ୍ଲାନ କରିଛି କ୍ରାଇମ୍‌ବ୍ରାଞ୍ଚ ଏବଂ ଏସ୍‌ଟିଏଫ। ଦଲାଲମାନେ ନିଯୁକ୍ତି ନାଁରେ ଯୁବତୀମାନଙ୍କୁ ଲୋଭ ଦେଖାଇ ଏଠାକୁ ନେଇ ଆସି ଦେହ ବ୍ୟବସାୟରେ ସାମିଲ କରୁଛନ୍ତି। ମିଳିଥିବା ପ୍ରମାଣ ଆଧାରରେ ଏହି ରାକେଟରେ କେଉଁମାନେ ସାମିଲ ଅଛନ୍ତି ତାହାର ତାଲିକା କରୁଛି ଏନ୍‌ଆଇଏ। ଆଗକୁ ଦୁର୍ଗାପୂଜା। ଚାରିଆଡେ ଉତ୍ସବର ମାହୋଲ। ଏହି ରଙ୍ଗାରଙ୍ଗ ପର୍ବକୁ ଆଉ ଟିକେ ଧୁମଧାମରେ ପାଳନ କରିବାକୁ ଅଣ୍ଟା ଭିଡ଼ିଛନ୍ତି ଦେହ ଦଲାଲ। ବାଂଲାଦେଶୀ ଯୁବତୀ ଓ ନାବାଳିକାଙ୍କୁ ଓଡ଼ିଶାର ଟୁଇନ ସିଟିକୁ ଆଣି କରୁଛନ୍ତି ବେପାର। ପାର୍ବଣ ଏବଂ ନୂଆବର୍ଷ ପୂର୍ବରୁ ମୋଟା ଅଙ୍କର ରୋଜଗାର କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଠାକୁ ଯୁବତୀମାନଙ୍କୁ ଆଣୁଥିବା ଦଲାଲମାନଙ୍କ ସହ ରାଜ୍ୟ ଏବଂ ଦେଶ ବାହାରର ଗ୍ରାହକଙ୍କ ଲିଙ୍କ୍ ରହିଛି। କାରଣ ୨୪ ପ୍ରଗଣା ଅଞ୍ଚଳରୁ ଗିରଫ ଅମୀର ଅଲ୍ଲୀ ଶେଖ ଓ ଅମଲ କୃଷ୍ଣା ମଣ୍ଡଲଙ୍କ ନିକଟରୁ ପୁଳାପୁଳା ଫରେନ ମନି ସହ ଜବତ ହୋଇଛି ଲାପଟପ, ମୋବାଇଲ ଓ ଟ୍ୟାବ୍। ଯେଉଁଥିରୁ ରାଜଧାନୀ ଭୁବନେଶ୍ୱର ଓ କଟକରେ ୨ ବର୍ଷ ପୂର୍ବରୁ ସେକ୍ସ ରାକେଟ ଚାଲୁଥିବା ନେଇ ସୁରାକ ପାଇଛି ଏନ୍‌ଆଇଏ। ଗତବର୍ଷ ନଭେମ୍ବର ମାସରେ ୨୩ ଯୁବତୀଙ୍କୁ ଏକ ଆପାର୍ଟମେଣ୍ଟରେ ରଖି ସେକ୍ସ ରାକେଟରେ ନିୟୋଜିତ କରାଯାଉଥିଲା। ମଧୁପାଟଣା ଅଞ୍ଚଳରୁ ବାଂଲାଦେଶୀ ନାବାଳିକା ଉଦ୍ଧାର କରାଯାଇ ସେତବେଳେ ସିଡବ୍ଲୁସିକୁ ହସ୍ତାନ୍ତର କରାଯାଇଥିଲା। ରାତିକୁ ୨ ହଜାର ଦେଇ ଦେହବେପାର କରିବାକୁ ବାଧ୍ୟ କରୁଥିଲେ ଦଲାଲ। ରାଜି ନହେଲେ ଗୃହବନ୍ଦୀ ରଖି ଦିଆ ଯାଉଥିଲା ଅକଥନୀୟ ନିର୍ଯ୍ୟାତନା। ଏଭଳି ଅଭିଯୋଗ ସମ୍ନାକୁ ଆସିବା ପରେ ମାରାଥନ ରେଡ଼ କରିଥିଲା କମିଶନରେଟ ପୁଲିସ। ପୋକ୍ସ ଆକ୍ଟରେ ମାମଲା ରୁଜୁ କରିବା ପରେ ତଦନ୍ତ ଭାର ନେଇଥିଲା ଏନ୍‌ଆଇଏ। ତେବେ କିଏ ସେହି ମାଷ୍ଟର ମାଇଣ୍ଡ, ଯିଏ ଦେଶ ବାହାରୁ କରୁଥିଲା ଯୁବତୀ ଚାଲାଣ? କେବଳ ଭୁବନେଶ୍ୱର କଟକ ନାଁ ସ୍ଥାନରେ ମଧ ଚାଲିଥିଲା ଦେହ ବେପାର? ସେ ନେଇ ଛାନଭିନ ଚଳାଇଛି ଏହି ତଦନ୍ତକାରୀ ସଂସ୍ଥା।

- ବାଂଲାଦେଶରୁ ଆସି ଟୁଇନ୍ ସିଟିରେ ଚଳାଇଥିଲେ ଧନ୍ଦା
- ନିଯୁକ୍ତି ନାଁରେ ସେକ୍ସ ରାକେଟ୍‌ରେ ଭର୍ତ୍ତି କରାଉଛନ୍ତି
- ଗିରଫ ଦୁଇ ଦଲାଲଙ୍କୁ ପଚରାଉଚରା ପରେ ଖୋଲୁଛି ଗୁମର



### ଲଜ୍ ଓ ହୋଟେଲରେ ଚଢ଼ଉ କେବେ

ରାଜଧାନୀରେ ଥିବା ଏକାଧିକ ଲଜ୍ ଏବଂ ହୋଟେଲରେ ଚାଲୁଛି ଦେହକାରବାର। ହୋଟେଲ କର୍ମଚାରୀଙ୍କ ଦେହଜୀବୀ ଏବଂ ଦଲାଙ୍କ ସହ ରହୁଛି ଲିଙ୍କ୍। କୌଣସି ଗ୍ରାହକ ଏକଲା ହୋଟେଲକୁ ରହିବାକୁ ଗଲେ ସେମାନଙ୍କୁ ଯୁବତୀ ଆବଶ୍ୟକ ବୋଲି ପଚରା ଯାଉଛି। ସେମାନେ ହଁ କରିବା ପରେ ଯୁବତୀ ଯୋଗାଇ ଦିଆଯାଉଛି। ଏଥିରୁ ଯୁବତୀ ୬୦ ପ୍ରତିଶତ ଟଙ୍କା ନେଉଥିବା ବେଳେ ବାକି ଟଙ୍କା ହେଟେଲ ମ୍ୟାନେଜର ଏବଂ ବୁଝୁଥିବା ବ୍ୟକ୍ତିଙ୍କ ପକେଟକୁ ଯାଉଛି। ତେଣୁ ପୁଲିସ ପୂଜା ପୂର୍ବରୁ ଚଢ଼ଉ ଜୋରଦାର କଲେ ଏହି ସେକ୍ସ ରାକେଟର ଖୁଲାସା ହେବ ବୋଲି କୁହାଯାଉଛି।

● ବାପା ଓ ସ୍ୱାମୀଙ୍କ ମଝିରେ ଧନ୍ଦି ହେଇଗଲା କସ୍ତୁରୀ

## 'ତା'ର ଶେଷ ଇଚ୍ଛା' ମଞ୍ଚସ୍ଥ

ଭୁବନେଶ୍ୱର, ୨୩।୯(ସମିସ): ସବୁବେଳେ ନିଜ ଶକ୍ତ ବାପା ଓ ଆଧୁନିକ ଚିନ୍ତାଧାରାର ସ୍ୱାମୀଙ୍କ ମଝିରେ ଧନ୍ଦି ହୁଏ କସ୍ତୁରୀ। ଉଭୟଙ୍କ ବିଚାର କେବେ ମଧ ମିଶୁ ନ ଥିବାରୁ ସେମାନଙ୍କୁ ବୁଝାଇବାରେ ସେ ଅଣନିଶ୍ୱାସୀ ହୋଇପଡ଼େ। ହେଲେ ସମୟଚକ୍ରରେ ଦିନେ ଏମିତି ଦିନ ଆସେ ଯେ କସ୍ତୁରୀ ଅସୁସ୍ଥ ହୋଇପଡ଼େ। ତା'ର ଶେଷ ଇଚ୍ଛା ଛାଏ ଯେ ତା' ବାପା ଓ ସ୍ୱାମୀ ଗୋଟେ ଛାତ ତଳେ ଏକାଠି ରୁହନ୍ତୁ। ଝିଅ ଓ ସ୍ତ୍ରୀର ଇଚ୍ଛା ପୂରଣ ପାଇଁ କିଭଳି ଦୁଇ ବିପରୀତ ଚିନ୍ତାଧାରାର ଲୋକ ଏକାଠି ହୁଅନ୍ତି ଓ ସମୟ କ୍ରମେ ପରସ୍ପରକୁ ଭଲପାଆନ୍ତି। ଏଭଳି କିଛି କଥାବସ୍ତୁକୁ ନେଇ ଜାତୀୟ ନାଟ୍ୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଯାଇଛି ନାଟକ 'ତା'ର ଶେଷ ଇଚ୍ଛା'। ସମ୍ବଲପୁରର 'ଅଦୃଶ୍ୟ ନାଟ୍ୟ ଆଶ୍ରମ' ପକ୍ଷରୁ ପ୍ରସ୍ତୁତ ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି ଅତୀଶ କୁମାର ଶତପଥୀ। ସଙ୍ଗୀତ ଦେଇଛନ୍ତି ଗିରିଜା ଶଙ୍କର ମିଶ୍ର। ଏଥିରେ ବିଭିନ୍ନ ଭୂମିକାରେ ନରେନ୍ଦ୍ର ବେହେରା, ସୁମିତ୍ରା ମହାକୁଡ଼, ଅତୀଶ କୁମାର ଶତପଥୀ। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ସୁଧାଂଶୁ ଦ୍ୱିବେଦୀ, ମିହିର କୁମାର ମେହେର, ଓଡ଼ିଶା ନାଟ୍ୟ ସଂଘର ସଭାପତି ମନୋଜ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଆଲୋକ ରଞ୍ଜନ ବୋଷ, କୋଷାଧକ୍ଷ ସୁଶୀଲ କୁମାର ପଟ୍ଟନାୟକ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ।



## ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୨୩।୯(ସମିସ): ଚାକିରୀ ସର୍ତ୍ତାବଳୀ ସହିତ ପେନସନ ପ୍ରଦାନ କରିବା ଦାବିରେ ୪୮୮ ବର୍ଗ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଦୁଇ ଦିନ ଧରି ଚାଲୁଥିବା ଆନ୍ଦୋଳନ ସ୍ଥଗିତ ରହିଛି। ସଂଘର ୩ ଦଫା ଦାବି ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ବିଭାଗୀୟ ସଚିବଙ୍କ ସହ ଆଲୋଚନା କରିବା ପରେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ସଂଘର ସଭାପତି ମାନସ ପୁରୋହିତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୨୦୦୯ ଗ୍ରାଣ୍ଟ ଇନ ଏଡ୍ ପାଉଥିବା ଅଧ୍ୟାପକ ଓ କର୍ମଚାରୀମାନେ ଏବେଯାଏଁ ଚାକିରୀ ସର୍ତ୍ତାବଳୀ ଓ ପେନସନ ସୁବିଧା ପାଇପାରି ନାହାନ୍ତି। ବାରମ୍ବାର ଦାବି କରୁଥିଲେ ମଧ କେବଳ ପ୍ରତିଶ୍ରୁତି ମିଳୁଛି। ସରକାର କ୍ୟାଡର ସଂଶୋଧନ ଓ ବରିଷ୍ଠତା ପ୍ରଦାନ ସହିତ ପଦୋନ୍ନତି ପ୍ରଦାନ କରିବାକୁ ସକରାତ୍ମକ ଆଲୋଚନା କରିଛନ୍ତି। ଏହାସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ଆସନ୍ତା ୨ମାସ ଭିତରେ ପ୍ରତିଶ୍ରୁତି ପାଳନ ନ କଲେ ସେମାନେ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରୀ ପୁରୋହିତ ସୂଚନା ଦେଇଛନ୍ତି।

## ରାଜଧାନୀ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୩।୯(ସମିସ): ରାଜଧାନୀ ମହାବିଦ୍ୟାଳୟ ବିସିଏ ବିଭାଗ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ 'ଲୁମିନା ଭର୍ବ-୨୦୨୫' ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ସରୋଜକାନ୍ତ ଚୌଧୁରୀ ଏହାକୁ ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଡମିନିଷ୍ଟ୍ରେଟର ରିପ୍ରେଜେଣ୍ଟିଭ ଡ. ମନ୍ମଥ ଘଡ଼େଇ, ବିସିଏ ବିଭାଗର ସଂଯୋଜକ ଡ. ପ୍ରଶାନ୍ତ କୁମାର ବେଉରିଆ, ବିବିଏ ବିଭାଗ ମୁଖ୍ୟ ନିହାର ରଞ୍ଜନ ମହାପାତ୍ର ଓ ବିସିଏ ବିବାଗ ମୁଖ୍ୟ ସୌମ୍ୟା ପଟ୍ଟନାୟକ ଯୋଗଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଛନ୍ତି। ଅପୂର୍ବା ଜେନା ଓ ପୀୟୂଷ ବାରିକ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ଶୁଭଙ୍କର ପ୍ରଧାନଙ୍କୁ ମିଷ୍ଟର ଫ୍ରେସର ଓ ଶ୍ରୀୟା ରାଉତଙ୍କୁ ମିସ୍ ଫ୍ରେସରସ୍ ଭାବେ ସମ୍ମାନୀତ କରାଯାଇଛି।

## ନୋଏଡାରେ ହେବ ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ପଞ୍ଚତନ୍ତ୍ର ମହୋତ୍ସବ

ଭୁବନେଶ୍ୱର, ୨୩।୯(ସମିସ): ସାମୁଦାୟିକ ବିକାଶ ସମିତି ପକ୍ଷରୁ ଆସନ୍ତା ଡିସେମ୍ବର ମାସରେ ନୋଏଡାର ସେକ୍ଟର ୨୧ ଏ ସ୍ଥିତ ରାମଲୀଳା ମଇଦାନଠାରେ ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ପଞ୍ଚତନ୍ତ୍ର ମହୋତ୍ସବ ଡିସେମ୍ବର ୩ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ୩୦ରୁ ୩୫ଟି ଦେଶର ଭକ୍ତ ଓ ପ୍ରତିନିଧିଙ୍କ ସମେତ ବିଶ୍ୱବ୍ୟାପୀ ୧୦୦୦ରୁ ଅଧିକ ଜଗନ୍ନାଥ ମନ୍ଦିରର ସଦସ୍ୟ ଏଥିରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ମହୋତ୍ସବ ପ୍ରତିଦିନ ସକାଳ ୮ଟାରୁ ରାତି ୧୦ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସନ୍ଧ୍ୟା ସମୟରେ ଓଡିଶୀ, କଥକ, ଗୋଟିପୁଅ ଓ ମାହାରୀ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ଏଠାରେ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କର ୨୪ଟି ରୂପ ଦେଖିପାରିବା ସହିତ ପ୍ରତିଦିନ ସ୍କନ୍ଦ ପୁରାଣ ଉପରେ ପ୍ରବଚନ ଶୁଣିପାରିବେ। ଏହାବ୍ୟତୀତ ୧୦୦ରୁ ଅଧିକ ଯଜ୍ଞଶାଳୀରେ ପ୍ରାୟ ୪୦୦ ଜଣ ଅଂଶଗ୍ରହଣକାରୀ ଏକକାଳୀନ ପୂଜାର୍ଚ୍ଚନା କରିବେ। ଏଠାରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ପାରମ୍ପରିକ ନିରାମିଷ ଖାଦ୍ୟ ଉପଲବ୍ଧ କରୁଥିବା ଫୁଡ ଷ୍ଟଲ ରହିବ। ମହୋତ୍ସବ ସମ୍ପର୍କରେ ସମସ୍ତ ବିବରଣୀ ଅଫିସିଆଲ ୱେବସାଇଟ Svsamiti.comରେ ଉପଲବ୍ଧ ରହିଛି। ଅନ୍‌ଲାଇନ୍ ଯଜ୍ଞ ପାଇଁ ସିଟ୍ ବୁକିଙ୍ଗ୍ ଓ ମେମ୍ବରସିପ ପାସ୍ ମଧ ଏହି ୱେବ୍‌ସାଇଟରେ ଉପଲବ୍ଧ ରହିଛି। ପ୍ରମୋଦ ଭାଲ୍, ନିତ୍ୟାନନ୍ଦ ଭାଉତ, ଗୁରୁଜୀ ଗୌତମ ରିଷି ଓ ଆଚାର୍ଯ୍ୟ ଶୈଳେଶ ତିୱାରୀ ଆୟୋଜନର ଦାୟିତ୍ୱ ନେଇଥିବା ବେଳେ ସ୍ୱାମୀ ଦେବାନନ୍ଦ ସରସ୍ୱତୀ, ଧନେଶ୍ୱର ନାୟକ, ସନ୍ତୋଷ ଭାରତ, ଅକ୍ଷୟ ସାମଲ, ଜି.ପି ସାମନ୍ତ, ଅଲୋକ ପାଢ଼ୀ, ବିମଳ ବାରିକ, ପ୍ରିତମ ନାୟକ, ରାମକୃଷ୍ଣ ସାହୁ, ଜିତେନ୍ଦ୍ର ମୁଖୀ, ରଞ୍ଜନ ଦାଦା ଓ ସଞ୍ଜୟ ମିଶ୍ର ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି।

## ଗାନ୍ଧୀ ବିଦ୍ୟାପୀଠରେ ସମ୍ବର୍ଦ୍ଧନା ସମାରୋହ



ଭୁବନେଶ୍ୱର, ୨୩।୯(ସମିସ): ଗାନ୍ଧୀ ବିଦ୍ୟାପୀଠ ଉଚ୍ଚ ମାଧମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଖଣ୍ଡଗିରି ସ୍ଥିତ ଆଶୀର୍ବାଦ କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ନୃସିଂହ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ମୁଖ୍ୟବକ୍ତା ଭାବେ ଏସ୍ଥର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗ ଦେଇଥିବା ବେଳେ ସମାଜସେବୀ ଅନୀତ୍ ନାୟକ, ଶିକ୍ଷାବିତ୍ ଅରୁଣ ସାହୁ, ଶିକ୍ଷକ ନେତା ପ୍ରମୋଦ ବେହେରା, ଶରତ ସାହୁ, ଖଲିଲୁର ରହେମାନ୍ ଖାଁ (ଅନ୍‌ମୋଲ୍ ଚାଚା)ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା। ବିଦ୍ୟାପୀଠରେ ଅଧକ୍ଷ ଚନ୍ଦନ କୁମାର ପଲାଇ ଓ ବିଶ୍ୱଜିତ ରାଣୀଙ୍କର ତତ୍ତ୍ୱାବଧାନରେ ଉତ୍ସବ ସମାହିତ ହୋଇଥିଲା।

## ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର



ଭୁବନେଶ୍ୱର, ୨୩।୯(ସମିସ): ଓଡ଼ିଶା ଲେଖକ ସମବାୟ ସମିତି ପକ୍ଷରୁ 'ସୀତାକାନ୍ତଙ୍କ ସୃଜନ ସମ୍ଭାର' ଶୀର୍ଷକରେ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ପୀତବାସ ରାଉତରାୟଙ୍କର ଅଧକ୍ଷତାରେ ଆୟୋଜିତ ସଭାରେ ସୀତାକାନ୍ତ ମହାପାତ୍ରଙ୍କ କବିତାରେ ମିଥର ପ୍ରୟୋଗ ଉପରେ ଆଲୋଚନା ହୋଇଥିଲା। ସେ ଓଡ଼ିଶା ଲେଖକ ସମବାୟ ସମିତିର ସଭାପତି ଭାବେ ୧୯୮୨ରୁ ୧୯୯୦ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ପ୍ରାଚୀନ ଓଡ଼ିଆ କବିଙ୍କର ଶ୍ରୀଜଗନ୍ନାଥଙ୍କୁ ନେଇ ଲିଖିତ କବିତାକୁ ନେଇ 'ପକ୍ଷୀଏ ଯା'ର ବ୍ୟାକରଣ ସମ୍ପାଦନା କରି ଶ୍ରୀଜଗନ୍ନାଥ ସଂସ୍କୃତିକୁ ରୁଦ୍ଧିମନ୍ତ କରିଛନ୍ତି। ସଭାରେ ପ୍ରଶାସନିକ ଅଧିକାରୀ ଡ. ଅଲେଖ ଚନ୍ଦ୍ର ପଡ଼ିଆରୀ, ସୁକାନ୍ତ ପ୍ରଧାନ, ପଦ୍ମଶ୍ରୀ ଅଶୋକ ମହାପାତ୍ର, ଅସିତ ମହାନ୍ତି, ସାହିତ୍ୟିକା ପ୍ରେମଲତା ଦେବୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରାରମ୍ଭରୁ ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥବାବେଳେ ସଭ୍ୟ ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଦେଇଥିଲେ।

## ରମାଦେବୀରେ ଶକ୍ତି ସଂରକ୍ଷଣ ସଚେତନତା




ଭୁବନେଶ୍ୱର, ୨୩।୯(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଏବଂ ମାନଦଣ୍ଡ ଓ ଲେବଲିଂ ବିଷୟବସ୍ତୁରେ ସଚେତନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଇଆଇସି ମୁଖ୍ୟ ବୈଦ୍ୟୁତିକ ପରିଦର୍ଶକ (ବିଦ୍ୟୁତ) ପ୍ୟାରୀ ମୋହନ ମିଶ୍ର ଯୋଗଦେଇ ବିଦ୍ୟୁତ୍ ବ୍ୟବହାରର ଅଭ୍ୟାସ ସମ୍ପର୍କରେ ଆଲୋକପାତ କରିଛନ୍ତି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଶକ୍ତି ସଂରକ୍ଷଣ ପଦକ୍ଷେପରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ସୌରଶକ୍ତିକୁ ବ୍ୟବହାର ସମ୍ପର୍କରେ ମଧ ଅବଗତ କରାଯାଇଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଏବଂ ମାନକ ଓ ଲେବଲିଂ ପରି ଦୁଇଟି କାର୍ଯ୍ୟକ୍ରମ କରି ସୌର ଶକ୍ତିର ସୁବିନିଯୋଗ ଓ ସରକାରଙ୍କ ପ୍ରୋତ୍ସାହନ ସମ୍ପର୍କରେ ସଚେତନ କରାଯାଇଛି। କୁଳସଚିବ ମନସ୍ୱିନୀ ସାହୁଙ୍କ ସମେତ ପ୍ରଫେସର ଅପରାଜିତା ବିଶ୍ୱାଳ, ଡ. ସନ୍ତୋଷ କୁମାର ବିଶ୍ୱାଳ, ପ୍ରଫେସର ଅପରାଜିତା ବିଶ୍ୱାଳ, ପ୍ରଫେସର ଯମୁନା ଟୁଡୁ, ପ୍ରଫେସର ବି. ଆର. ଆଭା ଆୟୁଷ ପ୍ରମୁଖ ଶକ୍ତି ସଂରକ୍ଷଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଛନ୍ତି। ଶକ୍ତି ଅଡିଟ୍ କମିଟିର ଓଆଇସି ଡ. ସନ୍ତୋଷ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବହୁ ଛାତ୍ରୀ ଓ ଶକ୍ତି ସଂରକ୍ଷଣ ଅଡିଟ୍ କମିଟିର ସଦସ୍ୟମାନେ ସାମିଲ ହୋଇଥିଲେ।

## ଆର୍ଯ୍ୟସମାଜ ପକ୍ଷରୁ ନବମାତୃକା ପୂଜା

ଭୁବନେଶ୍ୱର, ୨୩।୯(ସମିସ): ମହର୍ଷି ଦୟାନନ୍ଦଙ୍କ ପ୍ରତିଷ୍ଠିତ ସଂସ୍କାରବାଦୀ ସଂଗଠନ ଆର୍ଯ୍ୟ ସମାଜ ପକ୍ଷରୁ ସୋମବାର ନବରାତ୍ରର ପ୍ରଥମ ଦିବସ ଆଶ୍ୱିନ ଶୁକ୍ଳ ପତିପଦାର ପବିତ୍ର ତିଥିରେ ଚନ୍ଦ୍ରଶେଖରପୁର ଶ୍ରୀଅରବିନ୍ଦ ନଗରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ଆର୍ଯ୍ୟସମାଜ ଓଡ଼ିଶାର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ପାଳିତ ହୋଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଭୁବନେଶ୍ୱର ମେୟର ସୁଲୋଚନା ଦାସ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗ ଦେଇଥିବା ବେଳେ ପଣ୍ଡିତ ବୀରେନ୍ଦ୍ର କୁମାରଙ୍କ ପଣ୍ଡାଙ୍କ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡଃ ପ୍ରଫୁଲ୍ଲ କୁମାର ମିଶ୍ର, ଡଃ ହରେକୃଷ୍ଣ ଶତପଥୀ, ପ୍ରଗତିବାଦୀର ସମ୍ପାଦକ ବୀରୁପାକ୍ଷ ତ୍ରିପାଠୀ, ପ୍ରଦ୍ୟୁମ୍ନ ଶତପଥୀ, ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଯୋଗ ଦେଇଥିଲେ।

## ଓଏସ୍‌ଆରଟିସି ଅବସରପ୍ରାପ୍ତ କର୍ମଚାରୀଙ୍କ ୨ଟି କିସ୍ତିରେ ବକେୟା ଦାବି

ଭୁବନେଶ୍ୱର, ୨୩।୯(ସମିସ): ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ପ୍ରାୟ ୩୫୦୦ ଅବସରପ୍ରାପ୍ତ କର୍ମଚାରୀ ବର୍ଷକାଳ ଧରି ବକେୟା ଦରମା ଓ ସୁବିଧା ପାଇଁ ଅପେକ୍ଷା କରିଛନ୍ତି। ୫ମ, ୬ଷ୍ଠ ଓ ୭ମ ବେତନ କମିଶନର ଦରମା ବୃଦ୍ଧି ଲାଗୁ ହୋଇନଥିବାରୁ ସେମାନେ ଆର୍ଥିକ ସଙ୍କଟରେ ଅଛନ୍ତି। ୨୦୨୨ରେ ବିଧାନସଭା ଷ୍ଟାଣ୍ଡିଂ କମିଟି ୨୫୬ କୋଟି ଟଙ୍କା ବକେୟା ପ୍ରଦାନ ସୁପାରିଶ କଲେ ମଧ, ଏହା କାର୍ଯ୍ୟକାରୀ ହୋଇନାହିଁ। ବର୍ତ୍ତମାନ ପ୍ରାୟ ୧୫୦ କୋଟି ଟଙ୍କା ବକେୟା ରହିଥିବା କୁହାଯାଉଛି। ୫୦୦ରୁ ୩୫୦୦ ଟଙ୍କା ପେନସନରେ ଜୀବନ ନିର୍ବାହ କରୁଥିବାରୁ ବକେୟା ଟଙ୍କା ଦୁଇ କିସ୍ତିରେ ପ୍ରଦାନ କରିବାକୁ ଦାବି କରିଛନ୍ତି। କର୍ମଚାରୀମାନେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପରିବହନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ନିଗମର ଅଧକ୍ଷଙ୍କୁ ଅନୁରୋଧ କରିଛନ୍ତି।

## ଶ୍ରାଦ୍ଧ ଦିବସରେ ପୂର୍ବତନ ବିଧାୟକଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୩।୯(ସମିସ): ପୂର୍ବତନ ବିଧାୟକ ସ୍ୱର୍ଗତ ଯୁଧିଷ୍ଠିର ସାମନ୍ତରାୟଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ଯୁଧିଷ୍ଠିର ଥିଏଟରର କଳାକାର ଏବଂ ସଭ୍ୟମାନଙ୍କ ଦ୍ୱାରା ଭୁବନେଶ୍ୱର କଳାକେନ୍ଦ୍ର ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଙ୍କର ଜାମାତା ପ୍ରଦୀପ କୁମାର ପାଇକରାୟ, ନିର୍ଦ୍ଦେଶକ ଦେବାନନ୍ଦ ନାୟକ ସୋନୀ, କୋଷାଧକ୍ଷ ବୃନ୍ଦାବନ ପରିଡ଼ା, ସଭାପତି ବିରଞ୍ଚି କୁମାର ଦାଶ, କଳାକାର କରୁଣାକର ସାମଲ, ଦିଲ୍ଲୀପ ରାୟ, ସୂର୍ଯ୍ୟ, ତରଣଜୀତ ଖାନ୍ନା, ସନ୍ତୋଷ ପଟ୍ଟନାୟକ, ସୁକାନ୍ତ ପାତ୍ର, ସୌମ୍ୟ ସୁମନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପେନ୍‌ସନଭୋଗୀଙ୍କ ମଧରେ ପାତରଅନ୍ତର ବନ୍ଦ କରିବାକୁ ଦାବି

ଭୁବନେଶ୍ୱର, ୨୩।୯(ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ୧୬ ଜାନୁଆରୀ ୨୦୨୫ରେ ଅଷ୍ଟମ ବେତନ ଆୟୋଗ ଗଠନର ଘୋଷଣାକୁ ୮ ମାସ ବିତିଯାଇଥିଲେ ବି ବର୍ତ୍ତମାନ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ସହ ରାଜପତ୍ର ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ୨୫ ମାର୍ଚ୍ଚ ୨୦୨୫ରେ କେନ୍ଦ୍ର ସରକାର ଆୟୋଗଙ୍କ ସୁପାରିଶକୁ ଲାଗୁ କରିବା ଉଦ୍ଦେଶ୍ୟରେ ବିତ୍ତ ବିଧେୟକ ୨୦୨୫ରେ କର୍ମଚାରୀଙ୍କ ଅବସର ତାରିଖକୁ ନେଇ ଏକ ପାତରଅନ୍ତର ନୀତି ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୁବନେଶ୍ୱର ଶ୍ରମିକ ଭବନରେ ଓଡ଼ିଶା ବେସରକାରୀ ପେନସନଭୋଗୀ ମଞ୍ଚ ତରଫରୁ ସାଥୀ ବୃହସ୍ପତି ସାମଲଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପେନସନ୍ ସଂଶୋଧନରେ ଏବଂ ବେତନ ଆୟୋଗଙ୍କ ସୁପାରିଶ ଲାଗୁ ବିଷୟରେ ତୁରନ୍ତ ସ୍ପଷ୍ଟୀକରଣ ଦେଇ ବିଜ୍ଞପ୍ତି ଜାରିକରିବା ସହ ଭବିଷ୍ୟତରେ ପେନସନର ସୁରକ୍ଷା ଦୃଷ୍ଟିରୁ ସେସବୁ ଅଷ୍ଟମ ବେତନ ଆୟୋଗର ନିର୍ଦ୍ଧାରିତ ସର୍ତ୍ତାବଳୀରେ ସ୍ଥାନିତ କରିବାକୁ ଆଜି ବେସାମରିକ ପେନସନ ଭୋଗୀ ମଞ୍ଚ ପକ୍ଷରୁ ଦାବି ହୋଇଛି। ଯଦି କେନ୍ଦ୍ର ସରକାର କର୍ଣ୍ଣପାତ ନକରନ୍ତି, ତେବେ ଆଗାମୀ ୧୦ ଅକ୍ଟୋବରରେ ଲକ୍ଷାଧିକ ସଂଖ୍ୟାରେ ଶ୍ରମିକ, କର୍ମଚାରୀ ଓ ପେନସନ ଭୋଗୀ ସଂସଦ ଭବନ ଘେରାଉ ସହ ଅନିର୍ଦ୍ଦିଷ୍ଟ କାଳୀନ ଧର୍ମଘଟ ପାଇଁ ନିଷ୍ପତ୍ତି ନେବାକୁ ବାଧ ହେବେ ବୋଲି ଓଡ଼ିଶା ବେସାମରିକ ପେନସନଭୋଗୀ ମଞ୍ଚର ଉଭୟ ସଭାପତି ଓ ଆବାହକ ଚେତାବନୀ ଦେଇଛନ୍ତି।



# ଡିଜିଟାଲ୍ ଯୁଗରେ ପ୍ଲାନେଟୋରିୟମ୍ ପଛରେ

ଭୁବନେଶ୍ୱର, ୨୩।୯(ସମିସ): କ୍ୟାସ୍ ଦିଅ ଅନ୍‌ଲାଇନ୍ ନୁହେଁ। ଏଠାରେ କେବଳ କ୍ୟାସ୍ ଦେଇ ପାରିବେ। ନହେଲେ ବାହାରକୁ ଯାଇ କାହାଠୁ କ୍ୟାସ୍ ନେଇ ଆସନ୍ତୁ। ଏମିତି କିଛି ପଠାଣିସାମନ୍ତ ପ୍ଲାନେଟୋରିଅମ୍‌କୁ ସପରିବାର ସହ ସୋ ଦେଖିବାକୁ ଆସିଥିବା ମୁକେଶ ପାତ୍ରଙ୍କ ସହିତ ଘଟିଥିଲା। ମୁକେଶ ପ୍ଲାନେଟୋରିଅମ୍ ବାହାରକୁ ଆସି ୧୦ରୁ ୧୫ ମିନିଟ୍ ଏ ଦୋକାନରୁ ସେ ଦୋକାନ ବୁଲିବା ପରେ ବହୁତ କଷ୍ଟରେ ତାଙ୍କୁ ନଗଦ ଟଙ୍କା ମିଳିଥିଲା। ଖାଲିରେ ନଗଦ ଟଙ୍କା କେହି ଦଉନାହାନ୍ତି। କିଛି ଜିନିଷ କିଣି ନ ଆଣିଲେ ଦୋକାନୀମାନେ ଖାଲିରେ ପଇସା ଦେବାକୁ ଅମଙ୍ଗ ହେଉଛନ୍ତି ବୋଲି ମୁକେଶ କହିଛନ୍ତି। କେବଳ ସେ ନୁହନ୍ତି ତାଙ୍କ ପରି ମଧ ଅନେକ ଲୋକ ପ୍ଲାନେଟୋରିଅମ୍‌କୁ ସୋ ଦେଖିବାକୁ ଆସିଥିଲେ ମଧ ସବୁଦିନ କ୍ୟାସ୍ ପାଇଁ ବହୁତ ହଇରାଣ ହେଉଥିବାରୁ ଦେଖିବାକୁ ମିଳୁଛି।

- ଅନ୍‌ଲାଇନ୍ ନୁହେଁ ନଗଦ ରାଶି ଦିଅ
- ଟଙ୍କା ପାଇଁ ଦର୍ଶକ ଭୋଗୁଛନ୍ତି ହିନସ୍ତା



ମନ୍ଦିରମାଳିନୀ ସହରକୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁତ ଲୋକ ଆସୁଥିବା ସହ ବିଭିନ୍ନ ପର୍ଯ୍ୟଟନ ସ୍ଥାନ ବୁଲାବୁଲିର ମଜା ନେଇଥାନ୍ତି। ହେଲେ ଆଚାର୍ଯ୍ୟ ବିହାର ଛକରେ ଥିବା ପଠାଣିସାମନ୍ତ ପ୍ଲାନେଟୋରିଅମ୍‌କୁ ମଧ ପ୍ରତିଦନ ୨ଶହରୁ ଅଧିକ ଲୋକଙ୍କ ସମେତ ଛାତ୍ରଛାତ୍ରୀମାନେ ବୁଲିବାକୁ ଆସୁଛନ୍ତି। ପ୍ଲାନେଟୋରିଅମ୍‌ରେ ଲୋକମାନେ ଟିକଟ୍ କରିବା ସମୟରେ ଅନ୍‌ଲାଇନ୍ ନୁହେଁ ନଗଦ ରାଶି ଦିଅ ବୋଲି କୁହଯାଉଛି। ଯେଉଁଥିପାଇଁ ଟଙ୍କାକୁ ନେଇ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପଠାଣିସାମନ୍ତ ପ୍ଲାନେଟୋରିଅମ୍‌ରେ ସବୁଦିନ ଦିନ ୨ଟାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ଓଡ଼ିଆ, ହିନ୍ଦୀ, ଇଂରାଜୀ, ଓଡ଼ିଆରେ 'ଅନ୍ତରୀକ୍ଷରେ ଜୀବନ', 'ବିଶ୍ୱର ଜୀବନୀ', 'ବିଚିତ୍ର ବିଶ୍ୱ' ଓ 'ଅନ୍ତରୀକ୍ଷରେ ଜୀବନ' ଭଳି ବିଷୟକୁ ନେଇ ସୋ ପ୍ରଦର୍ଶିତ ହୋଇଥାଏ। ଯେଉଁଥିପାଇଁ ପ୍ରାୟ ୩ଶହରୁ ଅଧିକ ଲୋକ ପ୍ଲାନେଟୋରିଅମ୍‌କୁ ସୋ ଦେଖିବାକୁ ଆସୁଥିବା ବେଳେ ରବିବାର ଅସମ୍ଭାଳ ଭିଡ଼ ହୋଇଥାଏ।

ଏଥିପାଇଁ ଲୋକଙ୍କୁ ସୋ ଆରମ୍ଭରୁ ଟିକଟ୍ କରିବାକୁ ପଡ଼ିଥାଏ। ଟିକେଟ୍‌ର ଦାମ୍ ୩୦ ଟଙ୍କା ରହିଥିବା ବେଳେ ଯଦି ସ୍କୁଲ୍ ପକ୍ଷରୁ ୩୦ରୁ ଅଧିକ ପିଲା ଆସୁଛନ୍ତି ତେବେ ଜଣକ ପିଛା ୧୫ ଟଙ୍କା ମୂଲ୍ୟ ରହିଥାଏ। ଯଦି ୩୦ ଜଣରୁ କମ ଆସୁଛନ୍ତି ତେବେ ଜଣକ ପିଛା ୩୦ ଟଙ୍କା ଦେବାକୁ ପଡ଼ିଥାଏ। ହେଲେ ସବୁଦିନ କେହି ନା କେହି କ୍ୟାସକୁ ନେଇ ଅସୁବିଧା ଭୋଗୁଛନ୍ତି। ଯେଉଁଥିପାଇଁ ସଠିକ୍ ସମୟରେ ଟିକଟ୍ କରି ନ କରି ଯେଉଁ ସୋ ଦେଖିବାକୁ ଥିବ ସେହି ସୋ ଦେଖିପରୁହାନ୍ତି। ଏହିପରି ଆଉ କେହି ସୋ ସରିବା ପରେ ଅନ୍ୟ ଭାଷାରେ ସୋ ଦେଖିଛନ୍ତି।

ପ୍ଲାନେଟୋରିଅମ୍‌ରେ ଲୋକଙ୍କ ସୁବିଧାକୁ ଦେଖି ସୋ ଦେଖିବା ପାଇଁ ବୁକିଂ କରିବା ପାଇଁ ଏକ ଆପ୍ ଆସିବ। ଏହି ଅନ୍‌ଲାଇନ୍ ବ୍ୟବସ୍ଥା କରିବା କରିବା ପାଇଁ ଲେଖିକି ଦିଅଯାଇଛି। ଆଗକୁ ଲୋକମାନେ ଘରେ ବସି ବୁକ୍ ମାଇଁ ସୋ ରେ ଯେମିତି ମୁଭି ବୁକିଂ କରିପାରୁଛନ୍ତି ପ୍ଲାନେଟୋରିଅମ୍‌ରେ ମଧ ସୋ ଦେଖିବା ପାଇଁ ବୁକିଂ କରିପାରିବେ ବୋଲି ପ୍ଲାନେଟୋରିଅମ୍‌ର ନିର୍ଦ୍ଦେଶିକା ଉର୍ମି ପ୍ରଭା ମହାରଣା କହିଛନ୍ତି।

## ଦୁର୍ନୀତିର ଗନ୍ତାଘର ପାଲଟିଛି ମୟୂରଭଞ୍ଜ ଜଳସେଚନ ବିଭାଗ

# ୪.୮୬ କୋଟିର ନଦୀବନ୍ଧ ରାସ୍ତା ୪ ମାସରେ ଫାଟି ଆଁ

ବଡସାହି, ୨୩।୯ (ସମିସ): ମୟୂରଭଞ୍ଜ ଜଳସେଚନ ବିଭାଗ ସମ୍ପ୍ରତି ଦୁର୍ନୀତିର ଗନ୍ତାଘର ପାଲଟିଛି। ନଦୀବନ୍ଧରେ ପଥର ପ୍ୟାକିଂଠାରୁ ଆରମ୍ଭ କରି ମରାମତି ଓ ରାସ୍ତା ଉନ୍ନତିକରଣରେ ବାରମ୍ବାର ଦୁର୍ନୀତି ହେଉଥିବା

■ ହାଇକୋର୍ଟର ଦ୍ୱାରସ୍ଥ ପାଇଁ ଗ୍ରାମବାସୀ ସଜବାଜ

■ ଦୋଷ ଲୁଚାଇବାକୁ ବନ୍ୟାକୁ ଅପେକ୍ଷା

ନେଇ ସମ୍ପୃକ୍ତ ବିଭାଗ ବିରୋଧରେ ବାରମ୍ବାର ଅଭିଯୋଗ ଆସିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ। ଦାୟିତ୍ୱରେ ଥିବା ଯନ୍ତ୍ରୀ ଏବଂ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ତ ଦୂରେ ଥାଉ, ଏ ଯାଏ ତଦନ୍ତ ବି ହୋଇନି। ପରି ଏକ ଘଟଣା ଦେଖିବାକୁ ମିଳିଛି ବଡସାହି ବ୍ଲକ ଶାଳଗାଁ ପଞ୍ଚାୟତର ନରଣଗାଁ-ପାଲପାଟଣା ରାସ୍ତାରେ। ଏହି ଦୁର୍ନୀତି ନେଇ ଗ୍ରାମବାସୀ ବିଭାଗୀୟ ମୁଖ୍ୟଯନ୍ତ୍ରୀ, ଜିଲ୍ଲାପାଳଙ୍କୁ ଅଭିଯୋଗ କରି ନିରାଶ ହୋଇଛନ୍ତି। ପୁଣି ବ୍ଲକ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗକୁ ଦୋହରାଇଛନ୍ତି ଗ୍ରାମବାସୀ। ଅଭିଯୋଗପରେ କାହାକୁ ନ ଜଣାଇ ବିଭାଗୀୟ ଯନ୍ତ୍ରୀ ଓ ଏସଡିଓ ଘଟଣାସ୍ଥଳ ପରିଦର୍ଶନ କରି ଠିକାଦାରଙ୍କୁ ସାଙ୍ଗରେ ଆଣି ଫାଟି ଯାଇଥିବା ରାସ୍ତାରେ ମରାମତି କରି ଦୋଷ ଲୁଚାଇବାକୁ ଉଦ୍ୟମ କରିଛନ୍ତି। ଫଳରେ ୪ କୋଟି ୮୬ ଲକ୍ଷ ଟଙ୍କା ପାଣିରେ ପଡ଼ିବାକୁ ବସିଛି। କେହି ନ ଶୁଣିବାରୁ ବର୍ତ୍ତମାନ ଗ୍ରାମବାସୀ ଭିଜିଲାନ୍ସର ଦ୍ୱାରସ୍ଥ ହେବାକୁ ସଜବାଜ ହେଉଛନ୍ତି। ସେଥିରେ ସଫଳ ନ ହେଲେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିବେ ବୋଲି ଚେତାବନୀ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ବଡସାହି ଅଧୀନ ଶାଳଗାଁ ପଞ୍ଚାୟତର ନରଣଗାଁ-ପାଲପାଟଣାକୁ ସଂଯୋଗ ପାଇଁ ଗଙ୍ଗାହାର ନଦୀର ବାମପାର୍ଶ୍ୱ ବନ୍ଧରାସ୍ତା ଆବାହମାନ କାଳରୁ ରହିଆସିଛି। ତେବେ ପ୍ରତିବର୍ଷ ବନ୍ୟାରେ ଏହି ବନ୍ଧ କ୍ଷତିଗ୍ରସ୍ତ ହେବା ସହିତ ରାସ୍ତା ଧୋଇଯାଉଛି। ତେଣୁ ତତ୍କାଳୀନ ବିଜେଡି ସରକାର



ରାସ୍ତା ଉନ୍ନତିକରଣ ପାଇଁ ୪କୋଟି ୮୬ ଲକ୍ଷ ୧୧ ହଜାର ଟଙ୍କା ମଞ୍ଜୁର କରିଥିଲେ। ଏହି କାମ ପାଇଁ ସତ୍ୟନାରାୟଣ ଦାସ ମୟୂରଭଞ୍ଜ ଜଳସେଚନ ବିଭାଗ ସହିତ ଚୁକ୍ତିନାମା କରିଥିଲେ। ଚୁକ୍ତି ଅନୁସାରେ ୨୦୨୪ ଫେବୃଆରୀ ୨୭ ତାରିଖରୁ କାର୍ଯ୍ୟ ଆରମ୍ଭ ହୋଇ ସେହିବର୍ଷ ଅଗଷ୍ଟ ୨୭ରେ ଶେଷ ହେବା କଥା; କିନ୍ତୁ ୨୦୨୪ ଜାନୁଆରୀରେ ଶେଷ ହୋଇଥିଲା। ରାସ୍ତାରେ ବାଲି, ମୋରମ, ମେଟାଲ, ଚିପ୍ସ ଓ ପିଚୁ ବ୍ୟବହାର କରା ନ ଯିବା ଏବଂ ଠିକଭାବରେ ସ୍ତର-ସ୍ତର ରୋଲିଂ କରାଯାଇ ନ ଥିବାରୁ ୩/୪ମାସ ମଧ୍ୟରେ ପିଚୁ ଉଠି ଫାଟିଗଲାଣି। ଏନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗ ନୀରବ। ତଦନ୍ତ ପାଇଁ ୩ ମାସ ମଧ୍ୟରେ କେହି ଅଧିକାରୀ ଆସୁନାହାନ୍ତି। ଅପରପକ୍ଷରେ ଠିକାଦାର ଦୋଷ ଲୁଚାଇବା ପାଇଁ ରାସ୍ତା ଖରାପ ସ୍ଥାନରେ ମୋରମ ପକାଇ ଦେଇଛନ୍ତି ବୋଲି ଗ୍ରାମବାସୀ ଶ୍ରୀନାଥ ମହାରଣା କହିଛନ୍ତି। ବନ୍ୟା ଛାଡିଗଲେ ଫଟୋ ଭିଡିଓ କରି ବନ୍ୟାଜନିତ କ୍ଷତି ଦେଖାଇ ଦୁର୍ନୀତିକୁ ଘଣ୍ଟ ଘଡାଇଦେବେ। ତେବେ ସପ୍ତାହକ ମଧ୍ୟରେ ତଦନ୍ତ ପୂର୍ବକ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ମୟୂରଭଞ୍ଜ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପରମେଶ୍ୱର ପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଉ ନାହାନ୍ତି।

## ୟୁଥ ରେଡକ୍ରସର ତାଲିମ ଶିବିର ଓ ପ୍ରବେଶ ଉତ୍ସବ




ବଡସାହି, ୨୩।୯ (ସମିସ): ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ +୨ ଓ +୩ ୟୁଥ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ତାଲିମ ଶିବିର ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରିସୋର୍ସ ପର୍ସନ ଭାବେ ଜିଲ୍ଲା ସଂଯୋଜକ ଅଧ୍ୟାପକ ରାଜେଶ କୁମାର ଦାସ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରାଧ୍ୟାପକ ଡ. ଜୀବନ କୁମାର ପଣ୍ଡିତ, ପ୍ରାଧ୍ୟାପକ ଡକ୍ଟର ରମେଶ କୁମାର ବେହେରା ଓ ଅଧ୍ୟାପକ ବିନୋଦ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇ ନୂତନ ସ୍ୱେଚ୍ଛାସେବୀମାନଙ୍କୁ ସ୍ୱାଗତ କରିବା ସହିତ ତାଲିମ ପ୍ରଦାନ କରି ୟୁଥ ରେଡକ୍ରସ ସ୍ୱାସ୍ଥ, ସେବା ଓ ବିଶ୍ୱବନ୍ଧୁତାକୁ ଗୁରୁତ୍ୱ ଦେଇ କାର୍ଯ୍ୟ ସମ୍ପାଦନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱେଚ୍ଛାସେବୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହିତ ରେଡକ୍ରସ ସ୍ଲୋଗାନ ଦେଇଥିଲେ। କାଉନସେଲର ଅଧ୍ୟାପକ ଗୁଲୁ ସୋରେନ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ୫୦ଜଣ ଛାତ୍ରଛାତ୍ରୀଙ୍କୁ ୟୁଥ ରେଡକ୍ରସର ନୂତନ ସ୍ୱେଚ୍ଛାସେବୀ ଭାବେ ଗ୍ରହଣ କରାଯାଇଥିଲା। ଅଧ୍ୟାପକ ନିରଞ୍ଜନ ହେମ୍ବ୍ରମ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଗ୍ରିଆ ମହୋତ୍ସବ ପ୍ରସ୍ତୁତି ବୈଠକ



ବୈଶିଙ୍ଗା, ୨୩।୯ (ସମିସ): ଆଗ୍ରିଆ ପଞ୍ଚାୟତ ବୀଣାପାଣି ଯୁବକ ସଂଘ ତରଫରୁ ଆସନ୍ତା ବର୍ଷ ହେବାକୁ ଥିବା ଆଗ୍ରିଆ ମହୋତ୍ସବ 'ସମ୍ପର୍କ -୨୦୨୬' ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ଆସନ୍ତାବର୍ଷ ଜାନୁଆରୀ ୨୩ ତାରିଖ ସରସ୍ୱତୀ ପୂଜାଠାରୁ ଆରମ୍ଭ ହୋଇ ୨୮ ତାରିଖ ଯାଏ ଚାଲିବ। ପ୍ରତିବର୍ଷ ଭଳି ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ, ସ୍କୁଲ ପିଲାଙ୍କ ପ୍ରତିଯୋଗିତା, ଆଦିବାସୀ ପରମ୍ପରା ମେଲୋଡି, ଝୁମର ମେଲୋଡି, ରକ୍ତଦାନ ଶିବିର, ଗୃହିଣୀ ପ୍ରତିଯୋଗିତା, ଡେନ୍ସ ଧମାକା, ମାଗଣା ସ୍ୱାସ୍ଥ୍ୟ ଶିବିର ଏବଂ ଉଦ୍‌ଯାପନୀ ରାତିରେ ମେଲୋଡି ନାଇଟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର ହୋଇଛି। ବୈଠକରେ ଜିତେନ୍ଦ୍ର ପରିଡ଼ା, ଶୁଶାନ୍ତ ଭୋଇ, ତପସ୍ୱୀ ରାଉତ, ଚନ୍ଦନ ଦାସ, ରଞ୍ଜନ ପରିଡ଼ା, ଶ୍ରୀଧର ଦେହୁରୀ, ହରିଶ ପ୍ରଧାନ, ଯଶୋବନ୍ତ ମହାନ୍ତି, ହିମାଂଶୁ ପଣ୍ଡିତ୍, ଯଶୋବନ୍ତ ଜେନା, ସୁଜିତ୍ ଜେନା ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ରାଇରଙ୍ଗପୁରରେ ଚୋରଙ୍କ ଉତ୍ପାତ ବଢୁଛି

ରାଇରଙ୍ଗପୁର, ୨୩।୯ (ସମିସ): ରାଇରଙ୍ଗପୁର ଅଞ୍ଚଳରେ ଚୋରଙ୍କ ଉତ୍ପାତ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଦୁଇଦିନ ମଧ୍ୟରେ ସୁନା ଅଳଙ୍କାର ଲୁଟ ହୋଇଛି। ଦୁର୍ବୃତ୍ତମାନେ ସଫା କରିବା ଆଳରେ ସୁନା ଅଳଙ୍କାର ଲୁଟ କରି ନେଇଥିବା ବେଳେ ବସ୍‌ଷ୍ଟାଣ୍ଡ ନିକଟରୁ କଲେଜ ଅଧ୍ୟାପକଙ୍କ ବେକରୁ ସୁନା ଚେନ୍ ଛିନ୍‌ତାଇ ହୋଇଛି। ହେଲେ ଲଟେରାକୁ ଧରିବାରେ ପୁଲିସ ବିଫଳ ହୋଇଛି। ଗତ ଦୁଇ ଦିନ ଭିତରେ ରାଇରଙ୍ଗପୁର ଏକ ନମ୍ବର ୱାର୍ଡ ବାଇଦାପୋଷିରୁ ଚନ୍ଦନ ପରିଡ଼ାଙ୍କ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଥିବା ବେଳେ ଟାଉନ ପୁଲିସ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି। ସେହିପରି ବସ୍‌ଷ୍ଟାଣ୍ଡ ନିକଟରେ କୁଚେଇବୁଢୀ ୪ନଂ. ୱାର୍ଡର ଆଦିତ୍ୟ କୁମାର ଆଚାର୍ଯ୍ୟଙ୍କ ଏକ ସୁନା ଚେନ୍ ଲୁଟ ହୋଇଛି। ପୁଲିସ ଦୁଇଟିଯାକ ଘଟଣାରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଘୋଷଣା ପୂର୍ବରୁ ବିଦ୍ୟୁତ କାଟ

ମହୁଲଡିହା, ୨୩।୯ (ସମିସ): ଠାକୁରମୁଣ୍ଡା ବ୍ଲକ ସହିତ କେନ୍ଦୁଝର ଜିଲ୍ଲାର ତିନୋଟି ପଞ୍ଚାୟତ ବିଦ୍ୟୁତ ବିଭାଗର ଅବହେଳା ପାଇଁ ହନ୍ତସନ୍ତ ହେଉଛନ୍ତି। ଆସନ୍ତା ୨୩ରେ ବିଦ୍ୟୁତ ବିଭାଗ କରଞ୍ଜିଆଠାରେ ୩୩ କେଭି ଲାଇନର ମରାମତି ପାଇଁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଘୋଷଣା କରିଛି; ମାତ୍ର ଠାକୁରମୁଣ୍ଡାରେ ସୋମବାର ମଧ୍ୟାହ୍ନରୁ ଅଘୋଷିତ ବିଦ୍ୟୁତ କାଟ ହୋଇଛି। ଉପଭୋକ୍ତାମାନେ ଅଫିସକୁ ବାରମ୍ବାର ଫୋନ କଲେ ମଧ୍ୟ ଉତ୍ତର ମିଳୁନାହିଁ। ଏପରିକି ଟିପିଏନ ଓଡିଏଲ ଉପଭୋକ୍ତାଙ୍କ ଅଭିଯୋଗ ଗ୍ରହଣ କରୁନାହିଁ।

## କୁଆମରା ବିଦ୍ୟାଳୟରୁ ଚୋରି

କୁଆମରା, ୨୩।୯ (ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ଶ୍ରେଣୀ ଗୃହରୁ ରବିବାର ରାତିରେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ୨ଟି ଫ୍ୟାନ ଏବଂ ବହୁ ସାମଗ୍ରୀ ଚୋରି ହୋଇଥିବା ନେଇ ପ୍ରଧାନ ଶିକ୍ଷକ ସୁକାନ୍ତ ଦାସ କୁଆମରା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି।

## ବସ୍ ଚଳାଚଳ ଦାବିରେ ବିଡିଓଙ୍କୁ ଦାବିପତ୍ର



ବହଳଦା, ୨୩।୯ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଗମ୍ଭାରିଆ ଗ୍ରାମପଞ୍ଚାୟତ ବର୍ଗିଡିହି ଗ୍ରାମବାସୀ ଯାତ୍ରୀବାହୀ ବସ ଚଳାଚଳ ଦାବିରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଗମ୍ଭାରିଆ ଗ୍ରାମପଞ୍ଚାୟତ ଅଧୀନ କଣ୍ଟାସଲା, ଜଗନ୍ନାଥପୁର, ବର୍ଗିଡିହି ଓ ପାହାଡପୁର ଗ୍ରାମକୁ ସଂଯୋଗ କରି ବସ ଚଳାଚଳ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହିସବୁ ଗାଁ ମୁଖ୍ୟ ସଡକରୁ ୫ କିମି ଦୂରରେ ରହିଛି। ଏସବୁ ସ୍ଥାନକୁ କୌଣସି ବସ୍ ଚଳାଚଳ କରୁନଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ଗ୍ରାମବାସୀ ଗରିବ ଶ୍ରେଣୀର ହୋଇଥିବାରୁ ନିଜସ୍ୱ ଯାନବାହନ ରଖିବାକୁ ସକ୍ଷମ ନୁହନ୍ତି। ତେଣୁ କୋର୍ଟ, କଚେରୀ, ବ୍ୟାଙ୍କ, ପଞ୍ଚାୟତସମିତି କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ତଥା କୌଣସି ବନ୍ଧୁ, ବାନ୍ଧବ ତଥା ପରିଜନଙ୍କ ଘରକୁ ଯିବାକୁ ହେଲେ ମୁଖ୍ୟ ସଡକ ପର୍ଯ୍ୟନ୍ତ ଦୀର୍ଘ ୫ କିମି ବାଟ ଚାଲିଚାଲି ଯିବା ପରେ ମୁଖ୍ୟ ସଡକରୁ ବସ୍ ଧରିବାକୁ ଯାଆନ୍ତି। ଏପରିକି ସ୍କୁଲ, କଲେଜ ଓ କୋଚିଂ ସେଣ୍ଟର ପରି ଶିକ୍ଷାନୁଷ୍ଠାନକୁ ଯିବା ନିମନ୍ତେ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବର୍ଗିଡିହି, ପାହାଡପୁର, ଜଗନ୍ନାଥପୁର ଓ କଣ୍ଟାସଲା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବ୍ଲକ କାର୍ଯ୍ୟାଳୟ ପହଞ୍ଚି ବିଡିଓ ଶରତ ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା



ବିଜାତଳା, ୨୩।୯ (ସମିସ): ରାଜ୍ୟରେ ମିଶନ ଶକ୍ତିରେ କାର୍ଯ୍ୟରତ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର ଓ ପ୍ରାଣୀ ମିତ୍ରମାନେ ଜିପିଏଲଏଫ ଅନୁଯାୟୀ ସରକାରଙ୍କ ନୂଆ ଇନସେନଟିଭ ପ୍ରକ୍ରିୟା ଉପରେ ଅସନ୍ତୋଷ ପ୍ରକାଶ କରି ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି। ସୋମବାର ବିଜାତଳା ବ୍ଲକ ସ୍ତରୀୟ ଅଲ୍ ଓଡ଼ିଶା ଜିପିଏଲଏଫ କର୍ମଚାରୀ ସଂଘର ରାଇରଙ୍ଗପୁର ଶାଖାର ସଭାନେତ୍ରୀ ଗୀତାଞ୍ଜଳି ମହାନ୍ତଙ୍କ ନେତୃତ୍ୱରେ ୧୦୦ରୁ ଊର୍ଦ୍ଧ୍ୱ ଜିପିଏଲଏଫ କର୍ମଚାରୀ ଧାରଣା ଦେଇଥିଲେ। ଏପ୍ରିଲ ୨୦୨୫ ରୁ ଅଦ୍ୟାବଧି ଦରମା ମିଳି ନ ଥିବାରୁ ପ୍ରତିବାଦ ଜଣାଇ ଆଜି ଧାରଣା ଦେଇଥିଲେ। ସରକାର ଜିପିଏଲଏଫ କର୍ମଚାରୀଙ୍କ ଦରମା ବୃଦ୍ଧି ବଦଳରେ ଦରମା ପ୍ରଥା ଉଚ୍ଛେଦ କରି ଇନସେନଟିଭ ପ୍ରକ୍ରିୟା ଲାଗୁ କରୁଛନ୍ତି; ଯାହାକି ଗ୍ରହଣୀୟ ନୁହେଁ ବୋଲି କର୍ମଚାରୀମାନେ କହିଛନ୍ତି। ପୂର୍ବରୁ ଏମବିକେ ମାନେ ମାସକୁ ୧୦, ୭୫୦ ଟଙ୍କା ଏବଂ ସିଆରପିମାନେ ୬, ୧୦୦ ଟଙ୍କା ପାଉଥିଲେ; କିନ୍ତୁ ଏବେ ଇନସେନଟିଭ ଲାଗୁ ହେଲେ ବହୁତ କମ୍ ଟଙ୍କା ପାଇବେ ବୋଲି କର୍ମଚାରୀ କହିଛନ୍ତି। ତେଣୁ ଦାବି ପୂରଣ ହେବାଯାଏ ଆନ୍ଦୋଳନ ଚାଲୁ ରହିବ ଏବଂ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ମାଣିଦା କଲେଜରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




ରାସଗୋବିନ୍ଦପୁର, ୨୩।୯ (ସମିସ): ମାଣିଦାସହିଦ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ୟୁଥ ରେଡ଼କ୍ରସ ସହଯୋଗରେ ଏକ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ୨୨ ଓ ୨୩ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୋବାଇଲ ହେଲଥ ଟିମର ଡାକ୍ତର ସୁରଥ କୁମାର ନାୟକଙ୍କ ନେତୃତ୍ୱରେ ଡା. ଜିତେନ୍ଦ୍ର ନାଥ ମାଇତି, ମମତା ସେନ, ଡା. ଗାୟତ୍ରୀ ମହାନ୍ତ, ଫାର୍ମାସିଷ୍ଟ ସମରଦୀପ ପ୍ରଧାନ, ବିଜୟ ପାଳ, ସୁଜାତା ଦାସ, କବିତା ଦାସ ପ୍ରମୁଖ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ହିମୋଗ୍ଲୋବିନ, ସିକିଲ ସେଲ ଆଦି ପରୀକ୍ଷା ସହ ନେସନାଲ ନ୍ୟୁଟ୍ରିସନ ପକ୍ଷ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ଭୋଇଙ୍କ ଦିଗଦର୍ଶନରେ ଅଧ୍ୟାପକ ପରେଶ ଚନ୍ଦ୍ର ମହାପାତ୍ର, ୟୁଥ ରେଡ଼କ୍ରସ କାଉନସେଲର ଗିରିଜା ଶଙ୍କର ମହାପାତ୍ର, ଋତୁପର୍ଣ୍ଣା ମହାନ୍ତି, ରୀନା ନନ୍ଦ, ସନ୍ୟାସୀ ମାଝୀ, ଶୁଭଶ୍ରୀ ଦାସ, ଦେବୀଦତ୍ତା ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ମୟୂରଭଞ୍ଜ ମହୋତ୍ସବ ପାଇଁ କମିଟି ଗଠିତ



କରଞ୍ଜିଆ, ୨୩।୯ (ସମିସ): ଅଷ୍ଟମ ମୟୂରଭଞ୍ଜ ମହୋତ୍ସବ ପାଇଁ ଉପଖଣ୍ଡସ୍ତରୀୟ ଏକ ବୈଠକ କମିଟି ଉପସଭାପତି ଚନ୍ଦ୍ରକୁମାର ଶ୍ୟାମଳେନ୍ଦୁ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ କମିଟି ଅଧ୍ୟକ୍ଷ ତଥା ଚଳଚ୍ଚିତ୍ର ଅଭିନେତା ଅସିତ୍ ପତି, ସଂଗଠନ ସମ୍ପାଦକ ତଥା ସଂଯୋଜକ ରାକେଶ କୁମାର ସିଂ, କ୍ରୀଡ଼ା ସମ୍ପାଦକ ଅମର ସେଠୀ ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ମହୋତ୍ସବରେ କରଞ୍ଜିଆର ସାଂସ୍କୃତିକ ଅନୁଷ୍ଠାନଗୁଡିକ କଳା ପ୍ରଦର୍ଶନ ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ବିଶ୍ୱଜିତ ଚୌଧୁରୀ, ଗୌରୀଶଙ୍କର ସିନା, ସୁଶିଲ କୁମାର ଅଗ୍ରୱାଲା, ଓକିଲ ସଂଘ ସମ୍ପାଦକ ସରୋଜ ରାଉଳ, ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ଦିବ୍ୟରଞ୍ଜନ ପତି ସଚ୍ଚିଦାନନ୍ଦ ପତି, ପଙ୍କଜ ମହାନ୍ତ ପ୍ରମୁଖ ଉପସ୍ଥିତଥିଲେ। ଚଳିତବର୍ଷ ମହୋତ୍ସବ ଅବସରରେ ଫୁଟବଲ୍ ଖେଳ ମଧ୍ୟ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଆସନ୍ତା ନଭେମ୍ବର ୩୦ରୁ ଆରମ୍ଭ ହୋଇ ଡିସେମ୍ବର ୧୦ତାରିଖରେ ଉଦଯାପିତ ହେବ। ଏହି ଅବସରରେ ଏକ କମିଟି ଗଠିତ ହୋଇଛି। ଏନ୍‌ଏସି ଉପାଧ୍ୟକ୍ଷ ସରୂପ କୁମାର ପରିଜା, ବରିଷ୍ଠ ଆଇନଜୀବୀ ବିଶ୍ୱଜିତ ଚୌଧୁରୀ, କର୍ଣ୍ଣାର୍ଜୁନ ସାହା, ଆଇନଜୀବି ଦୀନକୃଷ୍ଣ ନାଏକଙ୍କୁ ମନୋନୀତ କରାଯାଇଛି। ଶେଷରେ କରାଟେ କୋଚ ଆଶିଷ ରଞ୍ଜନ ମହନ୍ତ ଧନ୍ୟବାଦ ଦେଇଥିଲେ।

## ବାଘିଆଟାଙ୍ଗରରେ ମେଣ୍ଢା ଲଢ଼େଇ ପ୍ରତିଯୋଗିତା



ବିଜାତଳା, ୨୩।୯ (ସମିସ): ବିଜାତଳା ବ୍ଲକ ବାଘିଆଟାଙ୍ଗର ଖେଳ ପଡ଼ିଆରେ ପ୍ରସିଦ୍ଧ ମେଣ୍ଢା ଲଢେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ମଢେଇକଟା ପଞ୍ଚାୟତର ଖେଜୁରୀ ସହିତ ରାଇହରି ପଞ୍ଚାୟତର ବାଗଡ଼େଗା ମଧ୍ୟରେ ଲଢେଇ ହୋଇଥିଲା। ଏହି ମେଣ୍ଢା ଲଢେଇ ଖେଳ ଦେଖିବାକୁ ହଜାର ହଜାର ଦର୍ଶକଙ୍କ ଭିଡ ହୋଇଥିଲା। ଖେଳରେ ଖେଜୁରୀ ଗ୍ରାମକୁ ବାଗଡ଼େଗା ଗ୍ରାମ ପରାସ୍ତ କରିଥିଲା। ପରେ ବିଜେତା ଦଳକୁ ୨୭ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

## ଅସରାଏ ବର୍ଷାରେ ତଳି ଅଞ୍ଚଳ ଜଳମଗ୍ନ



ମୋରଡ଼ା, ୨୩।୯ (ସମିସ): ଅସରାଏ ବର୍ଷାରେ ମୋରଡା ବ୍ଲକ ବେହାଲ ହୋଇଛି। ପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ଲହଡି ମାରୁଛି ବର୍ଷାଜଳ। ଏପରିକି ତଳି ଅଞ୍ଚଳରେ କେତେକ ଲୋକଙ୍କ ଘରେ ପାଣି ପଶିଗଲାଣି। ଚିତ୍ରଡା ପଞ୍ଚାୟତର ବିଭିନ୍ନ ୱାର୍ଡର ରାସ୍ତା, ବାସଗୃହ ସାମ୍ନାରେ ବର୍ଷାଜଳ ଉବୁଟୁବୁ ହୋଇ ଜଳବନ୍ଦୀ କରି ପକାଇଛି। ବର୍ଷାଋତୁ ପୂର୍ବରୁ ବିଭିନ୍ନ ଡ୍ରେନ୍ ସଫା ନ ହେବା ଫଳରେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଚିତ୍ରଡା ବଜାର ଦେଇ ଯାଇଥିବା ପୂର୍ତ୍ତ ବିଭାଗ ଡ୍ରେନଟି ସଫେଇ ନ ହୋଇଥିବାରୁ ବର୍ଷାଜଳ ଲୋକଙ୍କ ଦୋକାନରେ ପଶିଯାଇଛି। ଏହାବ୍ୟତୀତ ଅସରାଏ ବର୍ଷା ଯୋଗୁଁ ଚିତ୍ରଡା ହାଟରେ ବ୍ୟବସାୟ ସମ୍ପୂର୍ଣ୍ଣ ଠପ ହୋଇଯାଇଛି।

## ନୂଆ ସରକାରଙ୍କ ନୂଆ ଯୋଜନା

# ବିନା ସୂଚନା ଫଳକରେ ଚାଲିଛି ଉନ୍ନୟନ କାମ



କପ୍ତିପଦା, ୨୩।୯ (ସମିସ): ଓଡ଼ିଶାରେ ବଦଳିଛି ସରକାର। ଏବେ ନୂଆ ସରକାର ରାଜ୍ୟ ଚଳାଉଥିବାବେଳେ ବିଭିନ୍ନ ପ୍ରକାର ନୂଆ ନିୟମ ମଧ୍ୟ ଲାଗୁ କରି ପୁରୁଣା ନିୟମକୁ ହଟାଇବାରେ ଲାଗିଛନ୍ତି। ଉଦାହରଣ ସ୍ୱରୂପ ଲକ୍ଷ୍ମୀ ବସ, ଆମ୍ବୁଲାନ୍ସ ଗାଡ଼ି, ସ୍କୁଲ ପିଲାଙ୍କ ଡ୍ରେସ୍ ଯେଉଳିଭାବେ ରଙ୍ଗ ବଦଳିଛି ସେହିଭଳି ସରକାରୀ ଉନ୍ନୟନ କାମରେ ମଧ୍ୟ ବିନା ସୂଚନା ଫଳକରେ କାମ ଚାଲିଛି। ଠିକାଦାରଙ୍କୁ ପଚାରିଲେ କହୁଛନ୍ତି, 'ଆମେ ବିଜେପି କର୍ମୀ' ଆମର ଯାହା ଇଚ୍ଛା ତାହା କାମ କରିବୁ' ତୁମେ କ'ଣ ଉଖାଡୁଛ ଉଖାଡ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଶରତ ପଞ୍ଚାୟତ କାଶୀଝରଣ ଗାଁରେ। ଉକ୍ତ ଗାଁରେ ସ୍କୁଲ ନିକଟରେ ଏକ ମମତା ଗୃହ ନିର୍ମାଣ ଚାଲିଛି। କାମ ନିମ୍ନମାନର ହେଉଥିବା ବେଳେ ସୂଚନା ଫଳକ ନାହିଁ; ଯଦ୍ୱାରା କେତେ ଟଙ୍କାର ଅଟକଳ ହୋଇଛି ତାହା ଜଣାପଡୁନାହିଁ। ଠିକାଦାର ଓ ଜେଇଙ୍କ ମନମାନିରେ ନିର୍ମାଣ ହେଉଛି ମମତା ଗୃହ। ବାଲି ବଦଳରେ ମାଟି ଫିଲିଂ କରାଯାଉଛି। ଏପରିକି କଲମ ଗାତରେ ମଧ୍ୟ ମାଟି ଭର୍ତ୍ତି କରାଯାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଲ ମଝିରେ କାମ ହେଉଥିବା ବେଳେ ଫାଉଣ୍ଡେସନ ଦମ୍ଭ ନ ଥିବାରୁ ଅଳ୍ପ ଦିନରେ ଏହା ଦବିଯିବା ମଧ୍ୟ ସମ୍ଭାବନା ରହିଛି। ଏ ନେଇ ଜେଇ ମଧୁସୂଦନ ଦାସଙ୍କ ମତାମତ ନେବାରୁ କାମ ଠିକ ଚାଲିଛି ଓ ସୂଚନା ଫଳକ ହୋଇଛି କି ନାହିଁ ମୁଁ ଦେଖିନାହିଁ ବୋଲି କହିଛନ୍ତି। ଠିକାଦାରଙ୍କୁ ପଚାରିବାରୁ ଆମେ ବିଜେପି କର୍ମୀ ଆମର ଇଚ୍ଛା ଆମେ କାମ କରିବୁ, ତୁମେ କ'ଣ ଉଖାଡୁଛ ଉଖାଡ ବୋଲି କହିଛନ୍ତି।

## ସରକାରୀ ଯୋଜନା ଭାଗବଣ୍ଟାରେ ପାତରଅନ୍ତର

# ଅଧିକାରୀ-ନିର୍ବାଚିତ ପ୍ରତିନିଧି ମୁହାମୁହିଁ; କାମ ଠପ୍




ବିଜାତଳା, ୨୩।୯ (ସମିସ): ବିଜାତଳା ବିଡିଓ ବଂଶୀଧର ଖୋସଲା ସରକାରଙ୍କ ଗାଇଡ ଲାଇନକୁ ସମ୍ପୂର୍ଣ୍ଣଭାବେ ଉଲ୍ଲଙ୍ଘନ କରି ଜନପ୍ରତିନିଧିଙ୍କୁ ଅଣଦେଖା କରୁଥିବା ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବ୍ଲକକୁ ଆସିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ମଧ୍ୟରୁ ନୂଆ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା, ସରକାରଙ୍କ ଗାଇଡ ଲାଇନ ଅଛି ଯେ, ଜନପ୍ରତିନିଧିଙ୍କ ଭାଗ ଷାଠିଏ ଏବଂ ବିଧାୟକଙ୍କ ଭାଗ ଚାଳିଶ; କିନ୍ତୁ ବିଡ଼ିଓ କୌଣସି ନା କୌଣସି ସରକାରଙ୍କ ଚାପରେ ପଡ଼ି ବିଧାୟକ ଭାଗ ଷାଠିଏ ଏବଂ ପ୍ରତିନିଧିଙ୍କ ଭାଗ ଚାଳିଶ ବଣ୍ଟନ କରୁଥିବାରୁ ୪ ମାସ ହେଲା ଅଙ୍କ ଛିଡୁନି। ଏ ନେଇ ଜନପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ଅପରପକ୍ଷରେ ପଞ୍ଚାୟତ ସମିତି ବିଜେଡି ହାତରେ ଥିବାବେଳେ ବିଧାୟକ ଏବଂ ସରକାର ବିଜେପି ହାତରେ ରହିଛି। ତେଣୁ ଛକାପଞ୍ଝା ରାଜନୀତିରେ ବିଡ଼ିଓ ପେଶି ହେଉଛନ୍ତି। ତେବେ ଜନପ୍ରତିନିଧିଙ୍କ ହକ୍‌କୁ ବିଡିଓ ଅଣଦେଖା କରୁଛନ୍ତି। ଫଳରେ ଗାଁ, ସାହି ପଡ଼ିଶାରେ ନିର୍ବାଚିତ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଅସନ୍ତୋଷ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଜଣାପଡ଼ିବ ବୋଲି ଚର୍ଚ୍ଚା ଜୋର୍ ଧରିଚି। ମନୋରେଗା କାମ ସମ୍ପୂର୍ଣ୍ଣ ଠପ୍। ଗ୍ରାମରେ କୌଣସି ଜବ୍ କାମ ନ ହେବାରୁ କାର୍ଡଧାରୀମାନେ ହାତବାନ୍ଧି ବସିରହିଛନ୍ତି। ପାର୍ବଣ ଆସୁଥିବାରୁ ବାଧ ହୋଇ ଦାଦନ ଯିବାକୁ ସଜବାଜ ହେଉଛନ୍ତି ଲୋକେ। ଏଠାରେ ବିଜେଡ଼ିର ବ୍ଲକ ଅଧ୍ୟକ୍ଷ ଥିବାରୁ ନିର୍ବାଚିତ ପ୍ରତିନିଧି, ଅଧିକାରୀମାନେ ଚୁପ୍ ରହିବା ପାଇଁ ବାଧ ହେଉଛନ୍ତି।






## ଶ୍ରୀଶ୍ରୀ ମହାବୀର ପୂଜା କମିଟି

# ନୂଆସାହିରେ ୧୬ ଫୁଟ୍‌ର ହନୁମାନ ମୂର୍ତ୍ତି



ଭୁବନେଶ୍ୱର, ୨୩।୯(ସମିସ): ଆଉ ମାତ୍ର ଦିନ କେଇଟା ପରେ ଧରାପୃଷ୍ଠରେ ଅବତାରଣା କରିବେ ମା’ ମହିଷାମର୍ଦ୍ଦିନୀ। ବିଭିନ୍ନ ସ୍ଥାନରେ ମା’ଙ୍କ ଆଗମନକୁ ନେଇ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଥିବା ବେଳେ ପୂଜା ମଣ୍ଡପଗୁଡ଼ିକ ଆକର୍ଷଣୀୟ ତୋରଣକୁ ନେଇ ଆରମ୍ଭ କରିଛନ୍ତି ପ୍ରତିଦ୍ୱନ୍ଦିତା। ତେବେ ଏହି ପ୍ରତିଦ୍ୱନ୍ଦିତା ଠାରୁ ଅନେକ ଦୂରରେ ରହି ପ୍ରତିବର୍ଷ ନିଆରା ଭାବେ ମହାବୀରଙ୍କୁ ପୂଜା କରାଯାଉଥିବା ନୟାପଲ୍ଲୀ ନୂଆସାହିର ଶ୍ରୀ ଶ୍ରୀ ମହାବୀର ପୂଜା କମିଟି ପକ୍ଷରୁ ଶ୍ରୀ ଶ୍ରୀ ଆଖଣ୍ଡଳମଣି ସେବା ସଂସଦ ପରିସରରେ ମଧ୍ୟ ଚଳିତ ବର୍ଷ ପୂଜା ପ୍ରସ୍ତୁତି ଚାଲିଛି।

ବିଭିନ୍ନ ପୂଜା କମିଟି ପକ୍ଷରୁ ମା’ଙ୍କର ଭିନ୍ନ ଭିନ୍ନ ରୂପ ଓ ଅବତାରକୁ ନେଇ ମୂର୍ତ୍ତି ତିଆରି ଚାଲିଥିବା ବେଳେ ଏହି ପୂଜା କମିଟି ପକ୍ଷରୁ ପ୍ରତିବର୍ଷ ହନୁମାନଙ୍କ ମୂର୍ତ୍ତି ପ୍ରସ୍ତୁତ କରାଯାଇ ଶ୍ରଦ୍ଧାଳୁଙ୍କ ଆକୃଷ୍ଟ କରିଥାଏ। ୧୫ବର୍ଷ ଧରି ଏହି ପୂଜା ମଣ୍ଡପରେ ସଙ୍କଟମୋଚନ ମହାବୀରଙ୍କ ଆବାହନ କରାଯାଉଥିବା ବେଳେ ଚଳିତ ବର୍ଷ ୧୬ଫୁଟ ଉଚ୍ଚତାର ହନୁମାନ ମୂର୍ତ୍ତି ନିର୍ମାଣରେ ଲାଗିଛନ୍ତି କାରିଗର। ସପ୍ତମୀ ଦିନ ପୁରୀରୁ ମା’ ବିମଳାଙ୍କ ଠାରୁ ଆଜ୍ଞାମାଳ ଆସିବା ପରେ ମହାବୀରଙ୍କ ପୂଜା ଆରମ୍ଭ ହେବ। ଏହାପରେ କମିଟିର ୫୦ଜଣ ସଦସ୍ୟ ବାଦ୍ୟ ଘଣ୍ଟା ଘଣ୍ଟା ପଟୁଆର ସହ ନୟାପଲ୍ଲୀ ପୁଷ୍କରିଣୀରୁ କଳସ ଯାତ୍ରା କରି ରୀତିନୀତି ଅନୁସାରେ ପୂଜା ମଣ୍ଡପରେ ପୂଜା କରାଯିବ। ଏଥା ସାଜସଜା ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ କାଳ୍ପନିକ ତୋରଣ ସାଙ୍ଗକୁ ଅଞ୍ଚଳକୁ ଆଲୋକମାଳାରେ ସଜ୍ଜିତ କରାଯିବ। ସପ୍ତମୀରୁ ଦଶମୀ ଯାଏ ୪ଦିନ ଧରି ବିଧି ଅନୁସାରେ ବିଭିନ୍ନ ପୂଜା ଓ ବହନ କାର୍ଯ୍ୟ ସହ ଶେଷ ସନ୍ଧ୍ୟାରେ ପୂର୍ଣ୍ଣାହୂତି ଅନୁଷ୍ଠିତ ହେବ। ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ସପ୍ତମୀରେ ମେଲୋଡିରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିବେ। ଅଷ୍ଟମୀରେ ରାମଲୀଳାରେ ଇନ୍ଦ୍ରଜିତ୍ ବଧ, ନବମୀରେ ଦାଣ୍ଡିଆ ନୃତ୍ୟ ଦଶମୀରେ ସମ୍ବଲପୁରୀ ନୃତ୍ୟ ପରିବେଷଣ ହେବ। ଚଳିତ ବର୍ଷ ପୂଜାର ବଜେଟ୍ ୧୦ଲକ୍ଷ ଟଙ୍କା ରହିଥିବା କମିଟି ପକ୍ଷରୁ କୁହାଯାଇଛି।

**ସପ୍ତମୀରେ ପୁରୀ ମା’ ବିମଳାଙ୍କ ମନ୍ଦିରରୁ ଆସିବ ଆଜ୍ଞାମାଳ**



ଚଳିତ ବର୍ଷ ଡିଜେ ମନା ହୋଇଥିବାରୁ ପାରମ୍ପରିକ ଭାବେ ଭସାଣ ଶୋଭାଯାତ୍ରା ଅନୁଷ୍ଠିତ ହେବ। ରାଜଧାନୀ ମନ୍ଦିର ସୁରକ୍ଷା ଭସାଣି ସମିତି ଆନୁକୂଲ୍ୟରେ ନୂଆପଲ୍ଲୀ ଦୁର୍ଗାପୂଜା ମଣ୍ଡପ ନିକଟରେ ଆୟୋଜିତ ଭସାଣୀ ଉତ୍ସବରେ ସାମିଲ ହୋଇ ମା’ଙ୍କୁ ମେଲାଣି ଦିଆଯିବ। ଭସାଣି ଶୋଭାଯାତ୍ରାରେ ଶିଙ୍ଗବାଜା, ଢ଼ୋଲ, ହୁଳୁହୁଳି ବାଜା ଆଦି ହଜିଯାଉଥିବା ବାଦ୍ୟ ଓ ନୃତ୍ୟ ପରିବେଷଣ କରାଯିବ।

-ମିଳନ କୁମାର ପାଇକରାୟ, କାର୍ଯ୍ୟକାରୀ ସଭାପତି



ଚଳିତବର୍ଷ ଦର୍ଶକଙ୍କ ଭିଡ଼ କୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ୧୦୦ଜଣ ସ୍ୱେଚ୍ଛାସେବୀ ଉପସ୍ଥିତ ରହିବା ସହ ୧୦ଟି ସିସିଟିଭି କ୍ୟାମେରା, ଅଗ୍ନିନିରାପତ୍ତା ବ୍ୟବସ୍ଥା କରାଯିବ। ସେହିପରି ମହିଳା ଓ ପୁରୁଷମାନଙ୍କ ଭିନ୍ନ ଦର୍ଶନ ବ୍ୟବସ୍ଥା ସାଙ୍ଗକୁ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗଙ୍କ ସହଜ ଦର୍ଶନ ବ୍ୟବସ୍ଥା କରାଯିବ।

-ସାଗର ବଳବନ୍ତରାୟ, ସାଂସ୍କୃତିକ ସମ୍ପାଦକ

# ଦୁର୍ଗା ମଣ୍ଡପରେ ଆଖି ଖୋଜୁଛି ‘ଓଡ଼ିଶା’

- ତୋରଣରେ ବାହାର ରାଜ୍ୟର ପର୍ଯ୍ୟଟନସ୍ଥଳ
- ଦେଖିବାକୁ ମିଳୁନି ଓଡ଼ିଶା ଥିମ୍‌ର ତୋରଣ
- କେବଳ ଭିଏସ୍‌ଏସ୍ ନଗରରେ ‘ନନ୍ଦିଘୋଷ’

ଭୁବନେଶ୍ୱର, ୨୩।୯(ସମିସ): ଶାରଦୀୟ ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ରାଜଧାନୀ। କେଉଁଠି ଆକର୍ଷଣୀୟ ଆଲୋକମାଳା ତ ଆଉ କଉଠି ଆଖି ଝଲସା ମଣ୍ଡପର ସାଜସଜ୍ଜା। ସଭିଙ୍କ ଭିତରେ ପାର୍ବଣର ଉତ୍ସାହ। ସେପଟେ ସରକାର ମଧ୍ୟ ଚଳିତବର୍ଷ ପୂଜା ମଣ୍ଡପକୁ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ହେଲେ ବାହାର ରାଜ୍ୟର ସଂସ୍କୃତି ପରମ୍ପରାକୁ ପ୍ରତୀକ ଭାବରେ ବ୍ୟବହାର କରୁଥିବା ପୂଜା କମିଟି ଖୋଦ୍ ନିଜ ରାଜ୍ୟର କଳା ସଂସ୍କୃତି ସମୃଦ୍ଧ ଐତିହ୍ୟକୁ ସ୍ଥାନ ଦେବାରେ କାର୍ପଣ୍ୟ କରୁଥିବାର ଦେଖିବାକୁ ମିଳିଛି। ଯାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

ପୂଜା ପାଇଁ ସବୁ ମଣ୍ଡପ ମଧ୍ୟରେ ବର୍ତ୍ତମାନ ପ୍ରତିଯୋଗିତା ଚାଲିଛି। କିଏ କେତେ ସୁନ୍ଦର ଓ ଆକର୍ଷଣୀୟ ମଣ୍ଡପ ତିଆରି କରିବ ସେଥିପାଇଁ ପାଖାପାଖି ଏକ ବର୍ଷରୁ ୬ ମାସ ପୂର୍ବରୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ସେନେଇ ବିଭିନ୍ନ ଥିମ୍ ମଧ୍ୟ ମଧ୍ୟ ବଛା ହେଉଛି। ହେଲେ ରାଜଧାନୀର ପାଖାପାଖି ସବୁ ମଣ୍ଡପର ତୋରଣ କେଉଁ ନା କେଉଁ ରାଜ୍ୟର। ଅର୍ଥାତ କେଉଁ ରାଜ୍ୟର ପର୍ଯ୍ୟଟନସ୍ଥଳୀ ତଥା ମନ୍ଦିରର ଦେଖିବାକୁ ମିଳୁଛି। ଯେପରି ତ୍ରିକୁଟେଶ୍ୱର ପର୍ବତରେ ମା ବୈଷ୍ଣୋ ଦେବୀ, ଅଯୋଧ୍ୟା ରାମ ମନ୍ଦିର, ଦିଲ୍ଲୀର ଲାଲକିଲ୍ଲା, ଉତ୍ତରପ୍ରଦେଶର ମୟୂର ପ୍ୟାଲେସ, ବୃନ୍ଦାବନର ପ୍ରେମ ମନ୍ଦିର, ଗୁଜୁରାଟର ସୋମନାଥ ମନ୍ଦିର, ଆନ୍ଧ୍ର ପ୍ରଦେଶର କୁଚିପୁଡି ଥିମ୍ ଆଦି ଚଳିତ ବର୍ଷ ନିର୍ମିତ ହେଉଥିବା ପରିଲକ୍ଷିତ ହେଉଛି। ହେଲେ କଳା ସଂସ୍କୃତିରେ ପରିପୂର୍ଣ୍ଣ ଓଡ଼ିଶାରେ ଥିବା ପର୍ଯ୍ୟଟନସ୍ଥଳୀକୁ ନେଇ କୌଣସି ଥିମ୍ ନିର୍ମିତ ହେବା କାଁ ଭାଁ ଗୋଟିଏରୁ ଦୁଇଟା ହିଁ ନଜରକୁ ଆସୁଛି। ଯେଉଁଠି ରାଜ୍ୟରେ କୋଣାର୍କ ମନ୍ଦିର, ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର, ଓଡ଼ିଶୀ ନୃତ୍ୟ, ପିପିଲି, ରକ୍ତ ତୀର୍ଥ ଇରମ୍, କୋରାପୁଟର ଗୁପ୍ତେଶ୍ୱର ମନ୍ଦିର, କାଲାମ ଦ୍ୱୀପ, ରାଣୀପୁର ଝରିଆଲ, ଚଉଷଠୀ ଯୋଗୀନି ମନ୍ଦିର, ଇମାମି ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର ଆଦି କେତେ ଐତିହ୍ୟ କିର୍ତ୍ତିରାଜୀ ଏବଂ ପର୍ଯ୍ୟଟନସ୍ଥଳୀର ଉଦାହରଣ ରାଜ୍ୟରେ ଭରି ହୋଇ ରହିଛି। ହେଲେ ଭିଏସ୍‌ଏସ୍ ନଗର ପୂଜା କମିଟି ସମେତ ଗୋଟିଏ ଦିଟା ମଣ୍ଡପ ଛାଡିଦେଲେ ଅନ୍ୟ ମଣ୍ଡପରେ ବାହାର ରାଜ୍ୟର ଥିମ୍ ହିଁ ସାଜସଜ୍ଜା ହେଉଛି।

### ମତାମତ

ସନାତନ ଧର୍ମରେ ମନ୍ଦିର ଗୁଡିକରେ ଅନେକ କାରୁକାର୍ଯ୍ୟ ସମ୍ପନ୍ନ। ଯାହା ଅତି ନିଖୁଣ ଭାବରେ ତିଆରି ହୋଇଛି। ତେଣୁ ସେସବୁ ମାଟିରେ କଲେ ସୁନ୍ଦର ଭାବେ ହୋଇପାରିବ। ହେଲେ କାଠ ବାଉଁଶରେ ତିଆରି ତୋରଣରେ କାରୁକାର୍ଯ୍ୟ କଲେ ସଠିକ ଭାବେ ହୋଇପାରିବନି। ତେଣୁ ଯଦି ଭୁଲ ହେଲା, ତାହା ଅପମାନ ସଦୃଶ ହେବ। ଅନ୍ୟ ରାଜ୍ୟର ସେଭଳି କାରୁକାର୍ଯ୍ୟ ନୁହଁ ତେଣୁ ତାକୁ କରିବା ସହଜ ଅଟେ।

-ନାରାୟଣ ପ୍ରସାଦ ସାହୁ, ଗଙ୍ଗନଗର ଦୁର୍ଗାପୂଜା କମିଟି

ପ୍ରଭୁ ଜଗନ୍ନାଥ, ଲିଙ୍ଗରାଜ ଏବଂ ଘଟଗାଁର ମା ତାରିଣୀ ହୁଅନ୍ତୁ ସକାଳ ହେଲା ମାତ୍ରେ ତାଙ୍କୁ ସ୍ମରଣ କରାଯାଏ ବା ତାଙ୍କ ଚେହେରା ଆଖି ଆଗରେ ଆସିଯାଏ। ହେଲେ ବାହାର ରାଜ୍ୟର ମନ୍ଦିର ହେଉ କିମ୍ବା ପର୍ଯ୍ୟଟନସ୍ଥଳୀ ସେଠାକୁ ସମସ୍ତେ ଯାଇ ପାରନ୍ତି ନାହିଁ। ତେଣୁ ସମସ୍ତଙ୍କୁ ସେହି ସ୍ଥାନର ଅନୁଭବ ଦେବାକୁ ଏପରି ତୋରଣ ତିଆରି ହୋଇଥାଏ।

- ସଚ୍ଚି ନନ୍ଦନ ନାୟକ, ସହିଦ ନଗର ଦୁର୍ଗାପୂଜା ସମିତି





## ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ହଂସପାଳ, ୨୩/୯(ସମିସ): ପାହାଳ ଥାନା ଅଧୀନରେ ଥିବା ସମସ୍ତ ଦୁର୍ଗାପୂଜା ଉପଲକ୍ଷେ ଏକ ପୂର୍ବ ପ୍ରସ୍ତୁତି ବୈଠକ ପାହାଳ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଥାନା ଅଧିକାରୀ ଅଶ୍ୱିନୀ ଜେନା ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମସ୍ତ ଦୁର୍ଗାପୂଜା କମିଟିର ସଭାପତି, ସମ୍ପାଦକ ଏବଂ ସକ୍ରିୟ କର୍ମୀ ମାନେ ଉପସ୍ଥିତ ଥିଲେ। କିଭଳି ଆଇନ ଶୃଙ୍ଖଳା ପରିସ୍ଥିତି ସଠିକ୍ ଭାବେ ପରିଚାଳନା କରାଯିବ ସେ ବିଷୟରେ ଜୋନ ୪ ଏସିପି ଅଭିମନ୍ୟୁ ନାୟକ ପରାମର୍ଶ ଦେଇଥିଲେ ଏହା ସହିତ ଦୁର୍ଗାପୂଜା କମିଟି ତରଫରୁ ଦାୟିତ୍ୱରେ ଥିବା ଏକ ୧୦ ଜଣିଆ କମିଟିର ତାଲିକା ଥାନାରେ ଦେବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ଭସାଣି ଶୋଭାଯାତ୍ରାରେ ଡିଜେ ଗାଡ଼ିକୁ ସମ୍ପୂର୍ଣ୍ଣ ବାରଣ ସହ ନିଶା ମୁକ୍ତ ଭସାଣି ପ୍ରତି ଅଧିକା ଗୁରୁତ୍ୱ ଦେବାପାଇଁ ପୂଜା କମିଟିଗୁଡ଼ିକୁ ଅବଗତ କରିଥିଲେ। ନହରକଣ୍ଟା ଦୁର୍ଗାପୂଜା କମିଟି ପକ୍ଷରୁ କରାଯାଉଥିବା ରାବଣ ପୋଡ଼ିକୁ ବିଶେଷ ଗୁରୁତ୍ୱ ଦେବା ସହ ପରିସର ଭିତରେ ଚତୁପାର୍ଶ୍ୱ ଅଗ୍ନି ନିରାପତ୍ତା ବ ୟବ ସ୍ଥ ।

### ● ଭୁବନେଶ୍ୱର ଶାନ୍ତି କମିଟି ବୈଠକ

## ନିଶାମୁକ୍ତ, ଡିଜେମୁକ୍ତ, ପ୍ଲାଷ୍ଟିକମୁକ୍ତ ପୂଜା ପାଇଁ ନିବେଦନ




ଭୁବନେଶ୍ୱର, ୨୩।୯(ସମିସ): ଦୁର୍ଗାପୂଜା ପୂର୍ବରୁ ମଙ୍ଗଳବାର ବୁଦ୍ଧ ମନ୍ଦିରରେ ଭୁବନେଶ୍ୱର ଶାନ୍ତି କମିଟି ପକ୍ଷରୁ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ଅଞ୍ଚଳର ମୁରବି ଓ ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ। ଏଥିପାଇଁ ଚଳିତ ମାସ ୧ତାରିଖରେ ପୁଲିସ ଭବନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ସହମତି ଅନୁଯାୟୀ ପୁଲିସ ଓ ପ୍ରଶାସନ ସହ ସମନ୍ୱୟ ପୂର୍ବକ ଶାନ୍ତି ଶୃଙ୍ଖଳାର ସହ ଶଙ୍ଖ, ହୁଳହୁଳି, ଘଣ୍ଟ, ଘଣ୍ଟା, ବାଜା, ନାଚ, ଗୀତ ଓ ଭାବ ଓ ନିଷ୍ଠାର ସହ ନିର୍ଦ୍ଧାରିତ ସମୟରେ ଶୁଦ୍ଧ ସାମଗ୍ରୀ ଓ ପୂଜା କରିବାକୁ ସମସ୍ତ ୧୯୦ ଟି କମିଟିକୁ ଅନୁରୋଧ କରାଯାଇଥିଲା। ମୂର୍ତ୍ତିରେ କେମିକାଲ ରଙ୍ଗ ବା ପ୍ଲାଷ୍ଟର ପ୍ୟାରିସ ବ୍ୟବହାର ନ କରିବା, ପଲିଥିନ କିମ୍ବା ପ୍ଲାଷ୍ଟିକ ବ୍ୟବହାର ନ କରିବା ମଣ୍ଡପରେ ଅଗ୍ନି ନିର୍ବାପକ ସାମଗ୍ରୀ ଓ ପାନୀୟ ଜଳର ବ୍ୟବସ୍ଥା କରିବା ବରିଷ୍ଠ ନାଗରିକ, ମହିଳା ଓ ଦିବ୍ୟାଙ୍ଗ ମାନଙ୍କୁ ସମ୍ମାନର ସହ ମଣ୍ଡପରେ ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସାଙ୍ଗକୁ ଆଇନ ଅନୁମୋଦିତ ସାଉଣ୍ଡ ବକ୍ସ, ମଣ୍ଡପର ଆଖାପଖ ଅଞ୍ଚଳରେ ମଦ ବାରଣ, ଡିଜେମୁକ୍ତ ଭସାଣି, ରାବଣ ପୋଡ଼ିରେ ବିସ୍ଫୋରକ ଆବାଜ ବାଣକୁ ବାରଣ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ସଭାପତି ଡ. ମଧୁ ମାଧବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ବାବୁ ସିଂ, ସମ୍ପାଦକ ନବ କିଶୋର ବେହେରା, ସୁଧାଂଶୁ ଶେଖର ତ୍ରିପାଠୀ, ଆଶାଲତା ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଇ ଜରା ନିବାସର ଟ୍ରଷ୍ଟ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଙ୍ଗିବନ୍ତରେ ୭୨ ଫୁଟ୍‌ର ଦୁର୍ଗାମୂର୍ତ୍ତି



ନନ୍ଦନକାନନ, ୨୩।୯(ସମିସ): ଚଳିତ ବର୍ଷ ଦୁର୍ଗା ପୂଜାରେ ଟାଙ୍ଗିବନ୍ତ ଦୁର୍ଗାପୂଜା ପେଣ୍ଡାଲରେ ପୂଜା ପାଇବେ ମାଆ ଦୁର୍ଗତିନାଶିନୀଙ୍କ ୭୨ଫୁଟର ଦଶଭୁଜା ଦୁର୍ଗାମୂର୍ତ୍ତି। ରାଜ୍ୟରେ ତଥା ରାଜ୍ୟ ବାହାରେ ଦଶହରା ପର୍ବରେ ଏପର୍ଯ୍ୟନ୍ତ ହୋଇଥିବା ଦୁର୍ଗାମୂର୍ତ୍ତି ମଧ୍ୟରେ ଏହା ସର୍ବୋଚ୍ଚ ଉଚ୍ଚତା ବିଶିଷ୍ଟ ଦୁର୍ଗାମୂର୍ତ୍ତି। କଟକ ଭୁବନେଶ୍ୱରରେ ବାହାର ରାଜ୍ୟର କାରିଗରଙ୍କ ଦ୍ୱାରା ନିର୍ମିତ ଆକର୍ଷଣୀୟ ତୋରଣ ମୂର୍ତ୍ତି ଓ ବିଭିନ୍ନ କଳାକୃତିକୁ ଦେଖିବାକୁ ଲୋକେ ଚାହିଁ ରହିଥିବା ବେଳେ ଉତ୍ତର ଭୁବନେଶ୍ୱର ଟାଙ୍ଗିବନ୍ତ ଦୁର୍ଗାପୂଜା କମିଟି କିନ୍ତୁ ନିଆରା ଭାବ ନେଇ ଓଡ଼ିଶାର କାରିଗରଙ୍କୁ ନେଇ ନିର୍ମିତ କରୁଛି ୭୨ଫୁଟର ମାଆ ଦୁର୍ଗାଙ୍କ ଦଶଭୁଜା ମୂର୍ତ୍ତି।

ଯେଉଁଥିରେ ମାଆଙ୍କ ଗୋଡ଼ତଳେ ଦୁଇ ପାଖରେ ରହିବେ ପ୍ରାୟ ଦଶ ଫୁଟ ଉଚ୍ଚାର ଚାରିଟି ସିଂହ ମୂର୍ତ୍ତି ବୋଲି କମିଟି ତରଫରୁ ସଭାପତି ବୀରେନ୍ଦ୍ର ଜେନା ପ୍ରକାଶ କରିଛନ୍ତି। ଏଥି ସହିତ ଦୁର୍ଗା ପୂଜା ପଡ଼ିଆରେ ମିନା ବଜାର, ଫୁଡ ଷ୍ଟଲ ଆଦି ରହିବ। ଏହା କିପରି ନିର୍ମିତ ହେଉଛି ତାହା ଦେଖିବାକୁ ମଧ୍ୟ ପ୍ରତିଦିନ ଶହ ଶହ ସଂଖ୍ୟାରେ ଲୋକମାନେ ଆସୁଥିବା ଦେଖିବାକୁ ମିଳିଛି। ଜେନା ଏହାର ପ୍ରସ୍ତୁତି କାର୍ଯ୍ୟ ଜୋରସୋର ଭାବରେ ଚାଲିଛି। ଅଷ୍ଟମୀ, ନବମୀ ଦଶମୀ ରେ ମାଆଙ୍କ ବିଧି ମୁତାବକ ସମସ୍ତ ପୂଜା କାର୍ଯ୍ୟ କରାଯିବ। ଏହି ଦିନ ମାନଙ୍କରେ ଏଠାକୁ ଆସି ଭକ୍ତିଭାବରେ ନିଜ ନିଜର ମନସ୍କାମନା ଜଣାଇଲେ ଏହା ମାଆ ପୂରଣ କରିବେ ବୋଲି ବିଶ୍ୱାସ କରନ୍ତି। ହଜାରେ ହଜାରେ ସଂଖ୍ୟାରେ ଭକ୍ତ ଶ୍ରଦ୍ଧାଳୁ ମାନେ ଆସି ମାଙ୍କ ଆଶୀର୍ବାଦ ନେବା ପାଇଁ ରାଜ୍ୟବାସୀଙ୍କୁ ନିବେଦନ ରଖିଛନ୍ତି। ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟରେ ମେଲୋଡି, ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ରାଜ୍ୟର ବହୁ ପ୍ରତିଷ୍ଠିତ ୟୁ-ଟ୍ୟୁବ କଳାକାର, ଚଳଚିତ୍ର କଳାକାର ମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

ମା’ଙ୍କ ଦର୍ଶନ ପାଇଁ ମହିଳା ଓ ପୁରୁଷ ଅଲଗା ଭାବରେ ଦର୍ଶନ କରିବେ। ଦିବ୍ୟାଙ୍ଗଙ୍କ ପାଇଁ ହୁଇଲ ଚେୟାର, ଶୃଙ୍ଖଳାର ସହ ଏଠାରେ ଦର୍ଶନ ନିମିତ୍ତ ଶତାଧିକ ସ୍ୱେଚ୍ଛାସେବୀ, ପୁଲିସ, ସୁରକ୍ଷା କର୍ମୀ ନିୟୋଜିତ ହେବା ନେଇ ବ୍ୟବସ୍ଥା କରାଯାଇଛି। ଗାଡି ପାର୍କିଂ ସୁବିଧା ନେଇ ବଡ଼ପଡ଼ିଆ ରହିଛି। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ରଖାଯାଇଛି। ଗମନା ଗମନ ସୁବିଧା ପାଇଁ ଶ୍ରଦ୍ଧାଳୁ ମାନେ କଟକ ପଟୁ ପ୍ରତାପ ନଗରୀ ଗଣ୍ଡରପୁର ରୋଡ ଦେଇ, ଭୁବନେଶ୍ୱର ହାଇଟେକ ମଞ୍ଚେଶ୍ୱର ଭୁବନେଶ୍ୱର ବାଲିଯାତ୍ରା ରୋକଟ ରାସ୍ତା ଦେଇ, ଜୟଦେବ ବିହାର ନନ୍ଦନକାନନ ରୋଡ୍‌ରୁ ପଟିଆ ଷ୍ଟେସନ ରୋଡ ହୋଇ ଦୟାୱେଷ୍ଟ କେନାଲ ବନ୍ଧ ଦେଇ ଆସିପାରିବେ ବୋଲି କମିଟି ର ସମ୍ପାଦକ ଚନ୍ଦନ ଜେନା ପ୍ରକାଶ କରିଛନ୍ତି। ଟାଙ୍ଗିବନ୍ତ ଗ୍ରାମବାସୀବୃନ୍ଦ ସମେତ ଉତ୍ତର ଭୁବନେଶ୍ୱର ପାଞ୍ଚ ପଞ୍ଚାୟତ, ଭୁବନେଶ୍ୱର କଟକ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଏହି ଦୁର୍ଗାପୂଜାକୁ ଆକାର୍ଷଣୀୟ କରିବାରେ ଅକୁଣ୍ଠ ଚିତ୍ତରେ ସାହାଯ୍ୟ ସହଯୋଗ ଜାରି ରଖିଛନ୍ତି।

**ସବୁଠାରୁ ବଡ଼ମୂର୍ତ୍ତି ବୋଲି କମିଟିର ଦାବି**

**ଓଡ଼ିଆ କାରିଗରଙ୍କୁ ପ୍ରାଧାନ୍ୟ ଦେଇଛି କମିଟି କର୍ମକର୍ତ୍ତା**

## ଅଟକିଥିବା ପ୍ରକଳ୍ପର କାର୍ଯ୍ୟକ୍ଷମ ଦାବି

ହାଟଡ଼ିହୀ,୨୩।୯ (ସମିସ): ହାଟଡ଼ିହୀ ବ୍ଲକ ରାଇଘାଟି, ସୁଜୁନାପାଳ, ମଲ୍ଲିପଶି, ସରମୁଣ୍ଡି, ମୟୂରନଚା, ଭଅଁରା ଆଦି ଜଙ୍ଗଲ ଅଧ୍ୟୁଷିତ ଗ୍ରାମଗୁଡ଼ିକରେ ବସବାସ କରୁଥିବା ଅଧିବାସୀଙ୍କ ସୁବିଧା ଲାଗି ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ଦାବି ମଧ୍ୟରୁ କେତେକ କାର୍ଯ୍ୟ ଆଜକୁ ଦୀର୍ଘଦିନ ଧରି ଅଟକି ରହିଛି । ସେସବୁ କାର୍ଯ୍ୟକ୍ଷମ ନହେବାରୁ ସେଠାକାର ବାସିନ୍ଦାମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମୁଖ୍ୟତଃ ଛତରାଘାଟିଠାରୁ ବାଲିପାଳ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ଗତବର୍ଷଠାରୁ ଜିଲ୍ଲା ଖଣିଜ ପାଣ୍ଠିରୁ ଅନୁଦାନ ରାଶିର ଅନୁମତି ମିଳିଥିଲେ ସୁଦ୍ଧା ଏଯାବତ୍ ରାସ୍ତାକାର୍ଯ୍ୟ ଆରମ୍ଭ ହୋଇନାହିଁ। ୪ମାସ ପରେ ରାସ୍ତା ନିର୍ମାଣର ଅବଧି ସରିବାକୁ ବସିଥିଲା ବେଳେ ବନବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ଲାଗି ଅନୁମତି ମିଳିବାରେ ଆନ୍ତରିକତା ସ୍ପଷ୍ଟ ହେଉନାହିଁ । କେ.ବାଲିପାଳ ପଞ୍ଚାୟତରେ ରହି ଯାଇଥିବା ସମସ୍ତ ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ପ୍ରଦାନ କରିବା ସହିତ ଜଙ୍ଗଲ କିସମ ଜମି ଥିବା ସମସ୍ତ ଅନୁସୂଚିତ ଜନଜାତି ପରିବାରଙ୍କ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଜମି ଶିରୋନାମା ପ୍ରଦାନ ପାଇଁ ଦାବି ରହିଆସିଛି । ଏଥିସହ ଉକ୍ତ ପଞ୍ଚାୟତର ଥିବା ୯ ଟି ୱାର୍ଡ଼କୁ ବିଦ୍ୟୁତ ସଂଯୋଗୀକରଣ ପାଇଁ ଜନଶୁଣାଣିକୁ ଆସିଥିବା ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି । ଗ୍ରାମବାସୀଙ୍କ କହିବାନୁସାରେ, ଆମେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ । ତୁରନ୍ତ ଏହାର ସମାଧାନ ନହେଲେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବୁ ବୋଲି କହିଛନ୍ତି ।

## ରିମୁଳି ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ନାରଦପୁର,୨୩।୯ (ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ରିମୁଳି ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ସୁଶୀଳ କୁମାର ମହାନ୍ତ ଏହାକୁ ଭାବରେ ଉଦଘାଟନ କରିଥିଲେ । ଚମ୍ପୁଆ ବ୍ଲଡ୍ ବ୍ୟାଙ୍କର ଡା. ଜ୍ୟୋତି ମଲ୍ଲିକ ଓ ମେଡିକାଲ ଟିମ ଦ୍ୱାରା ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଯୁବ ରେଡକ୍ରସ ଉପଦେଷ୍ଟା ରାଜେଶ ଦୀପଙ୍କ ତତ୍ତ୍ୱାବଧାନରେ ଏନ୍ଏସ୍ଏସ୍ ଅଧିକାରୀ କିରଣ ଚୌଧୁରୀ, ଭୂମିସୂତା ସିଂ, ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ ।

## ପଡ଼ିଆପଶିରେ ହାତୀ ଭାଙ୍ଗିଲା ଘର



ତେଲକୋଇ, ୨୩।୯ (ସମିସ): ତେଲକୋଇ ବନାଞ୍ଚଳ ପଡ଼ିଆପଶି ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି । ସୋମବାର ବିଳମ୍ବିତ ରାତିରେ ଗ୍ରାମର ପୁଢେଇ ଝୁଲ୍ ସାହିରେ ଏକ ଦନ୍ତା ହାତୀ ପଶି ରଞ୍ଜନ ନାୟକଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇବା ସହ ବ୍ୟାପକ ନଷ୍ଟ କରିଛି । ଘରେ ଥିବା ଏକ ଟିଭି, ଗ୍ରାଇଣ୍ଡର ଓ ସୋଫା ଆଦି ଅସବାବପତ୍ର ଭାଙ୍ଗି ଦେଇଛି । ଘର ଭିତରେ ସୋଇଥିବା ରଞ୍ଜନଙ୍କ ପତ୍ନୀ ପଦ୍ମିନୀ ନାୟକ ଓ ପୁଅ ପୀୟୂଷ ନାୟକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସାହି ଲୋକ ଏକତ୍ରିତ ହୋଇ ହାତୀକୁ ଘଉଡ଼ାଇବା ପରେ ହାତୀ ନିକଟସ୍ଥ ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲା । ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ତଦନ୍ତ କରାଯାଇ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ପାଟଣା ରେଞ୍ଜରେ ପୁଣି ୨୯ ଟିକିଆ ହାତୀପଲ ଆତଙ୍କ



ତୁରୁମୁଙ୍ଗା, ୨୩।୯ (ସମିସ): ଦୀର୍ଘଦିନର ବ୍ୟବଧାନ ପରେ ପାଟଣା ରେଞ୍ଜକୁ ପୁଣି ଲେଉଟିଛନ୍ତି ହାତୀପଲ । ବିଳମ୍ବିତ ରାତିରେ ସଦର ରେଞ୍ଜରୁ ଆସି ବେଲଦା ନିକଟରେ ୪୯ ନମ୍ବର ଜାତୀୟ ରାଜପଥ ପାରି ହୋଇ ପାଟଣା ରେଞ୍ଜ ଅଞ୍ଚଳକୁ ପ୍ରବେଶ କରିଛନ୍ତି । ଆସିବା ବାଟରେ ହାତୀପଲ ଏକର ଏକର ଧାନ ଫସଲ ମାଡ଼ି ନଷ୍ଟ କରିଛନ୍ତି । ହାତୀପଲ ପାଟଣା ରେଞ୍ଜର ଖିରେଇଟାଙ୍ଗିରୀ ସେକ୍ସନ କଣ୍ଟିଆପଡ଼ା ଗାଁ ନିକଟ ଧରମା ହୁଡ଼ିରେ ଡେରା ପକାଇଛନ୍ତି । ଏହି ହାତୀପଲରେ ୧୨ଟି ମାଇ ହାତୀ, ୧୧ଟି ଦନ୍ତା ୬ଟି ଛୁଆ ହାତୀ ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଗାଁ ନିକଟରେ ହାତୀପଲ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି । ହାତୀପଲଙ୍କ ଗତିବିଧି ଉପରେ ବନ ବିଭାଗ କଡ଼ା ନଜର ରଖିଛି । ଅପରପକ୍ଷରେ, ଏହି ହାତୀ ପଲରେ ଗୋଟିଏ ଛୁଆ ହାତୀର ଗୋଡ଼ ଆଘାତପ୍ରାପ୍ତ ହୋଇଥିବା ଜଣାପଡ଼ିଛି । ମା' ହାତୀ ଗୋଡ଼ରେ ଚାପି ହୋଇ ଏହି ଆଘାତ ହୋଇଥିବା ଡିଏଫଓ ଏଚଡି ଧନରାଜ କହିବା ସହ ଦରକାର ପଡ଼ିଲେ ଏହାର ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

### ଧକୋଠା-କୋଲିମାଟି ରାସ୍ତା ବିପଜ୍ଜନକ

# ଦୁର୍ଘଟଣା ପରେ ଦୁର୍ଘଟଣା, ପ୍ରତିକାର ପଦକ୍ଷେପ ଶୂନ

ଆନନ୍ଦପୁର, ୨୩।୯ (ସମିସ)




୨୦ ନମ୍ବର ଜାତୀୟ ରାଜପଥର କୋଲିମାଟି ଓ ଧକୋଠା ଏବେ ଦୈନନ୍ଦିନ ଯାତାୟାତ ପାଇଁ ବିପଜ୍ଜନକ ହୋଇ ରହିଛି । ରାସ୍ତାରେ ଚଳାଚଳ ପାଇଁ ଛାତ୍ରଛାତ୍ରୀମାନେ ଅସୁରକ୍ଷିତ ମଣୁଛନ୍ତି । ରାସ୍ତା ଅତିକ୍ରମ କରିବାପାଇଁ ସୁବିଧା ନଥିବାରୁ ବାରମ୍ବାର ରାସ୍ତା ଦୁର୍ଘଟଣା ଚିନ୍ତାର କାରଣ ହୋଇଛି । ବିଦ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାତାୟତ ପାଇଁ ରାସ୍ତା ପାରି ହେଉଥିବା ବେଳେ ବହୁବାର ଦୁର୍ଘଟଣା ହେଉଥିଲେ ମଧ୍ୟ ପ୍ରଶାସନର ଚେତା ପଶୁନାହିଁ । ଗତ ସପ୍ତାହରେ ସିରିଜ ଦୁର୍ଘଟଣାରେ ରାସ୍ତା ଅବରୋଧ ଯୋଗୁଁ ପ୍ରଶାସନ ଓ ପୁଲିସ ନାକେଦମ ହୋଇଥିଲେ ବି ସମସ୍ୟାର ସମାଧାନ ହୋଇପାରିନାହିଁ। ଧକୋଠାରେ ଛାତ୍ରୀଙ୍କୁ କାର ଧକ୍କା ଦେବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଜପଥ ଅବରୋଧ ହୋଇଥିଲା । ହମ୍ପ୍ସ ନିର୍ମାଣ ସହ ସେହି ସ୍ଥାନରେ ଏକ ଓଭରବ୍ରିଜ୍ ନିର୍ମାଣ ଦାବିରେ ଛାତ୍ରଛାତ୍ରୀ ଦାବି କରିଥିଲେ । ସେହିପରି କୋଲିମାଟି ଛକରେ ଟ୍ରକ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇ ଜାତୀୟ ରାଜପଥ ଅବରୋଧ ଯୋଗୁଁ ଦୀର୍ଘ ସମୟ ଧରି ଯାନବାହନ ଅଟକି ରହିଥିଲା । ଅଞ୍ଚଳବାସୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ରାଜପଥରେ ଅଣ୍ଡରପାସ ନିର୍ମାଣ ଦାବି କରିଥିଲେ । ଇତିମଧ୍ୟରେ ସପ୍ତାହେ ବିତିଯାଇଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

## ସ୍ଥାୟୀ ନିଯୁକ୍ତି ଦାବିରେ ଏମ୍ବିକେ ଓ ସିଆର୍ପିଙ୍କ ଧାରଣା



ହାଟଡ଼ିହୀ,୨୩।୯ (ସମିସ): ହାଟଡ଼ିହୀ ବ୍ଲକରେ କାର୍ଯ୍ୟରତ ଏମବିକେ ଓ ସିଆରପିଙ୍କୁ ସେମାନଙ୍କ ପାରିଶ୍ରମିକ ବାବଦକୁ ପ୍ରତିମାସ ପ୍ରୋତ୍ସାହନ ରାଶି ଅନୁଯାୟୀ ଦରମା ପ୍ରଦାନ କରାଯାଉଥିଲା; କିନ୍ତୁ ୬ମାସ ଧରି କ୍ରମାଗତ ଭାବେ ସେମାନଙ୍କ ଦରମା ବନ୍ଦ ହୋଇପଡ଼ିଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ସେମାନେ ବାରମ୍ବାର ଅବଗତ କରିଆସୁଥିଲେ ସୁଦ୍ଧା ସରକାରୀ କଳରେ ସେମାନଙ୍କ ଅଭିଯୋଗକୁ ଆଦୌ କର୍ଣ୍ଣପାତ କରାଯାଉ ନଥିବା ସେମାନେ କହିଛନ୍ତି । ବ୍ଲକର ରାଜସ୍ୱ ଗ୍ରାମ ଅନୁସାରେ ଆଞ୍ଚଳିକ ସଂଘ ଗଠନରୁ ବାଦ୍ ପଡୁଥିବା ସିଆରପିଙ୍କର ସ୍ଥାୟିତ୍ୱ ଏବଂ ସମସ୍ତ ଏମବିକେଙ୍କର ସ୍ଥାୟୀ ଦରମା ଦାବିନେଇ ମଙ୍ଗଳବାର ପୂର୍ବାହ୍ନରେ ୪୫ରୁ ଊର୍ଦ୍ଧ୍ୱ ଏମବିକେ ଓ ସିଆରପି ଏକତ୍ରିତ ହୋଇ ବିଡିଓ ଏବଂ ଓଏଲଏମ କାର୍ଯ୍ୟାଳୟର ସମ୍ମୁଖରେ ଧାରଣା ଦେଇଛନ୍ତି । ସେମାନଙ୍କ ଦାବି ପୂରଣ ନହେଲା ପର୍ଯ୍ୟନ୍ତ ଆଜିଠାରୁ ଧାରଣା ଆରମ୍ଭ କରିଥିବା ବେଳେ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ କାର୍ଯ୍ୟ ବନ୍ଦ ରହିବ ବୋଲି ଓଡ଼ିଶା ଜୀବିକା ମିଶନ ହାଟଡ଼ିହୀ ବ୍ଲକ ସଂଘର ସଭାନେତ୍ରୀ ଅଞ୍ଜଳି ମହାନ୍ତି ଏବଂ ସମ୍ପାଦିକା ପ୍ରୀତିପଦ୍ମା ମହାପାତ୍ର କହିଛନ୍ତି ।

## ଟାଟା ଷ୍ଟିଲ କାଟାମାଟି ଲୌହଖଣି ପୁରସ୍କୃତ



ଯୋଡ଼ା,୨୩।୯ (ସମିସ): କେନ୍ଦୁଝର ଜିଲ୍ଲାର ଯୋଡା ବ୍ଲକ୍ ଟାଟା ଷ୍ଟିଲର କାଟାମାଟି ଲୌହଖଣିକୁ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ମିନେରାଲ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ନୂଆଦିଲ୍ଲୀରେ ୫୯ତମ ବାର୍ଷିକ ସାଧାରଣ ବୈଠକରେ 'ରିଓ ଟିଣ୍ଟୋ ହେଲ୍ଥ ଏଣ୍ଡ ସେଫ୍ଟି' ପୁରସ୍କାର ପ୍ରଦାନ କରାଯାଇଛି । ଭାରତ ସରକାରଙ୍କ କୋଇଲା ଓ ଖଣିଜ ରାଷ୍ଟ୍ରମନ୍ତ୍ରୀ ସତୀଶଚନ୍ଦ୍ର ଦୁବେ, ଅଧ୍ୟକ୍ଷ ଶନ୍ତେଶ ଗୁରେଡ଼ି ଏବଂ ଉପାଧ୍ୟକ୍ଷ ସୌଭିକ୍ ମଜୁମଦାର ପୁରସ୍କାର ପ୍ରଦାନ କରିଥିଲେ । କମ୍ପାନୀ ପକ୍ଷରୁ ଖଣି ହେଡ୍ ଅଜୟ ଗୋୟଲ, ହେଡ୍, ଇକ୍ୱିପ୍ମେଣ୍ଟ, ଏଜେ. ଜର୍ଜ, ହେଡ୍, ସେଫ୍ଟି ଅଭୟ ଗୁପ୍ତା ଓ କାଟାମାଟି ଖଣି ୟୁନିୟନ୍ ଅଧ୍ୟକ୍ଷ ଅନୁଜ ସୁନ୍ଧି ଏହି ପୁରସ୍କାର ଗ୍ରହଣ କରିଥିଲେ । ଦେଶର ବିଭିନ୍ନ ସ୍ଥାନରୁ ମୋଟ ୨୭ଟି ଖଣି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସିଏସ୍ଆଇଆର୍ – ସେଣ୍ଟ୍ରାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମାଇନିଂ ଏଣ୍ଡ ଫ୍ୟୁଏଲ୍ ରିସର୍ଚ୍ଚର ନିର୍ଦ୍ଦେଶକ ପ୍ରୋଫେସର ଅରବିନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ନ୍ୟାୟାଧୀନ କମିଟି କାଟାମାଟି ଖଣିକୁ ଏହି ସମ୍ମାନ ପାଇଁ ଚୟନ କରିଥିଲା । କାଟାମାଟି ଖଣି ସ୍ୱାସ୍ଥ୍ୟ, ପରିବେଶୀୟ ଓ ପରିଚାଳନାରେ ପ୍ରଶଂସନୀୟ ଉଦ୍ୟମ ପାଇଁ ଏହି ପୁରସ୍କାର ଅର୍ଜନ କରିଛି ।

## ରକ୍ତଦାନ ଶିବିରରେ ୧୩୫ ୟୁନିଟ୍ ସଂଗ୍ରହ



ଆନନ୍ଦପୁର, ୨୩।୯ (ସମିସ): ବିଜେପିର ସେବାପକ୍ଷ ପାଳନ ହେଉଥିବା ପରିପ୍ରେକ୍ଷୀରେ ଆନନ୍ଦପୁର ମହାବିଦ୍ୟାଳୟରେ ଏକ ରକ୍ତଦାନ ଶିବିରରେ ୧୩୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଯାଇଛି । କେନ୍ଦୁଝର ସାଂସଦ ଅନନ୍ତ ନାୟକ ଏହାକୁ ଉଦ୍ଘାଟନ କରିଥିଲେ । ବରିଷ୍ଠ ବିଜେପି ନେତା ଆଲୋକ ସେଠୀ, ଜିଲ୍ଲା ଉପସଭାପତି ନିରାକାର ଦଳେଇ ଓ ସାଂସଦ ପ୍ରତିନିଧି ରାମଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ଡ଼ାକ୍ତର ଉଦୟ ପଣ୍ଡା, ସୁଦର୍ଶନ ସାହୁ, ଅଶୋକ ସୁର, ଶରତଚନ୍ଦ୍ର ଓଝା, ସମାନଅ ମହାନ୍ତ, ନର୍ସ ରୂପାୟିୟା ପୃଷ୍ଟି, ସୌରଭା ମହାନ୍ତ, କଳ୍ପନା ସାହୁ, ପୂର୍ବଚନ୍ଦ୍ର ମାଝୀ, ମଙ୍ଗୁଳି ଚରଣ ସାହୁ, ଦିବ୍ୟ ସାଗର ସିଂ, ଅଞ୍ଜନ ସିଂ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ସରପଞ୍ଚ ଦିଲ୍ଲୀମୟୀ ସାହୁ, ଜଗନ୍ନାଥ ପାଢ଼ୀ, ଜ୍ୟୋତିରଂଜନ ଜେନା, ଜଗନ୍ନାଥ ଦାଶ, ପ୍ରଶାନ୍ତ ମହାପାତ୍ର, ହେମନ୍ତ ସାହୁ, ବ୍ରଜକିଶୋର ଦାଶ, ଶରତ ନାୟକ, ସଚିନ୍ ମଲ୍ଲିକ, ଶରତ ସେଠୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ରକ୍ତଦାନ କରିଥିଲେ । ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ବିଜେପି ନେତ୍ରୀ ଅସୀମା ମିଶ୍ର, ସୁମତୀ ଜେନା, ବବିତା ଶତପଥୀ, ପ୍ରଣୟିନୀ ବ୍ରହ୍ମ, ବବିତା ସାହୁ, ତୃପ୍ତିମୟୀ ଜେନା, ବିଜେପି ନେତା ଜ୍ଞାନରଂଜନ ସାମନ୍ତସିଂହାର, ଯୁଧିଷ୍ଠିର ମଲ୍ଲିକ, ଟୁକୁନା ମହାନ୍ତ, ସୁରେଶ ସାହୁ ସହଯୋଗ କରିଥିଲେ ।

## ପୁଲିସ ଜୁଲୁମ୍କୁ ପ୍ରତିରୋଧ ମଞ୍ଚର ନିନ୍ଦା



ତୁରୁମୁଙ୍ଗା, ୨୩।୯ (ସମିସ): ଅଚାନକ ଭାବେ ପୁଲିସ ଫୋର୍ସ ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟ ଚିହ୍ନଟ କରିଥିବା ୧୮ଟି ଗ୍ରାମ ମଧ୍ୟରୁ କୋଡ଼ଖମଣ ଗ୍ରାମରେ ପ୍ରବେଶ କରି ବିନା କାରଣରେ ଗ୍ରାମର ସୁବାସିନୀ ମହାନ୍ତଙ୍କୁ ଜୋରଜବରଦସ୍ତି ଟାଣି ଆଣିବା ସହ ଅଶ୍ଳୀଳ ବ୍ୟବହାର କରି ଗାଡ଼ିରେ ବସାଇଥିବା ଅଭିଯୋଗ ଆଣିଛି ପ୍ରତିରୋଧ ମଞ୍ଚ । ମହିଳାମାନେ ପୁଲିସକୁ ଘେରଉ କରିବାପରେ ସୁବାସିନୀଙ୍କୁ ଛାଡ଼ିଦେବା ଘଟଣାକୁ ପ୍ରତିରୋଧ ମଞ୍ଚ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ଏଥିସହିତ ଷ୍ଟିଲ ପ୍ଲାଣ୍ଟ ପାଇଁ ଚିହ୍ନଟ କରାଯାଇଥିବା ୧୮ଟି ଗ୍ରାମରେ ଜଣେ ହେଲେ ସପକ୍ଷବାଦୀ ନଥିବା ବେଳେ ପୁଲିସ ଗାଁ ଗାଁରେ ଫ୍ଲାଗମାର୍ଚ୍ଚ କରି ନିରୀହ ଲୋକଙ୍କୁ ତହସିଲଦାରଙ୍କ ଉପସ୍ଥିତିରେ ଭୟଭୀତ କରିବା ଓ ଭୋଜିଭାତ ଖୁଆଇ ଲୋକଙ୍କୁ ଗ୍ରାମସଭା କରାଇବା ପାଇଁ ପ୍ରଲୋଭିତ କରିବା କାର୍ଯ୍ୟକୁ ମଧ୍ୟ ମଞ୍ଚ ନିନ୍ଦା କରିଛି । ଭିଟାମାଟି ଓ ଚାଷଜମି କୌଣସି ପରିସ୍ଥିତିରେ ଦିଆଯିବ ନାହିଁ ବୋଲି ଦସ୍ତଖତ ସହ ଜିଲ୍ଲାପାଳ ଓ ତହସିଲଦାରଙ୍କୁ ପ୍ରତ୍ୟେକ ଗ୍ରାମରୁ ଦେବା ସତ୍ତ୍ୱେ ଲୋକଙ୍କୁ ଭୟଭୀତ କରାଇ ବଳପୂର୍ବକ ଜମି ଅଧିଗ୍ରହଣ କରିବା ଭଳି ଜନବିରୋଧୀ କାର୍ଯ୍ୟକୁ ନିନ୍ଦା କରାଯିବା ସହ ସରକାର, ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ଏତାଦୃଶ କାର୍ଯ୍ୟରୁ ନିବୃତ୍ତ ନରହିଲେ ଆଗାମୀ ଦିନରେ ଅପ୍ରୀତିକର ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ ବୋଲି ମଞ୍ଚ ତରଫରୁ ସଭାପତି ଘନଶ୍ୟାମ ମହାନ୍ତ, ସମ୍ପାଦକ ବେଣୁଧର ସର୍ଦ୍ଦାର ଚେତାବନୀ ଦେଇଛନ୍ତି ।

## କରୁଣାକର ମହାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି

ଚମ୍ପୁଆ, ୨୩।୯ (ସମିସ): ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଞ୍ଚାୟତ ଚିଲିକାପଶି ନିବାସୀ ସ୍ୱର୍ଗତ କରୁଣାକର ମହାନ୍ତଙ୍କ ଏକାଦଶାହ ଅବସରରେ ପରିବାର ପାଇଁ ସହାୟତାର ହାତ ବଢ଼ାଇଛନ୍ତି ସମାଜସେବୀ ଶ୍ରୀମନ୍ତ ତ୍ରିପାଠୀ । ମା' ତପସ୍ୱିନୀ, ପୁଅ ଦୀପକ ଓ ପରିବାର ବର୍ଗଙ୍କ ଦ୍ୱାରା ଏକାଦଶାହ କ୍ରିୟା ସମ୍ପନ୍ନ ହୋଇଯାଇଛି । ଏହି ସ୍ମୃତି-ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ତ୍ରିପାଠୀଙ୍କ ସହ ସମାଜସେବୀ ଦିବାକର ମହାନ୍ତ, ବଳରାମ ନାଏକ, ରଶ୍ମିତା ମହାନ୍ତ, ରଞ୍ଜିତ ମହାନ୍ତ, ଫୁଲମଣି ମହାନ୍ତ, ଲିପିକା ମହାନ୍ତ, ପୁଷ୍ପଲତା ମହାନ୍ତ ଓ ରୀନା ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ ।

## ଗଡ଼ଚଣ୍ଡୀ ହାଇସ୍କୁଲରେ ବ୍ଲକ୍ସ୍ତରୀୟ କ୍ରୀଡ଼ା



ହାଟଡ଼ିହୀ,୨୩।୯ (ସମିସ): ହାଟଡ଼ିହୀ ୪୬ତମ ବ୍ଲକ୍ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଗଡ଼ଚଣ୍ଡୀ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ହାଟଡ଼ିହୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ା ମୁଖ୍ୟ ଅତିଥି, ଗଡ଼ଚଣ୍ଡୀ ହାଇସ୍କୁଲର ପ୍ରଧାନଶିକ୍ଷକ ଶରତ କୁମାର ଶାସିନୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଉଭୟ ୧୭ବର୍ଷ ଓ ୧୪ବର୍ଷ ବୟସରୁ କମ୍ ଖେଳାଳିଙ୍କ ମଧ୍ୟରେ କବାଡ଼ି, ଖୋ ଖୋ, ଫୁଟବଲ୍, ପ୍ରତିଯୋଗିତା ହୋଇଥିଲା । ହାଟଡ଼ିହୀ ବ୍ଲକରୁ ୩ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ବ୍ଲକ ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ସମ୍ପାଦକ ପ୍ରମୋଦ କୁମାର ବେହେରା ଏହାର ପରିଚାଳନା କରିଥିଲା ବେଳେ ଅନ୍ୟ ଶିକ୍ଷକମାନେ ସହଯୋଗ କରିଥିଲେ ।

## ପାର୍ବଣରେ ସ୍ୱଚ୍ଛ, ସୁନ୍ଦର ପରିବେଶକୁ ଗୁରୁତ୍ୱ



ଚମ୍ପୁଆ,୨୩।୯ (ସମିସ)

ଚମ୍ପୁଆ ବ୍ଲକ ସଭାଗୃହରେ ସ୍ୱଚ୍ଛତା ହିଁ ସେବା ଓ ପରିମଳ ସମ୍ବନ୍ଧୀୟ ଏକଦିବସୀୟ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ସ୍ମୃତିରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ । ଏବିଡିଓ ଚୁନୁ ହାଁସଦା ଏବଂ ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ସବ୍ୟସାଚୀ ନାଏକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲା ପରିମଳ ପରାମର୍ଶଦାତା ଅସିତ କୁମାର ପାତ୍ର ତୃଣମୂଳ ସ୍ତରରେ ସମସ୍ତଙ୍କୁ ନେଇ ସ୍ୱଚ୍ଛ ଉତ୍ସବ, ବର୍ଜ୍ୟବସ୍ତୁ ପରିଚାଳନା, ସଚେତନତା ଅଭିଯାନ ସହ ସମସ୍ତଙ୍କ ସହଭାଗିତାରେ ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି କହିଥିଲେ । ଆଗକୁ ପାର୍ବଣ ଆସୁଥିବାରୁ ସର୍ବସାଧାରଣ ସ୍ଥାନ, ପୂଜାସ୍ଥଳରେ ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସଫେଇ କରି ଏକ ସବୁଜ ଓ ସୁନ୍ଦର ପରିବେଶ ସୃଷ୍ଟି ପାଇଁ ଗୁରୁତ୍ୱାରୋପ କରିଥିଲେ ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ । ବ୍ଲକର ସମସ୍ତ ୨୨ଟି ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଡିଆରସି ଓ ସ୍ୱଚ୍ଛସାଥୀ ଯୋଗ ଦେଇଥିଲେ ।

**ଆନନ୍ଦପୁର:** ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ତାଲିମ କାର୍ଯ୍ୟକ୍ରମ ଘଷିପୁରା ପଞ୍ଚାୟତସମିତି ସମ୍ମିଳନୀ କକ୍ଷରେ ବିଡିଓ ବିନିତା ବିଜୟିନୀ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରା, ବ୍ଲକ ନୋଡାଲ ଅଫିସର ଶ୍ୱେତପଦ୍ମା ନନ୍ଦ, ସମସ୍ତ ପଞ୍ଚାୟତର ସରପଞ୍ଚ, ନିର୍ବାହୀ ଅଧିକାରୀ ଏବଂ ସଫେଇମିତ୍ର ଯୋଗ ଦେଇଥିଲେ । ପ୍ଲାଷ୍ଟିକ ନିଷେଧ ପାଇଁ ପଞ୍ଚାୟତ ସ୍ତରରେ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଆହ୍ୱାନ କରାଯାଇଥିଲା । ଗ୍ରାମ୍ୟ ପରିମଳକୁ ଗୁରୁତ୍ୱ ଦେବା ସହ ସଫେଇମିତ୍ରଙ୍କ ସୁରକ୍ଷା, ସରକାରୀ ସହାୟତା ଏବଂ ସାମାଜିକ ସ୍ଥିତିର ଉନ୍ନତି ଆଣିବା ନିମନ୍ତେ ସମସ୍ତେ ଯତ୍ନବାନ ହେବାପାଇଁ ସରପଞ୍ଚମାନେ ମତ ବ୍ୟକ୍ତ କରିଥିଲେ । ବୈଠକରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର କୌଣସି ବ୍ୟବହାର କରାଯାଇ ନଥିଲା । ପରିମଳ ସଂଯୋଜକ ରଶ୍ମିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ ।



## ପଞ୍ଚୁପଲ୍ଲୀ ଉଚ୍ଚବିଦ୍ୟାଳୟରେ ଆନ୍ତର୍ଜାତିକ ଶାନ୍ତି ଦିବସ



ବେଲବାହାଲି,୨୩।୯ (ସମିସ): ଆନନ୍ଦପୁର ବ୍ଲକ ପଞ୍ଚୁପଲ୍ଲୀ ସରକାରୀ ଉଚ୍ଚବିଦ୍ୟାଳୟରେ ସ୍କାଉଟ ଗାଇଡ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆନ୍ତର୍ଜାତିକ ଶାନ୍ତି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍କାଉଟ ଶିକ୍ଷକ ତଥା କେନ୍ଦୁଝର ଜିଲ୍ଲା ସଂଯୋଜକ ଦେବୀଦାସ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦେବଯାନୀ ବେହେରାଙ୍କ ନେତୃତ୍ୱରେ ବିଦ୍ୟାଳୟର ୩୮ ଜଣ ସ୍କାଉଟ ୨୨ ଜଣ ଗାଇଡ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପତାକା ଉତ୍ତୋଳନ କରି ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ପ୍ରଥମେ ବିଦ୍ୟାଳୟ ପରିସରରେ ୫୦ରୁ ଅଧିକ ଚାରା ରୋପଣ କରିବା ସହିତ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଶୋଭାଯାତ୍ରା କରାଯାଇଥିଲା । ବିଦ୍ୟାଳୟର ଗାଇଡ କ୍ୟାପଟେନ ଗୀତାଞ୍ଜଳି ଜେନା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ । କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ରୋଭର ଲିଡର ବିଜୟ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ । ଓଡିଶା ଆଦର୍ଶ ବିଦ୍ୟାଳୟର ସ୍କାଉଟ ଶିକ୍ଷକ ଦେବାଶିଷ ପଳେଇ ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ବିନୋଦକୁମାର ପହି, ଗୌରାଙ୍ଗ ଚରଣ ଦାସ, ଅନିତା ଦାସ, ମହେଶ୍ୱତା ଜେନା, କାଳନ୍ଦୀ ମୁର୍ମୁଙ୍କ ସମେତ ବିଦ୍ୟାଳୟ କର୍ମଚାରୀ ନିହାର ରଞ୍ଜନ ଚକ୍ର, ରମେଶ ସ୍ୱାଇଁ, କଳାକାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ଏକଦିବସୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ




ବାଲେଶ୍ୱର,୨୩।୯ (ସମିସ): ସ୍ଥାନୀୟ ପ୍ରେସ କ୍ଲବ ୟୁନେକ୍ସ କୋର୍ଟରେ "ୱାଇଏମସିଏ ପକ୍ଷରୁ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ପ୍ରେସ କ୍ଲବ ସଭାପତି ବିପ୍ଳବ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ରଂଜନ ବାଗ ଅତିଥି ଭାବେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। 'ୱାଇଏମସିଏ'ର ପ୍ରୋଗ୍ରାମ କମିଟି ଚେୟାରମ୍ୟାନ ସଲିମ ବିକ୍ରମ କୌରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ସଞ୍ଜୟ କୁମାର ମହାପାତ୍ର ଓ ବିବି ସିନ୍ହା ଖେଳାଳିଙ୍କୁ ସ୍ୱାଗତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ୫ଟି ଡବଲ ଟିମ ମଧ୍ୟରୁ ଆଶୀର୍ବାଦ ସୂତାର ଓ ଶୁଭୋଜିତ ମହାପାତ୍ର ବିଜେତା ଏବଂ ଅନିମେଶ ସିଂ ଓ ମାର୍କ ସିଂ ଉପ ବିଜେତା ଭାବେ ଘୋଷିତ ହୋଇଥିଲେ। ମ୍ୟାଚଗୁଡ଼ିକୁ "ୱାଇଏମସିଏ' ସାଧାରଣ ସମ୍ପାଦକ ସଂଜୟ କୁମାର ବେହେରା ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠିତ ଉତ୍ସବରେ କ୍ଲବର ସମ୍ପାଦକ ରାଜକିଶୋର ବେହେରା ଉଭୟ ବିଜେତା ଓ ଉପ ବିଜେତା ଦଳଙ୍କୁ ଟ୍ରଫି ଏବଂ ପୁରସ୍କାର ରାଶି ପ୍ରଦାନ କରିଥିଲେ।

# ଅବଧି ସରିଗଲା; ସରିଲାନି ପୋଲ ନିର୍ମାଣ

ବାଲେଶ୍ୱର,୨୩।୯ (ସମିସ)

ପୋଲ ନିର୍ମାଣ ଅବଧି ଅତିକ୍ରାନ୍ତ ହୋଇଗଲା, ହେଲେ କାମ ସରିଲାନି। ଫଳରେ ଅଞ୍ଚଳବାସୀ ଯାତାୟାତରେ ହନ୍ତସନ୍ତ ହେଉଛନ୍ତି। ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ପଞ୍ଚାୟତରେ ଆର ଏଣ୍ଡ ବି (ଡିଭିଜନ-୨) ଅଧିନରେ ବକ୍ସସେଲ କଲଭର୍ଟ ପୋଲ କାର୍ଯ୍ୟ ଚାଲୁଛି। ଏହି ପୋଲ ନିର୍ମାଣ କାର୍ଯ୍ୟର ଅବଧି ଶେଷ ହୋଇଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ତାହା ନିର୍ମାଣ ସରିପାରିଲା ନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ହଳଦୀପଦା ବାଇପାସ ରୋଡସ୍ଥିତ ହଳଦୀପଦା ବଜାର ଠାରେ ନିର୍ମାଣ ହେଉଛି ଏକ ପୋଲ। ଏହି ପୋଲର ନିର୍ମାଣ କାର୍ଯ୍ୟ ଷ୍ଟେଟ ପ୍ଲାନ ୨୦୨୪-୨୫ ଅଧିନରେ କରାଯାଉଛି। ଯାହାର ବ୍ୟୟ ଅଟକଳ ୯୭ ଲକ୍ଷ ୧୫ହଜାର ୩୪୫ଟଙ୍କା ରହିଛି। ଏହି ପୋଲର ନିର୍ମାଣ କାର୍ଯ୍ୟ ଚଳିତ ବର୍ଷ ମାର୍ଚ୍ଚମାସ ୨୦ତାରିଖରେ ଆରମ୍ଭ ହୋଇ ଚଳିତ ସେପ୍ଟେମ୍ବର ମାସ ୧୯ ତାରିଖରେ ଶେଷ ହେବାର ଥିଲା। ଏହାକୁ ଶୁଭମ ବେହେରା ନାମକ ଜଣେ ଠିକାଦାର ନିର୍ମାଣ କରୁଛନ୍ତି। ହେଲେ ଏହି ପୋଲ ନିର୍ମାଣ



ଅଞ୍ଚଳବାସୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

କାର୍ଯ୍ୟ ୫୦ପ୍ରତିଶତ ହେବା ଭଳି ଲାଗୁଛି। ପୋଲର ଚାରିପାଖରେ ବଡବଡ ଗାତମାନ ହୋଇଥିବା ବେଳେ ପୋଲର ଛାତ ପଡିବା ପାଇଁ ରଡ ବନ୍ଧା ହୋଇ ପଡିରହିଛି। ବିଭାଗ ପକ୍ଷରୁ ସେଠାରେ ମରାଯାଇଥିବା ଫଳକ ଅନୁସାରେ ଏହି ନିର୍ମାଣ କାର୍ଯ୍ୟ ଆଠମାସ ମଧ୍ୟରେ ଶେଷ ହେବା କଥା। ହେଲେ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରି ନାହିଁ। ଏହି ପୋଲ କମାର୍ଯ୍ୟ ନିର୍ମାଣ ହେବା ଦିନ ଠାରୁ ସେଠାରେ ଛୋଟବଡ ଦୁର୍ଘଟଣା ମାନ ଘଟୁଛି। ଏପରିକି ରାତିରେ ସେଠାରେ କୌଣସି ଲାଇଟ ବ୍ୟବସ୍ଥା ନଥିବାରୁ ବାଇକ ଆରୋହୀ ବାଇକ ସହ ସେଇ ଖାଲରେ ପଡିଯାଇଥିବା ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସ୍ଥିତିରେ ପୋଲର ଦୁଇ ପାଖରେ ଦଉଡ଼ି ବନ୍ଧାଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତା ଉପରେ ନୂଆପଡା, ଗୋବିନ୍ଦାଗାଁ ସମେତ ବହୁ ଗାଁ ନିର୍ଭର କରୁଥିବା ବେଳେ ଏହି ରାସ୍ତା ଜାତୀୟ ରାଜପଥକୁ ମଧ୍ୟ ସଂଯୋଗ କରୁଛି। ହେଲେ ଠିକାଦାରଙ୍କ ଅବହେଳା କିମ୍ବା ବିଭାଗର ଆନ୍ତରିକତାର ଅଭାବ ହେଉ ବର୍ତମାନ ସୁଦ୍ଧା ତାହା ସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ ହୋଇପାରି ନାହିଁ। ଏହାବ୍ୟତିତ ଉକ୍ତ ରାସ୍ତା ଦେଇ ଯିବା ପାଇଁ ସେଠାରେ ଏକ ଡାଇଭର୍ସନ ନିର୍ମାଣ କରାଯାଇଛି; ହେଲେ ତାହା ଏକ ନୟନଯୋରି ଥିବାରୁ ତା ଉପରେ ଏକ ପତଳା ପ୍ଲେଟ ପକାଯାଇଛି। ବର୍ଷା ହେଲେ ଏହି ନୟନଯୋରିରେ ପାଣି ଅଧିକ ହୋଇଯିବା ଫଳରେ ଉକ୍ତ ରାସ୍ତା ଦେଇ ଯିବା ଆସିବା ସମ୍ଭବ ନୁହେଁ। ଫଳରେ ଜାତୀୟ ରାଜପଥ ଦେଇ ବୁଲି ହଳଦୀପଦା ବଜାରକୁ ଆସିବାକୁ ପଡିଥାଏ। ଏହି ପୋଲର ନିର୍ମାଣ କାର୍ଯ୍ୟ ଶିଘ୍ର ଶେଷ ନ ହେବା କାରଣରୁ ଲୋକମାନେ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ଅନୀଲ ସାହୁ କହିଛନ୍ତି ଯେ, ଦୀର୍ଘ ୮ମାସ ଧରି ଏହାର ନିର୍ମାଣ କାର୍ଯ୍ୟ ଚାଲିଛି। ଗୋଟିଏ ପଟେ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ବେଳେ ପୋଲକୁ ସଂଲଗ୍ନ କରି ଯେଉଁ ଡାଇଭର୍ସନ ରହିଛି ତାହାକୁ ସଠିକ ଭାବେ ନିର୍ମାଣ କରାଯାଇନାହିଁ। ଏହି ରାସ୍ତା ଦେଇ ରୁପସା ଠାରୁ ଆରମ୍ଭ କରି ଫିଛାବଣିଆଳ, ନୂଆଗାଁ ଆଦି ବିଭିନ୍ନ ଅଞ୍ଚଳର ଲୋକେ ଯିବା ଆସିବା କରୁଥିବା ବେଳେ ଏହି ରାସ୍ତା ହଳଦୀପଦା ଷ୍ଟେସନକୁ ମଧ୍ୟ ସଂଯୋଗ କରୁଛି। ଡାଇଭର୍ସନ ରାସ୍ତାରେ ଦୁଇଟି ପତଳା ଲୁହାପ୍ଲେଟ ପକାଯାଇଥିବାରୁ ସେଥିରେ ମୋଟର ସାଇକେଲ ଯିବା ବେଳକୁ ଦୋହଲୁଛି। ଫଳରେ ଲୋକେ ଯିବା ଆସିବା ପାଇଁ ମଧ୍ୟ ଡରୁଛନ୍ତି। ବାରମ୍ବାର ଠିକାଦରଙ୍କୁ ଜଣାଇଥିଲେ ମଧ୍ୟ ଡାଇଭର୍ସନ ସଠିକ ଭାବେ ନିର୍ମାଣ ହୋଇପାରୁନାହିଁ। ତୁରନ୍ତ ଏହି ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଦାବି ଜୋର ଧରିଛି।

## ବାଲେଶ୍ୱର ମେଡିକାଲ ସଫେଇ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ




ବାଲେଶ୍ୱର, ୨୩।୯ (ସମିସ): ଭାରତୀୟ ମଜଦୁର ସଂଘ ସହ ସଂଲଗ୍ନ ମେଡିକାଲ ଅସ୍ଥାୟୀ କର୍ମଚାରୀ ସଂଘର ତୃତୀୟ ବାର୍ଷିକ ଅଧିବେସନ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ସଂଘର ସଭାନେତ୍ରୀ ଜବା ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଂଘର ସମ୍ପାଦକ ହିମାଂଶୁ ବେରା ସଭାପରିଚାଳନା କରିବା ସହ ବିଗତ ଦିନ ଗୁଡିକରେ ସଂଘ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ଫକୀରମୋହନ ମେଡିକାଲ କଲେଜରେ ହେଉଥିବା ରୋଗୀ ତଥା ଶ୍ରମିକମାନଙ୍କର ଦୁରାବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ମେଡିକାଲ କଲେଜରେ ହେଉଥିବା ଶ୍ରମିକ ଶୋଷଣ ତଥା ଭ୍ରଷ୍ଟାଚାରକୁ ନିନ୍ଦା କରିବା ସହ ନିରପେକ୍ଷ ତଦନ୍ତ କରିବା ପାଇଁ ଦାବି ରଖିଥିଲେ। ଏହାଛଡା ବିନା ଟେଣ୍ଡରରେ ଏକ ନିର୍ଦ୍ଦିଷ୍ଟ ଏଜେନସିକୁ ଏକ ବର୍ଷରୁ ଅଧିକ ସମୟ ହେବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଫକୀରମୋହନ ମେଡିକାଲ କଲେଜରେ କେଉଁ ଆଧାରରେ କାର୍ଯ୍ୟ ଦିଆଯାଇଛି ଏହା ସମ୍ପୂର୍ଣ୍ଣ ଆଇନ ବିରୋଧୀ। ଉକ୍ତ ଏଜେନ୍ସି ଅନ୍ୟାୟ ଭାବେ ଶ୍ରମ ଆଇନକୁ ଉଲ୍ଲଙ୍ଘନ କରି ବିଗତ ଦିନରେ ଆଠ ଜଣ ଶ୍ରମିକଙ୍କୁ ଛଟେଇ କରିବା ସହିତ ଅନ୍ୟ ଶ୍ରମିକମାନଙ୍କୁ କୌଣସି ପ୍ରକାର ମୁହଁ ଖୋଲିଲେ ତାଙ୍କୁ ମଧ୍ୟ ଛଟେଇ କରାଯିବ ବୋଲି ଧମକ ଦେବା ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ। ଏହି ଏଜେନସିକୁ ଜଣେ ବରିଷ୍ଠ ଅଧିକାରୀଙ୍କର ଛତ୍ରଛାୟା ତଳେ ରହି ସେ ଗରିବ, ଅସହାୟ, ଆଦିବାସୀ, ହରିଜନ ଶ୍ରମିକମାନଙ୍କ ଉପରେ ଅତ୍ୟାଚାର କରୁଛି। ଏ ସମ୍ପର୍କରେ ଗରିବ ଅସହାୟ ଶ୍ରମିକମାନେ ମେଡିକାଲ କର୍ତୃପକ୍ଷ, ଜିଲ୍ଲାପାଳ, ଶ୍ରମ ବିଭାଗ, ସାଂସଦ, ରେମୁଣା ଏବଂ ବାଲେଶ୍ୱର ସଦର ବିଧାୟକଙ୍କୁ ଜଣାଇବା ପରେ ମଧ୍ୟ ଶ୍ରମିକଙ୍କ ପ୍ରତି ଅତ୍ୟାଚାର କମିବାରେ ନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ କଲେଜରେ ରୋଗୀ ତଥା ତାଙ୍କ ଅଭିଭାବକମାନଙ୍କୁ ଯେଉଁଭଳି ଖରାପ ବ୍ୟବହାର କରାଯାଉଛି ତାହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଏଣୁ ଏହାର ନିରପେକ୍ଷ ତଦନ୍ତ ଦାବି କରାଯାଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି କୁହାଯାଇଛି। ମୁଖ୍ୟବକ୍ତା ଭାବେ ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାନେତ୍ରୀ ସୁମିତା ମହାପାତ୍ର ଯୋଗଦେଇ ସଂଘର ମଜଦୁର ସମାଜ ପ୍ରତି ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅରୂପ ନାୟକ, ଅଞ୍ଜନ କର, ଆଲୋକ ପଣ୍ଡା ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଏହି ଅବସରରେ ଆଗାମୀ ବର୍ଷ ପାଇଁ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ ପୃଥ୍ୱୀରାଜ ପଣ୍ଡା, ଉପସଭାପତି ଭାବେ ଅରୂପ ନାୟକ, ଅଞ୍ଜନ କର, ଆଲୋକ ପଣ୍ଡା, ଜବ ମୁର୍ମୁ ମନୋନିତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ହିମାଂଶୁ ବେରା, ସମ୍ପାଦକ ଭାବେ ମନିଷା ଦାସ, ମାନସ ପାତ୍ର, ଦେବାଶିଷ ଘଡାଇ, ମାଳତି ମହାଳିକ, ଖଗେଶ୍ୱର ବାରିକ, ମାଳତୀ ଦାସ ମନୋନିତ ହୋଇଥିବା ବେଳେ ସଙ୍ଗଠନ ସମ୍ପାଦିକା ଭାବେ ଟୁନା ଗୋଛାୟତ, କୋଷାଧ୍ୟକ୍ଷ ଭାବେ ରାଜୁ ସିଂ, ସଦସ୍ୟ ଭାବେ ସୁମହି ହାସଁଦା, ରାଜା ପାତ୍ର, ରବି ମହାଳିକ, ଚନ୍ଦନ ମୁଖି, ସିବାଶିଷ ଜେନା, ମାମନି ସିଂ, ପ୍ରଶାନ୍ତ ଦତ୍ତ, ସୁନ୍ଦର ମାଝୀଙ୍କୁ ଚୟନ କରାଯାଇଛି।

## ବିଶ୍ୱ ଓଜୋନ୍ ଦିବସ ପ୍ରସଙ୍ଗରେ ବିଶେଷ ବ୍ୟାଖ୍ୟାନ



ବାଲେଶ୍ୱର,୨୩।୯ (ସମିସ): ବିଶ୍ୱ ଓଜୋନ୍ ଦିବସ ଅବସରରେ 'ଓଜୋନ୍ ଓ ପରିବେଶ ଉପରେ ଏହାର ପ୍ରଭାବ' ବିଷୟକ ଏକ ଏକ୍ସଟ୍ରା-ମ୍ୟୁରାଲ୍ ଲେକ୍‌ଚର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପରିବେଶ ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ହୋଇଯାଇଛି। ମୁଖ୍ୟବକ୍ତା କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ରସାୟନ ବିଭାଗାଧ୍ୟକ୍ଷ ପ୍ରଫେସର ପୂର୍ଣ୍ଣେନ୍ଦୁ ପାଢ଼ୀ ଯୋଗଦେଇ ଓଜୋନ୍ ସ୍ତରର ଜୈବ-ଭୌତିକ ମହତ୍ତ୍ୱ, ପୃଥିବୀରେ ବିକିରଣ-ସଂରକ୍ଷଣରେ ଏହାର ଅପରିହାର୍ଯ୍ୟତା ଏବଂ ମାନବଜାତିର ଅନୁଚିନ୍ତିତ ତଥା ଦାୟିତ୍ୱହୀନ କାର୍ଯ୍ୟକଳାପରୁ ସୃଷ୍ଟ ବିଭିନ୍ନ ଚିନ୍ତାଜନକ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଆନ୍ତର୍ଜାତିକ ସ୍ତରରେ ଏନେଇ ବିଭିନ୍ନ ସଂଶୋଧନ ଓ ସାର୍ବଭୌମ ଅନୁମୋଦନ୍ର ପ୍ରାସଙ୍ଗିକତାକୁ ଅବଗତ କରି ସାର୍ବଜନୀନ ସଚେତନତା ସହ ଏହାର ସମାଧାନ କୌଶଳଗୁଡିକୁ ଉଲ୍ଲେଖ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପରିବେଶୀୟ ଶିକ୍ଷାର ପ୍ରାସଙ୍ଗିକତାରେ ବିଶ୍ୱବିଦ୍ୟାଳୟର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ସନ୍ତୋଷ କୁମାର ଅଗ୍ରୱାଲ (ଭୌତିକବିଜ୍ଞାନ ବିଭାଗାଧ୍ୟକ୍ଷ), ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର (ପରିବେଶ ବିଜ୍ଞାନ ବିଭାଗାଧ୍ୟକ୍ଷ), ପ୍ରଫେସର ସୁର୍ଯେନ୍ଦୁ କୁମାର ଦେ, ପ୍ରଫେସର ପଙ୍କଜ କୁମାର ପାରହୀ (ରସାୟନ ବିଜ୍ଞାନ ବିଭାଗାଧ୍ୟକ୍ଷ) ପ୍ରମୁଖଙ୍କ ସହିତ ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକା, ଗବେଷକ ଓ ଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଓ ଆଲୋଚନା ସହ ଏହାର ସଫଳ ରୂପାୟନ ହୋଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଅଧ୍ୟାପିକା ଶିବାନୀ ହାନ୍ସଦା ସଂଚାଳନ କରିଥିଲେ।



## ବଙ୍ଗୀୟ ରାଜମିସ୍ତ୍ରିକୁ ଖୁଣ୍ଟରେ ବାନ୍ଧି ମାଡ଼

ବାଲେଶ୍ୱର,୨୩।୯ (ସମିସ): ବାଲେଶ୍ୱର ଜିଲ୍ଲା ସଦର ଥାନା ଅନ୍ତର୍ଗତ ମେଘଡମ୍ବରୁରେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ଜଣେ ରାଜମିସ୍ତ୍ରିକୁ ଲୋକେ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ନିର୍ଦ୍ଧୁମ ମାଡ଼ ମାରିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଜନୈକ ବ୍ୟକ୍ତି ଜଣଙ୍କ ଏକ ଗାଈ ସହ ଅପ୍ରାକୃତିକ ଯୌନକ୍ରିୟା କରୁଥିଲା। ଫଳରେ ଘଟଣାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ଘଟଣା ସ୍ଥଳରେ ସଦର ଥାନା ପୁଲିସ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଥାନାରେ ଅଟକ ରଖିଛି। ସ୍ଥାନୀୟ ଅଞ୍ଚଳରେ ନିର୍ମାଣାଧୀନ ଆପାର୍ଟମେଣ୍ଟରେ ୪୦ରୁ ୫୦ ଜଣ ମୁର୍ଶିଦାବାଦ ଅଞ୍ଚଳର ମିସ୍ତ୍ରି ଓ ଶ୍ରମିକ କାର୍ଯ୍ୟ କରୁଥିବା ବେଳେ ଲୋକଙ୍କ ଘରୁ ଚୋରୀ, ଛେଳି ଚୋରୀ ଓ ଛିନ୍ତାଇ ଭଳି ଅସାମାଜିକ କାର୍ଯ୍ୟକଳାପ ଘଟୁଥିବା ଲୋକେ ଅଭିଯୋଗ କରି ରାସ୍ତା ଅବରୋଧ କରିଥିବା ସହ ପ୍ରତିବାଦ କରିଛନ୍ତି। ସଦର ଥାନା ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର



ବାଲେଶ୍ୱର,୨୩।୯ (ସମିସ): ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ତରଫରୁ ଏକ ରକ୍ତଦାନ ଶିବିର ସହଦେବଖୁଣ୍ଟା ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ସମିତି ତଥା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡା. ସଂଜିବ କୁମାର ପ୍ରଧାନ, ଡା ଲମ୍ବୋଦର ବଳ, ଚକ୍ରଧର ଜେନା, ସୁରେନ୍ଦ୍ର ସାହୁ, ବିଶ୍ୱରଂଜନ ନାୟକ ଏବଂ ସହଦେବଖୁଣ୍ଟାର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। 'ଆଜି ଆପଣଙ୍କ ରକ୍ତ କାଲି କାହାର ହସ' ବାର୍ତ୍ତା ଦେଇ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ ଶିବିରରୁ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ଆସୁଛନ୍ତି ମା' ଦୁର୍ଗା

# ୭୦ ତମ ଦୁର୍ଗାପୂଜା ପାଳିବ ତରୁଣ ସମିତି

ବାଲେଶ୍ୱର,୨୩।୯ (ସମିସ)

ଏକ ଭିନ୍ନ ଏବଂ ଆକର୍ଷଣୀୟ କଲିକତାର ପୂଜା ମଣ୍ଡପ ପରି ତୋରଣ ନିର୍ମାଣ କରୁଛି ବାଲେଶ୍ୱରର ତରୁଣ ସମିତି। ଏହି ତୋରଣକୁ କଲିକତା କାରିଗର ପ୍ରସ୍ତୁତ କରୁଛନ୍ତି। ବାଲେଶ୍ୱର ସହରରେ ଦୁର୍ଗାପୂଜା ପାଇଁ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଓ ସାଜସଜ୍ଜା ଚାଲିଛି। ସହରରେ ଦୁର୍ଗାପୂଜା ବେଶ୍ ଧୁମଧାମରେ ପାଳିତ ହୋଇଥାଏ। ଚଳିତବର୍ଷ ଦୁର୍ଗାପୂଜା ପାଇଁ ସହରରେ ଥିବା ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଓ ସାଜସଜ୍ଜା ବେଶ୍ ପ୍ରତିଯୋଗିତାମୂଳକ ଭାବେ ଚାଲିଛି। ସେଥିମଧ୍ୟରୁ ତରୁଣ ସମିତି ଅନ୍ୟତମ। କାରଣ ସହରର ଫାଣ୍ଡି ଛକ ନିକଟରେ ଦୁର୍ଗା ପୂଜା କରୁଥିବା ତରୁଣ ସମିତି ପ୍ରତିବର୍ଷ ଭିନ୍ନ ତଥା ଆକର୍ଷଣୀୟ ପେଣ୍ଡାଲ, ସାଜସଜ୍ଜା ଏବଂ କିଛି ଏକ ନୂଆ ଧରଣର ଯୋଜନା କରି ପ୍ରସ୍ତୁତ କରିଥାନ୍ତି। ଚଳିତବର୍ଷ ମଧ୍ୟ ସମିତି ପକ୍ଷରୁ ନୂତନ ଭିନ୍ନ ଧରଣର ଯୋଜନା କରାଯାଇଛି। ଚଳିତବର୍ଷ ୭୦ତମ ଦୁର୍ଗାପୂଜା ପାଳନ କରିବ ତରୁଣ ସମିତି। ସେଥିପାଇଁ ସାଢେ ଏଗାର ଲକ୍ଷ ଟଙ୍କାର ପୂଜା ବଜେଟ୍ ରହିଛି। ପେଣ୍ଡାଲ ସାଢେ ତିନି ଲକ୍ଷ, ଲାଇଟ୍ ଅଢେଇ ଲକ୍ଷ ଟଙ୍କା, ମାଆଙ୍କ ମୂର୍ତ୍ତି ପାଇଁ ଏକ ଲକ୍ଷ ଟଙ୍କା ଆଦି ଖର୍ଚ୍ଚ କରିବାର ସମିତି ପକ୍ଷରୁ ଯୋଜନା



ରହିଛି। ଏହାବ୍ୟତୀତ ମାଆଙ୍କ ମୂର୍ତ୍ତିର ଉଚ୍ଚତା ୧୫ ଫୁଟ୍ ରହିବ ଏବଂ ବେଙ୍ଗଲୀ ଶୈଳୀରେ ନିର୍ମାଣ ହେଉଛି। ଏହି ମଣ୍ଡପରେ ସ୍ଥାନୀୟ ଅଞ୍ଚଳରୁ ପାଖାପାଖି ୪୫୦ ଡାଲା ପୂଜା ପାଇଁ ଲାଗିଥାଏ। ଏହାବ୍ୟତୀତ ନବମୀ ପୂଜା ଦିନ କମିଟି ପକ୍ଷରୁ ୫ ହଜାର ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯିବ। କମିଟିରେ ୧୫୦ ସଦସ୍ୟ ରହିଛନ୍ତି। ସତ୍ୟ ରଞ୍ଜନ ଦାସ, ସତ୍ୟ ପ୍ରକାଶ ପତି, ଲକ୍ଷ୍ମୀକାନ୍ତ ସ୍ୱାଇଁ, ମୃତ୍ୟୁଞ୍ଜୟ ରାଉତ, ସମ୍ବିତ ବିଶ୍ୱାଳ, ସ୍ମାରକ ଦାଶ, ଅନୁପମ ସେଠୀ, ଗୌରବ ଦାସ, ଦିନେଶ ଖଣ୍ଡେଲୱାଲ, ଆଶିଷ ପଟ୍ଟନାୟକ, ମନୋରଞ୍ଜନ ରାଉତ, ଗଣେଶ, ମହେଶ୍ୱର ବଳ, କଟି ପତି, ମନୋଜ ନାରାୟଣ ବାରିକ, ନିରଞ୍ଜନ ମହାନ୍ତି, ଜୟନ୍ତ ରଣା, ରଞ୍ଜିତ ନାୟକ, ସତ୍ୟବ୍ରତ ପାତ୍ର, ଗୌରହରି ମଲ୍ଲିକ, ମଙ୍ଗଳ ମହାନ୍ତି, ମାନସ ପରିଡା, ସମୀର ରାୟ, ବୁଲୁ ମହାନ୍ତି, ଗିରିଧର ପତି, ଚନ୍ଦନ ମାଇତି, ଲୁଟୁ, ସାଗର ଅଗ୍ରୱାଲ, ରାମ ମୋହନ ମୁର୍ମୁ, ଶିଳାଜିତ ଲାହା, ରିକୁନ ନାୟକ ପ୍ରମୁଖଙ୍କ ସହଯୋଗରେ ପୂଜା ସମ୍ପନ୍ନ ହୋଇଥାଏ।



ଆମର ଏଥର ଯୋଜନା ଥିଲା ସମ୍ପୂର୍ଣ୍ଣ ପୂଜା ପେଣ୍ଡାଲ ଏସି ଲଗାଇବାର ଯୋଜନା ଥିଲା। ବର୍ଷା ପାଇଁ ଏହି ଯୋଜନା ସ୍ଥିର ହୋଇପାରିନି। ଯଦି ବର୍ଷା ନହୋଇ ଖରା ହେବ ତାହେଲେ ଏସି ଲଗାଇବାର ଯୋଜନା କାର୍ଯ୍ୟକାରୀ ହେବ।

ମଙ୍ଗଳ ଚରଣ ମହାନ୍ତି, ସଭାପତି



ଚଳିତବର୍ଷ ମଣ୍ଡପ ପରିସର ସହିତ ନୂଆ ବଜାର, ଫାଣ୍ଡି ଛକ ରାସ୍ତାରେ ସିସିଟିଭି କ୍ୟାମେରା ଲଗାଇବାର ଯୋଜନା ରହିଛି। ପୂଜା ମଣ୍ଡପର ଲାଇଭ୍ ଦୃଶ୍ୟ ଶ୍ରଦ୍ଧାଳୁ କିଭଳି ଭାବେ ଦେଖି ପାରିବେ ସେ ନେଇ ଯୋଜନା ଚାଲିଛି।

ସତ୍ୟ ରଞ୍ଜନ ଦାସ, ସାଧାରଣ ସମ୍ପାଦକ

GANDHI +2 SCIENCE COLLEGE

Walk-in-Interview Date : 26 & 27/09/2025, 08 & 13/10/2025 Time : 10 AM

| POST | QUALIFICATION | EXPERIENCE | AGE LIMIT |
|---|---|---|---|
| Data Entry Operator (2-M/F) | Min. Graduation/ MCA | Min. 2 yrs | 25-40 yr. |
| Accountant (2-M/F) | Min. Graduation | Min. 3 yrs | 30-50 yr. |
| Admission Counsellor (2-M/F) | Min. Graduation/MBA | Min. 3 yrs | 25-40 yr. |
| Front Office Executive (2-M/F) | Min. Graduation/MBA | Min. 2 yrs | 25-40 yr. |
| Admission In charge (2-M/F) | Min. Graduation | Min. 3 yrs | 30-45 yr. |
| Marketing Executive (5-M/F) | Min. Graduation | Min. 2 yrs | 25-50 yr. |
| Academic Co-ordinator (2-M/F) | Min. Graduation | Min. 2 yrs | 25-40 yr. |
| Senior Management Staff (3-M/F) | Min. Graduation | Min. 5 yrs | 35-50 yr. |
| Junior Lect. (All Department) | Min. P.G | Min. 2 yrs | 25-30 yr. |
| Telecaller (2-F) | Min. Graduation | Min. 1 yr | 25-40 yr. |
| Hostel Warden (4-M/F) | Min. +2 | Min. 2 yrs | 30-50 yr. |
| Cook & Helper (4-M) | | | |
| Driver (2-M) | Should have Licence | | |

Send your Bio-Data By Whatsapp/ By Hand & Come for Interview

Call & Whatsapp : 9439363437, 8144040281

Shantikanan Lane, Mallikashpur, Balasore | New Campus : Tarini Chhak, Mathasahi Near Nayanakumari School, Balasore

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଚୋରି ହେଲା କୋଟି କୋଟି ଟଙ୍କାର ମୂଲ୍ୟବାନ ଜିନିଷ









ବରଗଡ଼,୨୩।୯ (ସମିସ)

ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପ୍ରାୟ ୧୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ଜଟିଳ ରୋଗ ଚିକିତ୍ସା କେନ୍ଦ୍ରର ନିର୍ମାଣ ହୋଇଥିଲା। ବହୁ ଉନ୍ନତମାନ ଏହି ଚିକିତ୍ସାଳୟକୁ ଗତବର୍ଷ ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରାଯାଇଥିଲା। ଲୋକେ ବହୁତ ଆଶା ବାନ୍ଧିଥିଲେ ଏଠାରେ ଉନ୍ନତ ମାନର ଚିକିତ୍ସା ମିଳିବ ବୋଲି। ମାତ୍ର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ମଧ୍ୟ ଡବଲ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ବର୍ଷେ ପୂରିଗଲା ପଛେ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ମାତ୍ର ଚିକିତ୍ସାରେ ରହିଥିବା ବହୁ ଆଧୁନିକ ଯନ୍ତ୍ରପାତି ସହିତ, ସେଣ୍ଟ୍ରାଲ ଏସି, ପାଣି କଳ, ୱାଟର ଫିଲ୍ଟର, ଇଲେକ୍ଟ୍ରୋନିକ ଯନ୍ତ୍ରପାତି, ରୋଗୀ ଚିକିତ୍ସା ପାଇଁ ଆସିଥିବା ଆଧୁନିକ ଯନ୍ତ୍ରପାତି ଏପରି ଅନେକ ଜିନିଷ ଯାହାର ମୂଲ୍ୟ କୋଟି କୋଟି ଟଙ୍କା ହେବ ସବୁତକ ଚୋର ବୋହି ନେଇଯାଇଛନ୍ତି। ଚିକିତ୍ସାଳୟରେ ମାଳମାଳ ସୁରକ୍ଷାକର୍ମୀ, ଦୁଇଜଣ ମ୍ୟାନେଜର ଓ ଗୋଟିଏ ପୁଲିସ ଫାଣ୍ଡି ରହିଛି। ହେଲେ କେହି ମଧ୍ୟ ଚୋର ଓ ଚୋରି ହୋଇଥିବା ସାମଗ୍ରୀ ବିଷୟରେ କିଛି ସୂଚନା ପାଇଲେ ନାହିଁ। ଏ ବିଷୟରେ ଟୁକୁର୍ଲା ଗାଁବାସୀ ଜାଣିବା ପରେ ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ନୂଆ କିଛି ତ କରି ପାରି ନାହାଁନ୍ତି ହେଲେ ପୂର୍ବ ସରକାରଙ୍କ ସମୟରେ ଯାହା କିଛି କରାଯାଇଥିଲା ଆଜି ଗୋଟେ ବର୍ଷ ମଧ୍ୟରେ ଅଧିକାଂଶ ଚୋରି ହୋଇଗଲା ବୋଲି ଅତ୍ୟନ୍ତ ଦୁଃଖର ସହ ଗ୍ରାମବାସୀ କହିଛନ୍ତି। ଆଗାମୀ ଦିନରେ କେବଳ ନାମକୁ ମାତ୍ର ଡାକ୍ତରଖାନା ଥିବ ଆଉ ଭୂତକୋଠିରେ ପରିଣତ ହୋଇ ଯାଇଥିବ। ଏ ଦିଗରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। କି କି ସାମଗ୍ରୀ ଚୋରି ଯାଇଛି ସେ ସବୁ ବିଷୟରେ ତଦନ୍ତ କରି ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ଶୀଘ୍ର କାର୍ଯାନୁଷ୍ଠାନ ନେବାକୁ ଜନସାଧାରଣ ଅନୁରୋଧ କରିଛନ୍ତି।

- ୧୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ପୂର୍ବ ସରକାର ନିର୍ମାଣ କରିଥିଲେ
- ସବୁ ବର୍ବାଦ ହେବାପରେ ବି ଚୁପ ବସିଛନ୍ତି ଅଧିକାରୀ

## ଗାଁସାଥି ଟଙ୍କା ଆତ୍ମସାତ୍ କରିବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ



ପଦ୍ମପୁର,୨୩।୯ (ସମିସ): କାମ କରି ନଥିବା ଶ୍ରମିକ ମାନଙ୍କ ପାସବୁକ୍‌ରେ ପାରିଶ୍ରମିକ ମଜୁରୀ ଟଙ୍କା ପକାଇ ଗାଁ ସାଥି ଦ୍ୱୟ ଟଙ୍କା ଆତ୍ମସାତ୍ କରିଥିବା ନେଇ ଜିଲ୍ଲାପାଳଙ୍କ ଠାରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ପଦ୍ମପୁର ବ୍ଲକ୍ ମେଲଛାମୁଣ୍ଡା ପଞ୍ଚାୟତ କୁର୍ଲୁବାହାଲ ଗାଁରେ ମନରେଗା ଯୋଜନାରେ ହୋଇଥିବା କାମ ଗୁଡିକରେ ଗାଁ ସାଥି ନାରାୟଣ ବାଗ ଓ ସୁଭାଷିନୀ ଅମିରୀ ଏହିପରି ଭାବେ ଟଙ୍କା ଆତ୍ମସାତ୍ କରିଛନ୍ତି। ଭିନ୍ନକ୍ଷମ ଦିବ୍ୟାଙ୍ଗ, ପାରାଲେସିସ ଆକ୍ରାନ୍ତ ବ୍ୟକ୍ତି, ଏପରି କି ଘରୁ ପାଦ କାଢୁନଥିବା ବିଧବା ମହିଳାଙ୍କ ଜବକାର୍ଡରେ କାର୍ଯ୍ୟ ଦିବସ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ସରପଞ୍ଚ ଓ ପଦ୍ମପୁର ବିଡିଓଙ୍କ ଠାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନଥିବା ଗ୍ରାମବାସୀ କହିଛନ୍ତି। ଏପରି କି ଗାଁ ସାଥି ଦ୍ୱୟ ଗାଁର ସାନନ୍ଦ ସାହୁ, ବିରାଟ ଭୂଏ, ରାମ ଭୁଏ, ନିମା ଭୂଏ, କେତକୀ ଭୂଏ, ଶାନ୍ତିଲତା ମାଝୀ ଜଣେ ଜଣେ ବିକଳାଙ୍ଗ, ପାରାଲେସିସ ଓ ଘରପାଦ କାଢୁ ନଥିବା ମହିଳା ହେବା ସତ୍ତ୍ୱେ ସେମାନେ ଭତ୍ତା ପାଇଛନ୍ତି ଦେଖାଇଛନ୍ତି। ଏନେଇ ଆଜି କିଶୋର ପଟେଲ, ଅଶୋକ ରାଉତ, ରୁଦ୍ରମଣି ସାହୁ, ମଦନ ଭୁଏ, ପିତାମ୍ବର ଭୂଏ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି।

- ଯୌତୁକ ନିର୍ଯାତନା ଓ ହତ୍ୟା ମାମଲା

## ପରିବାରର ୪ଜଣଙ୍କୁ ଆଜୀବନ ଜେଲ ସହିତ ଜରିମାନା

ଦହିତା,୨୩।୯ (ସମିସ): ଯୌତୁକ ନିର୍ଯାତନା ଓ ହତ୍ୟା ମାମଲାରେ ପଦ୍ମପୁର ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ ଗୋଟିଏ ପରିବାରର ୪ଜଣଙ୍କୁ ଆଜୀବନ ଜେଲ ସହିତ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ବୁଡେନ ଥାନା ଅଧୀନ ବୁଡାମାଲ ଗାଁର ଅମୂଲ୍ୟ ମେହେରଙ୍କ ଝିଅ ନିତୁ ମେହେର ପଦ୍ମପୁର ଥାନା ସିଙ୍ଗନ ପୁର ଗାଁର ଚୁଡାମଣୀ ମେହେରଙ୍କ ପୁଅ ରମେଶଙ୍କୁ ବିବାହ କରିଥିଲେ। ବିବାହ ପରେ ଯୌତୁକରେ ସନ୍ତୁଷ୍ଟ ନ ହୋଇ ଝିଅର ଶାଶୁ ଘର ଆହୁରି ୫ଭରି ସୁନା ଓ ଯୌତୁକ ଦାବି କରି ନିତୁଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏ ସମ୍ପର୍କରେ ନିତୁ ୧୫ ଜୁଲାଇ ୨୦୨୧ ରେ ବାପଘର ଲୋକଙ୍କୁ ଫୋନରେ ଜଣାଇଥିଲେ। ପରେ ନିତୁଙ୍କ ବାପଘର ପକ୍ଷରୁ ତାଙ୍କୁ ପୋଡି ମାରିଦେଇଥିବା ନିତୁଙ୍କ ଭାଇ ଜୟଦେବ ମେହେର ୧୬ ଜୁଲାଇ ୨୦୨୧ ଦିନ ପଦ୍ମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଜି ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ ୩୨ ଜଣ ସାକ୍ଷୀ ପ୍ରମାଣ ଆଧାରରେ ଅଭିଯୁକ୍ତ ଦେବେନ୍ଦ୍ର ରମେଶ ମେହେର, କ୍ଷେତ୍ରମଣି ମେହେର, ଚୁଡାମଣି ମେହେର ଓ ସୁଶୀଳା ମେହେରଙ୍କୁ ଯୌତୁକ ନିରୋଧ ଆଇନରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଚାରି ଜଣଙ୍କ ମଧ୍ୟରୁ କ୍ଷେତ୍ରମଣିଙ୍କ ବ୍ୟତୀତ ଅନ୍ୟ ତିନି ଜଣଙ୍କୁ ୧୦ ବର୍ଷ ସହିତ ତିନି ବର୍ଷ ସଶ୍ରମ କାରାଦଣ୍ଡ ଏବଂ ପ୍ରତ୍ୟେକଙ୍କୁ ୫୦୦୦ ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ହେଲେ ୪ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଧାରା ୪ ଯୌତୁକ ନିରୋଧ ଆଇନ ପାଇଁ ଏକ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ସହିତ ପ୍ରତ୍ୟେକଙ୍କୁ ୩୦୦୦ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଜରିମାନା ଖିଲାପ ହେଲେ ଗୋଟିଏ ମାସ ସଶ୍ରମ କାରାଦଣ୍ଡ ପାଇଁ ଅତିରିକ୍ତ ଜଜ୍ ରାୟ ଶୁଣାଇଛନ୍ତି।

## ବିଦ୍ୟାଳୟରେ ନୂଆଁଖାଇ ଭେଟ୍‌ଘାଟ୍ ଓ ସଡ଼କ ନିରାପତ୍ତା ସଚେତନତା



ବରଗଡ଼,୨୩।୯ (ସମିସ): ଭେଡେନ ବ୍ଲକ୍‌ର ୪ କ୍ଲଷ୍ଟର, ୨୨ଟି ହାଇସ୍କୁଲର ଶିକ୍ଷକ ଗଣ, ୫ ଟି ପଞ୍ଚାୟତର ସରପଞ୍ଚ, ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସହଯୋଗରେ ସହରଟିକ୍ରା ଶିକ୍ଷା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ନୂଆଁଖାଇ ଭେଟ୍‌ଘାଟ୍ ଓ ସଡକ ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ରୂପେ ବରଗଡ଼ ଜିଲ୍ଲା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ସମ୍ମାନିତ ଅଥିତି ଡାକ୍ତର ଅରୂପାନନ୍ଦ ସାହୁ, ଜୁନିୟର ଏମଭିଆଇ ରାକେଶ ବେହେରା, ମୁଖ୍ୟ ବକ୍ତା ରାମଚନ୍ଦ୍ର ସାହୁ ଅଧକ ପଲ୍ଲିଶ୍ରୀ ସ୍ନାତକ ମହାବିଧାଳୟ ଚିଚିଣ୍ଡା, ସହବକ୍ତା ଉତ୍ପନ୍ନ ଭୋଇ ଭାଷାବିଦ ଓ ଭାଷା ଗବେଷକ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ଦୁଷ୍ମନ୍ତ ସାହୁ ସଭାପତିତ୍ୱ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟ ଅଡଗାଁର ସହଶିକ୍ଷକ ସଭା ପରିଚାଳନା କରିଥିଲେ। କଲେଜର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ସଂସ୍କୃତ ଅଧ୍ୟାପକ ସୌମ୍ୟରଞ୍ଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ଥାୟୀ ଦରମା ଦାବିରେ ଜିପିଏଲ୍‌ଏଫ୍ କର୍ମୀଙ୍କ ଧାରଣା



ଅମ୍ବାଭୋନା,୨୩।୯ (ସମିସ): ଓଡ଼ିଶାର ୩୦ଟି ଜିଲ୍ଲାର ୩୧୪ଟି ବ୍ଲକ୍‌ରେ ଜିପିଏଲଏଫ ମହିଳା କର୍ମୀ ମାନେ ସ୍ଥାୟୀ ଦରମା ଦାବିରେ ଧାରଣାରେ ବସିଛନ୍ତି। ଏହି ପରିପ୍ରେକ୍ଷୀରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ପରିସରରେ ଥିବା ମିଶନଶକ୍ତି ଭବନ ସମ୍ମୁଖରେ ଅମ୍ବାଭୋନା ଜିପିଏଲଏଫ କର୍ମୀ ମାନେ ମଧ୍ୟ ଧାରଣାରେ ବସିଥିଲେ। ଏଥିରେ ଅମ୍ବାଭୋନା ବ୍ଲକ୍‌ର ୧୫ଟି ପଞ୍ଚାୟତର ୧୭୦ ଜଣ ସାମୁଦାୟିକ ସହାୟତା ମହିଳା କର୍ମୀ ( କମ୍ୟୁନିଟି ସପୋର୍ଟ ଷ୍ଟାଫ୍) ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ଦେଶ୍ୟରେ ପ୍ରୋତ୍ସାହନ ପରିବର୍ତ୍ତେ ସ୍ଥାୟୀ ଦରମା ଦାବିରେ ଅମ୍ବାଭୋନା ବିଡିଓ ଲଳିତ ବାଗଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଜିକୁ ୬ ମାସ ପୂର୍ବରୁ ପାଉଥିବା ସ୍ଥାୟୀ ଦରମା ଏବେ ମିଳୁ ନ ଥିବା ବାରମ୍ବାର ବିଭାଗୀୟ ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ ବୋଲି ସେମାନେ ଉଲ୍ଲେଖ କରିଛନ୍ତି। ଅମ୍ବାଭୋନା ବ୍ଲକ୍ ଓ ଏଲଏମ କର୍ମୀ ସଂଘ ତରଫରୁ ପୂର୍ବରୁ ପାଉଥିବା ନିର୍ଦ୍ଧାରିତ ମୂଲ୍ୟ ପାରିଶ୍ରମିକ ରାଶିର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ବ୍ଲକ୍‌ର ଓ ଏଲଏମ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଠାରୁ ଜିପିଏଲଏଫର ସମସ୍ତ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିବା ପାଇଁ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି।

## ୭ ଦିନିଆ ଏନ୍‌ଏସ୍‌ଏସ ଶିବିର ଉଦ୍‌ଯାପିତ




ଭଟଲି,୨୩।୯ (ସମିସ): ବରଗଡ଼ ଜିଲ୍ଲା ଦଧିବାମନ ସ୍ନାତକ ମହାବିଦ୍ୟାଳୟ ରାଷ୍ଟ୍ରୀୟ ସେବା ଯୋଜନା ତରଫରୁ ଗତ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ସାତଦିନିଆ ଶିବିର ବଡ଼ମାଳ ଗାଁଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ଦାଶ ପତାକା ଉତ୍ତୋଳନ କରିବା ସହ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ସ୍ୱେଚ୍ଛାସେବୀ ମାନେ ପ୍ରଥମ ଦିନରେ ବଡ଼ମାଳ ଉଚ୍ଚବିଦ୍ୟାଳୟ ପରିସର ସଫା କରିବା ସହ ଗାଁ ଅଭିମୁଖେ ଯାତ୍ରା କରିଥିଲେ। ଯୋଗ ପ୍ରାଣାୟାମ ସହିତ ଦିନଚର୍ଯ୍ୟା ଆରମ୍ଭ ହୋଇଥିଲା। ଦ୍ୱିତୀୟ ଦିନରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ.ଝସ୍‌କେତନ ଧରାଇ ଯୋଗଦାନ କରି ସମସ୍ତଙ୍କୁ ସ୍ୱାସ୍ଥ୍ୟ ସଂପର୍କରେ ସଚେତନ କରିଥିଲେ। ତୃତୀୟ ଦିବସରେ ମାନବ ସମ୍ବଳ ବିଭାଗର ଅଧିକାରୀ ଡ.ଡୋଲାମଣି ଶତପଥୀ ଶିବିରରେ ଯୋଗଦାନ ପୂର୍ବକ ସେବା ଓ ବୃକ୍ଷ ଲତା ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ଚତୁର୍ଥ ଦିନରେ ପୂର୍ବତନ ରାଷ୍ଟ୍ରୀୟ ସେବା ଯୋଜନା କାର୍ଯନିର୍ବାହୀ ଅଧିକାରୀ ରାଜୀବ ସାହୁ ଯୋଗଦାନ କରି ଏନ୍‌ଏସ୍‌ଏସ ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ପଞ୍ଚମ ଦିନରେ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏହା ସହ ବଡ଼ମାଳ ଗାଁ ସଫା କରିବା ସହ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସଚେତନଧର୍ମୀ ନାଟକ ସ୍ୱେଚ୍ଛାସେବୀମାନ ପରିବେଷଣ କରିଥିଲେ। ଷଷ୍ଠ ଦିନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସମେତ ପ୍ରାଧ୍ୟାପକ ବିଶ୍ୱଜିତ ହୋତା, ଡ.ରବିନାରାୟଣ ପଣ୍ଡା, ବିରାଟ ପ୍ରଧାନ ଅଜିତ ବାରିକ ଓ ମହାବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଯୋଗଦାନ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମୀ ସାହୁ ସମସ୍ତ କାର୍ଯ୍ୟ ପରିଚାଳନା ସହ ଅନ୍ତିମ ଦିବସରେ ପତାକା ଉତ୍ତୋଳନ କରିଥିଲେ। ସଂସ୍କୃତ ଅଧ୍ୟାପିକା ରାଜଶ୍ରୀ ନାଥ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲେ ଆଭାଶ୍ରୀ ପ୍ରଧାନ




ବରଗଡ଼,୨୩।୯ (ସମିସ): ବରଗଡ଼ ବ୍ଲକ୍ ଅଧୀନ ବଗେଇବିରାର କୁନି ଝିଅ ଆଭାଶ୍ରୀ ପ୍ରଧାନ। ବୟସ ୩ ବର୍ଷ ହେଲେ ମଧ୍ୟ ତୁଳସୀ ଦୁଇ ପତ୍ରରୁ ବସିଲା ପରି ସେ ଅନେକ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଛନ୍ତି। ଶରୀରର ୨୦ଟି ଅଂଶ, ୬ଟି ପକ୍ଷୀ, ୯ଟି ପ୍ରାଣୀ, ୧୧ଟି ଫଳ, ୬ଟି ଫୁଲ ଏବଂ ୧୩ଟି ପନିପରିବା ଚିହ୍ନଟ କରିବା, ୭ଟି ଶ୍ଲୋକ ଏବଂ ୧୨ଟି ଇଂରାଜୀ ନର୍ସରୀ ରାଇମ୍ ପାଠ କରିବା, ସପ୍ତାହର ସମସ୍ତ ବାର, ବର୍ଷର ସମସ୍ତ ମାସ, ଇଂରାଜୀ ବର୍ଣ୍ଣମାଳାର ଅକ୍ଷର, ୭ଟି ବିପରୀତ ଶବ୍ଦ ଏବଂ ୧୦ଟି ଜାତୀୟ ପ୍ରତୀକ ମନେରଖିବା, ଜାତୀୟ ସଙ୍ଗୀତ ଗାନ କରିବା, ୧ରୁ ୧୦ ପର୍ଯ୍ୟନ୍ତ ଗଣନା କରିବା, ଓଡ଼ିଆରେ ୧୫ ଟି ସାଧାରଣ ଜ୍ଞାନ ପ୍ରଶ୍ନର ଉତ୍ତର ଦେବା ଏବଂ ୩ ବର୍ଷ ବୟସରେ ୧୦ଟି ଆକୃତି ମେଳ କରିବା ପାଇଁ 'ଆଇବିଆର ଆଚିଭର୍' ଭାବେ ସମ୍ମାନିତ ହୋଇଛନ୍ତି। ପିତା ଧର୍ମେନ୍ଦ୍ର ପ୍ରଧାନ ଜଣେ ପ୍ରାଇଭେଟ୍ କମ୍ପାନୀ କର୍ମଚାରୀ ହୋଇଥିବା ବେଳେ ମାଆ ରୋଶନି ପ୍ରଧାନ ଜଣେ ପୋଷ୍ଟ ଗ୍ରାଜୁଏଟ ଗୃହିଣୀ ସହ ପ୍ରାଇଭେଟ୍ ବ୍ୟାଙ୍କ କର୍ମଚାରୀ ଥିବା ସତ୍ତ୍ୱେ ଝିଅର ପ୍ରତିଭାର ବିକାଶ ପାଇଁ ଅହରହ ଚେଷ୍ଟା କରୁଛନ୍ତି। ଏତେସବୁ ଦକ୍ଷତା ସହ ଆଭାଶ୍ରୀ ଖେଳକୁଦ, ନାଚଗୀତରେ ମଧ୍ୟ ପାରଙ୍ଗମ ଅଟନ୍ତି। ତାଙ୍କ ସଫଳତା ଅଞ୍ଚଳ ପାଇଁ ଗୌରବ ସୃଷ୍ଟି କରିଛି। ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଜନସାଧାରଣ କୁନି ଝିଅ ଆଭାଶ୍ରୀଙ୍କୁ ଶୁଭେଚ୍ଛାର ବାର୍ତ୍ତା ଜଣାଉଛନ୍ତି।

## ସୋହେଲା ଦୁର୍ଗାପୂଜା ରାମଲୀଳା ଉଦ୍‌ଘାଟିତ

ସୋହେଲା,୨୩।୯ (ସମିସ): ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ଦ୍ୱାରା ଶାରଦୀୟନବରାତ୍ର ଦୁର୍ଗାପୂଜା ଅବସରରେ ଅନୁଷ୍ଠିତ ହେଉଥିବା ରାମଲୀଳା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ତହସିଲଦାର ଶୁଭରଞ୍ଜନ ନାୟକ ମୁଖ୍ୟ ଅତିଥି ଏବଂ ସୋହେଲା ଥାନା ଅଧିକାରୀ ହରିଶଙ୍କର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାମଲୀଳା କାର୍ଯ୍ୟକ୍ରମ ଦୁର୍ଗାମନ୍ଦିର ସମ୍ମୁଖ ଚେତନା ମଣ୍ଡପରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଦୁର୍ଗାପୂଜା କମିଟି ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦେବତା, ଉପସଭାପତି ବଳବୀର ସିଂ ଠାକୁର, ଗିରିଜେଶ ଖାଡଙ୍ଗା ଏବଂ ରାମଲୀଳାର ନିର୍ଦ୍ଦେଶକ ଅଗସ୍ତୀ ଭୋଇ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ଶ୍ରୀ ଦେବତା ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଉପସଭାପତି ଶ୍ରୀ ଖାଡଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ତୁଷାରକାନ୍ତ ସାହୁ ସଂଯୋଜନା କରିଥିଲେ। ଗତକାଲି ଠାରୁ ଆରମ୍ଭ ହୋଇଥିବା ରାମଲୀଳା କାର୍ଯ୍ୟକ୍ରମ ୨ ତାରିଖ ରାବଣ ପୋଡି କାର୍ଯ୍ୟକ୍ରମ ସହିତ ସମାପନ ହେବ। ରାମଲୀଳା କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ଅଗସ୍ତି ଭୋଇ ଏବଂ ସହନିର୍ଦ୍ଦେଶକ ଶେଖ୍ ଜଲିଲ ମହମ୍ମଦ ଏବଂ କ୍ଷୀରୋଦ୍ର ସାହୁଙ୍କ ନିର୍ଦ୍ଦେଶନା ଦେଇଛନ୍ତି। କିଶୋର ଗଡତିଆ, ଦିଲୀପ ଷଡ଼ଙ୍ଗୀ, ବିନେନ୍ଦୁ ଶେଖର ମଞ୍ଚ ପରିଚାଳନା କରିଥିଲେ। ସଂଗୀତରେ ଗୋପାଳ ନାୟକ ଓ ମୁଗ୍ଧା କଣ୍ଠଦାନ କରିଥିଲେ। ଶେଖ୍ ଜଲିଲ ମହମ୍ମଦଙ୍କ ଦ୍ୱାରା ରଚିତ ଏହି ମଞ୍ଚସ୍ଥ ଉପାଖ୍ୟାନରେ ବିଭିନ୍ନ ଭୂମିକାରେ ଆକାଶ ପଣ୍ଡା, ଜଗଦାନନ୍ଦ ମିଶ୍ର, ଗୋପାଳ ନାୟକ, ରମଣୀରଞ୍ଜନ, ପ୍ରମୋଦ ମନୋଜ, ସରୋଜ ଶିବ, ଶମ୍ଭୁ, ପିଣ୍ଟୁ, ରିଙ୍କୁ, କ୍ଷୀରୋଦ୍ର, ସୁଶାନତ, ପରାଗ, ଲକ୍ଷ୍ମଣ, ନିହାରରଞ୍ଜନ, ରାଧାକାନ୍ତ ରଣା, ସୁରେନ୍ଦ୍ର, ଧନେଶ୍ୱର, ମନୋରଞ୍ଜନ ତଥା ନାରୀ ଭୂମିକାରେ ମୁଗ୍ଧା, ମଧୁମୀତା, ମଧୁ, ଲକ୍ଷ୍ମୀ ଓ ବସୁମତୀ ଅଭିନୟ କରିଥିଲେ।

## ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର

ବରଗଡ଼,୨୩।୯ (ସମିସ): ସିମେଣ୍ଟ ନଗର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଇଂରାଜୀ ଭାଷା, ସମୃଦ୍ଧି ସକାଶେ ଓଡ଼ିଶା ସରକାରଙ୍କ ତରଫରୁ ଏକ ୫ ଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଛି। ପ୍ରଧାନଶିକ୍ଷକ ଦେବଜୀବନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଏବଂ ଅବଜର୍ଭର ଭାବେ ତରଣି ସେନ୍ ବୁଧିଆ, ସାଧନ କର୍ମୀରୂପେ ମମତା ମଞ୍ଜରୀ ପ୍ରଧାନ, ନରେଶ ଦ୍ୱାରୀ, ମଞ୍ଚାସୀନ ଥିଲେ। କାର୍ଯକ୍ରମକୁ ସାଧନ କର୍ମୀ ବିକାଶ ବଘେଲ ପରିଚାଳନା କରିଥିଲେ। କର୍ମଶାଳାରେ ବରଗଡ଼, ବଲାଙ୍ଗିର, ସୋନପୁର୍ ଓ ଦେବଗଡ ଜିଲ୍ଲାରୁ ମୋଟ ୫୫ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ତରଣି ସେନ୍ ବୁଧିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟାନ୍ୟ ସାଧନ କର୍ମୀ ମାନଙ୍କ ମଧ୍ୟରେ ଗଣନାଥ ସାହୁ, ସର୍ବେଶ୍ୱର ପୂଜାରୀ, ଉମାକାନ୍ତ ତ୍ରିପାଠୀ, ଦୟାସାଗର ମିଶ୍ର କର୍ମଶାଳାରେ ତାଲିମ୍ ଦେଇଛନ୍ତି। ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର ଅଧୀନରେ ଏହି କର୍ମଶାଳା ଏସ୍‌ଆଇଏଲ୍‌ଟିଟି, ଭୁବନେଶ୍ୱର ଓ ଅଜିମ୍ ପ୍ରେମଜୀ ବିଶ୍ୱ ବିଦ୍ୟାଳୟ, ବେଙ୍ଗାଲୁରୁର ସହଭାଗିତାରେ ଅନୁଷ୍ଠିତ ହୋଇଛି।

## ବଜ୍ରପାତରେ ଭାଙ୍ଗିଲା ରଘୁନାଥ ମନ୍ଦିର ଦଧିନଉତି

- ବିଦ୍ୟୁତ୍ ଚାଳିତ ସାମଗ୍ରୀ ନଷ୍ଟ



ଥୁଆପାଲି,୨୩।୯ (ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ସଂକ୍ରିଡା ପଞ୍ଚାୟତର ସଂକ୍ରିଡା ଗାଁ ଠାରେ ସୋମବାର ସନ୍ଧ୍ୟାରେ ବର୍ଷା ସହିତ ପ୍ରବଳ ବଜ୍ରପାତ ହୋଇଥିଲା। ଏଥିରେ ରଘୁନାଥ ମନ୍ଦିରର ଦଧିନଉତି ଭାଙ୍ଗି ତଳେ ପଡିଯାଇଛି। ଏହା ସହିତ ରାଧେଶ୍ୟାମ ବିଶି, ସୁବାଷ ଚନ୍ଦ୍ର ପୁରୋହିତ ଓ କୃପାସିନ୍ଧୁ ପୁରୋହିତଙ୍କ ମୂଲ୍ୟବାନ ବିଦ୍ୟୁତ୍ ଚାଳିତ ସାମଗ୍ରୀ ବଜ୍ରପାତରେ ପୋଡି ଯାଇଛି। ଭୀଷଣ ବଜ୍ରପାତ ସମୟରେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା।

## ଦୁର୍ଘଟଣାରେ ଓକିଲଙ୍କ ମୃତ୍ୟୁ

ସୋହେଲା,୨୩।୯ (ସମିସ): ସୋହେଲା ବରପାଲି ରାସ୍ତା ଶିଶୁ ବିଦ୍ୟା ମନ୍ଦିର ସମ୍ମୁଖରେ ଏକ ବାଇକ ଦୁର୍ଘଟଣାରେ ସୋମବାର ଓକିଲ ଯୋଗେଶ ଷଡଙ୍ଗୀ (୫୦)ଙ୍କ ମୃତ୍ୟୁ ଘଟିଛି। ଚିଚିଣ୍ଡା ଗାଁର ଯୋଗେଶ ଷଡଙ୍ଗୀ ସନ୍ଧ୍ୟା ପ୍ରାୟ ୮ଟା ସମୟରେ ସୋହେଲାରୁ ତାଙ୍କ ନିଜ ଗାଁ ଚଚିଣ୍ଡାକୁ ଏକ ବାଇକରେ ଫେରୁଥିବା ସମୟରେ ସୋହେଲା ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ଭରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନିକଟରେ ଥିବା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ପୁଲିସକୁ ଖବର ଦେଇଥିଲେ। ଏ ସମ୍ପର୍କରେ ସୋହେଲା ପୁଲିସ ଥାନା ଏକ ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛନ୍ତି। ଏନେଇ ସୋହେଲା ଓକିଲ ସଙ୍ଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

### ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ୍ ପ୍ରତିଯୋଗିତା

## ସପ୍ତମ ଦିନ ମ୍ୟାଚ୍‌ରେ ବରାହଗୋଡା ଓ ଗର୍ଭଣା ଦଳ ବିଜୟୀ

ବରଗଡ଼,୨୩।୯ (ସମିସ)



ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ ଆଉଟ୍ ଫୁଟବଲ ପ୍ରତିଯୋଗିତାରେ ମଙ୍ଗଳବାର ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ବରାହଗୋଡା ଦଳ ଓ ଗର୍ଭଣା ଦଳ ବିଜୟୀ ହୋଇଛନ୍ତି। ବରାହଗୋଡା ଦଳ ଓ ରେଙ୍ଗାଲ ପାଲି ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ବରାହଗୋଡା ଦଳ ୪-୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆଦିତ୍ୟ ସେଟ ଦୁଇଟି ଗୋଲ ଦେଇଥିବା ବେଳେ, ସ୍ମୃତିରଞ୍ଜନ ସୁନା, ନିକେଶ ସାହୁ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପ୍ରଥମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଥିଲେ ବରାହଗୋଡା ଦଳର ଆଦିତ୍ୟ ସେଟ। ଆଜିର ପ୍ରଥମ ଖେଳକୁ ପଙ୍କଜ ମିର୍ଦ୍ଧା ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସନ୍ତୋଷ ପଟେଲ, ଉମାକାନ୍ତ ସାହୁ ସହଯୋଗ କରିଥିଲେ। ବିଶିକେସନ ପଧାନ ଚତୁର୍ଥ ରେଫରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ଦ୍ୱିତୀୟ ମ୍ୟାଚ୍‌ଟି ଜେଡିସି ଗର୍ଭଣା ଦଳ ଓ ଏଏ ଲେଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗର୍ଭଣା ଦଳ ୪-୩ ଗୋଲରେ ମ୍ୟାଚ୍‌କୁ ଜିତିଥିଲା। ଗର୍ଭଣା ଦଳ ପକ୍ଷରୁ ଦୁଲେଶ୍ୱର ସାହୁ ଏକ ମାତ୍ର ଗୋଲ ଦେଇଥିବା ବେଳେ ପ୍ରତିପକ୍ଷ ଲେଣ୍ଡା ଦଳ ପକ୍ଷରୁ ସହଦେବ ବେହେରା ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍‌ର ଫଳାଫଳ ୧-୧ ରହିବା ଫଳରେ ଟାଇବ୍ରେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ଜେଡିସି ଗର୍ଭଣା ଦଳ ୪-୩ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଗର୍ଭଣା ଦଳର ଆକାଶ ଭୁଏଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଖେଳକୁ ଶୁଭମ୍ ପାତ୍ର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅନୁରୋଧ ପ୍ରଧାନ, ସୁନିଲ ବାଗ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ଅନିଲ ସାହୁ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ଅଛନ୍ତି। ମ୍ୟାଚ୍ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଉଭୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ଫୁଟବଲ ସମ୍ପାଦକ ସେକ ସବଦର, ପ୍ରାକ୍ତନ ଖେଳାଳି ରୁଦ୍ର ପ୍ରଧାନ, ଦିପାଳି ଚୌହାନ, ଅନନ୍ତରାମ ମେହେର ଓ ସନତ ହୋତା କରିଥିଲେ।

# ପ୍ରକୃତି ବନ୍ଧୁ ଜେନାମଣିଙ୍କ ବୃକ୍ଷରୋପଣ

ଡେରାବିଶ,୨୩।୯ (ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ପ୍ରକୃତି ବନ୍ଧୁ ଜେନାମଣି ବଳ ଔଷଧୀୟ ବୃକ୍ଷଚାରା ରୋପଣ କରିଛନ୍ତି। ପ୍ରକୃତିବନ୍ଧୁ ଶ୍ରୀ ବଳ ଦୀର୍ଘବର୍ଷ ଧରି ବିଭିନ୍ନ ସରକାରୀ ଅନୁଷ୍ଠାନ, ନଦୀ ଓ କେନାଲ ବନ୍ଧ, ଶ୍ମଶାନ, ଗୋଚର ଆଦି ସ୍ଥାନରେ ଫଳ, ଔଷଧୀୟ ଓ ତାଳମଞ୍ଜି ରୋପଣ କରିଆସୁଛନ୍ତି। ବିଶ୍ୱକର୍ମା ପୂଜା ଅବସରରେ ଶ୍ରୀ ବଳ ଦାନପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଔଷଧୀୟ ବୃକ୍ଷ ବଉଳ ଓ ଏହାର ପରିସରକୁ ସୌନ୍ଦର୍ଯ୍ୟମୟ କରିବା ପାଇଁ ବିଭିନ୍ନ ଫୁଲଗଛ ଲଗାଇଥିଲେ। ଏହି କାର୍ଯ୍ୟରେ ରାଜସ୍ୱ ନିରୀକ୍ଷିକା ବିଜୟଲକ୍ଷ୍ମୀ ପଲେଇ, ପ୍ରଦୀପ ପରିଡ଼ା, ନରେନ୍ଦ୍ର ରଥ, ଯଶୋବନ୍ତ ପଣ୍ଡା, ବୈରାଗୀ ପଣ୍ଡା, ଶୀତଳ ସ୍ୱାଇଁ ପ୍ରମୁଖ ସହାୟତା କରିଥିଲେ।

# ମାଛ ଧରିବାକୁ ଯାଇ ସମୁଦ୍ରରେ ନିଖୋଜ ପୁଅର ମୃତଦେହ ଉଦ୍ଧାର

ମହାକାଳପଡ଼ା,୨୩।୯ (ସମିସ): ଶନିବାର ତନ୍ତିଆପାଳ ଅଞ୍ଚଳର ମତ୍ସ୍ୟଜୀବୀ ବିଜୟ ପରିଡ଼ା ଓ ତାଙ୍କ ପୁଅ ମାନସ ପରିଡ଼ା ଡଙ୍ଗିରେ ମାଛ ଧରିବାକୁ ସମୁଦ୍ରକୁ ଯାଇଥିଲେ। ସମୁଦ୍ର ମଝିରେ ଡଙ୍ଗି ଉପରେ ବଜ୍ରପାତ ହେବାରୁ ବାପା ବିଜୟ ପରିଡ଼ାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତଦେହ ଡଙ୍ଗିରେ ପଡ଼ିଥିବାବେଳେ ପୁଅ ମାନସ ନିଖୋଜ ଥିଲେ। ମଙ୍ଗଳବାର ମାନସଙ୍କ ମୃତଦେହ ସମୁଦ୍ରରେ ଭାସୁଥିବା ମାଛ ଧରିବାକୁ ଯାଇଥିବା ଅନ୍ୟ ମତ୍ସ୍ୟଜୀବୀ ଦେଖି ପୁଲିସ ଓ ବନ ବିଭାଗକୁ ଖବର ଦେଇଥିଲେ। ତନ୍ତିଆପାଳ ସାମୁଦ୍ରିକ ଥାନା ପୁଲିସ ବୋଟ ସାହାଯ୍ୟରେ ମୃତଦେହ ଉଦ୍ଧାର କରି କୂଳକୁ ଆଣିଥିଲା।

# ବିଦ୍ୟାଳୟରୁ ପାଣି ମଟର ଚୋରି ଅଭିଯୋଗ

ପଞ୍ଚୁପାଣ୍ଡବ,୨୩।୯ (ସମିସ): କେଉଟକଣ୍ଡିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ପାଣି ମଟର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକ ବିଜୟ କାଣ୍ଡି ସୋମବାର ଡେରାବିଶ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଶନିବାର ରାତିରେ କେହି ଦୁର୍ବୃତ୍ତ ସିଡିଘର ସ୍କାଏ ଲାଇଟ୍ ଭାଙ୍ଗି ପାଣି ମଟର ଚୋରି କରିନେଇଥିବା ପ୍ରଧାନଶିକ୍ଷକ ଅଭିଯୋଗ କରିଛନ୍ତି। ପରିଚାଳନା କମିଟି ସଭାପତି ସୂର୍ଯ୍ୟକାନ୍ତ ସେଠୀ କହିଛନ୍ତି, ପାଚେରି ନିର୍ମାଣ ପାଇଁ ବାରମ୍ବାର ଦାବି କରିଛୁ। କେହି ସମସ୍ୟାକୁ ସମାଧାନ କରୁନଥିବାରୁ ରାତିରେ ଅସାମାଜିକ ବ୍ୟକ୍ତି ଛାତ ଉପରେ ବସି ମଦ ପିଇ ସ୍କୁଲ ଭିତରକୁ କାଚ ବୋତଲ ଓ ଗ୍ଲାସ୍ ପକାଉଛନ୍ତି। ତଦନ୍ତ କରାଯାଇ ଚୋରି ସାମଗ୍ରୀ ଉଦ୍ଧାର ପାଇଁ ପ୍ରଧାନଶିକ୍ଷକ ଓ କମିଟି ସଭାପତି ଦାବି କରିଛନ୍ତି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

ଗରଦପୁର,୨୩।୯ (ସମିସ): ଝୁଲନ୍ତା ଅବସ୍ଥାରେ ଜଣେ ୨୭ ବର୍ଷୀୟ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କୁ ବ୍ୟବସାୟିକ ଶତ୍ରୁତାରୁ ହତ୍ୟା ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ମୃତ୍ୟୁର ଦିନକ ପୂର୍ବରୁ ଅନ୍ୟଜଣେ ବ୍ୟବସାୟୀଙ୍କୁ ଯୁବକ ଜଣଙ୍କ କୌଣସି ଜଣେ ଆଇନଜୀବୀଙ୍କ ନମ୍ବର ମାଗିଥିଲେ। ଏହି ନମ୍ବର ମାଗିବା ସମୟରେ ଯୁବକ ଜଣଙ୍କ ବ୍ୟସ୍ତବିବ୍ରତ ଥିବା ଭଳି ଫୋନରେ କଥା ହୋଇଥିବା ବ୍ୟବସାୟୀ ଜଣଙ୍କ ପ୍ରକାଶ କରିଛନ୍ତି। ଏଭଳି ଦୁଃଖଦ ଘଟଣା ଗରଦପୁର ବ୍ଲକ୍ କୁଦାନଗରୀ ଥାନା ଅଧୀନ ତଳକୁସୁମା ଗୋବିନ୍ଦପୁର ଅଞ୍ଚଳରେ ଘଟିଛି। ତଳକୁସୁମା ହାଇସ୍କୁଲ ଛକ ନିକଟରେ ଦୋକାନ ଘରେ ୨୭ ବର୍ଷୀୟ ଯୁବକ ଜିତେନ୍ଦ୍ର ସାହୁଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଜିତେନ୍ଦ୍ର କଳାବୁଦା ପଞ୍ଚାୟତ ଗୋବିନ୍ଦପୁର ଗାଁର ସୁକଦେବ ସାହୁଙ୍କ ପୁତ୍ର ବୋଲି ଜଣାପଡିଛି।

# ଚାନ୍ଦୋଳ କଲେଜରେ ସଚେତନତା ଶିବିର




ଡେରାବିଶ, ୨୩।୯ (ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଶକ୍ତିଶ୍ରୀ ସଶକ୍ତିକରଣ କମିଟି ମିଳିତ ଆନୁକୂଲ୍ୟରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅକ୍ଷୟ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସୁକନ୍ୟା ମହାନ୍ତି ଓ ଅଧ୍ୟାପକ ବରଦା ଜେନା ଯୋଗ ଦେଇଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟି ମୁଖ୍ୟ ଅଧ୍ୟାପିକା ମିନାକ୍ଷୀ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କର୍ମଜୀବୀ ମହିଳାଙ୍କ ପ୍ରତି ହେଉଥିବା ଶାରିରୀକ ଓ ମାନସିକ ଅତ୍ୟାଚାରକୁ ପ୍ରତିରୋଧ କରିବା, ପ୍ରତିବନ୍ଧ ଓ ପ୍ରତିକାର ଆଇନ (ପୋସ) ୨୦୧୩ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ୧୫୦ରୁ ଅଧିକ ଛାତ୍ରୀ ଉପସ୍ଥିତ ଥିଲେ। ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ସ୍ମୃତି ଶ୍ରାବଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ ନାଥଶର୍ମା, ଶାଶ୍ୱତୀ ସାହୁ, ସ୍ମୃତିରେଖା ପଣ୍ଡା, ଶର୍ମିଷ୍ଠା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରକ୍ତଦାନ ଶିବିର; ୭୯ ୟୁନିଟ୍ ସଂଗୃହୀତ

ଡେରାବିଶ, ୨୩।୯ (ସମିସ): ଚାନ୍ଦୋଳ ବଜାରସ୍ଥ ଶ୍ରୀରାମ ମଣ୍ଡପରେ ଆଜି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୭୯ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଛତା ମଣ୍ଡଳ ବିଜେପି ସଭାପତି ଅଶ୍ୱିନୀ ପରିଡ଼ା ଓ ଚାନ୍ଦୋଳ ମଣ୍ଡଳ ବିଜେପି ସଭାପତି ତାପସ ରଞ୍ଜନ ନାୟକଙ୍କ ଉଦ୍ୟମରେ ଆୟୋଜିତ ଏହି ରକ୍ତଦାନ ଶିବିରରେ କଟକ କେନ୍ଦ୍ରୀୟ ରେଡ୍‌କ୍ରସ୍‌ର ଡାକ୍ତରୀ ଦଳ ରକ୍ତ ସଂଗ୍ରହ କରିଥିଲେ। ଶିବିରକୁ ମମତା ସେଠୀ, ରାଜଶ୍ରୀ ନାୟକ, ରାଜଲକ୍ଷ୍ମୀ ଶର୍ମା, ପ୍ରମୋଦ ଭଦ୍ର, ନିଳାଦ୍ରୀ ବିଶ୍ୱାଳ, ମହେନ୍ଦ୍ର ଦାସ, ଗିରିଜା ଭୂଷଣ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଆନ୍ଧ୍ରରୁ ବାରଡାଙ୍ଗ ଯୁବକଙ୍କ ମୃତଦେହ ଉଦ୍ଧାର

ମହାକାଳପଡ଼ା,୨୩।୯ (ସମିସ): ମହାକାଳପଡ଼ା ବ୍ଲକ୍ ବାରଡାଙ୍ଗ ଗ୍ରାମର ରବୀନ୍ଦ୍ର ଓଝାଙ୍କ ପୁଅ ପିଣ୍ଟୁ ଓଝା (୩୨)ଙ୍କ ମୃତଦେହ ଆନ୍ଧ୍ରପ୍ରଦେଶରୁ ଉଦ୍ଧାର ହୋଇଛି । ପିଣ୍ଟୁ ଟ୍ରେନ ଯୋଗେ ହାଇଦ୍ରାବାଦ ଯାଉଥିବାବେଳେ ବିଶାଖାପାଟଣା ଷ୍ଟେସନ ପରବର୍ତ୍ତୀ ଅଞ୍ଚଳରେ ତାଙ୍କ ମୃତଦେହ ପଡ଼ିଥିବା ନେଇ ଆନ୍ଧ୍ର ପୁଲିସ ପକ୍ଷରୁ ସୂଚନା ମିଳିବା ପରେ ତାଙ୍କ ପରିବାର ଆନ୍ଧ୍ରପ୍ରଦେଶ ଯାଇଥିବା ଜଣାପଡ଼ିଛି।

## ସ୍କୁଲ ରାସ୍ତାରୁ ଅବରୋଧ ହଟାଇବା ଦାବି

# ପ୍ରତିଶ୍ରୁତି ପୂରଣ କଲାନି ପ୍ରଶାସନ; ଆଜିଠୁ ପୁଣି ଗଣଧାରଣା

ରାଜକନିକା,୨୩।୯ (ସମିସ)

ସ୍କୁଲ ମୁଖ୍ୟ ରାସ୍ତାରୁ ଅବରୋଧ ହଟାଇବାକୁ ଛାତ୍ରଛାତ୍ରୀ ଓ ଅଭିଭାବକ ତହସିଲରେ ଧାରଣା ଦେବାରୁ ସେଦିନ ତହସିଲଦାର ପ୍ରତିଶ୍ରୁତି ଦେଲେ ପରଦିନ ମାପ ହୋଇ ରାସ୍ତା ଅବରୋଧ ହଟାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ମାପହୋଇଅବରୋଧକାରୀଙ୍କ ଦ୍ୱାରା ସ୍କୁଲ ରାସ୍ତା ଜବରଦଖଲ ହୋଇଥିବା ଚିହ୍ନଟ ହେଲା। ସିମେଣ୍ଟ ଖୁଣ୍ଟ ଓ ବାଲି ପକାଯିବାକୁ ନିଷ୍ପତ୍ତି ହେଲା। ଇତିମଧ୍ୟରେ ୯ ଦିନ ବିତିଯାଇଥିଲେ ହେଁ କୌଣସି କାର୍ଯ୍ୟ କରାଯାଇନି। କନିକା ତହସିଲଦାରଙ୍କ ଏଭଳି ପ୍ରତାରଣା ଓ ଅବରୋଧକାରୀଙ୍କ ପ୍ରତି କୋହଳ ମନୋଭାବ ପ୍ରତିବାଦରେ ଆସନ୍ତାକାଲିଠାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ବିଦ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣାରେ ବସିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ରାଉତବର୍ଗନୀ ପ୍ରାଥମିକ ବିଦ୍ୟାଳୟର ସମ୍ମୁଖ ରାସ୍ତାକୁ ସେହି ଗ୍ରାମର ସୁକାନ୍ତ ସାହୁ ଅବରୋଧ କରି ଗୁହାଳ କରିଥିବାରୁ ସମସ୍ୟା ଦେଖାଦେଇଛି। ଫଳରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ୪୨ ଜଣ ଛାତ୍ରଛାତ୍ରୀ ଓ ଅଙ୍ଗନବାଡି କେନ୍ଦ୍ରର ପିଲା କାଦୁଅ ରାସ୍ତାରେ ଯାତାୟାତ କରୁଛନ୍ତି। ବହୁବାର ଏ ସମ୍ପର୍କରେ ତହସିଲଦାରଙ୍କୁ ଜଣାଇବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ୧୫ ତାରିଖ ଦିନ ଛାତ୍ରଛାତ୍ରୀ ଓ ଅଭିଭାବକ ତହସିଲରେ ଧାରଣା ଦେବାର ୯ ଘଣ୍ଟା ପରେ ତହସିଲଦାର ଜବରଦଖଲ ହଟାଇବାକୁ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରତିଶ୍ରୁତି ମୁତାବକ ମାପ ପରେ ଅବରୋଧ ହଟୁ ନ ଥିବା ଓ ତହସିଲ ପ୍ରଶାସନ ଅବରୋଧକାରୀଙ୍କୁ ସୁହାଇବା ଭଳି ମନୋଭାବ ରଖି ଦିନ ଗଡ଼ାଇ ତାଙ୍କୁ କୋର୍ଟରୁ ସହଯୋଗ ପାଇଁ ସୁଯୋଗ ଦେଉଥିବା ଗ୍ରାମର ଭୀମସେନ ବେହେରା, ଗୁଲଜାର ଦାସ, ଅକ୍ଷୟ ପରିଡା, ଦର୍ପନାରାୟଣ ପରିଡା, ମନୋରମା ଦାସ, ଶାନ୍ତିଲତା ପରିଡା, ହରପ୍ରିୟା ଦାସ, ଜିତେନ୍ଦ୍ର ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ତହସିଲ ପ୍ରଶାସନର ଏଭଳି ପ୍ରତାରଣା ବିରୁଦ୍ଧରେ ଆସନ୍ତାକାଲିଠାରୁ ଧାରଣା ଦିଆଯିବାକୁ ନିଷ୍ପତ୍ତି ହୋଇଛି।

# ଶ୍ରୀଜଗନ୍ନାଥ କଲେଜରେ ଏବିଭିପିର ବିକ୍ଷୋଭ



ରାଜନଗର,୨୩।୯ (ସମିସ): ଆଜି ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଏବିଭିପି ପକ୍ଷରୁ ବିକ୍ଷୋଭ କରାଯାଇଛି। ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା, ଖାଲିପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ, କ୍ୟାମ୍ପସରେ ଉପଯୁକ୍ତ ସୁରକ୍ଷା, ପୁଅ ଓ ଝିଅ ଉଭୟଙ୍କ ପାଇଁ ଶୌଚାଳୟ ଓ କମନରୁମ୍, ପାଠାଗାରରେ ପର୍ଯ୍ୟାପ୍ତ ପୁସ୍ତକ ସହିତ ଇ-ଲାଇବ୍ରେରୀ ସ୍ଥାପନ, ପୋଷ୍ଟ ମାଟ୍ରିକ ମେଧାବୃତ୍ତି ଠିକ୍ ସମୟରେ ପ୍ରଦାନ, କଲେଜର ସମସ୍ତ ଜମି କଲେଜ ନାମରେ କରାଯିବା, କ୍ୟାମ୍ପସକୁ ଅଣଛାତ୍ର ମୁକ୍ତ କରାଯିବା ଆଦି ଦାବିରେ ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତୁରନ୍ତ ସମସ୍ତ ଦାବି ପୂରଣ ନ ହେଲେ ରାସ୍ତାରେ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି। ଛାତ୍ରନେତା ଶ୍ରୀକାନ୍ତ ଦାସ, ସୁକୁମାର ମାନ୍ନା, ସୁଶୀଲ ବେହୁରା, ବଶିଷ୍ଟ ରାଉତରାୟ, ଶ୍ରୀକାନ୍ତ ସେଠୀ, ବିବେକାନନ୍ଦ ଦାସ, ଅଭିଷେକ ପରିଡା, ଅକ୍ଳାନ୍ତ ରାଉତ, ଶୁଭଲକ୍ଷ୍ମୀ ଭଳ, ସ୍ୱାଗତିକା ପରିଡା, ସ୍ମୃତିରାଣୀ ରାଉତ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ଥିଲେ।

# ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ପ୍ରଦାନରେ ବିଳମ୍ବ

ପଞ୍ଚୁପାଣ୍ଡବ,୨୩।୯ (ସମିସ): ରାଜ୍ୟ ସରକାରଙ୍କ ଆଦେଶ ଜିଲ୍ଲା ଶିକ୍ଷା ବିଭାଗ ପୂରଣ କରୁ ନ ଥିବାବେଳେ ଛାତ୍ରଛାତ୍ରୀ ୟୁନିଫର୍ମ ପାଇବାରେ ବିଳମ୍ବ ହେଉଛି। ଗତବର୍ଷ ଶିକ୍ଷାବର୍ଷର ଶେଷ ପର୍ଯ୍ୟାୟରେ ଛାତ୍ରଛାତ୍ରୀ ପୋଷାକ ପାଇଥିବାବେଳେ ଚଳିତବର୍ଷର ବିଭିନ୍ନ ପୂଜା ପାର୍ବଣ ସରିବା ସହ ସ୍ୱାଧୀନତା ଦିବସରେ ଛାତ୍ରଛାତ୍ରୀ ନୂତନ ୟୁନିଫର୍ମରୁ ବଞ୍ଚିତ ହୋଇଛନ୍ତି। ସରକାର ଗତବର୍ଷ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ପୋଷାକ ବିତରଣ କରିଥିଲେ। ଚଳିତ ବର୍ଷ ମଧ୍ୟ ଏସଏଚଜି ମାଧ୍ୟମରେ ପୋଷାକ ଦେବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ବିଭିନ୍ନ ବ୍ଲକ୍‌ରେ ଏସଏଚଜି ବିଦ୍ୟାଳୟରେ ପୋଷାକ ଦେବାକୁ ଆବେଦନ କରିଥିଲେ। ଆବେଦନକୁ ଦୁଇମାସ ପୂରିଲା, କିନ୍ତୁ ୟୁନିଫର୍ମ ଦେବାକୁ ନିର୍ଦ୍ଦେଶ ଆସି ନ ଥିବା ଅଭିଯୋଗ ହେଉଛି। ଏମିତି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ୍‌ରେ। ଡେରାବିଶ ବ୍ଲକ୍‌ରେ ପ୍ରାୟ ୧୭ଟି କ୍ଲଷ୍ଟର ଥିବାବେଳେ ୫୦ରୁ ଅଧିକ ମହିଳା ଗ୍ରୁପ ଆବେଦନ କରିଥିବା ଜଣାପଡିଛି। ଏଥିନିମନ୍ତେ ବ୍ଲକସ୍ତରୀୟ କମିଟି ଗଠନ କରାଯାଇ ଆବେଦନ କରିଥିବା ଏସଏଚଜିଙ୍କ କାଗଜପତ୍ର ଯାଞ୍ଚ କରାଯାଇଥିଲା। ସରକାରଙ୍କ ଆଦେଶ ଅନୁଯାୟୀ ଅଗଷ୍ଟ ମାସ ସୁଦ୍ଧା ପୋଷାକ ଦେବାକୁ ସ୍ଥିର କରାଯାଇଥିବାବେଳେ ଶିକ୍ଷା ବିଭାଗ ଅଧିକାରୀଙ୍କ ଅବହେଳା ଯୋଗୁଁ ଛାତ୍ରଛାତ୍ରୀ ପୋଷାକ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଶିକ୍ଷା ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, କମିଟି ସମସ୍ତ ଏସଏଚଜିଙ୍କ କାଗଜପତ୍ର ଯାଞ୍ଚ କରି ଜିଲ୍ଲା କମିଟିକୁ ପଠାଇଛି। ଜିଲ୍ଲା କମିଟିରୁ ନିର୍ଦ୍ଦେଶ ଆସିଲେ ପୋଷାକ ଦେବା ପାଇଁ ବ୍ୟବସ୍ଥା କରାଯିବ।

# ବ୍ଲକ୍‌ସ୍ତରୀୟ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା

ଡେରାବିଶ,୨୩।୯ (ସମିସ): ଡେରାବିଶ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବାଲୁଙ୍କେଶ୍ୱର ବିଦ୍ୟାପୀଠ ଓ ବାଗ୍‌ଦେବୀ ବିଦ୍ୟାପୀଠରେ ସେଣ୍ଟର ହୋଇଥିବାବେଳେ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ସୁଦର୍ଶନ ହାଇସ୍କୁଲ ଓ ମଲ୍ଲିକେଶ୍ୱର ହାଇସ୍କୁଲରେ ସେଣ୍ଟର କରାଯାଇଥିଲା। ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ତୃତୀୟ ଶ୍ରେଣୀର ୧୪୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୪୨ ଜଣ ପରୀକ୍ଷା ଦେଇଥିବାବେଳେ ୩ ଜଣ ଅନୁପସ୍ଥିତ ଥିଲେ। ବାଗ୍‌ଦେବୀ ବିଦ୍ୟାପୀଠରେ ୧୫୩ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୧୪୭ ଛାତ୍ରଛତ୍ରୀ ପରୀକ୍ଷା ଦେଇଥିଲେ। ସେହିପରି ସୁଦର୍ଶନ ହାଇସ୍କୁଲରେ ପଞ୍ଚମ ଶ୍ରେଣୀର ୧୨୨ ଜଣ ଛାତ୍ରଛତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ୧୧୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ମଲ୍ଲିକେଶ୍ୱର ହାଇସ୍କୁଲରେ ୧୪୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ୧୪୨ ଜଣ ପରୀକ୍ଷା ଦେଇଥିଲେ। ପରୀକ୍ଷାକୁ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିବାବେଳେ ବ୍ଲକ ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ଦେବଦତ୍ତ ଶତପଥୀ ଓ ସଚିକାନ୍ତ ମିଶ୍ର ସମସ୍ତ କେନ୍ଦ୍ର ପରିଦର୍ଶନ କରିଥିଲେ।

# ଜିପିଏଲଏଫ୍ କର୍ମୀ ସଂଘର ବ୍ଲକ୍ ସମ୍ମୁଖରେ ଧାରଣା



ପଟ୍ଟାମୁଣ୍ଡାଇ, ୨୩।୯ (ସମିସ): ସ୍ଥାୟୀ ଦରମା ପ୍ରଦାନ, ୬ ମାସର ବକେୟା ଦରମା ସ୍ଥାୟୀ ଦରମାରେ ସାମିଲ କରିବା, ନିୟମିତ କାମ ଛାଡ଼ି ଅନ୍ୟ କାର୍ଯ୍ୟ ପାଇଁ ପାରିଶ୍ରମିକ ବ୍ୟବସ୍ଥା, ପ୍ରତ୍ୟେକ ମାସର ଦରମା ଆକାଉଣ୍ଟ ପେ କରିବା, ୬ଟି କମ୍ୟୁନିଟ ଷ୍ଟାଫଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଓ ରେଭିନ୍ୟୁ ଭିଲେଜ ପ୍ରୋତ୍ସାହନ ବନ୍ଦ କରିବା ଆଦି ଦାବି ନେଇ ଅଲ ଓଡିଶା ଜିପିଏଲଏଫ ସଂଘ ଆହ୍ୱାନରେ ପଟ୍ଟାମୁଣ୍ଡାଇ ବ୍ଲକ୍ ସଂଘ ପକ୍ଷରୁ ଆଜି ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଛି। ଏଥିରେ ୩୧ଟି ପଞ୍ଚାୟତର ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର ଓ କୃଷିମିତ୍ର ସାମିଲ ଥିଲେ। ବ୍ଲକ୍ ଜିପିଏଲଏଫ ସଂଘ ସଭାନେତ୍ରୀ ବୈଦେହୀ ପାଗଳ, ସମ୍ପାଦିକା କଲ୍ୟାଣୀ ପରିଡାଙ୍କ ନେତୃତ୍ୱରେ ସଂଯୁକ୍ତା ବେହେରା, ଆଶାଲତା ନାୟକ, ସୁଶୀଳା ସାହୁ, ବୀଣାପାଣି ମହାନ୍ତି, ଲକ୍ଷ୍ମୀପ୍ରିୟା ନାୟକ ଓ ମମତା ରାଉତ ପ୍ରମୁଖ ଶତାଧିକ ଏମବିକେ, ସିଆରପି ସାମିଲ ହୋଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଥିଲେ।

# ସଂସାରଫଳ ପଞ୍ଚାୟତରେ ବୃକ୍ଷରୋପଣ



ପଟ୍ଟାମୁଣ୍ଡାଇ, ୨୩।୯ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ସଂସାରଫଳ ପଞ୍ଚାୟତରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ସରପଞ୍ଚ ଦମୟନ୍ତୀ ସାମନ୍ତରାୟ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିଇଓ ତପନ ପ୍ରଧାନ, ଏଡିଇଓ ଦୀପ୍ତିମୟୀ ବେହୁରା, ସରପଞ୍ଚ ପ୍ରତିନିଧି ସୁଶାନ୍ତ ସାମନ୍ତରାୟ, ଉଡିକଣ ଚାଷୀମୁଲିଆ ସଂଘ ଆବାହକ ଭାସ୍କର ରାଉତରାୟ, ଗୋବିନ୍ଦ ଦାସ, ସୁଦର୍ଶନ ପ୍ରଧାନ, ବିଜୟ ଦାସ, ଅର୍ଜୁନ ନାଥ, ଦୁଃଶାସନ ଗାହାଣ ଓ ଉର୍ମିଳା ନାଥ ପ୍ରମୁଖ ଯୋଗଦେଇ ସଂସାରଫଳ ପାର୍କ, ଗାଁ ରାସ୍ତା, ସିଂହପ୍ରହର ଗାଁ ରାସ୍ତା ଓ ମଦନପୁର କଲେଜ ପଡ଼ିଆରେ ବୃକ୍ଷରୋପଣ କରିଥିଲେ।

# ନିମ୍ନମାନର କଂକ୍ରିଟ ରାସ୍ତା ନିର୍ମାଣ ଅଭିଯୋଗ



ରାଜନଗର,୨୩।୯ (ସମିସ): ରାଜନଗର ବ୍ଲକ୍ ରାଜପୁର ପଞ୍ଚାୟତର ବାଳିଚନ୍ଦ୍ରପୁର ଗ୍ରାମରେ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାଠାରୁ ମହେଶ୍ୱର ସେଠୀଙ୍କ ଘର ପର୍ଯ୍ୟନ୍ତ ପଞ୍ଚାୟତ ସମିତି ଅନୁଦାନ ୨ ଲକ୍ଷ ଟଙ୍କାରେ ନିର୍ମାଣ କରାଯାଇଛି। ଏହି ପଞ୍ଚାୟତର ସମିତି ସଭ୍ୟ ରାସ୍ତା ନିର୍ମାଣ କରିଥିଲେ। ଯନ୍ତ୍ରୀଙ୍କ ନାମରେ କାମ ହୋଇଥିଲେ ମଧ୍ୟ ରାସ୍ତା ନିର୍ମାଣ ଦିନ ତାଙ୍କ ଅନୁପସ୍ଥିତିରେ ନିମ୍ନମାନର ରାସ୍ତା ନିର୍ମାଣ କରାଯାଇଥିବା ଶ୍ରୀନିବାସ ପାତ୍ର, ମହେଶ୍ୱର ସେଠୀ, ଗଣେଶ ପ୍ରସାଦ ସେଠୀ, କଳାକାର ସେଠୀ, ନିମାଇଁ ଚରଣ ସ୍ୱାଇଁ, ଅକ୍ଷୟ ସେଠୀ ଓ ବିଚିତ୍ର ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ରାଜନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# ଏମ୍‌ଏନ ହାଇସ୍କୁଲ କୃତୀ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୨୩।୯ (ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଏମ୍‌ଏନ ହାଇସ୍କୁଲର କୃତୀ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ, ଅଭିଭାବକ ସଂଘ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ହାଇସ୍କୁଲର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଇଂରାଜୀ ଶିକ୍ଷକ ସରୋଜ ସ୍ୱାଇଁ, ଗଣିତ ଶିକ୍ଷକ ତାପସ ବେହେରା, କ୍ରୀଡ଼ା ଶିକ୍ଷକ ଶଶାଙ୍କଶେଖର ସାହୁ, ସାମାଜିକ ବିଜ୍ଞାନ ଶିକ୍ଷୟିତ୍ରୀ ଅନୀତା ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ ଦାଶ, ଅଭିଭାବକ ସଂଘ ସଭାପତି ଆଡଭୋକେଟ ଗୋପୀନାଥ ତ୍ରିପାଠୀ ଓ ପୁରାତନ ଛାତ୍ର ସଂସଦର ବରିଷ୍ଠ ସଭ୍ୟ ଚିତ୍ରଶିଳ୍ପୀ ରାଜେନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅଶୋକ ରାଉତରାୟ, ସହକାରୀ ଶିକ୍ଷକ ଅଶୋକ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ବୈଠକ




ରାଜନଗର,୨୩।୯ (ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଓଡ଼ିଆ ଓ ଇତିହାସ ବିଭାଗରେ ଶିକ୍ଷକ, ଛାତ୍ର ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ସମସ୍ତ ବୈଠକରେ ସଭାପତିତ୍ୱ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ବୈଠକରେ ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ପ୍ରାଣୀ ବିଜ୍ଞାନ ବୈଠକରେ ଅଧ୍ୟାପିକା ଅନୁସୂୟା ବେହେରା, ଇତିହାସ ବିଭାଗରେ ଅଧ୍ୟାପକ ପ୍ରଣୟ ବେହେରା ସଂଯୋଜନା କରିଥିଲେ। ଓଡ଼ିଆ ବିଭାଗ ବୈଠକକୁ ଅଧ୍ୟାପକ ରତ୍ନାକର ନାୟକ ସଂଯୋଜନା କରିଥିଲେ। ବୈଠକରେ ଛାତ୍ରଛାତ୍ରୀ ସାମ୍ନା କରୁଥିବା ବିବିଧ ସମସ୍ୟା ସହିତ ଅଭିଭାବକଙ୍କୁ ପରିଚିତ କରାଇ ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉନ୍ନତି ପାଇଁ କେବଳ ଶିକ୍ଷକ ନୁହଁନ୍ତି, ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଅଧ୍ୟାପକମାନେ ମତ ପ୍ରକାଶ କରିଥିଲେ। ଅଭିଭାବକ ମହାବିଦ୍ୟାଳୟକୁ ଆସି ଛାତ୍ରଛାତ୍ରୀଙ୍କ ପାଠପଢା ସମ୍ପର୍କରେ ଶିକ୍ଷକଙ୍କ ସହ ସମ୍ପର୍କ ରଖିବାକୁ ପରାମର୍ଶ ଦିଆଯାଇଥିଲା।

# ପୌର ପରିଷଦ ପକ୍ଷରୁ ପରିବେଶ ସଚେତନତା ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ,୨୩।୯ (ସମିସ): ପଟ୍ଟାମୁଣ୍ଡାଇ ପୌରପରିଷଦ ପକ୍ଷରୁ ପରିବେଶ ଜନସଚେତନ ଶୋଭାଯାତ୍ରା ଆୟୋଜିତ ହୋଇଛି। ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ନିର୍ଦ୍ଦେଶରେ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କ ନେତୃତ୍ୱରେ ଏହି ସଚେତନତା ଶୋଭାଯାତ୍ରା ପୌର ପରିଷଦ କାର୍ଯ୍ୟାଳୟରୁ ବାହାରି ନିଜକୁ ପରିଷ୍କାର ରଖିବା ସଂଗେ ସଂଗେ ପରିବେଶକୁ ସ୍ୱଚ୍ଛ ରଖିବା, ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାର ନ କରିବା, ଅଳିଆ ଆବର୍ଜନ ଏଣେତେଣେ ନ ଫିଙ୍ଗି ପୌରପାଳିକା ଗାଡ଼ିରେ ଦେବା ଆଦି ସ୍ଲୋଗାନ ଦେଇ ସବଡିଭିଜନ ହସ୍ପିଟାଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ପରିମଳ ବିଶେଷଜ୍ଞ ପ୍ରଭଞ୍ଜନ ସ୍ୱାଇଁ, ପରିମଳ ନିରୀକ୍ଷକ ପ୍ରଫୁଲ୍ଲ ଦାଶ, ସମ୍ପଦ ପରିଚାଳିକା ପୁଷ୍ପାଞ୍ଜଳି ପାତ୍ର, ଅମିତା ପ୍ରିୟଦର୍ଶିନୀ ପ୍ରଧାନ, ସରୋଜ ପଣ୍ଡା, ମନୋରଞ୍ଜନ ଦାଶ, ଗଙ୍ଗାଧର ନାୟକ, ହୃଷିକେଶ ନାଥ, ସ୍ୱାସ୍ଥ୍ୟକେନ୍ଦ୍ର ପିଏଚଓ ସ୍ନେହଲତା ମହାନ୍ତି, ନୃସିଂହ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି ପ୍ରହସନ

# ମାତ୍ର ୪ ଜଣ ଲୋକଙ୍କୁ ନେଇ ହେଲା ଶୁଣାଣି

ରାଜକନିକା,୨୩।୯ (ସମିସ)




ରାଜକନିକା ବ୍ଲକ୍‌ରେ ସମସ୍ତ ସରକାରୀ କାର୍ଯ୍ୟ କେମିତି ଉପର ଠାଉରିଆ ଚାଲିଛି, ତା'ର ଆଜି ନଗ୍ନ ଚିତ୍ର ବ୍ଲକ୍‌ସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଜନଶୁଣାଣି ଶିବିରରେ ଦେଖିବାକୁ ମିଳିଛି। ମାତ୍ର ୪ ଜଣ ଲୋକଙ୍କୁ ନେଇ ଶୁଣାଣି କରାଯାଇଥିବା ଜଣାପଡ଼ିଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ଜନଶୁଣାଣିରେ କାହିଁକି ଲୋକଙ୍କୁ ସମ୍ପୃକ୍ତ କରାଯାଇନାହିଁ ବୋଲି ତରାସ ଗ୍ରାମର ଯୁବକ ପ୍ରଶ୍ନ କରିଥିଲେ। ଏଥିସହ ଏକ ପେଡ ମା କେ ନାମ ଯୋଜନାରେ ଯେଉଁଠି ଗଛ ଲାଗିବା କଥା, ସେଠାରେ ଗଛ ଲଗା ନ ଯିବା, ବାଡ଼ବନ୍ଦୀ ପାଇଁ ୩୦ ହଜାର ଟଙ୍କାର ସଠିକ ବିନିଯୋଗ ନ ହେବା, ଏହି ଯୋଜନାରେ ପ୍ରତି ପଞ୍ଚାୟତକୁ ୮୪ ହଜାର ୫ ଶହ ଟଙ୍କା ଦିଆଯାଇଥିଲେ ହେଁ କୌଣସି ପଞ୍ଚାୟତରେ ଗଛ ଲଗା ନଯିବା ଆଦି ଅଭିଯୋଗ କରିଥିଲେ। ପ୍ରଶାସନର ସବୁ ଦୋଷକୁ ଚାପି ଦେବାକୁ ନାମକୁ ମାତ୍ର ଶୁଣାଣି କରି ବିଡିଓ ଚେଷ୍ଟା କରିଥିବା ସମ୍ପର୍କରେ ପ୍ରଶ୍ନ ହେବାରୁ ସେ ଆଗକୁ ଏଥିରେ ସଂସ୍କାର ଆଣିବେ ବୋଲି କହିଥିଲେ। ନିଜର ଶ୍ରମ ଅଧିକାର ସାବ୍ୟସ୍ତ ପାଇଁ ଜବକାର୍ଡଧାରୀଙ୍କ ଉପସ୍ଥିତି, ଜିଆରଏସ, ଏଡିଇଓ, ଗାଁ ସାଥିକୁ ନେଇ ଆୟୋଜିତ ହେଉଥିବା ମନରେଗା ଜନଶୁଣାଣି ଶିବିର ପାଇଁ ସରକାର ବହୁ ଅର୍ଥ ବ୍ୟୟ କରୁଥିଲେ ହେଁ ରାଜକନିକା ବ୍ଲକରେ ଆଜି ହାତଗଣତି ଜନପ୍ରତିନିଧି ଓ ସେହି ଯୋଜନାର କେତେକ କର୍ମଚାରୀଙ୍କୁ ବସାଇ ଜନଶୁଣାଣି ଶେଷ କରିଦିଆଯାଇଛି। ଏହି ଯୋଜନାର ସଫଳ ରୂପାୟନ ପାଇଁ ବର୍ଷକୁ ଦୁଇଥର ଜନଶୁଣାଣି କରାଯିବା, ଜବକାର୍ଡଧାରୀ ସାମିଲ ହେବା କଥା। ଆଜି ଶିବିରରେ ଚିରାଚରିତ ଢଙ୍ଗରେ ବ୍ଲକର କେତେକ କର୍ମଚାରୀ, ପଞ୍ଚାୟତ ପ୍ରତିନିଧିଙ୍କ ବଦଳରେ ସେମାନଙ୍କ ପ୍ରତିନିଧିଙ୍କୁ ମିଶାଇ ୩୨ ଜଣ ଉପସ୍ଥିତ ଥିବା ଜଣାପଡ଼ିଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାପାଳ ଏହାର ତଦନ୍ତ କରି ପୁନଃ ଜନଶୁଣାଣି କରାଇବାକୁ ଦାବି କରାଯାଇଛି।

# ସାପ କାମୁଡ଼ାରେ ମହିଳା ମୃତ



ଡେରାବିଶ,୨୩।୯ (ସମିସ): ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ମଲ୍ଲିଅଙ୍ଗ ଗ୍ରାମର ଦେବ ପ୍ରସାଦ ମହାନ୍ତିଙ୍କ ସ୍ତ୍ରୀ ମନୋରମା ମହାନ୍ତି (୪୫)ଙ୍କୁ ଆଜି ଭୋରୁ ସାପ କାମୁଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି। ମନୋରମା ଶୋଇଥିବାବେଳେ ଝରକା ବାଟ ଦେଇ ଘରକୁ ପଶି ଆସି ସାପ କାମୁଡ଼ି ଦେଇଥିଲା। କିଛି ସମୟ ପରେ ସେ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସେଠାରୁ କେନ୍ଦ୍ରାପଡ଼ା ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି।

# ମଈପୁରା ନଦୀରୁ ମୁଣାଜାଲ ଜବତ

ରାଜନଗର,୨୩।୯ (ସମିସ): ଗତକାଲି ରାତିରେ ଭିତରକନିକା ଜାତୀୟ ଉଦ୍ୟାନର ମଈପୁରା ନଦୀରେ ବେଆଇନ ଭାବେ ଜାଲ ବସାଇ ମାଛ ଧରୁଥିବା ଖବରପାଇ ରାଜନଗର ଡିଏଫଓଙ୍କ ନିର୍ଦ୍ଦେଶରେ ଗୁପ୍ତି ଫରେଷ୍ଟର ବିଭୂତି ଭୂଷଣ ତରାଇଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ବିଶ୍ୱରଞ୍ଜନ ତରାଇ, ହେମନ୍ତ ମହାରଣା, ପ୍ରଦୀପ ବେହେରା, ବିଜୟ ଗଣ୍ଡ, ବଂଶୀଧର ବେହେରାଙ୍କ ସହ ବନ କର୍ମଚାରୀ ପହଞ୍ଚି ଗୋଟିଏ ମୁଣା ଜାଲ ଜବତ କରିଥିଲେ। ବନ କର୍ମଚାରୀଙ୍କୁ ଦେଖି ଜାଲ ବସାଇଥିବା ମତ୍ସ୍ୟଜୀବୀ ଖସି ପଳାଇଥିଲେ।